# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୨/୨୦୨୦ (୧୬ ପୃଷ୍ଠା) | Bhubaneswar, Tuesday, December 22/2020 | ★★★★★★

୪୭ଶ ଭାଗ ୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଘରେ ନ ଜଣାଇ ମୁମ୍ବାଇ ଆସିଥିଲି**

ଟେଲି ଅଭିନେତ୍ରୀ ହାନା ଖାନ୍ ୨୦ବର୍ଷ ବୟସରେ ପରିବାର ଲୋକଙ୍କୁ ନ ଜଣାଇ ମୁମ୍ବାଇ ଆସିଥିଲେ ବୋଲି କହିଛନ୍ତି।

୧୪

୧୬

**ହାମିଲଟନ୍‌ଙ୍କୁ ବିବିସି ପୁରସ୍କାର**

ଲୁଇସ୍ ହାମିଲଟନ୍ ବିବିସିର ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି।



## ପରଲୋକରେ ମୋତିଲାଲ ଭୋରା



**ନୂଆଦିଲ୍ଲୀ, ୨୧।୧୨:** ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୋତିଲାଲ ଭୋରା(୯୩)ଙ୍କ ସୋମବାର ପରଲୋକ ଘଟିଛି। ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। କିଛି ସପ୍ତାହ ପୂର୍ବରୁ ଭୋରା କରୋନାରେ ସଂକ୍ରମିତ ହୋଇ ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଥିରୁ ଆରୋଗ୍ୟ ହେବା ପରେ ୟୁରିନ ଏବଂ ଫୁସ୍‌ଫୁସ୍ ସଂକ୍ରମଣରେ ଗୁରୁତର ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ଜୟରାମ ରମେଶ ଓ ଦଳର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ତାଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରିଛନ୍ତି। ସେ ଜଣେ ଭଲ ମଣିଷ ସହ ପ୍ରକୃତ କଂଗ୍ରେସ କର୍ମୀ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ମୋତିଲାଲଙ୍କ ବିୟୋଗ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ପାଇଁ ବ୍ୟକ୍ତିଗତ କ୍ଷତି। ସେ ବିଶ୍ୱସ୍ତ ଓ ଆନୁଗତ୍ୟର ପ୍ରତୀକ ବୋଲି ପ୍ରିୟଙ୍କା ଗାନ୍ଧୀ କହିଛନ୍ତି। ମୋତିଲାଲଙ୍କ ବିୟୋଗରେ ମଧ୍ୟପ୍ରଦେଶ ସରକାର ଡିସେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ତିନି ଦିନିଆ ଶୋକ ଘୋଷଣା କରିଛନ୍ତି। ଦୀର୍ଘ ୫୦ ବର୍ଷ ଧରି ଭୋରା କଂଗ୍ରେସ ସହ ଜଡ଼ିତ ଥିଲେ। ରାଜସ୍ଥାନର ଯୋଧପୁରରେ ଜନ୍ମଗ୍ରହଣ କରିଥିବା ଭୋରା ଛତିଶଗଡର ରାୟପୁର ଏବଂ କୋଲକାତାରୁ ଉଚ୍ଚଶିକ୍ଷା ପରେ ଅନେକ ଖବରକାଗଜରେ କାମ କରିଥିଲେ। ଧୀରେ ଧୀରେ ସାମାଜିକ କାର୍ଯ୍ୟରେ ଜଡ଼ିତ ହେବା ସହ ସକ୍ରିୟ ରାଜନୀତିରେ ପାଦ ଥାପିଥିଲେ। ୧୯୬୦ ଦଶକରେ ଆରମ୍ଭ ହୋଇଥିଲା ତାଙ୍କ ରାଜନୈତିକ ଯାତ୍ରା। ପ୍ରଥମେ ☞ପୃଷ୍ଠା-୪

# ଚିନ୍ତା ବଢ଼ାଇଲା ନୂଆ ରୂପ

## ବ୍ରିଟେନ୍ ସୀମା ସିଲ୍ କଲେ ପଡ଼ୋଶୀ

**କରୋନାରୁ ମୁକ୍ତି ପାଇଁ ବିଭିନ୍ନ ଦେଶ ଟିକାକରଣକୁ ଅପେକ୍ଷା କରିଥିବାବେଳେ ଏବେ ଭୟର ବାତାବରଣ ଖେଳାଇଛି ଭୂତାଣୁର ନୂଆ ରୂପ। ୟୁରୋପୀୟ ଦେଶ ବ୍ରିଟେନରେ କୋଭିଡ୍-୧୯ ଭାଇରସ୍‌ର ଏହି ନୂଆ ଷ୍ଟ୍ରେନ ପୂର୍ବାପେକ୍ଷା ୭୦ ପ୍ରତିଶତରୁ ଅଧିକ ମାତ୍ରାରେ ସଂକ୍ରମଣ ବଢ଼ାଉଛି। ଏହା ଯେପରି ବ୍ୟାପି ନ ଯାଏ ସେ ଦିଗରେ ସତର୍କ ହୋଇଛନ୍ତି ବିଭିନ୍ନ ରାଷ୍ଟ୍ର। ବିଶେଷକରି ବ୍ରିଟେନକୁ ବିମାନ ସେବା ବାତିଲ କରାଯିବା ସହ ସୀମା ସିଲ୍ ପାଇଁ ତତ୍ପରତା ଦେଖାଯାଇଛି। ଭାରତ ମଧ୍ୟ ଅନୁରୂପ କଟକଣା ଆପଣାଇଛି।**

- ବିମାନ ସେବା ବାତିଲ କଲେ ବିଭିନ୍ନ ଦେଶ
- ଖ୍ରୀଷ୍ଟମାସ୍‌ରେ ଖାଦ୍ୟ ସଙ୍କଟ ଆଶଙ୍କା

**ଲଣ୍ଡନ, ୨୧।୧୨**

ବ୍ରିଟେନରେ କରୋନା ଭୂତାଣୁର ଏକ ପରିବର୍ତ୍ତିତ ସଂସ୍କରଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଏହାକୁ ନେଇ ସାରା ବିଶ୍ୱରେ ଚିନ୍ତା ବଢ଼ିଯାଇଛି। ନୂଆ ସଂକ୍ରମଣକୁ ଦୃଷ୍ଟିରେ ରଖି ବ୍ରିଟିଶ ସରକାର କଡ଼ା ଲକ୍‌ଡାଉନ କଟକଣା ଜାରି କରିଛନ୍ତି। ସରକାର ସୋମବାର ଏକ ଜରୁରୀ ବୈଠକ ଡାକି ସ୍ଥିତି ସମୀକ୍ଷା କରିଛନ୍ତି। ପୂର୍ବ ଭୂତାଣୁ ତୁଳନାରେ ଏହାର ନୂଆ ସଂସ୍କରଣ ୭୦ ପ୍ରତିଶତ ଅଧିକ ସଂକ୍ରାମକ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୪



### ୧୪୦୭ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୨୧।୧୨**

କୋଭିଡ୍-୧୯ ପ୍ରଭାବରେ ସୋମବାର ସାରା ବିଶ୍ୱର ଶେୟାର ବଜାର କାରବାର କ୍ଷତିଗ୍ରସ୍ତ ହୋଇଛି। ଭାରତ ପୁଞ୍ଜିବଜାର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପରିଲକ୍ଷିତ ହୋଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୪୦୭ ହ୍ରାସ ହୋଇଥିବା ଜଣାପଡ଼ିଛି। ଗତ ୭ ମାସ ମଧ୍ୟରେ ଏହା ସବୁଠାରୁ ବଡ଼ ଧରଣର ହ୍ରାସ। ସୋମବାର ସେନ୍‌ସେକ୍ସ ୩% ☞ପୃଷ୍ଠା-୪



### ୩୧ ଯାଏ ବିମାନ ବାତିଲ

**ନୂଆଦିଲ୍ଲୀ, ୨୧।୧୨**

ବ୍ରିଟେନରେ ନୂଆ ଭୂତାଣୁ ସଂକ୍ରମଣକୁ ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ଭାରତ ସରକାର ବୁଧବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସେଠାକୁ ବିମାନ ଚଳାଚଳ ବନ୍ଦ କରିଛନ୍ତି। ଏପରିକି ଏହାପୂର୍ବରୁ ଯେଉଁ ଯାତ୍ରୀମାନେ ବ୍ରିଟେନରୁ ଭାରତ ଆସିବେ ବିମାନ ବନ୍ଦରରେ ସେମାନଙ୍କ କୋଭିଡ୍ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଡିସେମ୍ବର ୨୨ ରାତି ୧୧ଟା ୫୯ରୁ ବ୍ରିଟେନକୁ ବିମାନ ଚଳାଚଳ ବନ୍ଦ ରହିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରାଯାଇଛି। ବ୍ରିଟେନରେ ନୂଆ ସଂକ୍ରମଣକୁ ନେଇ ସରକାର ସତର୍କ ରହିଛନ୍ତି। ଭୟ କରିବାର କୌଣସି କାରଣ ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ସୋମବାର କହିଛନ୍ତି। ସଂକ୍ରମଣ ରୋକିବାକୁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ବ୍ରିଟେନକୁ ତୁରନ୍ତ ବିମାନ ବାତିଲ କରିବା ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦାବି କରିଥିଲେ।

## ଜାନୁୟାରୀ ୬ରୁ ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

### ମାର୍ଗଦର୍ଶିକା ଜାରି କଲା ଉଚ୍ଚ ଶିକ୍ଷା ବିଭାଗ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ):** ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଯୁକ୍ତ୩ ପ୍ରଥମ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଜାନୁୟାରୀ ୬ରୁ ଆରମ୍ଭ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ସମସ୍ତ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିବା ସହ ମାର୍ଗଦର୍ଶିକା ଜାରି କରିଛି। ଉକ୍ତ ମାର୍ଗଦର୍ଶିକା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ କମନ୍ ଆପ୍ଲିକେଶନ୍ ଫର୍ମ (ସିଏଏଫ୍) ଦାଖଲ କରିନାହାନ୍ତି, ସେମାନେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପୁଣି ଥରେ ଆବେଦନ କରିପାରିବେ। ଏଥିପାଇଁ ଅନ୍‌ଲାଇନ୍‌ରେ ସିଏଏଫ୍ ଫି' ଦାଖଲ କରିବାକୁ ପଡ଼ିବ। ପ୍ରଥମ ପର୍ଯ୍ୟାୟରେ ନାମ ଲେଖିଥିବା କିମ୍ବା ଲେଖି ନ ଥିବା ଛାତ୍ରୀଛାତ୍ର ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆବେଦନ କରିପାରିବେ। ସେମାନଙ୍କୁ ଆଉ ଫି' ଦାଖଲ କରିବାକୁ ପଡ଼ିବ ନାହିଁ। ବିଭିନ୍ନ କଲେଜରେ ଖାଲି ରହୁଥିବା ସିଟ୍‌ଗୁଡ଼ିକୁ ଏସ୍‌ସି, ଏସ୍‌ଟି, ଇଏସ୍‌ଏମ୍/ଏସ୍‌ଡିପି/ସିଓଏମ୍ ବର୍ଗଙ୍କ ପାଇଁ ସଂରକ୍ଷଣ କରାଯିବ। ସାଧାରଣ ପ୍ରସ୍ପେକ୍ଟସ୍ ଅନୁସାରେ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ରୋଭର୍ ଆଣ୍ଡ୍ ରେଞ୍ଜର୍, ସ୍ପୋର୍ଟସ୍ ଆଣ୍ଡ୍ ଗେମ୍ସ ବର୍ଗରେ ଛାତ୍ରୀଛାତ୍ରଙ୍କୁ ପ୍ରାଧାନ୍ୟ ଦିଆଯିବ। କେବଳ ନମ୍ବରକୁ ଆଧାର କରି ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯିବ। କିନ୍ତୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସମସ୍ତ ବର୍ଗରେ, ନମ୍ବର ନିର୍ବିଶେଷରେ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ୨୩ ତାରିଖ ପୂର୍ବାହ୍ନ ୧୧ଟାରେ www. samsodisha. gov. in ୱେବ୍‌ସାଇଟ୍‌ରେ ସିଏଏଫ୍ ଉପଲବ୍ଧ ହେବ। ୨୮ ତାରିଖ ରାତି ୧୧ଟା ୪୫ ସିଏଏଫ୍ ଦାଖଲର ଶେଷ ସମୟ। ଜାନୁୟାରୀ ୨ ଅପରାହ୍ନ ୨ଟାରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୬ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନ୍‌ଲାଇନ୍ ନାମଲେଖା ଫି' ଦାଖଲ କରିବାକୁ ପଡ଼ିବ। ୬ରୁ ୧୦ ତାରିଖ ଅପରାହ୍ନ ୫ଟାରେ ଦ୍ୱିତୀୟ ପର୍ଯ୍ୟାୟ ମନୋନୀତ ଛାତ୍ରୀଛାତ୍ରଙ୍କର ଅନ୍‌ଲାଇନ ନାମଲେଖା ହେବ।

## ଶୀତରେ ଥରୁଛି ଓଡ଼ିଶା

**ଆଉ ୫ ଦିନ ପ୍ରଚଣ୍ଡ ଥଣ୍ଡା**

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ରାଜ୍ୟରେ ପ୍ରଚଣ୍ଡ ଶୀତ ଆରମ୍ଭ ହୋଇଛି। ସାରା ଓଡିଶା ଶୀତରେ ଥରୁଛି। ପାରଦ ୫ରୁ ୭ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ବଣ ପାହାଡ ଘେରା ଜିଲାଗୁଡିକରେ ଶୀତର ପ୍ରକୋପ ଆହୁରି ଭୟଙ୍କର ହୋଇଛି। ଦେହ ହାତ କୋଲ ମାରି ନେଇ ଯାଉଛି। ସଞ୍ଜ ବୁଡିବା ମାତ୍ରେ ଶୀତ ମାଡି ଆସୁଛି। ସକାଳ ୧୦ଟା ଯାଏ ପ୍ରକୋପ କମୁ ନାହିଁ। ଉତ୍ତର ପୂର୍ବ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେଉଛି। ☞ପୃଷ୍ଠା-୪

**୧୦ ଡିଗ୍ରୀ ତଳେ ୧୨ ସହର**



**କାଲିଠୁ ଖୋଲିବ ଶ୍ରୀମନ୍ଦିର**




## ଦୁର୍ନୀତି ବିକାଶର ବଡ଼ ଶତ୍ରୁ

**ବିଜେଡି ରାଜ୍ୟ ପରିଷଦ ବୈଠକ**

- ସରପଞ୍ଚଠାରୁ ମୁଖ୍ୟମନ୍ତ୍ରୀ, ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ସମ୍ପତ୍ତି ତାଲିକା ବାଧ୍ୟତାମୂଳକ
- ଲୋକାୟୁକ୍ତଙ୍କ ନିକଟରେ ପ୍ରତିବର୍ଷ ଦାଖଲ ହେବ
- ଲୋକଙ୍କ ବିଶ୍ୱାସ ରାଜନୈତିକ ଦଳର ସବୁଠୁ ବଡ଼ ସମ୍ପତ୍ତି: ନବୀନ




**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ଦୁର୍ନୀତି ବିକାଶର ବଡ଼ ଶତ୍ରୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ବିରୋଧରେ ସବୁବେଳେ କଡ଼ା ଆଭିମୁଖ୍ୟ ପୋଷଣ କରିଆସିଛନ୍ତି। ଏବେ ଏହାକୁ ଦଳୀୟ ଓ ପ୍ରଶାସନିକ କ୍ଷେତ୍ରରେ ଜୋର୍‌ଦାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରପଞ୍ଚଙ୍କଠାରୁ ଆରମ୍ଭକରି ବ୍ଲକ ଚେୟାରମ୍ୟାନ, ଜିଲା ପରିଷଦ ସଭାପତି, ଉପସଭାପତି, ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସମସ୍ତେ ପ୍ରତିବର୍ଷ ସମ୍ପତ୍ତି ତାଲିକା ଦେବେ। କେବଳ ରାଜନେତା ନୁହନ୍ତି, ସରକାରୀ କର୍ମଚାରୀ ତଳସ୍ତରରୁ ଆରମ୍ଭକରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ସମ୍ପତ୍ତି ତାଲିକା ଦେବେ। ଏହାକୁ ଜନସାଧାରଣଙ୍କ ସୂଚନା ନିମନ୍ତେ ପବ୍ଲିକ ଡୋମେନରେ ରଖାଯିବ। ଏହି ସମ୍ପତ୍ତି ତାଲିକା ପ୍ରତିବର୍ଷ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରାଯିବ। ଦୁର୍ନୀତି ରୋକିବା କ୍ଷେତ୍ରରେ ଏଭଳି ପଦକ୍ଷେପ ନେବାରେ ଓଡ଼ିଶା ସାରା ଭାରତରେ ପ୍ରଥମ ରାଜ୍ୟ ହେବ ବୋଲି ସୋମବାର ବିଜୁ ଜନତା ଦଳର ରାଜ୍ୟ ପରିଷଦ ବୈଠକରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କର୍ମକର୍ତ୍ତାଙ୍କୁ ବାର୍ତ୍ତା ଦେଇଛନ୍ତି।

ନବୀନ କହିଛନ୍ତି ଆମେ ଗରିବ, ରୋଗ, ଆଞ୍ଚଳିକ ଅସମତା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅପାରଗତା ବିରୋଧରେ ଲଢ଼େଇ କରୁଛୁ। ଯଦି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆ ନ ଯିବ ଏବଂ ଦୁର୍ନୀତିର ମୂଳୋତ୍ପାଟନ କରା ନ ଯିବ, ତେବେ ଏସବୁ ମୂଲ୍ୟହୀନ ହୋଇଯିବ। ଦୁର୍ନୀତି ବିରୋଧରେ ସାଲିସବିହୀନ ଲଢ଼େଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମୋ ବାପା କିଏ ଜାଣିଛ?**

**ଆଜିର ମନ୍ତବ୍ୟ**

"ତୃଣମୂଳ କଂଗ୍ରେସ ଏକ ଭୂତାଣୁ ଏବଂ ଏହାର ଟିକା ମହଜୁଦ୍ ଅଛି। ଆସନ୍ତା ବର୍ଷ ପଶ୍ଚିମବଙ୍ଗରୁ ଏହି ଭାଇରସ୍ ହଟାଯିବ।"

-ଦିଲୀପ ଘୋଷ, ଭାଜପା ନେତା

**ଓଡ଼ିଶାରେ ୭୬୦ କଲରାପତରିଆ ବାଘ**

**୪୨ କୋଟି ଟଙ୍କାର ଜିଏସ୍‌ଟି ଠକେଇ: ୨ ଗିରଫ**

୩

## ଦର୍ଶନ ପାଇଁ ଟୋକନ, ପରିଚୟପତ୍ର ଲୋଡ଼ା

**ପୁରୀ ଅଫିସ,୨୧।୧୨**

ଆସନ୍ତା ୨୩ ତାରିଖରୁ ଶ୍ରୀମନ୍ଦିର ଖୋଲିବ। ପର୍ଯ୍ୟାୟ କ୍ରମେ ଦର୍ଶନ ବ୍ୟବସ୍ଥା ପାଇଁ ପୁରୀ ଜିଲା ପ୍ରଶାସନ ସୋମବାର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରିଛି। ପ୍ରଥମ ୩ଦିନ କେବଳ ସେବାୟତ ପରିବାରର ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିବେ। ଏଥିପାଇଁ ସେମାନଙ୍କୁ ପରିଚୟପତ୍ର ଦେଖାଇବାକୁ ପଡ଼ିବ। ଏହାପରେ ୨୬ରୁ ପୁରୀ ସହରବାସୀଙ୍କୁ ମନ୍ଦିର ପ୍ରବେଶ ଅନୁମତି ମିଳିବ। ସେମାନେ ପରିଚୟପତ୍ର ସହ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଟୋକନ ସାଙ୍ଗରେ ନେବାକୁ କୁହାଯାଇଛି। ଜାନୁୟାରୀ ୩ରୁ ସାର୍ବଜନୀନ ଦର୍ଶନ ଆରମ୍ଭ ହେବ। ଜିଲା ବାହାର ଲୋକଙ୍କ ନିମନ୍ତେ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ଶିଶୁ, ଗର୍ଭବତୀ, ବୃଦ୍ଧାବୃଦ୍ଧଙ୍କୁ ଦର୍ଶନ ପାଇଁ ନ ଆସିବାକୁ ପରାମର୍ଶ ଦିଆଯାଇଛି।

**୨୩ରୁ ଶ୍ରୀମନ୍ଦିର ଖୋଲିବା ନେଇ ଏସ୍‌ଓପି ଜାରି**



- ପୂର୍ବାହ୍ନ ସାଢେ ୭ରୁ ଦର୍ଶନ ଆରମ୍ଭ
- ସହରବାସୀଙ୍କ ଘରେ ଟୋକନ ପହଞ୍ଚାଇବ ପ୍ରଶାସନ
- ଯାଞ୍ଚ ହେବ ପରିଚୟପତ୍ର, ଉଠାଯିବ ଫଟୋ
- ବାହାର ଲୋକଙ୍କ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ

କୋଭିଡ୍ କଟକଣା ନ ମାନିଲେ ଜରିମାନା ସହ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଶ୍ରୀଜଗନ୍ନାଥ କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ମିଳିତ ବୈଠକ ପରେ ଜିଲାପାଳ ଏହି ସୂଚନା ଦେଇଛନ୍ତି। ଏହି ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିବାବେଳେ ଏସ୍‌ଓପି ନେଇ ଆଲୋଚନା ହୋଇଥିଲା। ଜାରି ହୋଇଥିବା ଏସ୍‌ଓପିରେ କୁହାଯାଇଛି ଯେ, ଆସନ୍ତା ୨୩, ୨୪ ଓ ୨୫ ତାରିଖରେ କେବଳ ସେବାୟତ ☞ପୃଷ୍ଠା-୪

## ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ

**ନୟାଗଡ ଅଫିସ,୨୧।୧୨**

ନୟାଗଡ଼ ସଦର ଥାନା ଅନ୍ତର୍ଗତ ଯଦୁପୁରର ଶିଶୁକନ୍ୟା ପରୀକୁ ଅପହରଣ ଓ ହତ୍ୟା ମାମଲାରେ ସେହି ଗ୍ରାମର ଜଣେ କଲେଜ ଛାତ୍ରଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଆଇଟି। ଶନିବାରଠାରୁ ଅଟକ ଥିବା ଉକ୍ତ ଛାତ୍ରଙ୍କୁ ଏସ୍‌ଆଇଟି ରବିବାର ଗିରଫ କରିଥିବାବେଳେ ତାଙ୍କ ନାମ ପ୍ରକାଶ କରି ନ ଥିଲା। ସୋମବାର ତାଙ୍କୁ ନୟାଗଡ଼ ପୋକ୍‌ସୋ କୋର୍ଟରେ ହାଜର କରି ୪ ଦିନ ରିମାଣ୍ଡରେ ନେବାକୁ ଏସ୍‌ଆଇଟି ଅନୁମତି ମାଗିଥିଲା। ପୋକ୍‌ସୋ କୋର୍ଟ ବିଚାରପତି ଉଦୟଭାନୁ ଜେନା ଅଭିଯୁକ୍ତଙ୍କୁ ୩ ଦିନ ଅର୍ଥାତ୍ ଡିସେମ୍ବର ୨୨ରୁ ୨୪ ଯାଏ ରିମାଣ୍ଡରେ ନେବାକୁ ଏସ୍‌ଆଇଟିକୁ ଅନୁମତି ଦେଇଛନ୍ତି। ଫଳରେ ସୋମବାର

**ପରୀ ହତ୍ୟାକାଣ୍ଡ**

- ଆଜିଠୁ ୩ ଦିନ ପାଇଁ ରିମାଣ୍ଡରେ ନେବ ଏସ୍‌ଆଇଟି
- ମୋ ପୁଅ ନାବାଳକ, ନିର୍ଦ୍ଦୋଷ: ମା'

ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଛାତ୍ର ଜଣକ ନାବାଳକ ଓ ନିର୍ଦ୍ଦୋଷ ବୋଲି ତାଙ୍କ ମା' ଗଣମାଧ୍ୟମକୁ କହିଛନ୍ତି।

ସୋମବାର ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉକ୍ତ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ତାଙ୍କୁ ଯଦୁପୁର ଗାଁକୁ ନିଆଯାଇ ମା' ଓ ଭଉଣୀଙ୍କ ସହ କଥାବାର୍ତ୍ତା ହେବାକୁ ସୁଯୋଗ ଦିଆଯାଇଥିଲା। ☞ପୃଷ୍ଠା-୧୨

**ତାଇୱାନ ପ୍ରଣାଳୀରେ ଚାଇନା ଯୁଦ୍ଧଜାହାଜ**

ତାଇୱାନ ପ୍ରଣାଳୀରେ ଚାଇନାର ଯୁଦ୍ଧବିମାନବାହୀ ଜାହାଜର ଉପସ୍ଥିତିକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଏହା ଉପରେ ନଜର ରଖିବା ଲାଗି ତାଇୱାନ ଯୁଦ୍ଧବିମାନ ଓ ଜାହାଜକୁ ମୁତୟନ କରିଛି। ଚାଇନାର ଶାଣ୍ଡୋଙ୍ଗ ରଣତରୀ ବର୍ଷେ ପୂର୍ବରୁ ନୌସେନାରେ ସାମିଲ ହୋଇଥିଲା। ଏହା ସହିତ ଅନ୍ୟ କେତେକ ଯୁଦ୍ଧଜାହାଜ ଉକ୍ତ ପ୍ରଣାଳୀ ଦେଇ ନିୟମିତ ଡ୍ରିଲ୍‌ରେ ଦକ୍ଷିଣ ଚାଇନା ସାଗରକୁ ଯାଉଥିଲେ ବୋଲି ବେଜିଂ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ଟିଏମ୍‌ସିରେ ଯୋଗଦେବାରୁ ସ୍ତ୍ରୀଙ୍କୁ ତଲାକ୍ ଦେବେ ଭାଜପା ଏମ୍‌ପି



**କୋଲକାତା, ୨୧।୧୨:** ପଶ୍ଚିମବଙ୍ଗରେ ରାଜନୈତିକ ଶତ୍ରୁତା ବୈବାହିକ ସମ୍ପର୍କରେ ବିପଦ ସୃଷ୍ଟି କରିଛି। ସ୍ତ୍ରୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେବାରୁ ତାଙ୍କୁ ତଲାକ୍ ଦେବେ ବୋଲି ଭାଜପାର ଜଣେ ଏମ୍‌ପି ସୋମବାର କହିଛନ୍ତି। ସୁଜାତା ମଣ୍ଡଳ ଖାନ୍ ଟିଏମ୍‌ସିରେ ଯୋଗଦେବାରୁ ବୈବାହିକ ସମ୍ପର୍କ ଶେଷ ହେଲା ବୋଲି ତାଙ୍କ ସ୍ୱାମୀ ସୌମିତ୍ର ଖାନ୍ କହିଛନ୍ତି। ସୌମିତ୍ର ମଧ୍ୟ ପୂର୍ବରୁ ଟିଏମ୍‌ସିରେ ଥିଲେ ଏବଂ ୨୦୧୪ରେ ଉକ୍ତ ଦଳରୁ ଲୋକ ସଭାକୁ ଯାଇଥିଲେ। ଏବେ ସେ ଭାଜପା ଯୁବମୋର୍ଚ୍ଚା ସଭାପତି ଅଛନ୍ତି। ସୁଜାତା ମଧ୍ୟ ଭାଜପାରେ ଥିଲେ। ତେବେ ଗୈରିକ ଦଳରେ ତାଙ୍କୁ ଗୁରୁତ୍ୱ ନ ମିଳିବାରୁ ସେ ମମତା ବାନାର୍ଜୀଙ୍କ ସହ କାମ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

### ବଢୁଛି ଅର୍ଜୁନଙ୍କ ଅଡୁଆ



**ମୁମ୍ବାଇ, ୨୧।୧୨:** ଡ୍ରଗ୍ସ ସେବନ ଓ କାରବାର ମାମଲାରେ ବଲିଉଡ୍ ଅଭିନେତା ଅର୍ଜୁନ ରାମପାଲଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ସମନ ପରେ ଅର୍ଜୁନଙ୍କୁ ସୋମବାର ଦ୍ୱିତୀୟ ଥର ପାଇଁ ପଚରାଉଚରା କରାଯାଇଛି। ଅର୍ଜୁନଙ୍କ ଘରୁ ଜବତ ଡ୍ରଗ୍ସ ଡାକ୍ତରଙ୍କ ଦ୍ୱାରା ପ୍ରେସକ୍ରାଇବ କରାଯାଇଥିବା କହିବା ସହ ଏହାର ପ୍ରେସକ୍ରିପସନ୍ ସେ ଏନ୍‌ସିବିକୁ ହସ୍ତାନ୍ତର କରିଥିଲେ। ତେବେ ଏହି ପ୍ରେସକ୍ରିପସନ୍ ନକଲି ହୋଇଥିବା ନେଇ ଏନ୍‌ସିବିର ସନ୍ଦେହ ଦୃଢ଼ ହୋଇଛି। ଯାଞ୍ଚ ପରେ ଯଦି ଏହା ସତ ବୋଲି ଜଣାପଡେ ତେବେ ଯେ କୌଣସି ମୁହୂର୍ତ୍ତରେ ଅର୍ଜୁନଙ୍କୁ ଗିରଫ କରାଯାଇପାରେ।

### ଫେରିଲା ରାତ୍ରିକାଳୀନ କର୍ଫ୍ୟୁ

**ମୁମ୍ବାଇ, ୨୧।୧୨:** ବ୍ରିଟେନରେ କରୋନାର ନୂଆ ଷ୍ଟ୍ରେନ ସଂକ୍ରମଣକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ରରେ ପୁଣି ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯାଇଛି। ଜାନୁୟାରୀ ୫ ପର୍ଯ୍ୟନ୍ତ ରାତି ୧୧ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି କଟକଣା ଜାରି କରାଯାଇଛି। ୟୁରୋପୀୟ ଦେଶରୁ ଆସିଥିବା ଯାତ୍ରୀଙ୍କୁ ଟେଷ୍ଟ କରାଯିବ। ରିପୋର୍ଟ ପଜିଟିଭ ଆସିଲେ ସେମାନଙ୍କୁ ଚିକିତ୍ସା ସହ ୧୪ ଦିନିଆ କ୍ୱାରାଣ୍ଟାଇନରେ ରଖାଯିବ। ଅନ୍ୟମାନଙ୍କୁ ଘରେ ଆଇସୋଲେଶନରେ ରହିବାକୁ ପଡିବ ବୋଲି ମହାରାଷ୍ଟ୍ର ସରକାର କହିଛନ୍ତି।

# ରଜନୀକାନ୍ତଙ୍କୁ ସମନ

**ଟୁଟିକୋରିନ୍, ୨୧।୧୨:** ଷ୍ଟେରଲାଇଟ କମ୍ପାନୀ ବିରୋଧୀ ବିକ୍ଷୋଭବେଳେ ୨୦୧୮ରେ ପୋଲିସ ଗୁଳିଚାଳନାକୁ ନେଇ ବିବାଦୀୟ ମନ୍ତବ୍ୟ ରଖିଥିବା ସାଉଥ ଫିଲ୍ମ ଷ୍ଟାର ରଜନୀକାନ୍ତଙ୍କୁ ସମନ କରାଯାଇଛି। ଘଟଣାର ତଦନ୍ତ ପାଇଁ ଅବସରପ୍ରାପ୍ତ ଜଷ୍ଟିସ୍ ଅରୁଣା ଜଗଦେସନଙ୍କ ନେତୃତ୍ୱରେ ଗଠିତ ଆୟୋଗ ରଜନୀକାନ୍ତଙ୍କୁ ଆସନ୍ତା ଜାନୁୟାରୀ ୧୯ରେ ହାଜର ହେବାକୁ ସମନ ପଠାଇଛନ୍ତି। ଗତ ଫେବୃୟାରୀ ମଧ୍ୟ ରଜନୀକାନ୍ତଙ୍କୁ ସମନ କରାଯାଇଥିଲା। ଟୁଟିକୋରିନ୍‌ରେ ପହଞ୍ଚିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ରଜନୀକାନ୍ତ କମିଶନଙ୍କ ନିକଟରେ ହାଜର ହୋଇ ନ ଥିଲେ।



# କଟକଣା ସତ୍ତ୍ୱେ ମିଳିବ ଏସ୍-୪୦୦

ନୂଆଦିଲ୍ଲୀ, ୨୧।୧୨

ଆମେରିକାର କଟକଣା ଭୟ ସତ୍ତ୍ୱେ ଭାରତକୁ ଏସ୍-୪୦୦ ମିସାଇଲ ସିଷ୍ଟମ ଯୋଗାଣ ସହ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଅନ୍ୟ ପ୍ରତିରକ୍ଷା ଚୁକ୍ତିନାମା କାର୍ଯ୍ୟକାରୀ ହେବ ବୋଲି ରୁଷିଆ ସୋମବାର କହିଛି। ତୁର୍କୀକୁ ଏସ୍-୪୦୦ ମିସାଇଲ ସିଷ୍ଟମ ଯୋଗାଣରେ ଆମେରିକା କଟକଣା ପ୍ରତିବନ୍ଧକ ସାଜିଥିବାରୁ ଏହାର ରାଷ୍ଟ୍ରଦୂତ ନିକୋଲେ କୁଡାଶେଭ୍ ସମାଲୋଚନା କରିଥିଲେ। ଜାତିସଂଘ ସୁରକ୍ଷା ପରିଷଦ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଦ୍ୱାରା ଏପରି ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ମସ୍କୋ ସ୍ୱୀକୃତି ଦିଏନାହିଁ ବୋଲି ସେ କହିଥିଲେ।



# ୯,୩୯୪ କୋଟି ଠକେଇରେ ଟିଡିପି ନେତା

ହାଇଦ୍ରାବାଦ, ୨୧।୧୨

ଦେଶରେ ଗୋଟିଏ ପରେ ଗୋଟିଏ ବଡ଼ ବ୍ୟାଙ୍କ ଦୁର୍ନୀତି ପଦାକୁ ଆସିବାରେ ଲାଗିଛି। ବିଜୟ ମାଲ୍ୟା, ନୀରବ ମୋଦିଙ୍କ ପରେ ସବୁଠୁ ବଡ଼ ବ୍ୟାଙ୍କ ଦୁର୍ନୀତିର ପର୍ଦ୍ଦାଫାଶ୍ ହୋଇଛି। ହାଇଦ୍ରାବାଦର ଟ୍ରାନ୍ସଷ୍ଟ୍ରୟ କମ୍ପାନୀ ବିଭିନ୍ନ ବ୍ୟାଙ୍କରୁ ୯,୩୯୪ କୋଟି ଟଙ୍କାର ଋଣ ନେଇ ଠକିଦେଇଛି। ଉକ୍ତ କମ୍ପାନୀର ମାଲିକ ହେଉଛନ୍ତି ଟିଡିପିର ପୂର୍ବତନ ଏମ୍‌ପି ରାୟପତି ସାମ୍ବାଶିବ ରାଓ। ସେ ଘରର ଚାକରାଣୀ, ଝାଡୁଦାର, ଡ୍ରାଇଭରଙ୍କ ନାଁରେ ଜାଲ୍ କମ୍ପାନୀମାନ ଖୋଲି ଦୁର୍ନୀତିରେ ଲିପ୍ତ ରହିଥିଲେ ବୋଲି ତଦନ୍ତରୁ ଜଣାପଡିଛି।

ବ୍ୟାଙ୍କ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ସିବିଆଇ ଏହାର ଏତଲାରେ ଦର୍ଶାଇଛି, ଅଭିଯୁକ୍ତ କମ୍ପାନୀ ଟ୍ରାନ୍ସଷ୍ଟ୍ରୟ ବିଭିନ୍ନ ନାମରେ ମିଛ କମ୍ପାନୀ ଚଳାଉଥିଲା। ପଦ୍ମାବତୀ ଏଣ୍ଟରପ୍ରାଇଜେସ୍, ୟୁନିକ୍ ଇଞ୍ଜିନିୟର୍ସ, ବାଲାଜୀ ଏଣ୍ଟରପ୍ରାଇଜେସ୍, ରୁତ୍ୱିକ୍ ଆସୋସିଏଟ୍ସ ଭଳି ଜାଲ୍ କମ୍ପାନୀ ମାଧ୍ୟମରେ ୬,୬୪୩ କୋଟି ଟଙ୍କା ଜାଲିଆତି ହୋଇଥିଲା। କେବଳ କାଗଜପତ୍ରରେ ଚାଲିଥିବା ୯ଟି କମ୍ପାନୀ ଦ୍ୱାରା ଜାଲିଆତି କାରବାର ଚାଲିଥିଲା ବୋଲି ସିବିଆଇ ଅଭିଯୋଗ କରିଛି।



ରାୟପତି ସାମ୍ବାଶିବ ରାଓ

କେପିଏମ୍‌ଜି ଫୋରେନ୍‌ସିକ ଅଡିଟ୍ ଅନୁଯାୟୀ ଅଭିଯୁକ୍ତ କାନାରା ବ୍ୟାଙ୍କ ସମେତ ୧୩ଟି ବ୍ୟାଙ୍କରୁ ୯,୩୯୪ କୋଟି ଟଙ୍କା ଋଣ ନେଇଥିଲେ। ବେଙ୍ଗାଲୁରୁର ବ୍ୟାଙ୍କିଙ୍ଗ ଫ୍ରଡ୍ ଆଣ୍ଡ ସିକ୍ୟୁରିଟି ସେଲ୍ (ବିଏସ୍‌ଏଫ୍‌ସି) ପକ୍ଷରୁ ଟ୍ରାନ୍ସଷ୍ଟ୍ରୟ ଇଣ୍ଡିଆ ଲିମିଟେଡ, ଏହାର ସିଏମ୍‌ଡି ଚେରୁକୁରୀ ଶ୍ରୀଧର, ପୂର୍ବତନ ଏମ୍‌ପି ରାୟପତି ସାମ୍ବାଶିବ ରାଓ ଏବଂ ଅକିନେନି ସତୀଶଙ୍କ ନାଁରେ ଏତଲା ଦାଏର କରାଯାଇଛି। ସେମାନଙ୍କ ନାଁରେ ଅପରାଧ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି, ମିଥ୍ୟା ଦସ୍ତାବିଜ୍ ଦାଖଲ ଓ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ ହୋଇଛି। ଟ୍ରାନ୍ସଷ୍ଟ୍ରୟ ଆକାଉଣ୍ଟରୁ ୯ଟି ଜାଲ୍ କମ୍ପାନୀକୁ ୭,୧୫୩ କୋଟି ଟଙ୍କା ଟ୍ରାନ୍ସଫର ହୋଇଥିବା ତଦନ୍ତରୁ ଜଣାପଡିଛି। ୮ ଭେଣ୍ଡର କମ୍ପାନୀ ସେଥିରୁ ୬,୨୦୨ କୋଟି ଟଙ୍କା ଟ୍ରାନ୍ସଷ୍ଟ୍ରୟ ଆକାଉଣ୍ଟକୁ ଫେରାଇ ଦେଇଛନ୍ତି। ଉକ୍ତ ଫେରସ୍ତ ଅର୍ଥକୁ ବିଭିନ୍ନ ପାର୍ଟି, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଗଢ଼ାଯାଇଥିବା ସଂସ୍ଥା ଓ ଅନ୍ୟମାନଙ୍କ ପାଖକୁ ପଠାଯାଇଛି। ପ୍ରମୋଟରମାନଙ୍କ ଖାତାକୁ ଯାଇଛି ୩୫୦ କୋଟି ଟଙ୍କା।



- କର୍ମଚାରୀଙ୍କ ନାଁରେ ଚଳାଉଥିଲେ ଜାଲ୍ କମ୍ପାନୀ
- ୧୩ ବ୍ୟାଙ୍କରୁ ଉଠାଇଛନ୍ତି ଟଙ୍କା

୨୦୧୨ରୁ ୨୦୧୪ ମଧ୍ୟରେ ସିଏମ୍‌ଡି ଶ୍ରୀଧର ଚେରୁକୁରୀ ଏବଂ ଆର୍ ଲୀଳା କୁମାରଙ୍କର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିଲା। ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କ ଆକାଉଣ୍ଟରୁ ସେମାନଙ୍କ ଆକାଉଣ୍ଟକୁ ୪୫୦ କୋଟି ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡିଛି। ପଦ୍ମାବତୀ ଏଣ୍ଟରପ୍ରାଇଜେସ୍‌ର ନିର୍ଦ୍ଦେଶକ ଥିବା ସୁଧାକର ବାବୁ ଗୋରାନ୍ତଲା ଟ୍ରାନ୍ସଷ୍ଟ୍ରୟର ଜଣେ କର୍ମଚାରୀ। ଉକ୍ତ କମ୍ପାନୀ ୧,୮୪୮ କୋଟି ଟଙ୍କା ହେରଫେର କରିଛି। ସେହିପରି ୟୁନିକ୍ ଇଞ୍ଜିନିୟର୍ସ କମ୍ପାନୀ ଏମ୍ ସାମ୍ବାଶିବ ରାଓଙ୍କ ନାଁରେ ଚାଲିଥିଲା। ସେ ଟ୍ରାନ୍ସଷ୍ଟ୍ରୟର ପୂର୍ବତନ ନିର୍ଦ୍ଦେଶକ।

ବିଭିନ୍ନ ପ୍ରକଳ୍ପ ସ୍ଥାନରେ କମ୍ପାନୀର ୧,୭୫୩ କୋଟି ଟଙ୍କାର ଉପକରଣ ଗଚ୍ଛିତ ଥିବା ୨୦୧୮ ଅକ୍ଟୋବର ୧୦ରେ ଦର୍ଶାଇଥିଲା। ସେଥିରୁ ପୋଲାଭରମ୍ ପ୍ରକଳ୍ପରେ ୧,୫୨୭ କୋଟି ଟଙ୍କାର ଉପକରଣ ଥିବା କୁହାଯାଇଥିଲା। ତେବେ କମ୍ପାନୀ ବାଲାନ୍ସ ଶିଟ୍‌ରେ ଜାଲିଆତି କରିଥିବା ସିବିଆଇ ଅଭିଯୋଗ କରିଛି।

## ଆଜମ ଖାନଙ୍କ ନାଁରେ ଚାର୍ଜଶିଟ୍



**ରାମପୁର, ୨୧।୧୨:** ରାଜ୍ୟ ସଭାର ପୂର୍ବତନ ସଦସ୍ୟ ସ୍ୱର୍ଗତ ଅମର ସିଂଙ୍କ ପରିବାର ବିରୋଧରେ ଧମକପୂର୍ଣ୍ଣ ମନ୍ତବ୍ୟ ପାଇଁ ରାମପୁର ପୋଲିସ ସମାଜବାଦୀ ପାର୍ଟି ଏମ୍‌ପି ଆଜମ ଖାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ୨୦୧୮ରେ ଅମର ସିଂ ତାଙ୍କ ନାଁରେ ଗୋମତିନଗର ଥାନାରେ ଏତଲା ଦେଇଥିଲେ। ଅମରଙ୍କ ଭଳି ଲୋକଙ୍କୁ ହଟାଇଲେ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ବନ୍ଦ ହୋଇଯିବ ବୋଲି ଆଜମ କହି ସାମ୍ପ୍ରଦାୟିକ ତିକ୍ତତା ବଢ଼ାଉଥିବା ଏତଲାରେ ଦର୍ଶାଯାଇଥିଲା। ଏପରିକି ଆଜମ ଏକ ସାକ୍ଷାତକାରରେ ଅମର ସିଂଙ୍କ ପରିବାର ଉପରେ ଏସିଡ୍ ଫିଙ୍ଗିବାକୁ ଧମକ ଦେଇଥିଲେ ବୋଲି ପୋଲିସ କହିଛି।



'ଅତରଙ୍ଗୀ' ଫିଲ୍ମ ଶୁଟିଂରେ ଯାଇଥିବା ଅକ୍ଷୟ କୁମାର ତାଜମହଲ ନିକଟରେ ସୁରକ୍ଷା କର୍ମୀଙ୍କ ସହ ଫଟୋପୋଜ୍ ଦେଉଛନ୍ତି।

## ଡ୍ରୋନ୍ ଯୋଗେ ଗ୍ରେନେଡ୍ ପକାଇଛି ପାକିସ୍ତାନ

ଚଣ୍ଡିଗଡ଼, ୨୧।୧୨

ପଞ୍ଜାବର ଗୁରୁଦାସପୁର ଜିଲାରେ ଅନ୍ତର୍ଜାତୀୟ ସୀମା ସଂଲଗ୍ନ ଅଞ୍ଚଳରୁ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ଓ ପୋଲିସ ୧୧ ଗ୍ରେନେଡ ଠାବ କରିଛି। ପାକିସ୍ତାନ ଡ୍ରୋନ ଯୋଗେ ଏହି ଗ୍ରେନେଡ ପକାଇଥିବା ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ଭାରତ-ପାକ୍ ସୀମା ଦେଇ ଡ୍ରୋନ୍ ଗତିବିଧି ସମ୍ପର୍କରେ ବିଏସ୍‌ଏଫ୍ ପକ୍ଷରୁ ସୂଚନା ପାଇବା ପରେ ପଞ୍ଜାବ ପୋଲିସ ତୁରନ୍ତ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଗୁରୁଦାସପୁର ସେକ୍ଟରରେ ନିୟୋଜିତ ବିଏସ୍‌ଏଫ ଯବାନମାନେ ରାତି ପ୍ରାୟ ସାଢ଼େ ୩ଟାରେ ଏକ ପାକ୍ ଡ୍ରୋନକୁ ଦେଖିବାକୁ ପାଇଥିଲେ।

## 'ଶିଗେଲା' ଭୟରେ କେରଳ

କୋଝିକୋଡ୍, ୨୧।୧୨

ଭାରତର ପ୍ରଥମ ରାଜ୍ୟ ଭାବେ କରୋନା ପାଦ ଥାପିଥିଲା କେରଳରେ। ଏଥିରୁ ରାଜ୍ୟବାସୀ ମୁକ୍ତି ପାଇ ନ ଥିବାବେଳେ ଏବେ ସେମାନଙ୍କ ଚିନ୍ତା ବଢ଼ାଇଛି ନୂଆ ସଂକ୍ରମଣ। କରୋନା ସହ 'ଶିଗେଲା' ନାମକ ଏକ ବ୍ୟାକ୍ଟେରିଆ କବଳରେ ନ ପଡିବାକୁ ଏବେ କେରଳବାସୀ ଆହୁରି ସତର୍କ ହୋଇଛନ୍ତି। କୋଝିକୋଡ ଜିଲାରେ ଜଣେ ୧୧ ବର୍ଷୀୟ ବାଳକଙ୍କ ଏଥିରେ ମୃତ୍ୟୁ ଘଟିବା ସହ ୬ ଜଣ ସଂକ୍ରମିତ ହେବା ଏବଂ ଅନେକ ସନ୍ଦିଗ୍ଧ ଥିବା ସରକାରଙ୍କୁ ସତର୍କ ରହିବାକୁ ବାଧ କରିଛି।

ଶିଗେଲା ବ୍ୟାକ୍ଟେରିଆ ଜନିତ ସଂକ୍ରମଣକୁ ଶିଗେଲୋସିସ୍ କୁହାଯାଏ। ଏହି ଜୀବାଣୁ ମୁଖ୍ୟତଃ ମଣିଷ ଅନ୍ତନଳୀକୁ ସଂକ୍ରମିତ କରୁଥିବା ଜଣାଯାଇଛି। ଆକ୍ରାନ୍ତଙ୍କଠାରେ ଜ୍ୱର, ପେଟ ଯନ୍ତ୍ରଣା, ମଳରେ ରକ୍ତ ପଡିବା ଭଳି ଲକ୍ଷଣ ଦେଖାଯାଉଛି। ସାଧାରଣତଃ ବ୍ୟାକ୍ଟେରିଆ କବଳକୁ ଆସିବାର ୭ ଦିନ ମଧ୍ୟରେ ଏହି ଲକ୍ଷଣ ପ୍ରକାଶ ପାଉଛି। ଛୋଟ ପିଲା ବିଶେଷ କରି ୫ ବର୍ଷରୁ କମ୍ ବୟସ ଶିଶୁଙ୍କ କ୍ଷେତ୍ରରେ ଇନ୍‌ଫେକ୍ସନର ମାତ୍ରା ଅଧିକ ପରିମାଣରେ ଦେଖିବାକୁ ମିଳିଛି। ଡାଇରିଆ ସମସ୍ୟା ନେଇ କୋଝିକୋଡ୍ ଡାକ୍ତରଖାନା ଆସିଥିବା ଜଣେ ୧୧ ବର୍ଷୀୟ ବାଳକଙ୍କ ମୃତ୍ୟୁ ପରେ ଏହି ଜୀବାଣୁ ସମ୍ପର୍କରେ ଜଣାପଡିଥିଲା।

ଦୂଷିତ ଖାଦ୍ୟ କିମ୍ବା ପାଣିକୁ ସଂକ୍ରମଣର ମୁଖ୍ୟ କାରଣ କୁହାଯାଉଛି। ଜଣଙ୍କଠାରୁ ଅନ୍ୟ ଜଣକୁ ଏହା ସଂକ୍ରମିତ ହେଉଥିବାରୁ କରୋନା ଭଳି ସତର୍କତା



ଓ ପରିଷ୍କାର ପରିଚ୍ଛନ୍ନତା ଆପଣାଇବାକୁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ସେହିପରି ସଂକ୍ରମିତଙ୍କଠାରୁ ଦୂରତା ରଖିବା, ଭିଡ଼ ସ୍ଥାନକୁ ନ ଯିବା, ରୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ ତୁରନ୍ତ ନମୁନା ପରୀକ୍ଷା କରାଇ ନେବାକୁ କୁହାଯାଉଛି। ତେବେ ରାଜ୍ୟରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ପାୱାରଙ୍କ ସହ କଥା ହେଲେ ମମତା



କୋଲକାତା, ୨୧।୧୨

ପଶ୍ଚିମବଙ୍ଗକୁ ଟାର୍ଗେଟ କରି ଭାଜପା ନେତାମାନେ ବାରମ୍ବାର ଗସ୍ତ କରିବା ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତିରେ ଅନେକ ଟିଏମ୍‌ସି ନେତା ପଦ୍ମ ଧରିବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଏନ୍‌ସିପି ନେତା ଶରଦ ପାୱାରଙ୍କ ସହ କଥା ହୋଇଛନ୍ତି। ବିରୋଧୀ ଦଳ ଶାସିତ ରାଜ୍ୟରେ ଅସ୍ଥିରତା ସୃଷ୍ଟି ଲାଗି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କ୍ଷମତାର ଅପବ୍ୟବହାର କରୁଥିବା ମମତା ଅଭିଯୋଗ କରିଛନ୍ତି। ଦଳବଦଳ ରୋକିବା ଲାଗି ମମତା କେତେଜଣ ବିଶ୍ୱସ୍ତ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବରିଷ୍ଠ ଟିଏମ୍‌ସି ନେତା ତଥା ମନ୍ତ୍ରୀ ଅରୂପ ବିଶ୍ୱାସ, ଲୋକ ସଭା ଏମ୍‌ପି ସୌଗତ ରାୟ, କଲ୍ୟାଣ ବାନାର୍ଜୀ ଏବଂ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର।

# ଦୂର ହେଉନି ଅଚଳାବସ୍ଥା

ନୂଆଦିଲ୍ଲୀ, ୨୧।୧୨

କେନ୍ଦ୍ରର କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନ ୨୬ ଦିନରେ ପହଞ୍ଚିଥିବାବେଳେ ସମାଧାନର ବାଟ ବାହାରିପାରୁନାହିଁ। ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ଚାଷୀମାନେ ପ୍ରବଳ ଶୀତ କାକରରେ ପଡ଼ି ରହିଛନ୍ତି। ଇତିମଧ୍ୟରେ ଆନ୍ଦୋଳନରତ ୨୫ ଜଣ ଚାଷୀଙ୍କର ମୃତ୍ୟୁ ଘଟିଲାଣି। କୃଷକ ସଂଗଠନ ଓ ସରକାରଙ୍କ ମଧ୍ୟରେ ୫ ଥର ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ପୁଣି ଥରେ ଆଲୋଚନା ପାଇଁ ସରକାର ପ୍ରସ୍ତାବ ଦେଇଥିବାବେଳେ ସ୍ଥାୟୀ ସମାଧାନ ଆବଶ୍ୟକ ବୋଲି ଚାଷୀ ନେତା କହିଛନ୍ତି। ଆଲୋଚନା ପାଇଁ ଆମନ୍ତ୍ରଣ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାୟତ କହିଛନ୍ତି, ସରକାରଙ୍କ ପତ୍ରରେ କୌଣସି ନୂତନତ୍ୱ ନାହିଁ। ସେମାନେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ସ୍ଥାୟୀ ସମାଧାନ ହେବା ଆବଶ୍ୟକ। କିନ୍ତୁ ସରକାର କୃଷି ଆଇନରେ ସଂଶୋଧନ ପାଇଁ ପୂର୍ବରୁ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ଚାହୁଛନ୍ତି। ପୂର୍ବରୁ ଚାଷୀ ସଂଗଠନ ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଥର ସରକାରଙ୍କ ପତ୍ରର କିପରି ଜବାବ ଦିଆଯିବ ତାହା ଉପରେ ଆଲୋଚନା ହେଉଥିବା ଟିକାୟତ କହିଛନ୍ତି।



ସିଂଘୁ ସୀମାରେ କୃଷକ ନେତା ରାକେଶ ଟିକାୟତ ଓ ରାଜନୈତିକ କର୍ମୀ ଯୋଗେନ୍ଦ୍ର ଯାଦବ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

- ସ୍ଥାୟୀ ସମାଧାନ ଦାବି କଲେ ଚାଷୀ
- ରିଲେ ଅନଶନରେ ବସିଲେ

କେନ୍ଦ୍ର କୃଷି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିବେକ ଅଗ୍ରୱାଲ ୪୦ଟି ଚାଷୀ ସଂଗଠନକୁ ପତ୍ର ଲେଖି ଆଲୋଚନାକୁ ଆମନ୍ତ୍ରଣ କରିଥିଲେ। ଆଲୋଚନା ତାରିଖ ସ୍ଥିର କରିବାକୁ କୃଷକ ସଂଗଠନଗୁଡ଼ିକୁ କୁହାଯାଇଛି। ନୂଆ ଆଇନରେ ସଂଶୋଧନ ପାଇଁ ପୂର୍ବରୁ ସରକାର ଦେଇଥିବା ପ୍ରସ୍ତାବ ସମ୍ପର୍କରେ ଚାଷୀମାନେ କ'ଣ ଚିନ୍ତା କରୁଛନ୍ତି ଜଣାଇବା ପାଇଁ ମଧ୍ୟ ସରକାର ପରାମର୍ଶ ଦେଇଥିଲେ। କୃଷକମାନଙ୍କ ସମସ୍ତ ଉଦ୍‌ବେଗ ଦୂର କରିବା ଲାଗି ଉପଯୁକ୍ତ ସମାଧାନ ବାଟ ବାହାର କରିବା ଦିଗରେ ସରକାର ସବୁ ଉଦ୍ୟମ ଚଳାଇଥିବା ଅଗ୍ରୱାଲ ଲେଖିଛନ୍ତି। ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ଅଟଳ ରହିବାରୁ ପୂର୍ବରୁ ୫ ଥର ସରକାରଙ୍କ ସହ ଆଲୋଚନା ବିଫଳ ହୋଇଛି। ୯ ତାରିଖରେ ସରକାର ଆଇନର କେତେକ ଧାରାରେ ସଂଶୋଧନ ପାଇଁ ଚାଷୀଙ୍କ ପାଖକୁ ଚିଠା ପ୍ରସ୍ତାବ ପଠାଇଥିଲେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପୂର୍ବ ଭଳି ଜାରି ରହିବା ନେଇ ଲିଖିତ ପ୍ରତିଶ୍ରୁତି ଦେବେ ବୋଲି କହିଥିଲେ। ତେବେ ଚାଷୀ ସଂଗଠନ ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ।

କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ସରକାରଙ୍କ ଉପରେ ଚାପ ପକାଇବା ପାଇଁ କୃଷକ ସଂଗଠନ ପକ୍ଷରୁ ସୋମବାର ଆନ୍ଦୋଳନ ସ୍ଥଳରେ ରିଲେ ଅନଶନ କରାଯାଇଥିଲା। ପ୍ରଥମ ବ୍ୟାଚ୍‌ରେ ୧୧ ଜଣ ଚାଷୀ ଅନଶନରେ ବସିଥିଲେ।

## ଆଇନ ବିରୋଧରେ ସଂକଳ୍ପ ଆଣିବ କେରଳ

ଥିରୁଭାନନ୍ତପୁରମ୍, ୨୧।୧୨(ପି.ଟି.)

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ଉପରେ ଆଲୋଚନା ସହ ଏହା ବିରୋଧରେ ସଂକଳ୍ପନାମା ଗୃହୀତ କରାଇବା ପାଇଁ କେରଳ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବୁଧବାର ଡକାଯାଇଛି। ଉକ୍ତ ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ୨୬ ଦିନ ହେଲା ଚାଷୀମାନେ ଆନ୍ଦୋଳନ ଚଳାଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଅଧ୍ୟକ୍ଷତାରେ କେରଳ କ୍ୟାବିନେଟ ବୈଠକ ବସି ସ୍ୱତନ୍ତ୍ର ଅଧିବେଶନ ଡାକିବା ନେଇ ନିଷ୍ପତ୍ତି ନିଆଯାଇଥିଲା। କୃଷକଙ୍କ ଆନ୍ଦୋଳନକୁ କେରଳ ପୂର୍ଣ୍ଣ ସମର୍ଥନ ଜଣାଉଛି ଏବଂ ସ୍ୱତନ୍ତ୍ର ଅଧିବେଶନରେ ବିବାଦୀୟ ଆଇନ ଉପରେ ଆଲୋଚନା ହେବା ସହ ଏହାକୁ ବାତିଲ କରାଯିବ ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ଥୋମାସ ଇସାକ୍ ଟୁଇଟ୍ କରିଛନ୍ତି।

## କୃଷି ଭବନ ଆଗରେ ବିକ୍ଷୋଭ

ନୂଆଦିଲ୍ଲୀ, ୨୧।୧୨(ପି.ଟି.)

କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ଓ ଚାଷୀଙ୍କୁ ନ୍ୟାୟ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ସୋମବାର କୃଷି ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦିଲ୍ଲୀ ସୀମାରେ ପ୍ରବଳ ଶୀତରେ କୃଷକମାନେ ପାଖାପାଖି ମାସେ ହେଲା ଆନ୍ଦୋଳନ ଚଳାଇଥିବାବେଳେ ୨୫ ଜଣଙ୍କର ଜୀବନ ଗଲାଣି। ଚାଷୀଙ୍କ ଶକ୍ତିକୁ ସରକାର ହେୟ ମନେକରିବା ଉଚିତ ନୁହେଁ ବୋଲି ଯୁବ କଂଗ୍ରେସ ଅଧ୍ୟକ୍ଷ ଶ୍ରୀନିବାସ ବି.ଭି. କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୭୪,୦୧,୧୧୭ | ୧୭,୦୩,୪୪୧ | ୫,୪୩,୦୧,୩୬୯ |
| ଭାରତ | ୧,୦୦,୬୭,୧୯୬ | ୧,୪୬,୦୨୫ | ୯୬,୨୧,୬୮୩ |
| ଓଡ଼ିଶା | ୩,୨୬,୫୯୬ | ୧୮୩୯(+୫୩) | ୩,୨୧,୯୫୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବରଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ):** ବରଗଡ଼ ଜିଲାରେ ବିକାଶ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଶନ ପକ୍ଷରୁ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଛି। ସୋମବାର ଲୋକସେବା ଭବନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ବିକାଶ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଶନର ଅଧକ୍ଷ ଡ. ମୁରଲୀ କ୍ରୀଷ୍ଣା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରସ୍ତାବିତ ମେଡିକାଲ କଲେଜ ପାଇଁ ୨୫ ଏକର ଜମି ସଂରକ୍ଷିତ ରଖାଯାଇଥିବାବେଳେ ଏବେ ୧୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କାର୍ଯ୍ୟ କରୁଛି। ଆଗାମୀ ୩ବର୍ଷ ମଧ୍ୟରେ ଏହାକୁ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ କରି ପରବର୍ତ୍ତୀ ସମୟରେ ମେଡିକାଲ କଲେଜରେ ପରିଣତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଭବିଷ୍ୟତରେ ବରଗଡ଼ ଜିଲା ଓ ଏହାର ଆଖପାଖ ଅଞ୍ଚଳରେ ସାଧାରଣ ଜନତା ଉତ୍ତମ ମାନର ଚିକିତ୍ସା ସେବା ପାଇବା ସହ ଉପକୃତ ହୋଇପାରିବେ ବୋଲି ଡ. କ୍ରୀଷ୍ଣା କହିଛନ୍ତି। ଏହି ଅବସରରେ ଡିଏମ୍ଇଟି ଡା. ସିବିକେ ମହାନ୍ତି, ବିଭାଗୀୟ ଯୁଗ୍ମ ସଚିବ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାନସଭାର ସବୁ ବିବରଣୀ ଡିଜିଟାଲ କରାଯିବ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ):** ବିଧାନସଭାର ସମସ୍ତ ବିବରଣୀ, କାଗଜପତ୍ରରେ ପ୍ରକାଶିତ ବିଧାନସଭା ସମ୍ପର୍କିତ ସବୁ ବିବରଣୀ, ବିଭିନ୍ନ ଛାପା ଗଣମାଧ୍ୟମ ଏବଂ ପତ୍ରପତ୍ରିକାରେ ପ୍ରକାଶିତ ବିଧାନସଭା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଲେଖା ଏଣିକି ଡିଜିଟାଲ ହେବ। ୧୯୩୭ ମସିହାରୁ ଚାଲି ଆସୁଥିବା ଏହି ପରମ୍ପରା ବଦଳିବ ବୋଲି ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିରେ କେନ୍ଦ୍ରର ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ସ୍ମାର୍ଟ ଗଭର୍ନମେଣ୍ଟ ବା ଏନ୍ଆଇଏସ୍ଜି ତରଫରୁ ପ୍ରଦତ୍ତ ମାର୍ଗ ନିର୍ଦ୍ଦେଶିକା ଉପରେ ବିଶେଷ ଆଲୋଚନା କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏନ୍ଆଇଏସଜି ତରଫରୁ ପ୍ରଦତ୍ତ ୬ ଲକ୍ଷ ଟଙ୍କା ଅନୁଦାନରେ ଏହାର ଅନୁଧ୍ୟାନ ଆରମ୍ଭ ହେବ। ଅନୁଧ୍ୟାନ ପରେ ଖର୍ଚ୍ଚ ଅଟକଳ ନିର୍ଦ୍ଧାରିତ ହେବ। ଏଥିଲାଗି ସର୍ଭେ କରିବା ସକାଶେ ଖୁବ୍ଶୀଘ୍ର ୨ରୁ ୩ଟି ଏଜେନ୍ସିକୁ ଡକାଯିବ। ପୁନଶ୍ଚ ଏ ମଧ୍ୟରେ ସମ୍ପନ୍ନ ହୋଇଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାନୁୟାରୀ ପ୍ରଥମ ସପ୍ତାହରେ ସମୀକ୍ଷା କରାଯାଇ କାମ ଆରମ୍ଭ ହେବ ବୋଲି ବାଚସ୍ପତି ପାତ୍ର ସୂଚନା ଦେଇଛନ୍ତି।

# ଓଡ଼ିଶାରେ ୭୬୦ କଲରାପତରିଆ ବାଘ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**



- ୪ବର୍ଷରେ ୧୦୦%ରୁ ଅଧିକ ସଂଖ୍ୟା ବୃଦ୍ଧି
- ଦେଶରେ ୭ମ ସ୍ଥାନରେ ଓଡ଼ିଶା
- ଜାତୀୟସ୍ତରରେ କଲରାପତରିଆ ସଂଖ୍ୟା ୬୦% ବୃଦ୍ଧି

ଓଡ଼ିଶାରେ କଲରାପତରିଆ ବାଘ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇଛି। ମାତ୍ର ୪ ବର୍ଷରେ ଏମାନଙ୍କ ସଂଖ୍ୟା ୧୦୦%ରୁ ଅଧିକ ବଢ଼ିଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ପକ୍ଷରୁ ପ୍ରକାଶିତ 'ଷ୍ଟାଟସ୍ ଅଫ୍ ଲିଓପାର୍ଡସ୍ ଇନ୍ ଇଣ୍ଡିଆ ୨୦୧୮' ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ସୋମବାର କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ନୂଆଦିଲ୍ଲୀଠାରେ ଏହି ରିପୋର୍ଟକୁ ଉନ୍ମୋଚନ କରି ଦେଶରେ କଲରାପତରିଆ ବାଘ ସଂଖ୍ୟାରେ ୬୦% ବୃଦ୍ଧି ଘଟିଥିବା ସୂଚନା ଦେଇଛନ୍ତି। ୨୦୧୪ରେ ଭାରତରେ ମୋଟ ୭,୯୧୦ କଲରାପତରିଆ ବାଘ ରହିଥିବାବେଳେ ୨୦୧୮ରେ ତାହା ବୃଦ୍ଧି ପାଇ ୧୨,୮୫୨ରେ ପହଞ୍ଚିଛି। ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ସର୍ବାଧିକ ଲିଓପାର୍ଡ ପ୍ରଜାତିର ବାଘ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏ କ୍ଷେତ୍ରରେ ଓଡ଼ିଶା ୭ମ ସ୍ଥାନରେ ରହିଛି। ଦେଶରେ ମୋଟ ୪ଟି ଜୋନ୍‌ରେ ହୋଇଥିବା ଏହି ବ୍ୟାଘ୍ର ଗଣନାରେ ଓଡ଼ିଶା 'ମଧ୍ୟ ଭାରତ ଏବଂ ପୂର୍ବ ଘାଟ' ଜୋନ୍‌ରେ ରହିଥିଲା। ଏହି ଜୋନ୍‌ରେ ମୋଟ ୮,୦୭୧ କଲରାପତରିଆ ବାଘ ଥିବାବେଳେ ଏହାମଧ୍ୟରୁ ଓଡ଼ିଶାରେ ୭୬୦ଟି ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

୨୦୧୪ରେ ଏନ୍‌ଟିସିଏ ଓ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ବ୍ୟାଘ୍ର ଗଣନା ସର୍ଭେରେ ଓଡ଼ିଶାରେ ୩୧୮ କଲରାପତରିଆ ରହିଥିଲା। ୨୦୧୮ରେ ଏହି ସଂଖ୍ୟା ୭୬୦କୁ ବୃଦ୍ଧି ପାଇଛି ଅର୍ଥାତ୍ ଓଡ଼ିଶାରେ ବାଘସଂଖ୍ୟା ଶତ ପ୍ରତିଶତରୁ ଅଧିକ ବଢ଼ିଛି, ଯାହାକି ଜାତୀୟ ହାର(୬୦%)ଠାରୁ ମଧ୍ୟ ଅଧିକ। ତତ୍କାଳୀନ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସିଦ୍ଧାନ୍ତ ଦାସ, ଡ. ସନ୍ଦୀପ ତ୍ରିପାଠୀ, ଡ. ଅଜୟ କୁମାର ମହାପାତ୍ରଙ୍କ ସହ ଓଡ଼ିଶା ଦାୟିତ୍ୱରେ ଥିବା ନୋଡାଲ ଅଫିସର ଡ. ଜ୍ଞାନଦତ୍ତ ପତି, ଭକ୍ତ ପଦାରବିନ୍ଦ ରଥ, ଡ. ନିମାଇଁ ଚରଣ ପଲେଇଙ୍କ ନେତୃତ୍ୱରେ ଏହି ଗଣନା କରାଯାଇଥିଲା।

ଅନ୍ୟପକ୍ଷରେ ଜାତୀୟ ରିପାର୍ଟ ଅନୁଯାୟୀ, ମଧ୍ୟପ୍ରଦେଶରେ ସର୍ବାଧିକ ୩,୪୨୧ କଲରାପତରିଆ ବାଘ ରହିଥିବାବେଳେ କର୍ଣ୍ଣାଟକରେ ୧୭୮୩ ଓ ମହାରାଷ୍ଟ୍ରରେ ୩ୟ ସର୍ବାଧିକ ରହିଛନ୍ତି। ଏହାତଳକୁ ତାମିଲନାଡୁରେ ୮୬୮, ଛତିଶଗଡ଼ ୮୫୨, ଉତ୍ତରାଖଣ୍ଡ ୮୩୯, ଓଡ଼ିଶା ୭୬୦, କେରଳ ୬୫୦, ଆନ୍ଧ୍ରପ୍ରଦେଶ ୪୯୨, ରାଜସ୍ଥାନ ୪୭୬, ତେଲେଙ୍ଗାନା ୩୩୪ ଓ ଉତ୍ତରପ୍ରଦେଶରେ ୩୧୬ କଲରାପତରିଆ ବାଘ ରହିଛନ୍ତି। ପାଟର୍ନ ରେକ୍‌ଗନିଶନ ସଫ୍ଟୱେର୍ ବ୍ୟବହାର ମାଧ୍ୟମରେ ଏହି ସର୍ଭେ କରାଯାଇଥିଲା।

# ରିମାଣ୍ଡ ଶେଷ ପରେ ଜେଲ ଫେରିଲେ ଆକାଶ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

### କୋର୍ଟରେ ଭାବୀ ସ୍ତ୍ରୀଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଲେ

ଆଇଏଫ୍ଏସ୍ ଅଫିସର ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କ ୪ ଦିନିଆ ରିମାଣ୍ଡ ଅବଧି ରବିବାର ଶେଷ ହୋଇଥିଲା। ସୋମବାର କମିଶନରେଟ ପୋଲିସ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବା ପରେ ସେ ଝାରପଡା ଜେଲକୁ ଫେରିଛନ୍ତି। ବାପାଙ୍କ ସହ ଗିରଫ ପରେ ଆକାଶଙ୍କ ନାଁରେ ଟ୍ରାଭେଲ ସଂସ୍ଥା ସ୍କାଏ କିଙ୍ଗ୍ ଖାରବେଳନଗର ଥାନାରେ ୬୫ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ଆଣିଥିଲା। ତେବେ କୋର୍ଟରେ ହାଜରବେଳେ ଆକାଶ ଗଣମାଧ୍ୟମ ଆଗରେ ସମାନ ପ୍ରତିକ୍ରିୟା ରଖିଥିଲେ। ମୁଁ ସ୍କାଏ କିଙ୍ଗ୍‌କୁ ଠକି ନାହିଁ କି ପୋଲିସ ଆଗରେ ସ୍ୱୀକାର କରିନି। ମୋତେ ଅଭିଯୁକ୍ତ ସଜେଇ ଦିଆଯାଉଛି ବୋଲି ସେ କହିଥିଲେ। ମାତ୍ର ଜେରାବେଳେ ଉକ୍ତ ଠକେଇ ସମ୍ପର୍କିତ ଅନେକ ତଥ୍ୟ ପ୍ରମାଣ ହାସଲ କରିବାରେ ପୋଲିସ ସଫଳ ହୋଇଥିବା ନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଥିଲେ।

ଅନ୍ୟପକ୍ଷରେ ଆକାଶଙ୍କୁ ସାକ୍ଷାତ୍ ପାଇଁ ଭାବୀ ସ୍ତ୍ରୀ କୋର୍ଟରେ ପହଞ୍ଚିଥିଲେ। ଆକାଶଙ୍କୁ ବ୍ଲାକ୍ ଟି-ଶାର୍ଟରେ ଦେଖି ସେ ତାରିଫ କରିବା ସହ କିଛି ମୁହୂର୍ତ୍ତ ଉଭୟ କଥା ହୋଇଥିଲେ। ଏଥିସହ ଝାରପଡା ଜେଲକୁ ଫେରିଯିବା ପୂର୍ବରୁ ଆକାଶ ଭାବୀ ସ୍ତ୍ରୀଙ୍କୁ ଆଗୁଆ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ବର୍ତ୍ତମାନ ୧୪ ଦିନିଆ ବିଚାର ବିଭାଗୀୟ ହାଜତରେ ଅଛନ୍ତି ଆକାଶ ଓ ତାଙ୍କ ବାପା ଅଭୟକାନ୍ତ। ଏଥିସହ ଚାକିରି ଜାଲିଆତି ଓ ବେଆଇନ ଅର୍ଥ କାରବାର ଅଭିଯୋଗରେ ଆକାଶଙ୍କ ଭାବୀ ଶ୍ୱଶୁର ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଝାରପଡ଼ା ସ୍ୱତନ୍ତ୍ର କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି।

ସୂଚନାଯୋଗ୍ୟ, ଉଭୟ ଅଭୟ ଓ ଆକାଶ ପଞ୍ଚତାରକା ହୋଟେଲରେ ରହିବା ସହ ଚାର୍ଟର ଫ୍ଲାଇଟ୍‌ରେ ରାଜ୍ୟ ବାହାରକୁ ଯିବାଆସିବା କରୁଥିଲେ। ତେବେ ସ୍କାଏ କିଙ୍ଗ୍ ସଂସ୍ଥାରେ ଆକାଶ ଏଥିପାଇଁ ବୁକିଂ କରିଥିଲେ। ସେବା ବାବଦକୁ ଉକ୍ତ ସଂସ୍ଥାକୁ ଆକାଶ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନ ଦେଇ ଠକି ଚାଲିଥିଲେ। ବାପପୁଅ ଗିରଫ ହେବା ପରେ ଖାରବେଳନଗର ଥାନାରେ ସଂସ୍ଥାର ମ୍ୟାନେଜିଂ ପାର୍ଟନର ପ୍ରଭାସ କୁମାର ଚୌଧୁରୀ ଅଭିଯୋଗ କରିଥିଲେ।

# ରୋଗୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପ୍ରତିଷ୍ଠାକୁ ଗୁରୁତ୍ୱ



ଲୋକସେବା ଭବନରେ ସୋମବାର ଭିମସାର ଉନ୍ନୟନ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

### ଭିମସାର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଅଭିଯାନକୁ ଅଧିକ ସଶକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜର ଉନ୍ନତୀକରଣ ସମ୍ପର୍କିତ ଏକ ସମୀକ୍ଷା ବୈଠକ ସୋମବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭିମ୍‌ସାରର ଭିତ୍ତିଭୂମି ଉନ୍ନୟନ ସହିତ ମାତୃ ଓ ଶିଶୁ ହସ୍ପିଟାଲ ପାଇଁ ସ୍ଥାନ ନିରୂପଣ ଓ କାର୍ଯ୍ୟାରମ୍ଭ, କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଥିବାବେଳେ ଏକ ଟ୍ରମା କେୟାର ୟୁନିଟ୍ ଓ ସମ୍ପ୍ରସାରିତ ଆଇସିୟୁ କମ୍ପ୍ଲେକ୍ସ ପ୍ରତିଷ୍ଠା ଦିଗରେ ଆଲୋଚନା ହୋଇଥିଲା। ଚିକିତ୍ସା ସେବା ପାଇବା ପାଇଁ ଦୂରଦୂରାନ୍ତରରୁ ଆସୁଥିବା ରୋଗୀଙ୍କ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପ୍ରତିଷ୍ଠା ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପଶ୍ଚିମ ଓଡ଼ିଶାର ଏହି ପୁରାତନ ପ୍ରତିଷ୍ଠିତ ମେଡିକାଲ କଲେଜକୁ ଚିକିତ୍ସା କ୍ଷେତ୍ରରେ ଏକ ଆଗୁଆ ଅନୁଷ୍ଠାନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଥିଲେ। ବୈଠକରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଡିଏମ୍ଇଟି ଡା. ସିବିକେ ମହାନ୍ତି, ଭିମ୍‌ସାର ନିର୍ଦ୍ଦେଶକ ଡା. ଲଳିତ କୁମାର ମେହେର, ବିଭାଗୀୟ ଯୁଗ୍ମ ସଚିବ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମା'ବାପାଙ୍କ ସହ ମହିଳା କମିଶନରେ ହାଜର ହେବେ ଅନୁଭବ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ପାରିବାରିକ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ୧୫ ତାରିଖରେ ବର୍ଷା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇ ନିର୍ଯ୍ୟାତନା ଅଭିଯୋଗ ଆଣିଥିଲେ। ଅଭିଯୋଗକୁ ଭିତ୍ତିକରି କମିଶନ ସୋମବାର ଅନୁଭବଙ୍କ ସମେତ ତାଙ୍କ ମା' ଓ ବାପାଙ୍କୁ ନୋଟିସ୍ କରିଛନ୍ତି। ଆସନ୍ତା ୨୯ ତାରିଖରେ ସମସ୍ତେ ମହିଳା କମିଶନରେ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ପାରିବାରିକ ହିଂସା ମାମଲା

ଅନ୍ୟପକ୍ଷରେ ପାରିବାରିକ ବିବାଦକୁ ନେଇ ବର୍ଷା ରବିବାର ପୁରୀଘାଟ ଥାନାରେ ଅନୁଭବ ଓ ତାଙ୍କ ୨ ସହଯୋଗୀଙ୍କ ନାଁରେ ଅଭିଯୋଗ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅନୁଭବ ତାଙ୍କୁ ଘରେ ରହିବାକୁ ଦେଉନାହାନ୍ତି। ଏଥିସହ ତାଙ୍କ ରୁମ୍‌ରେ ତାଲା ପକାଇ ଦେବାରୁ ବାହାରେ ଘଣ୍ଟାଏରୁ ଅଧିକ ସମୟ ଛିଡ଼ା ହେବାକୁ ପଡିଥିଲା। ବର୍ଷାଙ୍କ ଏପରି ଅଭିଯୋଗ ପରେ ପୋଲିସ ଅନୁଭବଙ୍କ ବାସଭବନକୁ ଯାଇ ତଦନ୍ତ କରିଥିଲା। ଏହି ସମୟରେ ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେହିଭଳି ପୂର୍ବରୁ ଅନୁଭବଙ୍କ ବିରୋଧରେ ବର୍ଷା ଘରୋଇ ହିଂସା ଅଭିଯୋଗରେ ଅଦାଲତର ଆଶ୍ରୟ ନେଇଥିଲେ।

# ୪୨କୋଟି ଟଙ୍କାର ଜିଏସ୍‌ଟି ଠକେଇ: ୨ ଗିରଫ

**ରାଉରକେଲା ଅଫିସ, ୨୧।୧୨**

ରାଉରକେଲାରେ ଜିଏସ୍‌ଟି ଠକେଇ ନେଇ ଚର୍ଚ୍ଚା ଥମୁନାହିଁ। ଠକେଇରେ ସମ୍ପୃକ୍ତ ଅନେକ ବ୍ୟକ୍ତି ଏବେ ସହର ଛାଡି ଫେରାର୍ ହୋଇଯାଇଛନ୍ତି। ଏମାନଙ୍କୁ ଜିଏସ୍‌ଟି ଟିମ୍ ଗିରଫ କରିବାକୁ ତନାଘନା ଚଳାଇଛି। ସୋମବାର ଏହି ଘଟଣାରେ ସମ୍ପୃକ୍ତ ୨ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ଛେଣ୍ଡ କଲୋନୀର ରାଜୀବ ମିଶ୍ର ଓ ବନ୍ଧମୁଣ୍ଡା ଅଞ୍ଚଳର ସୌମ୍ୟ ମହାନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ୫ଜଣଙ୍କୁ ପୋଲିସ ଖୋଜୁଥିବା ସୂଚନା ମିଳିଛି। ଏମାନଙ୍କୁ ଧରିବା ପାଇଁ କେନ୍ଦ୍ର ଓ ରାଜ୍ୟ ଜିଏସ୍‌ଟି ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। କଟକ ଜିଲାର ଚୌଦ୍ୱାର ଠାରେ ନାୟକ ଏଣ୍ଟରପ୍ରାଇଜେସ ନାମରେ ଏକ ସଂସ୍ଥା ଖୋଲି ଏମାନେ ୪୨କୋଟି ଟଙ୍କା ଜିଏସ୍‌ଟି ଫାଙ୍କିଥିବା ଅଭିଯୋଗ ରହିଛି। ଜିଏସ୍‌ଟି ବିଭାଗ କଟକ, ଯାଜପୁର ଓ ରାଉରକେଲା ସହର ସହିତ ଅନ୍ୟ କେତେକ ସ୍ଥାନରେ ଏନେଇ ଚଢାଉ ଜାରି ରଖିଛି।


VANIK B.Ed. ACADEMY
B.Ed. B.P.Ed./M.Ed.
VANIK will provide separately Private B.Ed., B.P.Ed. & M.Ed. full time regular certificate course under
- Acharya Nagarjuna University
- Yogi Vemana University
- Rayalaseema University
- Kurukshetra University
ONLINE VST Scholarship Test
On 23rd December 2020 (Wednesday) | Time : 11am-12pm
Avail Upto 100% SCHOLARSHIP in Tuition Fee
Free Registration
LAST DATE OF REGISTRATION : 22ND DECEMBER 2020 12 PM
Register at : https://vanik.org/ctbed-scholarship.php
NATIONAL HELPLINE : 8338050077
www.facebook.com/vanik vanikbbsr@gmail.com www.vanik.org


# ଦୁଇଟି ଲେଖାଏ ପ୍ରସ୍ତାବ ଦେଲେ ସଦସ୍ୟ



ବିଜେଡି ରାଜ୍ୟ ପରିଷଦ ବୈଠକରେ ଦଳର କର୍ମକର୍ତ୍ତା ପ୍ରସ୍ତାବ ଦେଉଛନ୍ତି।

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

### ବିଜେଡି ରାଜ୍ୟ ପରିଷଦ ବୈଠକ

- ଗୋଟିଏ ଦଳ ପାଇଁ ଅନ୍ୟଟି ସରକାରଙ୍କ ପାଇଁ
- ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମ ବଦଳିବ
- ମୟୂରଭଞ୍ଜ ଜିଲା କମିଟି ପ୍ରସ୍ତାବକୁ ଗ୍ରହଣ କଲେ ନବୀନ
- ବୈଠକରେ ୧୮ ପ୍ରସ୍ତାବ ପାରିତ

ବିଜୁ ଜନତା ଦଳର ରାଜ୍ୟ ପରିଷଦ ସଦସ୍ୟମାନେ ପ୍ରତ୍ୟେକ ଦୁଇଟି ଲେଖାଏ ପ୍ରସ୍ତାବ ଦେବେ। ସେଥିରୁ ଦଳ ପାଇଁ ଗୋଟିଏ ଏବଂ ସରକାରଙ୍କ କାର୍ଯ୍ୟଧାରା ପାଇଁ ଆଉ ଗୋଟିଏ ପ୍ରସ୍ତାବ ଦେବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ବିଜୁ ଜନତା ଦଳର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ବିଜେଡି ରାଜ୍ୟ ପରିଷଦ ବୈଠକ ପ୍ରାରମ୍ଭିକ ପର୍ଯ୍ୟାୟରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ସଦସ୍ୟମାନେ ଦେଇଥିବା ପ୍ରସ୍ତାବକୁ ନିଜେ ଅନୁଧ୍ୟାନ କରିବେ। ଗଠନମୂଳକ ପ୍ରସ୍ତାବଗୁଡିକ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ମୟୂରଭଞ୍ଜ ଜିଲା କମିଟି ପକ୍ଷରୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସରକାର ସେହି ପ୍ରସ୍ତାବକୁ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲା କମିଟିଗୁଡିକ ଆଗକୁ ଆସି ପ୍ରସ୍ତାବ ଦିଅନ୍ତୁ। ରାଜ୍ୟ ସରକାର ଓ ଦଳ ସେହି ପ୍ରସ୍ତାବକୁ ଗୁରୁତର ସହ ବିଚାର କରିବ। ଏହାଛଡ଼ା ମନ୍ତ୍ରୀମାନେ ଜିଲା ଗସ୍ତ ସମୟରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସେମାନଙ୍କ ଗଠନମୂଳକ ପ୍ରସ୍ତାବ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ରାଜ୍ୟ ପରିଷଦର ପ୍ରଥମ ପର୍ଯ୍ୟାୟ ବୈଠକରେ ବିଜେଡି ଜିଲା କମିଟି ସଭାପତିମାନେ ସଂଗଠନକୁ କିପରି ତୃଣମୂଳ ସ୍ତରରୁ ଆହୁରି ମଜଭୁତ କରାଯାଇ ପାରିବ ଏବଂ ନୂତନ ମତଦାତାଙ୍କୁ କିପରି ଦଳ ସହ ଯୋଡ଼ାଯାଇ ପାରିବ, ସେ ନେଇ ପ୍ରସ୍ତାବ ଦେଇଥିଲେ। ସେହିପରି ଜନସାଧାରଣଙ୍କର ଦଳ ଉପରେ ଥିବା ବିଶ୍ୱାସକୁ କିପରି ଅତୁଟ ରଖାଯିବ, ସେ ନେଇ ଦଳୀୟ ନେତାମାନେ ବୈଠକରେ ମତାମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଦେଇଥିବା ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ବୈଠକରେ ଅନୁମୋଦନ କରାଯାଇଥିଲା। ରବିବାର ବିଜେଡି କାର୍ଯ୍ୟକାରିଣୀ ବୈଠକରେ ୯ଟି ସାଙ୍ଗଠନିକ ପ୍ରସ୍ତାବକୁ ଗୃହୀତ କରାଯାଇଥିବା ବେଳେ ରାଜ୍ୟ ପରିଷଦ ବୈଠକରେ ୧୮ ପ୍ରସ୍ତାବ ଅନୁମୋଦନ କରାଯାଇଛି।


ଗେଲ୍ ଗ୍ୟାସ୍ ଲିମିଟେଡ୍
(ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସମ୍ପୂର୍ଣ୍ଣ ମାଲିକାନାଧୀନ ଏକ ସହାୟକ କମ୍ପାନୀ)
ଡିଓଡିଓ ମଡେଲ ଓ ସମ୍ପୂର୍ଣ୍ଣ ଡିଓଡିଓ ମଡେଲରେ ସିଏନ୍‌ଜି ଗ୍ୟାସ୍ ଷ୍ଟେଶନ ସ୍ଥାପନ ଲାଗି ଇଓଆଇ
ଗେଲ୍ ଗ୍ୟାସ୍ ଲିମିଟେଡ୍ ଯାନବାହନ ପାଇଁ ଏକ ଜୈବ-ଅନୁକୂଳ ଇନ୍ଧନ କମ୍ପ୍ରେସ୍‌ଡ ନାଚୁରାଲ୍ ଗ୍ୟାସ୍ (ସିଏନ୍‌ଜି)ର ବିପଣନ ଓ ବିତରଣ ବ୍ୟବସାୟରେ ଜଡ଼ିତ ଏବଂ ଏହା ସାରା ଦେଶରେ ନିଜର ପ୍ରାଧିକୃତ ଭୌଗୋଳିକ ଅଞ୍ଚଳରେ ସିଏନ୍‌ଜି ଗ୍ୟାସ୍ ଷ୍ଟେଶନ ସ୍ଥାପନ ଲାଗି ଆଗ୍ରହୀ । ଏହାର ପ୍ରାଧିକୃତ ଅଞ୍ଚଳଗୁଡ଼ିକରେ ବିକ୍ରେତା ମାଲିକାନା ବିକ୍ରେତା ପରିଚାଳିତ (ଡିଓଡିଓ) ମଡେଲ ତଥା ସମ୍ପୂର୍ଣ୍ଣ ବିକ୍ରେତା ମାଲିକାନା ବିକ୍ରେତା ପରିଚାଳିତ (ସମ୍ପୂର୍ଣ୍ଣ ଡିଓଡିଓ) ମଡେଲରେ ସିଏନ୍‌ଜି ଷ୍ଟେଶନଗୁଡ଼ିକର ବିକାଶ କରିବାରେ ଇଚ୍ଛୁକ ବ୍ୟକ୍ତିବିଶେଷ/ପକ୍ଷମାନଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରାଯାଉଛି । ଭୌଗୋଳିକ ଅଞ୍ଚଳ, ଦରଖାସ୍ତ ଦାଖଲ, ନିୟମ ଓ ସର୍ତ୍ତାବଳୀ ସମ୍ବନ୍ଧୀୟ ସବିଶେଷ ସୂଚନା ସମେତ ଏ ସଂକ୍ରାନ୍ତରେ ପରବର୍ତ୍ତୀ ଅଧିସୂଚନା ପାଇଁ ଦୟାକରି ଆମର ୱେବ୍‌ସାଇଟ୍ https://gailgas.com/corporate/#/tenders-noticesରେ ଉପଲବ୍ଧ ସମ୍ପୃକ୍ତ ସୂଚନା ପୁସ୍ତିକା ଦେଖନ୍ତୁ ।
କର୍ପୋରେଟ୍ କାର୍ଯ୍ୟାଳୟ: ୩ୟ ମହଲା, ଇନ୍‌ଫୋହବ୍ ବିଲ୍‌ଡିଂ, ଗେଲ୍ ଜୁବିଲି ଟାୱାର୍, ପ୍ଲଟ୍ ନଂ. ବି-୩୫ ଓ ୩୬, ସେକ୍ଟର-୧, ନୋଏଡା-୨୦୧୩୦୧ (ଉତ୍ତରପ୍ରଦେଶ)
ପଞ୍ଜୀକୃତ କାର୍ଯ୍ୟାଳୟ: ୧୬, ଭିକାଜୀ କାମା ପ୍ଲେସ୍, ଆର୍.କେ. ପୁରମ୍, ନୂଆଦିଲ୍ଲୀ-୧୧୦୦୬୬
କର୍ପୋରେଟ୍ ପରିଚୟ ସଂଖ୍ୟା: U40200DL2008GOI178614
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର୍‌କୁ ନାକଚ କରିବାର ଅଧିକାର ଗେଲ୍ ଗ୍ୟାସ୍ ଲିଃ ନିକଟରେ ସଂରକ୍ଷିତ।



Government College (Auto), Angul
www.gaca.nic.in
Spot Admission Notice : 2020-21
Applicatins are invited for Admission against vacant seats in the following Self - financing (PPP) Course on or before 10.01.2021

| Course | Annual Fee | Eligibility |
|---|---|---|
| 5-Yr. I-MBA | Rs. 15,000/- | +2 or Eqv. with 40% in aggregate |
| 2-Yr. MBA (Lateral entry) | Rs. 50,000/- | +3 or Equivalent with 40% in aggregate |
| 2-Year M.Com. (Finance & Control) | Rs. 22,500/- | |

Scholarship: Available for eligible SC, ST, OBC & Minority category.
Last Date of Application Sale & Recept is 10.01.2021
PRINCIPAL
Phone: 06764-237370
I-MBA: 9853590609, MBA (LE): 9439494248, M.Com (F&C): 9040717438



ADMISSION NOTICE - 2020
DIRECTORATE OF DISTANCE & CONTINUING EDUCATION
D.D.C.E., UTKAL UNIVERSITY
BHUBANESWAR-751007
NAAC Accredited A+
Admn Advt-4
COURSES OFFERED
DISTANCE MODE
Management Courses
- Master of Business Administration (MBA)
- BBA / IMBA
- Post Graduate Diploma in Mgt. :
  - Human Resource
  - Marketing
  - Production & Operation
  - Finance
  - Tour & Travel
  - Agri Business
  - Ditetics & Nutrition
  - Public Policy
- P.G.Dip. in Banking & Insurance Mgt. (PGDBIM) (Morning , Face to Face Mode)
Graduate Courses
- BA (HONS.)
- B.COM. (HONS.)
Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi
Last Date of Admission : 31.12.2020
Last Date for submission the documents of all the pending cases : 08.01.2021
APPLY ONLINE (for all courses)
visit www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION & ADMISSION PROCESS AND IMPORTANT DATE LINES VISIT OUR WEBSITE ).
DIRECTOR

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ବ୍ରିଟେନ୍ ସୀମା...

ବୋରିସ୍ ଜନ୍‌ସନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ଅତି ଦ୍ରୁତ ଗତିରେ ବ୍ୟାପିଚାଲିଛି। ସେଥିପାଇଁ ସେଠାରେ ସମସ୍ତ ସ୍ଥାନୀୟ ଓ ଅନ୍ତର୍ଜାତୀୟ ଯାତାୟାତକୁ ନିଷିଦ୍ଧ କରାଯାଇଛି। ଲୋକଙ୍କୁ ଘରୁ ନ ବାହାରିବାକୁ ଏବଂ ଖ୍ରୀଷ୍ଟମାସରେ ଏକାଠି ନ ହେବାକୁ ପରାମର୍ଶ ଦିଆଯାଇଛି। ୱେଲ୍ସ ଓ ସ୍କଟଲାଣ୍ଡରେ ମଧ୍ୟ କଟକଣାକୁ କଡ଼ାକଡ଼ି କରାଯାଇଛି। ବାଣିଜ୍ୟ ଓ ପରିବହନ ଉପରେ କଟକଣା ଲାଗିଥିବାରୁ ଖ୍ରୀଷ୍ଟମାସରେ ବ୍ରିଟେନରେ ଖାଦ୍ୟ ସଙ୍କଟ ଦେଖାଦେବା ଆଶଙ୍କା ପ୍ରକାଶ ପାଇଛି। ବ୍ରିଟେନରେ କରୋନା ଭୂତାଣୁର ଦ୍ୱିତୀୟ ଓ ତୃତୀୟ ଲହର ଚାଲିଥିବାରୁ ଅନେକ ଦେଶ ସାମାଜିକ ଦୂରତ୍ୱ କଟକଣାକୁ ପୁଣିଥରେ କଡ଼ାକଡ଼ି କରିଛନ୍ତି। ଭୂତାଣୁର ନୂଆ ସଂସ୍କରଣ ସମ୍ପର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)କୁ ଜଣାଇଦିଆଯାଇଛି ଏବଂ ଉପଲବ୍ଧ ତଥ୍ୟ ଉପରେ ତର୍ଜମା ଚାଲିଛି ବୋଲି ଇଂଲଣ୍ଡର ମୁଖ୍ୟ ମେଡିକାଲ ଉପଦେଷ୍ଟା କ୍ରିସ୍ ହ୍ୱିଟି କହିଛନ୍ତି। ତେବେ ନୂଆ ଭୂତାଣୁ ବ୍ରିଟେନ୍ ବାହାରକୁ ଯାଇଛି କି ନାହିଁ ଜଣାପଡ଼ିନାହିଁ। ଏହି ଭୂତାଣୁ ଦ୍ରୁତଗତିରେ ସଂକ୍ରମିତ ହେଉଥିବାରୁ ବହୁସଂଖ୍ୟାରେ ଲୋକେ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏଭଳି ସମୟରେ ନୂଆ କଟକଣା ଲଗାଇବାର ଆବଶ୍ୟକତା ଥିବା ମୁଖ୍ୟ ବିଜ୍ଞାନ ଉପଦେଷ୍ଟା ପାଟ୍ରିକ୍ ଭାଲାନ୍ସ କହିଛନ୍ତି। ବ୍ରିଟେନକୁ ଇତିମଧ୍ୟରେ ଭାରତ ସମେତ ଜର୍ମାନୀ, ଇଟାଲୀ, ବେଲ୍‌ଜିୟମ, ଫ୍ରାନ୍ସ, ଡେନ୍‌ମାର୍କ, ବୁଲଗେରିଆ, ଆଇରିଶ୍ ରିପବ୍ଲିକ୍, ତୁର୍କୀ ଏବଂ କାନାଡା ବିମାନ ଚଳାଚଳ ବନ୍ଦ କରିସାରିଲେଣି। ହଂକଂ, ଇସ୍ରାଏଲ୍, ଇରାନ, କ୍ରୋଏସିଆ, ଆର୍ଜେଣ୍ଟିନା, ଚିଲି, ମରକୋ ଏବଂ କୁଏତ୍ ମଧ୍ୟ ବ୍ରିଟେନକୁ ଟ୍ରାଭେଲ କଟକଣା ଲଗାଇଛନ୍ତି। ବ୍ରିଟେନରେ ରବିବାର ୩୫,୯୨୮ ନୂଆ ସଂକ୍ରମଣ ସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦,୪୦,୧୪୭ରେ ପହଞ୍ଚିଛି। ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ୬୭,୪୦୧ରେ ପହଞ୍ଚିଲାଣି। ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ବ୍ରୁସେଲ୍ସଠାରେ ଏକ ବୈଠକରେ ମିଳିତ ପଦକ୍ଷେପ ସମ୍ପର୍କରେ ଆଲୋଚନା କରୁଛନ୍ତି। ଭୂତାଣୁର ଏହି ପରିବର୍ତ୍ତିତ ସଂସ୍କରଣ ପ୍ରଥମେ ଦକ୍ଷିଣପୂର୍ବ ଇଂଲଣ୍ଡରେ ସେପ୍ଟେମ୍ବର ମାସରେ ଚିହ୍ନଟ ହୋଇଥିଲା। କ୍ରମେ ଏହା ଦ୍ରୁତ ଗତିରେ ମାଡ଼ିଚାଲି ସମଗ୍ର ଲଣ୍ଡନ ଓ ବ୍ରିଟେନର ଅନ୍ୟ ଅଞ୍ଚଳକୁ ବ୍ୟାପିଗଲାଣି। ବ୍ରିଟେନ୍ ପ୍ରଥମ ରାଷ୍ଟ୍ର ଭାବେ ଫାଇଜର ଟିକାକୁ ବ୍ୟବହାର ପାଇଁ ଅନୁମତି ଦେଇଥିଲା। ସେଠାରେ ଟିକାକରଣ ଚାଲିଥିବାବେଳେ ଏହା ଟିକାର ପ୍ରତିରୋଧୀ ପ୍ରଭାବ ବୋଲି ସନ୍ଦେହ କରାଯାଉଥିବାବେଳେ ବିଶେଷଜ୍ଞମାନେ ଏହାକୁ ଖଣ୍ଡନ କରିଛନ୍ତି। ଏହା ଅଧିକ ବିପଜ୍ଜନକ କିମ୍ବା ଟିକାର ପ୍ରତିରୋଧୀ ଭଳି ଲାଗୁ ନ ଥିବା ସେମାନେ କହିଛନ୍ତି।

## ୧୪୦୭ ପଏଣ୍ଟ...

ନିମ୍ନରେ ରହି ୪୫,୫୫୪ ପଏଣ୍ଟ ସ୍ତରକୁ ଖସିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି ୪୩୨ ପଏଣ୍ଟ (୩.୧୪%) ଖସିବା ଯୋଗୁ ୧୩,୩୨୮ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଓଏନ୍‌ଜିସି, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏସ୍‌ବିଆଇ, ଏନ୍‌ଟିପିସି, ଆଇଟିସି, ଆକ୍ସିସ ବ୍ୟାଙ୍କ ଏବଂ ପାୱାର ଗ୍ରୀଡ୍ ଭଳି କମ୍ପାନୀର ଷ୍ଟକ୍ ପ୍ରାୟ ୯.୫% ଖସିଛି। ସେହିଭଳି ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ଶେୟାର କାରବାର ନିମ୍ନରେ ରହିଛି। ବ୍ରିଟେନରେ ଭାଇରସ୍ ପ୍ରଭାବ ବଢ଼ିବାରୁ ଏହା ନିବେଶକଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି। ସେହିଭଳି ଆମେରିକା ବଜାରରେ ଆର୍ଥିକ ଚାପ ରହିଥିବାରୁ ଏହା ନିବେଶ ଉପରେ ପ୍ରଭାବ ପକାଇଥିବା ଶେୟାର ବଜାର ବିଶେଷଜ୍ଞ କହିଛନ୍ତି। ଇଂଲଣ୍ଡକୁ ଯାତ୍ରା ଉପରେ ଏବେ ବ୍ୟାନ୍ ଲାଗିଛି। ଏହି ଖବର ଆସିବା ପରେ ୟୁରୋପ ଶେୟାର ବଜାର କାରବାର ପ୍ରଭାବିତ ହୋଇଛି। ଲଣ୍ଡନର ଏଫ୍‌ଟିଏସ୍‌ଇ ୨.୧% କମିଥିବା ବେଳେ ଜର୍ମାନୀର ଡିଏଏକ୍ସ ୨.୩%, ୟୁରୋପର ଷ୍ଟକ୍‌ଏକ୍ସଚେଞ୍ଜ ୨.୩%, ଜାପାନର ନିକେଇ ୦.୪୦% ଏବଂ ଆମେରିକା ଶେୟାର ବଜାର ୦.୬୦% ନିମ୍ନରେ ରହିଥିବା ଜଣାପଡ଼ିଛି।

## ଶୀତରେ ଥରୁଛି...

ଏଥିଯୋଗୁ ଆସନ୍ତା ୨୫ ତାରିଖ ଯାଏ ରାଜ୍ୟରେ ପ୍ରଚଣ୍ଡ ଶୀତ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ଅନୁଗୋଳ, ଝାରସୁଗୁଡା ଏବଂ ସୁନ୍ଦରଗଡରେ ଶୀତଲହରୀ ବହିବ। ସେହିପରି ଦେବଗଡ, ନୂଆପଡା, ଢେଙ୍କାନାଳ, କୋରାପୁଟ, କନ୍ଧମାଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର, କଟକ, କଳାହାଣ୍ଡି ଏବଂ ବରଗଡ ଜିଲାର କେତେକ ସ୍ଥାନରେ ମଧ୍ୟ ଥଣ୍ଡା ପ୍ରବାହ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ରାତ୍ରିରେ ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷା କରିବାକୁ ଘରେ ରଖିବାକୁ ପରାମର୍ଶ ଦିଆଯାଇଛି। ରାତ୍ରିରେ ଦୁଇ ଚକିଆ ଯାନରେ ଯାତାୟାତ କରିବାକୁ ବାରଣ କରାଯାଇଛି। ଦାରିଙ୍ଗବାଡ଼ି ଅଞ୍ଚଳରେ ଏବର୍ଷର ପ୍ରଥମ ଥର ପାଇଁ ତୁଷାର ପଡ଼ିଥିବା ଦେଖିବାକୁ ମିଳିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ସୋମବାର ୧୨ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସି ଯାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡା ୫.୮, ଦାରିଙ୍ଗୀବାଡି ୬, ଅନୁଗୋଳ ୬.୬, କୋରାପୁଟ ୭, ବାରିପଦା ୭.୬, ଭବାନୀପାଟଣା ୭.୮, ବଲାଙ୍ଗୀର ୮.୮, ବୌଦ୍ଧ ୯, ସୋନପୁର ୯.୪, ସମ୍ବଲପୁର ୧୦.୮, ହୀରାକୁଦ ୧୦.୬, ତାଳଚେର ୧୦.୪, ବାଲେଶ୍ୱର ୧୧.୭, ଚାନ୍ଦବାଲି ୧୧.୨, କଟକ ୧୧, ମାଲକାନଗିରି ୧୧ ଏବଂ ନୟାଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୧.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଦୁର୍ନୀତି ବିନାଶର...

ହିଁ ଆମ ପାଇଁ ସାରା ଭାରତରେ ସୁନାମ ଆଣିଦେଇଛି। ଦୁର୍ନୀତି ମାମଲା ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବା ହେଉ କିମ୍ବା ଦୁର୍ନୀତିରେ ସମ୍ପୃକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି ବିଷୟ ହେଉ ଏ ସବୁଥିରେ ଓଡ଼ିଶା ହିଁ ସବୁଠାରୁ ଆଗରେ ରହିଛି। ସମ୍ପତ୍ତି ତାଲିକାକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲେ ଜନସାଧାରଣ ଏହାକୁ ଦେଖିପାରିବେ। ଦଳର ଏମ୍‌ପିମାନେ ସ୍ୱେଚ୍ଛାକୃତ ଭାବେ ସମ୍ପତ୍ତି ତାଲିକା ଦେଇ ଦେଶରେ ଉଦାହରଣ ସୃଷ୍ଟି କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଶକ୍ତିଶାଳୀ ଲୋକାୟୁକ୍ତ ଗଠନ କ୍ଷେତ୍ରରେ ଓଡ଼ିଶା ଅଳ୍ପ କେତେକ ରାଜ୍ୟ ମଧ୍ୟରୁ ଅନ୍ୟତମ। ଦୁର୍ନୀତି କରୁଥିବା କର୍ମଚାରୀ ଯେତେ ଉଚ୍ଚ ପଦବୀରେ ଥାଆନ୍ତୁ ନା କାହିଁକି ସେମାନଙ୍କ ବିରୋଧରେ ସରକାର ସର୍ବଦା ଦୃଢ଼ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଅନେକ କ୍ଷେତ୍ରରେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଉଛି। ଗତ ବର୍ଷକ ମଧ୍ୟରେ ୯୧ଜଣ ଦୁର୍ନୀତିରେ ଲିପ୍ତ ଅଫିସରଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି। ସେମାନଙ୍କ ପେନ୍‌ସନ ମଧ୍ୟ ବନ୍ଦ କରାଯାଇଛି। ଆଗକୁ ଏ ଲଢ଼େଇ ଆହୁରି ଜୋର୍‌ଦାର ଜୋରଦାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ଟଲିସ୍‌ମ୍ୟାନ ସମ୍ପର୍କରେ ଉଦ୍ଧୃତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଯେତେବେଳେ ନିଜ ଉପରେ ସନ୍ଦେହ ସୃଷ୍ଟି ହେବ କିମ୍ବା ନିଜେ ନିଜକୁ ବହୁତ ବଡ଼ ଭାବିବା ସେତେବେଳେ ନିଜ ଚତୁଃପାର୍ଶ୍ୱରେ ଥିବା ଗରିବ, ଦୁର୍ବଳ ଶ୍ରେଣୀର ଲୋକଙ୍କ କଥାକୁ ମନେ ପକାଇବା ଦରକାର। ଯେଉଁ ପଦକ୍ଷେପ ନେଇଛ ତାହା ସେମାନଙ୍କ କାମରେ ଲାଗି ପାରୁଛି କି ନାହିଁ ନିଜକୁ ପଚାରିବା ଦରକାର।' ସାଧାରଣ ଲୋକଙ୍କ ମୁହଁରେ ହସ ଓ ମନରେ ବିଶ୍ୱାସ ଗୋଟିଏ ରାଜନୈତିକ ଦଳର ସବୁଠାରୁ ବଡ଼ ସମ୍ପତ୍ତି। ତାହାକୁ ବଜାୟ ରଖିବା ପାଇଁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି। ବିଜୁବାବୁଙ୍କ ଆଦର୍ଶରେ ଚାଲିଥିବା ବିଜୁ ଜନତା ଦଳର ରାଜ୍ୟ ପରିଷଦ ବୈଠକରେ ଦଳର ସଦସ୍ୟମାନେ ବହୁତ ଭଲ ପ୍ରସ୍ତାବ ଦେଇଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେବା ସହ ଅନେକ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ସରକାରୀ ସ୍କୁଲରେ ପାଠ ପଢୁଥିବା ପିଲାଙ୍କ ପାଇଁ ମେଡିକାଲ କଲେଜ ଓ ଇଞ୍ଜିନିୟରିଂ କଲେଜରେ ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ଦଳୀୟ କର୍ମକର୍ତ୍ତାମାନେ ପଛୁଆବର୍ଗ ସର୍ଭେ କରିବାକୁ ପ୍ରସ୍ତାବ ଦେଇଛନ୍ତି। ସାମାଜିକ ନ୍ୟାୟ ଦିଗରେ ଏହା ମାଇଲଷ୍ଟୋନ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ନବୀନ କହିଛନ୍ତି ଯେ, ମହିଳା ସଶକ୍ତୀକରଣ ମୋର ସବୁଠାରୁ ପ୍ରିୟ ବିଷୟ। ଏ ସମ୍ପର୍କରେ ଆସିଥିବା ପ୍ରସ୍ତାବକୁ କେତେକ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଦରକାର। ସେଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ପଠାଯିବ। ସଂଗଠନ ସମ୍ପାଦକ ସେଗୁଡ଼ିକୁ କୋଅର୍ଡିନେଟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦର୍ଶନ ପାଇଁ ଟୋକନ,...

ପରିବାରର ସଦସ୍ୟ ଦର୍ଶନ କରିବେ। ବଡ଼ଦେଉଳର ଯେକୌଣସି ଦ୍ୱାର ଦେଇ ଏମାନେ ମନ୍ଦିର ଭିତରକୁ ଯାଇପାରିବେ। ସାଥିରେ ସେବାୟତ ପରିବାର ସଦସ୍ୟମାନେ ନିଜ ସ୍ୱାସ୍ଥ୍ୟବୀମା କାର୍ଡ, ଆଧାର କାର୍ଡ କିମ୍ବା ଭୋଟର ପରିଚୟପତ୍ର ଆଣିବେ। ଚାରିଦ୍ୱାରରେ ମୁତୟନ ଥିବା ଶ୍ରୀମନ୍ଦିର ପୋଲିସ ଓ ପୁରୀ ପୋଲିସ ସମସ୍ତଙ୍କ ପରିଚୟପତ୍ର ଯାଞ୍ଚ କରି ମନ୍ଦିର ଭିତରକୁ ଛାଡ଼ିବେ। ସେବାୟତ ପରିବାରଙ୍କ ଦର୍ଶନ ସରିଲେ ଅର୍ଥାତ୍ ୨୬ରୁ ୩୧ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କ ଦର୍ଶନ ଆରମ୍ଭ ହେବ। ଏସ୍‌ଓପି ଆସିବା ପୂର୍ବରୁ କୁହାଯାଇଥିଲା ଯେ, ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ଜଗନ୍ନାଥବଲ୍ଲଭ କାଉଣ୍ଟରରେ ପହଞ୍ଚି ଜିଲା ପ୍ରଶାସନ କରିଥିବା ଟୋକନ୍ ଆଣିବାକୁ ପଡ଼ିବ। ମାତ୍ର ସୋମବାର ଜିଲାପାଳ କହିଛନ୍ତି, ଟୋକନ୍ ପାଇଁ ଜଗନ୍ନାଥବଲ୍ଲଭ ଆସିବା ଉପରେ ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ମାତ୍ର ଏବେ ପୌରାଞ୍ଚଳର କର୍ମଚାରୀମାନେ ହିଁ ପ୍ରତି ଘରେ ପହଞ୍ଚି ଟୋକନ୍ ଯୋଗାଇବେ। ଗୋଟିଏ ୱାର୍ଡର ଲୋକଙ୍କୁ ପାଖାପାଖି ୪ଘଣ୍ଟା ଦର୍ଶନ ସମୟ ଦିଆଯିବ। କେଉଁ ୱାର୍ଡ କେଉଁ ଦିନ ଓ କେତେବେଳେ ଦର୍ଶନ କରିବେ ସେନେଇ ଜିଲା ପ୍ରଶାସନ ଏକ ତାଲିକା ପ୍ରସ୍ତୁତ କରିଛି। ମଙ୍ଗଳବାର ଏହି ତାଲିକା ପ୍ରକାଶ କରାଯିବ। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ କିମ୍ବା ପୌରସଂସ୍ଥାର କର୍ମଚାରୀମାନେ ପ୍ରତି ୱାର୍ଡରେ ସାହି ଅନୁଯାୟୀ ପରିବାରର ମୁଖ୍ୟଙ୍କୁ ଟୋକନ୍ ବାଣ୍ଟିବେ। ସ୍ଥାନୀୟ ଲୋକେ ସାଙ୍ଗରେ ଟୋକନ୍ ଓ ପରିଚୟପତ୍ର ଧରି ଆସିବେ। ଏହାକୁ ଦେଖାଇଲେ ହିଁ ଦର୍ଶନ ଲାଗି ଅନୁମତି ମିଳିବ। ପୁରୀବାସୀଙ୍କ ଲାଗି ଜଗନ୍ନାଥ ବଲ୍ଲଭରେ ମାଗଣା ବାଇକ୍ ପାର୍କିଂ ବ୍ୟବସ୍ଥା କରାଯାଇଛି। ମାର୍କେଟ ଛକଠାରୁ ଶ୍ରୀମନ୍ଦିର ମୁଖ୍ୟ ବ୍ୟାରିକେଡ୍ ପର୍ଯ୍ୟନ୍ତ ବ୍ୟାରିକେଡ୍ ନିର୍ମାଣ ସରିଛି। ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁ ପ୍ରବେଶ କରିବା ପରେ ମୁଖ୍ୟ ବ୍ୟାରିକେଡ୍ ପର୍ଯ୍ୟନ୍ତ ଚାଲି ଚାଲି ଯିବାକୁ ପଡ଼ିବ। ଏହି ସମୟରେ କରିଡର ପାଖରେ ସ୍ୱେଚ୍ଛାସେବୀ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିବେ। ଜରୁରିକାଳୀନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଏମାନେ ସଜାଗ ରହିବେ। କରିଡର ମଧ୍ୟରେ ପାନୀୟଜଳର ବ୍ୟବସ୍ଥା ରହିବ। ମୁଖ୍ୟ ବ୍ୟାରିକେଡ୍‌ରେ ପହଞ୍ଚିବା ପରେ ସେଠାରେ ମୋବାଇଲ ଫୋନ୍ ଓ ଜୋତା ରଖିବାର ବ୍ୟବସ୍ଥା ହୋଇଛି। ଏଥିଲାଗି ୮ରୁ ୧୦ଟି କାଉଣ୍ଟର କରାଯାଇଛି। କାଉଣ୍ଟରରେ ଟୋକନ ଦାଖଲ ପରେ ପରିଚୟପତ୍ର ଯାଞ୍ଚ କରାଯିବା ସହ ଫଟୋ ଉଠାଯିବ। ଦର୍ଶନ ପାଇଁ ଆସିଥିବା ସ୍ଥାନୀୟ ଲୋକଙ୍କ ତଥ୍ୟ ପଞ୍ଜୀକରଣ ନିମନ୍ତେ ଜିଲା ପ୍ରଶାସନ ଏଭଳି କରୁଥିବା ଜିଲାପାଳ କହିଛନ୍ତି। ସ୍ଥାନୀୟ ଲୋକେ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଓ ଉତ୍ତର ଦ୍ୱାର ଦେଇ ବାହାରିବେ। ସମ୍ପୂର୍ଣ୍ଣ ଦର୍ଶନ ପ୍ରକ୍ରିୟାକୁ କୋଭିଡ୍ କଟକଣା ମଧ୍ୟରେ କରାଯିବ। ଯାହା ଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିବନି। ମାସ୍କ ଓ ସାନିଟାଇଜର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ସାମାଜିକ ଦୂରତ୍ୱ ଉପରେ କଡ଼ା ନଜର ରଖାଯିବ। ସେହିଭଳି ରାଜ୍ୟ ସରକାରଙ୍କ କୋଭିଡ୍ ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ଜିଲା ପ୍ରଶାସନ ପରାମର୍ଶ ଦେଇଛି। ଜ୍ୱର, ଥଣ୍ଡା ଓ କୌଣସି କରୋନାଜନିତ ଲକ୍ଷଣ ଦେଖାଗଲେ ଦର୍ଶନ ପାଇଁ ଆସିବାକୁ ମନା କରାଯାଇଛି। ଶିଶୁ, ଗର୍ଭବତୀ, ୬୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ସମ୍ବେଦନଶୀଳ ରୋଗରେ ଆକ୍ରାନ୍ତ ରୋଗୀ ଦର୍ଶନ ପାଇଁ ନ ଆସିବାକୁ କୁହାଯାଇଛି। କଟକଣା ମଧ୍ୟରେ ଦର୍ଶନ ହେବ। କୋଭିଡ୍ କଟକଣା ନ ମାନିଲେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଜରିମାନା ଦେବା ସହ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିବ। କେବଳ ୩୧ ତାରିଖରେ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ ଚାଲିବ। ଅନ୍ୟ ଦିନଗୁଡ଼ିକରେ ପୂର୍ବାହ୍ନ ୭.୩୦ରୁ ରାତ୍ର ପହୁଡ଼ ପର୍ଯ୍ୟନ୍ତ ଦର୍ଶନ ସୁଯୋଗ ମିଳିପାରିବ। ଆସନ୍ତା ଜାନୁୟାରୀ ୩ରୁ ସାର୍ବଜନୀନ ଦର୍ଶନକୁ ଅନୁମତି ମିଳିବ। ଏହି ସମୟରେ ସମସ୍ତ ଶ୍ରଦ୍ଧାଳୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ସାଙ୍ଗରେ ଆଣିବେ। ସାଧାରଣ ଦର୍ଶନ ବ୍ୟବସ୍ଥାରେ ସ୍ଥାନୀୟ ଲୋକଙ୍କୁ ମଧ୍ୟ ନିର୍ଦ୍ଧାରିତ ସମୟ ଅର୍ଥାତ୍ ସକାଳେ ଓ ସନ୍ଧ୍ୟାରେ ୧ଘଣ୍ଟା ଲେଖାଏ ଦର୍ଶନ ସୁଯୋଗ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏସ୍‌ଓପି ସଂକ୍ରାନ୍ତ ଉକ୍ତ ବୈଠକରେ ଜିଲାପାଳଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, ଉପଜିଲାପାଳ ଭବତାରଣ ସାହୁ, ପୌରାଞ୍ଚଳ ଅଧିକାରୀ ଓ ମନ୍ଦିର କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

## ପରଲୋକରେ...

ସମାଜବାଦୀ ପାର୍ଟି ଓ ପରେ ୧୯୭୦ରେ ପ୍ରଭାତ ତିୱାରୀ ଏବଂ ପଣ୍ଡିତ କିଶୋରୀ ଲାଲ ଶୁକ୍ଳଙ୍କ ସହଯୋଗରେ ସେ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୭୨ରେ ମଧ୍ୟପ୍ରଦେଶରେ କଂଗ୍ରେସ ବିଧାୟକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୮୩ରେ ଭୋରାଙ୍କୁ ଇନ୍ଦିରା ଗାନ୍ଧୀ ସରକାରରେ କ୍ୟାବିନେଟ ମନ୍ତ୍ରୀ କରାଯାଇଥିଲା। ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ଭୋରା ୧୯୮୫ରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଜୀବ ଗାନ୍ଧୀଙ୍କ ସରକାରରେ ମଧ୍ୟ ତାଙ୍କ ଯୋଗଦାନ ଥିଲା। ୧୯୮୮ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହେବାପରେ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଥିଲା। ୧୯୯୩ରେ ମୋତିଲାଲ ଉତ୍ତରପ୍ରଦେଶର ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ। ଭୋରାଙ୍କ ପୁଅ ଅରୁଣ ଭୋରା ମଧ୍ୟ ରାଜନୀତିରେ ଅଛନ୍ତି ଏବଂ ଛତିଶଗଡରୁ ୩ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବ୍ରାହ୍ମଣ ରଜା, ଖଣ୍ଟ ପରଜା**
**ଡହ ଡହ ଆମ୍ବିଳ ଶୀତଳ ଭଜା**
**ଯୁବ ନାରୀ ହେଲେ କାନ୍ଥ ଆଡଜା**
**ଏଥିରେ ନ ଥାଏ ମଜା।**

ବ୍ରାହ୍ମଣ ରାଜ୍ୟର ଶାସନଭାର ତୁଲାଇବାରେ ସେତେ ସକ୍ଷମ ହୋଇ ନ ଥାନ୍ତି, ଫଳରେ ଦେଶରେ ନାନା ଅରାଜକତା ଦେଖାଦିଏ। ପ୍ରଜା ଚୋର ବା ଖଣ୍ଟ ହେଲେ ନାନା ବିଶୃଙ୍ଖଳା ସୃଷ୍ଟି ହେବା ସହ ଲୋକଙ୍କ ଧନ ଜୀବନ ଅସୁରକ୍ଷିତ ହୋଇଯାଏ। ଗରମ ଆମ୍ବିଳ ଖାଇବାକୁ ଭଲ ଲାଗି ନ ଥାଏ, ଭଜା ଶୀତଳ ହେଲେ ପାଟିକୁ ରୁଚି ନ ଥାଏ। ସେହିପରି ଯୁବା ନାରୀ ଖାଲିଟାରେ ଘରେ ବସି ରହିବା ଆଖିକୁ ସୁନ୍ଦର ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାଆ ଖୋଜୁଥାଇ ବରଷା**
**ମନ ଖୋଜୁଥାଏ ଯାହାକୁ ଯେତେ**
**ପାଏ ନାହିଁ ତା' ଭରସା।**

ବାଆର କେବଳ ବର୍ଷାକୁ ପ୍ରତୀକ୍ଷା ମନ ଭିତରେ କିନ୍ତୁ ଅସରନ୍ତି ଆଶାର ଭଣ୍ଡାର। ମଣିଷର ସବୁ ଆଶା ବା ଇଚ୍ଛା ସବୁବେଳେ ସବୁ ସମୟରେ ପୂର୍ଣ୍ଣ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଅଶ୍ୱିନୀ ନକ୍ଷତ୍ର ଗତକାଲି ଯେଉଁଥି ପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ମିଳିବ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଭାଙ୍ଗି ପଡ଼ିଥିବା ପାରିବାରିକ ସମ୍ପର୍କ ଯୋଡ଼ି ହୋଇଯିବ। ପରିସ୍ଥିତିକୁ ସରଳ କରିବା ମନସାରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିନେବେ।

**ବୃଷ**

ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ସାମୟିକ ଦୁର୍ବଳତା କାର୍ଯ୍ୟ କ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରି ପଦସ୍ଥ ବ୍ୟକ୍ତିବିଶେଷ ଖୁସି ହୋଇପାରନ୍ତି। ରୋହିଣୀ ନକ୍ଷତ୍ର ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ପାଇବେ। ଦୂରଯାତ୍ରା, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ।

**ମିଥୁନ**

କର୍ମକ୍ଷେତ୍ରରେ କାର୍ଯ୍ୟଚାପ ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ବନ୍ଧୁବର୍ଗଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ମୃଗଶିରା ନକ୍ଷତ୍ରର ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ବନ୍ଧୁଙ୍କ ସହ ଆପୋଷ ଆଲୋଚନାରେ ସମ୍ପର୍କ ପୁନଃ ପ୍ରତିଷ୍ଠିତ ହୋଇପାରେ।

**କର୍କଟ**

ଆଜି ସକାଳୁ ଅଫିସ୍‌ରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ପ୍ରତିଶ୍ରୁତି ଦେଇ ଶେଷ ସମୟରେ ବନ୍ଧୁଟି ଅବିଶ୍ୱାସୀ କାମ କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ ପାଇଁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡିବ। ମିଥ୍ୟା ଅଭିଯୋଗକୁ ବୁଝି ନ ପାରି ନିଜ ଲୋକମାନଙ୍କ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ**

ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। ଅପରାହ୍ନରେ ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ପାଇପାରେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ। ମଘା ନକ୍ଷତ୍ର ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବେ।

**କନ୍ୟା**

ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଛୋଟ ଘଟଣାଗୁଡିକ ଯୋଗୁ ଅଶାନ୍ତ ଅନୁଭବ କରିବେ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ କ୍ରୟ କରିବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ହସ୍ତା ନକ୍ଷତ୍ର କୌଶଳରେ କାମ ହାସଲ କରି ଖୁସି ରହିବେ।

**ତୁଳା**

ପରିବାରର ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ସ୍ୱାତୀ ନକ୍ଷତ୍ର ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା**

କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ, କିନ୍ତୁ ସହଯୋଗ ପାଇବେ ନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅନୁରାଧା ନକ୍ଷତ୍ର କେତେକ ନୂତନ କାମର ପରିକଳ୍ପନା କରିବେ।

**ଧନୁ**

ଆଜିର କର୍ମକ୍ଷେତ୍ରରେ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା, ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ମକର**

ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁଁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଉତ୍ତରାଷାଢା ନକ୍ଷତ୍ରର ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବାର ଆଶା କରାଯାଇପାରେ।

**କୁମ୍ଭ**

ବନ୍ଧୁମାନଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ଠିକ୍‌ଠାକ୍ ହୋଇଯିବ। କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିବ। ଧନିଷ୍ଠା ନକ୍ଷତ୍ରର ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁଁ ବିଚଳିତ ବୋଧ କରିପାରନ୍ତି।

**ମୀନ**

ଯେ କୌଣସି କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ରେବତୀ ନକ୍ଷତ୍ରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ଉଦାସ ରହିବେ। ଯାତ୍ରା ସମୟରେ ଅନ୍ୟମନସ୍କତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅର୍ଥଲାଭ ସହ କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ମାର୍ଗଶିର ଶୁକ୍ଳ ଅଷ୍ଟମୀ ମଙ୍ଗଳବାର, ଡିସେମ୍ବର ୨୨ ତାରିଖ, ବିଶ୍ୱଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬.୨୧ମି. ଗତେ ଘ.୦୭.୦୪ମି. ମଧ୍ୟେ, ଘ.୦୭.୪୭ମି. ଗତେ ଘ.୧୧.୨୩ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୦୯ମି. ଗତେ ଘ.୦୭.୪୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୨.୨୭ମି. ଗତେ ଘ.୦୩.୪୮ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302




**SALE**

**Expression of interest is invited from reputed company to develop about 15,000sqft. of land on jv at prime location (SCS College road) in Puri. Contact: 9371076688.** D-70065

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

**Book a 3BHK flat near Sum Hospital. Contact: 8114860043.** D-67772

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar ସମ୍ମୁଖରେ ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ immediate ଗୃହ ନିର୍ମାଣ କରନ୍ତୁ। 9124321519.** D-70129

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

ସୁନ୍ଦରପଦାରେ ୨୦୦୦ବର୍ଗ ଫୁଟକୁ ୧୯,୫୦,୦୦୦/- ପ୍ଲଟ୍ କିଣି ଆଜି ଘର କରନ୍ତୁ। Xavier, OEC ନିକଟରେ ୫,୫୦,୦୦୦/- ଦିଆଯାଉଛି। 9938016295. D-70127

**Immediate construction with ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868.** D-70126

**Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202.** D-70128

**100ଫୁଟିଆ ପିଚୁରୋଡ୍‌କୁ ଲାଗି ବାରଙ୍ଗ ପାଖରେ commercial ୯ ଗୁଣ୍ଠ ଜାଗା ତୁରନ୍ତ ବିକ୍ରିହେବ। ଗୁଣ୍ଠ-୬,୫୦,୦୦୦/- direct Owner. 9437033320.** D-70124

**ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/registration. 9937819395.** D-70125

**Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952.** D-70132

**PURCHASE**

Land requires for plotting project in around Bhubaneswar, 9937816565, 9937568585. D-70123

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**One room with Toilet & Balcony in Deepak Nursing Home, Saheed Nagar, Bhubaneswar for bachelor accommodation, for boys & girls Contact: Dr. (Capt.) R.S. Agrawala. Tel- 9338247620, 9437096720.** D-19289




Get refreshment body massage by expert therapist contact for 7205084157. D-70058

Swarna SPA newly open positively health benefits with expert therapist. 9556978408. D-70059

Refreshing your mind & body with best therapy at Lotus Spa. 8018234866 D-69595

Rejuvenate and Ayurvedic full body massage by smart therapist. 9348123330. D-70060

Revitalize your self with our ayurvedic massage and refreshment, Call: 7381239385. D-70063

Experience full body massage with expert therapists. Call: 7377048581. D-70064

Newly open full body massage ladies and gents. 9337349409. D-69596

**AFFIDAVIT**

Before Notary Public, Berhampur, GM, I, Jyotisankar Panda, S/o- Pramoda Kumar Panda, Jyoti Nagar, 7th Lane Berhampur, P/s- B.N.pur wrongly mentioned in my passport as Jyoti Shankar Panda. But both Jyoti Sankar Panda and Jyoti Shankar Panda one and same person. Therefore I shall be known as Jyoti Sankar Panda (As per my Aadhaar) for all purposes. D-66653


**ଜନ୍ମଦିନ ଶୁଭେଚ୍ଛା**




**ଆଶୁ (ସିଦ୍ଧାର୍ଥ)**
ରୋଡ୍ ନଂ.-୩, ୟୁନିଟ୍-୯, ଭୁବନେଶ୍ୱର
ଆଜି ୨୨।୧୨।୨୦୨୦ ମଙ୍ଗଳବାର ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ଚରଣ ତଳେ ଆମ୍ଭମାନଙ୍କର ଏତିକି ଗୁହାରି ତୋତେ ପଣତ ତଳେ ମା' ଘଣ୍ଟ ଘୋଡେଇ ରଖନ୍ତୁ। ନୀରୋଗ ରଖନ୍ତୁ, ବହୁତ ବିଦ୍ୟା ଦିଅନ୍ତୁ, ଭଲ ମଣିଷଟିଏ କରନ୍ତୁ ଓ ତୋର ଚଲାପଥରେ ସର୍ବଦା ସାହା ଭରସା ହୁଅନ୍ତୁ।
**-:ଆଶୀର୍ବାଦ ସହ:-**
ହେ ଅଜା, ଆଇ, ବାବା, ମାମା, ମାଉସୀ, ମାମା, ବାପା, ଗୁଡୁଲି ଦିଦି।
ଧ-୧୯୨୮୧

**ରାଜ୍ୟର ପ୍ରଥମ ବିଦ୍ୟୁତ୍ ପ୍ରିପେଡ୍ ସ୍ମାର୍ଟ ମିଟର ସେବା ଆରମ୍ଭ**

**ପାରାଦୀପ(ସ୍ୱ.ପ୍ର.):** ରାଜ୍ୟର ପ୍ରଥମ ବିଦ୍ୟୁତ୍ ପ୍ରିପେଡ୍ ସ୍ମାର୍ଟ ମିଟର ସେବା ସୋମବାର ପାରାଦୀପ ବନ୍ଦରରେ ଆରମ୍ଭ ହୋଇଛି। ବନ୍ଦର ପକ୍ଷରୁ ଆରମ୍ଭ ହୋଇଥିବା ଏହି ସେବାକୁ ସ୍ଥାନୀୟ ବଡ଼ପଡ଼ିଆସ୍ଥିତ ବିପିସିଏଲ୍ ତେଲଟାଙ୍କିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ, ଏଭଳି ବ୍ୟବସ୍ଥା ଦ୍ୱାରା ଉପଭୋକ୍ତା ଓ ବିଦ୍ୟୁତ୍ ବିଭାଗର କାମ ସହଜ ହେବ।ମୋବାଇଲ ଜରିଆରେ ଦେୟ ଦେବା ଏବଂ କେତେ ୟୁନିଟ ବ୍ୟବହାର ହୋଇଛି ସବୁ ଜାଣିହେବ। ପୂର୍ବରୁ ଯେଉଁ ପୁରୁଣା ବ୍ୟବସ୍ଥା (ମିଟର ରିଡ଼ିଂ ନେବା, ପେମେଣ୍ଟ ଦେବା)ଥିଲା ସେସବୁ ଆଉ ରହିବ ନାହିଁ।

## ଆଇଏଫ୍ଏସ୍ ସ୍ତରରେ ଅଦଳବଦଳ

**ସୁଶାନ୍ତ ନନ୍ଦ ହେଲେ ପରିବେଶ ବିଭାଗ ନିର୍ଦ୍ଦେଶକ**

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ):** ରାଜ୍ୟରେ ଆଇଏଫ୍ଏସ୍ ସ୍ତରରେ ଅଦଳ ବଦଳ ହୋଇଛି। ଏ ନେଇ ସୋମବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ସିଇଓ ସୁଶାନ୍ତ ନନ୍ଦଙ୍କୁ ପରିବେଶ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହିତ ସେ ସିଡିଏର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି କଟକ ସିସିଏଫ୍(କେନ୍ଦୁଲିଫ୍) ଅରୁଣ କୁମାର ସ୍ୱାଇଁଙ୍କୁ ଓଏଫ୍‌ଡିସି ନିର୍ଦ୍ଦେଶକ(କମର୍ସିଆଲ) ଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ସାତକୋଶିଆ(ବନ୍ୟପ୍ରାଣୀ) ଡିଏଫ୍ଓ ରାମାସ୍ୱାମୀ ପି.ଙ୍କୁ ପୁରୀ(ବନ୍ୟପ୍ରାଣୀ) ଡିଏଫ୍ଓ, ଭଦ୍ରକ (ବନ୍ୟପ୍ରାଣୀ) ଡିଏଫ୍ଓ ପୂର୍ଣ୍ଣିମା ପି.ଙ୍କୁ ଖୋର୍ଦ୍ଧା ଡିଏଫ୍ଓ, ଅନୁଗୋଳ ଡିଏଫ୍ଓ ରବି ମିନାଙ୍କୁ ସାତକୋଶିଆ(ବନ୍ୟପ୍ରାଣୀ) ଡିଏଫ୍ଓ, ବାରିପଦା ଡିଏଫ୍ଓ ଯାଦବ ସୁଦର୍ଶନ ଗୋପୀନାଥଙ୍କୁ ଆଠଗଡ଼ ଡିଏଫ୍ଓ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଆଠଗଡ଼ ଡିଏଫ୍ଓ ସସ୍ମିତା ଲେଙ୍କା(ଓଏଫ୍ଏସ୍)ଙ୍କୁ ଭୁବନେଶ୍ୱର ପିସିସିଏଫ୍ କାର୍ଯ୍ୟାଳୟରେ ଡିସିଏଫ୍ ଭାବେ ଦାୟିତ୍ୱ ଦିଆଯାଇଛି।

# ଏଟିଏମ୍ ଲୁଟ୍ ପଛରେ ଇଞ୍ଜିନିୟରିଂ ମୁଣ୍ଡ

**ଢେଙ୍କାନାଳ ଅଫିସ, ୨୧।୧୨**

ବାଲେଶ୍ୱରରେ ବ୍ଲୁପ୍ରିଣ୍ଟ। ଢେଙ୍କାନାଳରୁ ଲୁଟ୍। ଏହାପଛରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୁଣ୍ଡ। ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ନିମବାହାଲି ଛକଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ କାଟି

୨୬ଲକ୍ଷ ୫୬ହଜାର ଟଙ୍କା ଲୁଟ୍ ଘଟଣାରେ ଏପରି କିଛି ଆଶ୍ଚର୍ଯ୍ୟଜନକ ସୁରାକ ଲାଗିଛି ପୋଲିସ ହାତରେ। ଘଟଣାର ୭ଦିନ ପରେ ଗିରଫ ହୋଇଛନ୍ତି ଜଣେ ଇଞ୍ଜିନିୟରିଂ ଛାତ୍ର ଏବଂ ତାଙ୍କର ୩ ସହଯୋଗୀ। ଲୁଟ୍‌ରେ ସମ୍ପୃକ୍ତ ୨ ମାଷ୍ଟରମାଇଣ୍ଡ ଧରାପଡ଼ିନାହାନ୍ତି, ଯାହା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଛି। ସୋମବାର ଅପରାହ୍ନରେ ମୋଟଙ୍ଗା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଟିଏମ୍ ଲୁଟ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର।

ଗିରଫ ଅଭିଯୁକ୍ତ ହେଲେ ମୋଟଙ୍ଗା ଥାନା ଅଞ୍ଚଳର ବିଶ୍ୱଜିତ୍ ନାୟକ ଓରଫ ବିଶ୍ରୁ (୧୮), ରତିକାନ୍ତ ସାହୁ ଓରଫ ଲିକୁନ (୧୮), ସଙ୍କେତ ବେହେରା ଓରଫ ବଣ୍ଟି (୧୯), ଶୁଭମ୍ ବେହେରା ଓରଫ ବବଲୁ (୨୩)। ଏମାନଙ୍କ ମଧ୍ୟରୁ ସଙ୍କେତ ଏବଂ ଶୁଭମ୍ ଦୁଇଭାଇ। ଉଭୟେ

**ନିମବାହାଲି ଏଟିଏମ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ**



■ ୪ ଗିରଫ, ସାଢ଼େ ୨୧ ହଜାର ଟଙ୍କା ଜବତ

ଜଣେ ପୂର୍ବତନ ସରପଞ୍ଚଙ୍କ ପୁଅ। ଶୁଭମ୍ ଅନୁଗୋଳର ଏକ ଇଞ୍ଜିନିୟରିଂ କଲେଜର ବି-ଟେକ୍ ଛାତ୍ର। ଅଭିଯୁକ୍ତଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ ୨ଟି ବାଇକ୍ (ନଂ. ଓଡି. ୧୯ କ୍ୟୁ ୪୬୩୩ ଏବଂ ନଂ. ଓଡି.୧୯ କେ ୧୦୩୫), ୪ ମୋବାଇଲ, ୨ ଗ୍ୟାସ୍ ସିଲିଣ୍ଡର, ଗୋଟିଏ ଗ୍ୟାସ୍ ସିଲିଣ୍ଡର ଚାବି, ୫ଟି ଏଟିଏମ୍ କ୍ୟାଶ ଟ୍ରେ ସହ ୨୧,୫୦୦ ଟଙ୍କା ଜବତ କରାଯାଇଛି।

ଶୁଭମ୍ ବାଲେଶ୍ୱର ଜିଲାରେ ଇଞ୍ଜିନିୟରିଂ ପାଠ ପଢୁଥିବା ବେଳେ ତାଙ୍କ ସହିତ ଫେରାର ଥିବା ୨ ମାଷ୍ଟରମାଇଣ୍ଡ ଇଞ୍ଜିନିୟରିଂ ଛାତ୍ରଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଏଟିଏମ୍ ଲୁଟିବାର ୬ଦିନ ପୂର୍ବରୁ ସମ୍ପୃକ୍ତ ୨ଜଣ ବାଲେଶ୍ୱରରୁ ମୋଟଙ୍ଗା ଅଞ୍ଚଳକୁ ଆସି ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଯୋଜନା କାର୍ଯ୍ୟକାରୀ କରିବାକୁ ଏକ ଠିକାସଂସ୍ଥା ପରିସରରୁ ୨ଗ୍ୟାସ୍ ସିଲିଣ୍ଡର ଏବଂ ଗ୍ୟାସ୍ କଟର ଚୋରି କରିଥିଲେ। ଏପରି ବଡ଼ ଧରଣର ଲୁଟ୍‌ରେ ସହଯୋଗର ଆବଶ୍ୟକତା ଥିବାରୁ ଶୁଭମ୍‌ଙ୍କ ଜରିଆରେ ଅନ୍ୟ ସହଯୋଗୀଙ୍କ ସହିତ ଯୋଗାଯୋଗ କରିଥିଲେ। ୧୪ତାରିଖ ବିଳମ୍ବିତ ରାତିରେ ଦୁଇ ମାଷ୍ଟରମାଇଣ୍ଡ ଓ ସହଯୋଗୀମାନେ ମିଶି ଏଟିଏମ୍‌କୁ କାଟି ୨୬ ଲକ୍ଷ ୫୬ହଜାର ଟଙ୍କା ଲୁଟି ନେଇଥିଲେ। ଲୁଟ୍ ପୂର୍ବରୁ କୌଶଳ କରି ଏଟିଏମ୍ ସର୍ଭିଲାନ୍ସ ତାର କାଟିଦେଇଥିବାରୁ ସିସିଟିଭି କ୍ୟାମେରା ଅଚଳ ହୋଇଯାଇଥିଲା। ଟଙ୍କା ଲୁଟିବା ପରେ ୪ ସହଯୋଗୀଙ୍କୁ ୪୨ହଜାର ଟଙ୍କା ଦେଇ ଅବଶିଷ୍ଟ ଟଙ୍କା ଧରି ୨ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ୪୨ହଜାର ଟଙ୍କା ମଧ୍ୟରୁ ୪ ଅଭିଯୁକ୍ତଙ୍କ ନିକଟରୁ ୨୧,୫୦୦ଟଙ୍କା ଜବତ କରାଯାଇଛି। ବାକି ଟଙ୍କାକୁ ସହଯୋଗୀମାନେ ଖର୍ଚ୍ଚ କରିବା ସହ ଜଣେ ଏକ ମୋବାଇଲ ଫୋନ କିଣିଥିଲେ। ଫେରାର ଦୁଇ ଅଭିଯୁକ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆପରାଧିକ ମାମଲା ରହିଛି। ସେମାନଙ୍କୁ ଧରିବା ଲାଗି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଗିରଫ ୪ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ୨ଜଣଙ୍କୁ ରିମାଣ୍ଡରେ ନେବା ପାଇଁ ଅଦାଲତରେ ପୋଲିସ ଆବେଦନ କରିଛି। ଏ ସଂକ୍ରାନ୍ତରେ ନଂ. ୨୫୬/୨୦, ଦଫା ୪୫୭ ଓ ୩୮୦ରେ ମାମଲା ରୁଜୁ କରାଯାଇଥିଲା।

# ଏସ୍‌ଆଇଟିର ଗିରଫଦାରି ପରେ ଅନେକ ପ୍ରଶ୍ନ

**ନୟାଗଡ଼ ଅଫିସ,୨୧।୧୨**

ପରୀ ଅପହରଣ ଓ ହତ୍ୟା ଘଟଣାରେ ଏସ୍‌ଆଇଟି ଜଣେ ଛାତ୍ରଙ୍କୁ ଗିରଫ କରିବା ପରେ ସାଧାରଣରେ ନାନା ପ୍ରଶ୍ନ ଉଠିଛି। ସାଢ଼େ ୪ ମାସର ତଦନ୍ତ ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ଫେଲ୍ ମାରିଥିଲା। ହେଲେ ୨୦ ଦିନରେ ଏସ୍‌ଆଇଟି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। କୋର୍ଟରେ ହାଜର କରାଯାଇଥିବା ଛାତ୍ର ପ୍ରକୃତରେ ଦୋଷୀ ନା ଭାଜପାର ପଦଯାତ୍ରାକୁ ଆଖି ଆଗରେ ରଖି ତାଙ୍କୁ ଅପରାଧୀ ସଜାଯାଇଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅବଶ୍ୟ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଗଣମାଧ୍ୟମକୁ କହିଛନ୍ତି, ଅଭିଯୁକ୍ତଙ୍କ ବିରୋଧରେ ତାଙ୍କ ପାଖରେ ବହୁ ପ୍ରମାଣ ରହିଛି। ମଙ୍ଗଳବାର ଏସ୍‌ଆଇଟି ଉକ୍ତ ଘଟଣାର ପର୍ଦ୍ଦାଫାଶ କରିବା ପରେ ଭାଜପା ଓ କଂଗ୍ରେସ ପକ୍ଷରୁ ଭିନ୍ନ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଉକ୍ତ ଘଟଣାରେ ସଦର ଥାନା ଆଇଆଇସିଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଏସ୍‌ଡିପିଓଙ୍କ ବଦଳି କରାଯାଇଛି। ଏସ୍‌ପିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପରୀର ମା'ବାପା, ବଡ଼ମା', ବଡ଼ବାପାଙ୍କୁ ପୋଲିସ ବାରମ୍ବାର ଅଟକ ରଖି ନିର୍ଯାତନା ଦେଉଥିଲା କାହିଁକି। ଏଇଭଳି ଅନେକ ପ୍ରଶ୍ନ ସ୍ଥାନୀୟ ଲୋକଙ୍କୁ ଅଡୁଆରେ ପକାଇଛି।

**ଝିଅ ବାହାଘର ଭାଙ୍ଗିଗଲା**

ପୁଅ ଜେଲରେ, ଝିଅ ବାହାଘର ଭାଙ୍ଗିଗଲା। କ'ଣ କରିବେ, ନିର୍ଦ୍ଦୋଷ ପୁଅକୁ କିପରି ନ୍ୟାୟ ଦେବେ ସେ ଚିନ୍ତାରେ ଗିରଫ ଛାତ୍ରଙ୍କ ମା'। ସୋମବାର ଏସ୍‌ଆଇଟି ପକ୍ଷରୁ ତାଙ୍କୁ ଖରାପ ବ୍ୟବହାର କରାଯାଇଥିବା ଓ ସାଦା କାଗଜରେ ଦସ୍ତଖତ ନିଆଯାଇଥିବା ନେଇ ସେ ନୟାଗଡ ସଦର ଥାନାରେ ଅଭିଯୋଗ କରିଛନ୍ତି। ଏସ୍‌ଆଇଟି ତଦନ୍ତରେ ସ୍ୱଚ୍ଛତା ନ ଥିବାରୁ ସିବିଆଇ ତଦନ୍ତ କରିବାକୁ ସେ ଅନୁରୋଧ କରିଛନ୍ତି।

**ପୋଖରୀ ଜଳ ନିଷ୍କାସନ ହେଲାନି**

ପୋଖରୀ ହୁଡ଼ାରୁ ପରୀର ମୃତଦେହ ମିଳିଥିଲା। ସେଠାରେ ପଡ଼ିଥିବା ଏକ ଅଖାବସ୍ତା ଭିତରୁ ୧୨ ଖଣ୍ଡ ହାଡ଼, ଖପୁରି ଓ ପରୀର ଶାର୍ଟ ମିଳିଥିଲା। ମୃତଦେହର ଅବଶିଷ୍ଟ ଅଂଶ ଓ ହତ୍ୟାରେ ବ୍ୟବହୃତ ସରଞ୍ଜାମ କାଳେ ପୋଖରୀରେ ପକାଇ ଦିଆଯାଇଥିବ, ସେନେଇ ପୋଖରୀରୁ ଜଳ ନିଷ୍କାସନ ପାଇଁ ନୟାଗଡ ସଦର ଥାନା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସୋମବାର ଦମକଳ ବାହିନୀ ଓ ନୟାଗଡ ପୌରାଞ୍ଚଳର ୩ଟି ଦଳ ଆସି ପୋଖରୀର ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିଥିଲେ। ତେବେ ତାହା ଶେଷରେ ବାତିଲ କରାଯାଇଥିଲା।

# ଆନ୍ଧ୍ର ସୀମାନ୍ତ ବିବାଦୀୟ ଜମିରେ ମାପଚୁପ

**ପାରଳାଖେମୁଣ୍ଡି, ୨୧।୧୨(ଡି.ଏନ୍.ଏ.)**

ଗଜପତି ଜିଲା ସୀମାନ୍ତ ଜମିକୁ ଆନ୍ଧ୍ରପ୍ରଦେଶ ଚାଷୀ ଅକ୍ତିଆରରେ ରଖିଥିବାରୁ ବିବାଦ ଲାଗି ରହିଛି। ସୋମବାର ସୀମାନ୍ତ ଏସ୍‌କାବିଟି ନିକଟସ୍ଥ ଉକ୍ତ ବିବାଦୀୟ ଜମିରେ ଉଭୟ ଗଜପତି ଓ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ପ୍ରଶାସନ ଏବଂ ରାଜସ୍ୱ ଅଧିକାରୀଙ୍କ ଉପସ୍ଥିତିରେ ମାପଚୁପ ଆରମ୍ଭ ହୋଇଛି। ମାପଚୁପ ସାରି ଜମି ଚିହ୍ନଟ କାର୍ଯ୍ୟ ସାରିବାକୁ ଆଉ ଦୁଇ ଦିନ ଲାଗିବ ବୋଲି ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଯାନୀ ସୂଚନା ଦେଇଛନ୍ତି।

ଗଜପତି ଜିଲା ପାରଳାଖେମୁଣ୍ଡିର ୧୨ଜଣ ଭୂମିହୀନ ଚାଷୀଙ୍କୁ ଓଡ଼ିଶା



ଦୁଇ ରାଜ୍ୟର ରାଜସ୍ୱ ଅଧିକାରୀମାନଙ୍କ ଉପସ୍ଥିତିରେ ମାପଚୁପ ଚାଲିଛି।

ସରକାରଙ୍କ ପକ୍ଷରୁ ୧୨ ଏକର ଚାଷଜମି ଯୋଗାଇ ଦିଆଯାଇଥିଲା। ହେଲେ ଦୀର୍ଘ ବର୍ଷ ଧରି ଆନ୍ଧ୍ରର ଚାଷୀ ଉକ୍ତ ଜମିକୁ ଅକ୍ତିଆରରେ ରଖି ଜୋରଜବରଦସ୍ତ ଚାଷକରି ଆସୁଛନ୍ତି। ଏହାକୁ ନେଇ ପୂର୍ବରୁ ଦୁଇପକ୍ଷ ଚାଷୀ ବହୁବାର ମୁହାଁମୁହିଁ ହୋଇ ଆସୁଥିଲେ। ଏ ସମ୍ପର୍କିତ ଖବର ଜାଣିବା ପରେ ଗଜପତି ଜିଲା ପ୍ରଶାସନର ଏକ ପ୍ରତିନିଧି ଦଳ ଉକ୍ତ ଅଞ୍ଚଳ ଗସ୍ତ କରି ଆନ୍ଧ୍ରର ଚାଷୀ ଅକ୍ତିଆର କରିଥିବା ଜମି ଓଡ଼ିଶାର ବୋଲି ସ୍ପଷ୍ଟ କରିଥିଲେ। ଏହାସତ୍ତ୍ୱେ ବି ଆନ୍ଧ୍ର ଚାଷୀ ଜମିରେ କାର୍ଯ୍ୟ କରିବାକୁ ଦେଉ ନ ଥିଲେ। ଏଥିରେ ପ୍ରଶାସନ ପୁଣି ହସ୍ତକ୍ଷେପ କରିଛି। ସୋମବାର ପାରଳାଖେମୁଣ୍ଡି ତହସିଲଦାରଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗର ଅନ୍ୟ ଅଧିକାରୀ ଏବଂ ଶ୍ରୀକାକୁଲମ ଜିଲା ପାତପାଟଣା ମଣ୍ଡଳର ରାଜସ୍ୱ ଅଧିକାରୀ, କର୍ମଚାରୀମାନଙ୍କ ସହାୟତାରେ ମାପଚୁପ ଜାରି ରହିଛି।

# ସ୍ୱାମୀଙ୍କୁ ଜାମିନରେ ଆଣିବାକୁ ଯାଇ ଜେଲ ଗଲେ ମହିଳା

**କଟକ ଅଫିସ,୨୧।୧୨**

ଡାକ୍ତରଙ୍କ ନକଲି ପ୍ରେସ୍‌କ୍ରିପ୍‌ସନ ତିଆରି କରି ଜଣେ ମହିଳା ଗିରଫ ହୋଇଛନ୍ତି। ସ୍ୱାମୀଙ୍କୁ ଜାମିନରେ ଆଣିବା ପାଇଁ ନିଜେ ଅସୁସ୍ଥ ଦର୍ଶାଇ ମହିଳା ଜଣକ ଏପରି ଚକ୍ରାନ୍ତ କରିଥିଲେ। କୋର୍ଟରେ ଧରା ପଡିବା ପରେ ତାଙ୍କୁ ଜେଲ୍ ଯିବାକୁ ପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜେଇ କାରବାର ଅଭିଯୋଗରେ କନ୍ଧମାଳ ଜିଲାର ଶ୍ରୀରାମ କଅଁରଙ୍କୁ ପୋଲିସ ଗିରଫ କରିଥିଲା। ୧୩।୭।୨୦ରେ ସେ ଜାମିନ୍ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ସହଜରେ ତାଙ୍କୁ ଜାମିନ ମିଳିବା ପାଇଁ ସ୍ତ୍ରୀ ମାନସୀ କଅଁର ଏକ ଯୋଜନା କରିଥିଲେ। ୯।୧୦।୨୦ରେ ଏସ୍‌ସିବି ମେଡିସିନ ଆଉଟ୍‌ଡୋର୍ ନିମନ୍ତେ ଗୋଟିଏ ଟିକେଟ କାଟିଥିଲେ (ଟିକେଟ ନଂ୧୩୧/ମେଡିସିନ/୩୦୯୦୧)। ଏହି ଟିକେଟରେ ଆସୋସିଏଟ୍ ପ୍ରଫେସର ଡା.ଏସ୍. କେ. ଭୋଳ ତାଙ୍କୁ ଏକାଧିକ ରୋଗ ଓ କୋଭିଡ୍ ଲାଗି ୯।୧୦।୨୦ରୁ ୮।୫।୨୦୨୧ ଯାଏ ବେଡ୍‌ରେଷ୍ଟରେ ରହିବା ଲାଗି ପରାମର୍ଶ ଦେଇଛନ୍ତି ବୋଲି ପ୍ରେସ୍‌କ୍ରିପସନ ପ୍ରସ୍ତୁତ କରିଥିଲେ। ପରେ ଏହାକୁ ସ୍ୱାମୀଙ୍କ ଜାମିନ ପାଇଁ କୋର୍ଟରେ

**ପ୍ରସ୍ତୁତ କରିଥିଲେ ନକଲି ପ୍ରେସ୍‌କ୍ରିପ୍‌ସନ**

ଦାଖଲ କରିଥିଲେ। ଏହି ପ୍ରେସ୍‌କ୍ରିପସନ୍ ଉପରେ କୋର୍ଟ ସନ୍ଦେହ କରି କଟକ ଡିସିପିଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୧୧।୧୨।୨୦ରେ ଡିସିପି ତଦନ୍ତ କରି କୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ, ଏସ୍‌ସିବି ମେଡିସିନ ବିଭାଗରେ ଆସୋସିଏଟ୍ ପ୍ରଫେସର ଡା. ଏସ୍. କେ. ଭୋଳ ନାମରେ କେହି ଡାକ୍ତର ନାହାନ୍ତି। ଉକ୍ତ ପ୍ରେସ୍‌କ୍ରିପ୍‌ସନ୍‌ରେ ଲାଗିଥିବା ସିଲ୍ ସହ ଏସ୍‌ସିବି ମେଡିସିନ ବିଭାଗର ସିଲ୍‌ରେ ସାମଞ୍ଜସ୍ୟ ନାହିଁ। ତେଣୁ ଏହା ନକଲି ବୋଲି ଡିସିପି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଫଳରେ ହାଇକୋର୍ଟ ଅଦାଲତ ଅବମାନନା ଘଟଣାରେ ମାନସୀଙ୍କୁ ତୁରନ୍ତ ଗିରଫକରି ୨୧ ତାରିଖରେ ଫୁଲବାଣୀ ସେସନ୍ସ କୋର୍ଟ କମ୍ ସ୍ପେଶାଲ ଜଜ୍‌ଙ୍କ ଠାରେ ହାଜର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାନସୀଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିବାବେଳେ ସୋମବାର ଭିଡିଓ କନ୍‌ଫରନ୍ସ ଯୋଗେ ତାଙ୍କୁ ଫୁଲବାଣୀ ସେସନ୍ସ କୋର୍ଟ କମ୍ ସ୍ପେଶାଲ ଜଜ୍‌ଙ୍କ ଠାରେ ହାଜର କରାଯାଇଥିଲା। ଜଷ୍ଟିସ ଏସ୍. କେ. ସାହୁଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁୟାରୀ ୪ରେ ହେବା ପାଇଁ ଧାର୍ଯ୍ୟ ହୋଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.E-RPF-KUR-HPV-2021-22

**କାର୍ଯ୍ୟର ନାମ :** 02 ବର୍ଷ (24 ମାସ) ଅବଧି ନିମନ୍ତେ ନିୟମିତ ଯାଞ୍ଚ ପରିଚାଳନା, ଅପରାଧ ନିୟନ୍ତ୍ରଣ, ଚଢ଼ାଉ ଏବଂ ଖାନତଲାସ(Raid & Search), ରେଳ ଅବରୋଧ (Rail Roko), ଆନ୍ଦୋଳନ ସ୍ଥାନ, ବିବିଧ ଆଇନ୍ ଓ ଶୃଙ୍ଖଳା ଜନିତ ସମସ୍ୟା (Sundry Law & Order Problem), ରେଳବାଇ କାର୍ଯ୍ୟରେ ଉତ୍ପନ୍ନ ବାଧାବିଘ୍ନ ଏବଂ ହସ୍ତକ୍ଷେପ (Disruption & Interference) ସ୍ଥଳରେ ଉପସ୍ଥିତ ହେବା ଏବଂ ଅନ୍ୟ କାର୍ଯ୍ୟାଳୟ ଡ୍ୟୁଟି ଇତ୍ୟାଦି ନିମନ୍ତେ ସହାୟକ ସୁରକ୍ଷା ଆୟୁକ୍ତ/କଟକ ଏବଂ ରେଳ ସୁରକ୍ଷା ବଳ(RPF)/ପୋଷ୍ଟ-କଟକ, ପାରାଦ୍ୱୀପ, ଯାଜପୁର କେନ୍ଦୁଝର ରୋଡ଼ ଏବଂ ବ୍ରହ୍ମପୁରଙ୍କ ବ୍ୟବହାର ନିମନ୍ତେ ଚାଳକ ସହିତ 05 (ପାଞ୍ଚ)ଗୋଟି ଚାରି ଚକିଆ ବହୁ ଉପଯୋଗିତା (MUV) ଗାଡ଼ି ନନ୍-ଏସି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ)ଭଡ଼ା ସୂତ୍ରରେ ନେବା।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 59,64,324.32**, EMD/ବିଡ୍ ସିକ୍ୟୁରିଟି(ଟଙ୍କାରେ) : **1,19,300/-**, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : **5,900/-**, ଶେଷ ହେବା ଅବଧି : **24** ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.**21.12.2020** ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**04.01.2021** ରିଖ **1230** ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର **www.ireps.gov.in** ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ(ରେଳ ସୁରକ୍ଷା ବଳ)/ ଖୋର୍ଦ୍ଧା ରୋଡ୍

PR-432/L/20-21

# ଶାରଳା ମନ୍ଦିର, ଗୋରଖନାଥ ପୀଠ ୩ରୁ ଖୋଲିବ

**ଜଗତ୍‌ସିଂହପୁର ଅଫିସ୍, ୨୧।୧୨:** ଜାନୁୟାରୀ ୩ରୁ ଜଗତ୍‌ସିଂହପୁର ଜିଲାର ପ୍ରସିଦ୍ଧ ଶାରଳା ମନ୍ଦିର ଓ ଗୋରଖନାଥ ପୀଠ ଖୋଲିବ ବୋଲି ସୋମବାର ଜିଲାପାଳ ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ୨ ପୀଠରେ କୋଭିଡ୍ ନିୟମାବଳୀ କଡ଼ାକଡ଼ି ଭାବେ ପାଳନ କରାଯିବ। ପ୍ରତ୍ୟେକଙ୍କ ଥର୍ମାଲ ସ୍କାନିଂ, ସାନିଟାଇଜର ବ୍ୟବହାର ଓ ମାସ୍କ ପିନ୍ଧିବା ଆଦି ଉପରେ ଗୁରୁତ୍ୱ ଦିଆଯିବ। ପ୍ରତ୍ୟେହ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୫୦୦ ଲୋକଙ୍କ ଦର୍ଶନ ସୁବିଧା ଦିଆଯିବ। ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ବ୍ୟାରିକେଟ୍ କରାଯିବ। ଭକ୍ତମାନେ ଧାଡିରେ ସିଂହଦ୍ୱାର ପଟେ ପ୍ରବେଶ କରି ମା' ଶାରଳାଙ୍କ ଦର୍ଶନ ସାରି ପଶ୍ଚିମ ଦ୍ୱାର ପଟେ ବାହାରିଯିବେ। ଏଥିସହ ଧଣ୍ଡା, ପାଦୁକ, ପ୍ରସାଦ ଓ ଭୋଗ ଆଦି ଉପରେ ଅଙ୍କୁଶ ଲଗାଯାଇଛି। ଏହି ସମୟରେ ପାଳିଥିବା ୫ ଜଣ ପଣ୍ଡା ଓ ସେବାୟତଙ୍କ ବ୍ୟତୀତ ଅନ୍ୟ କାହାକୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବନାହିଁ। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେନେଇ ସମସ୍ତ ବ୍ୟବସ୍ଥା କରାଯିବ। ବାହାର ଜିଲାରୁ ଆସିବାକୁ ଥିବା ଭକ୍ତମାନଙ୍କୁ ଏହି ୨ ପୀଠରେ ପ୍ରବେଶ କରିବାକୁ ହେଲେ କୋଭିଡ୍ ନେଗେଟିଭ୍ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ।

# ୧୦୦ ଟଙ୍କାରେ ଆଣ୍ଟିଜେନ୍ ଟେଷ୍ଟ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ):** ରାଜ୍ୟର ଘରୋଇ ଲ୍ୟାବ୍‌ରେ କରୋନା ଚିହ୍ନଟ ପାଇଁ କରାଯାଉଥିବା ରାପିଡ୍ ଆଣ୍ଟିଜେନ୍ ଟେଷ୍ଟର ମୂଲ୍ୟ ୧୦୦ କରିଛନ୍ତି ରାଜ୍ୟ ସରକାର। ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଘରୋଇ ଲାବୋରୋଟୋରିଗୁଡ଼ିକ ଭୁବନେଶ୍ୱରର ଆର୍‌ଏମ୍‌ଆର୍‌ସି ତତ୍ତ୍ୱାବଧାନରେ ଓ ଆଇସିଏମ୍‌ଆର୍ ଗାଇଡ୍‌ଲାଇନ ଅନୁସାରେ ଟେଷ୍ଟ କରିବାକୁ ବିଜ୍ଞପ୍ତିରେ କୁହାଯାଇଛି। ଟେଷ୍ଟ ପାଇଁ ଘରୋଇ ଲ୍ୟାବ୍‌ଗୁଡ଼ିକ ୧୦୦ ଟଙ୍କାରୁ ଅଧିକ ନେଇପାରିବେ ନାହିଁ। ଏହା ମଧ୍ୟରେ ଜିଏସ୍‌ଟି ଅନ୍ତର୍ଭୁକ୍ତ ରହିବ। ପୂର୍ବରୁ ଏହି ପରୀକ୍ଷା ପାଇଁ ୪୫୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। କରୋନା ପାଇଁ କରାଯାଉଥିବା ଆର୍‌ଟିପିସିଆର୍ ପରୀକ୍ଷା ପାଇଁ ୪୦୦ଟଙ୍କା ରହିଛି।

# ରାଜ୍ୟଗୁଡ଼ିକୁ ୬ ହଜାର କୋଟିର କ୍ଷତିପୂରଣ

**ନୂଆଦିଲ୍ଲୀ,୨୧।୧୨:** ରାଜ୍ୟଗୁଡ଼ିକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣର ୮ କିସ୍ତି ଭାବେ କେନ୍ଦ୍ର ସରକାର ସୋମବାର ୬ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ବାବଦ ଅର୍ଥକୁ କେନ୍ଦ୍ର ସରକାର ପ୍ରତି ସପ୍ତାହରେ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ବାବଦ ମୋଟ ୪୮ ହଜାର କୋଟି ଟଙ୍କା ଦିଆଯାଇଛି। ସୋମବାର ଦିଆଯାଇଥିବା ମୋଟ ଅର୍ଥ ମଧ୍ୟରୁ ୫,୬୬୧.୬୦ କୋଟି ଟଙ୍କା ୨୩ ରାଜ୍ୟକୁ ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଏହି ବାବଦକୁ ୧୯୫୪.୨୧ କୋଟି ଟଙ୍କା କ୍ଷତିପୂରଣ ପାଇଛି। ଅପରପକ୍ଷରେ ଦିଲ୍ଲୀ, ଜମ୍ମୁ ଏବଂ କଶ୍ମୀର ଓ ପୁଡୁଚେରୀ ଭଳି କେନ୍ଦ୍ର ଶାସିତ ଅଞ୍ଚଳକୁ ୪୮୩.୪୦ କୋଟି ଟଙ୍କା ଦିଆଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୮୫୮ କୋଟି ଟଙ୍କାର ଅତିରିକ୍ତ ଋଣ କରିବା ଲାଗି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ୧.୧୦ ଲକ୍ଷ କୋଟିର ସ୍ପେଶାଲ ୱିଣ୍ଡୋ ବାଦ୍ ରାଜ୍ୟଗୁଡିକୁ ମୋଟ ୧.୦୬ ଲକ୍ଷ କୋଟିର ଅତିରିକ୍ତ ଋଣ ଉଠାଣ ଲାଗି ଅନୁମତି ଦିଆଯାଇଛି। ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ ଏବଂ ସିକିମ୍ ରାଜସ୍ୱ କ୍ଷତି ସହୁ ନ ଥିବାରୁ ଉକ୍ତ ରାଜ୍ୟଗୁଡିକୁ କ୍ଷତିପୂରଣ ଦିଆଯାଇନାହିଁ। ୧.୧୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ନିଅଣ୍ଟ ଭରଣା କରିବା ଲାଗି କେନ୍ଦ୍ର ସରକାର ଚଳିତ ବର୍ଷ ଅକ୍ଟୋବରରେ ଏକ ସ୍ୱତନ୍ତ୍ର ଋଣ ୱିଣ୍ଡୋ ଗଠନ କରିଥିଲେ। ଏହି ବ୍ୟବସ୍ଥା କେନ୍ଦ୍ର ସରକାର ଋଣ କରି ରାଜ୍ୟଗୁଡିକୁ ପ୍ରଦାନ କରୁଛି।

**ବାଲେଶ୍ୱର, କେଉଁଝର ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ହସ୍ତଶିଳ୍ପ କାରିଗରମାନଙ୍କର ଗଣନା**

DSPL-130:- ବାଲେଶ୍ୱର, କେଉଁଝର ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ତରଫରୁ ଗତ ତା- ୨୫.୦୯.୨୦୨୦ ଠାରୁ ବାଲେଶ୍ୱରରେ, ତା- ୨୮.୦୯.୨୦୨୦ ଠାରୁ କେଉଁଝରରେ ଏବଂ ତା- ୩.୧୨.୨୦୨୦ ଠାରୁ ସୁବର୍ଣ୍ଣପୁର ଜିଲ୍ଲାରେ ହସ୍ତଶିଳ୍ପ କାରିଗରମାନଙ୍କର ଗଣନା କାର୍ଯ୍ୟକ୍ରମ ଚାଲୁଅଛି । କେଉଁଝରରେ ଗଣନା କାର୍ଯ୍ୟ ସମାପ୍ତ ହୋଇଯାଇଥିବା ସ୍ଥଳେ ବାଲେଶ୍ୱର ଏବଂ ସୁବର୍ଣ୍ଣପୁରରେ ଚାଲୁଅଛି । ଉକ୍ତ ଗଣନା କାର୍ଯ୍ୟରେ ନିୟୋଜିତ ଗଣନାକାରୀଙ୍କୁ କାର୍ଯ୍ୟରତ କାରିଗରମାନେ ସେମାନଙ୍କର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରୁଅଛନ୍ତି । ଏତଦ୍ୱାରା ସମସ୍ତ କାରିଗରମାନଙ୍କୁ ସୂଚନା ଦିଆଯାଉଅଛି କି ଯଦି କୌଣସି କାରିଗର ଏହି ସର୍ଭେରେ ଅନ୍ତର୍ଭୁକ୍ତ ହୋଇନାହାନ୍ତି ତେବେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଫୋନ୍- ୯୪୩୭୪୪୫୦୭୨ {ବାଲେଶ୍ୱର} ନଂ.- ୯୯୩୮୫୮୬୪୧୯ {କେଉଁଝର} ଏବଂ ନଂ.- ୯୪୩୭୮୦୭୫୧୨ {ସୁବର୍ଣ୍ଣପୁର} ତଥା ଜିଲ୍ଲା ସଂଯୋଜକ ନଂ.- ୯୮୫୩୧୦୯୭୦୪ {ବାଲେଶ୍ୱର}, ନଂ.- ୮୮୯୫୬୮୮୨୦୭ {କେଉଁଝର} ଏବଂ ନଂ.- ୯୬୯୨୩୧୦୦୧୨ {ସୁବର୍ଣ୍ଣପୁର}ଙ୍କୁ ଯୋଗାଯୋଗ କରିପାରିବେ । ଏ ସମ୍ପର୍କିତ ଅଧିକ ବିବରଣୀ ପାଇଁ ପରିସଂଖ୍ୟାନ ଅଧିକାରୀ ନଂ.- ୯୯୩୭୭୪୬୭୯୪ କିମ୍ବା ରାଜ୍ୟ ସଂଯୋଜକଙ୍କୁ ନଂ.- ୭୭୫୧୯୧୪୯୭୫ ସହ ଯୋଗାଯୋଗ କରିପାରିବେ ।

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ

ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା)

OIPR-43002/13/0008/2021

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ- ଯୋଗ୍ୟ ହୋଇଥାଏ। ପ୍ରତିଟି ସତ୍ତାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ଦିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା- ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। -ଶ୍ରୀମା

# ମୋ ବାପା କିଏ ଜାଣିଛ ?

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଚିଲିର ରାଷ୍ଟ୍ରପତି ସେବାଷ୍ଟିଆନ୍ ପିନେରା ବିନା ମାସ୍କରେ ଜଣେ ମହିଳାଙ୍କ ସହ ଫଟୋ ଉଠାଇବାରୁ ତାଙ୍କୁ ୩ ହଜାର ୫୦୦ ଆମେରିକୀୟ ଡଲାର ଦେବାକୁ ପଡ଼ିଛି। କୋଭିଡ୍ ଭଳି ସ୍ଥିତି ଲାଗି ରହିଥିବା ବେଳେ ମାସ୍କ ନ ପିନ୍ଧି ବୁଲିବା ଆଇନ ଉଲ୍ଲଂଘନ ବୋଲି କହି ରାଷ୍ଟ୍ରପତି ଜରିମାନା ଦେଇଛନ୍ତି। କେବଳ ସେତିକି ନୁହେଁ, ସେ ଜନସାଧାରଣଙ୍କୁ କ୍ଷମା ମଧ୍ୟ ମାଗିଛନ୍ତି। ଭାରତରେ କ୍ଷମତାସୀନ ବ୍ୟକ୍ତିଙ୍କ ନିକଟରେ କେବେହେଲେ ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିବ ନାହିଁ। ସେହି ବ୍ୟକ୍ତିଙ୍କ ଦୋଷ ଦୁର୍ବଳତା ଦର୍ଶାଇ ଦିଆଗଲେ ସେମାନେ ପ୍ରତିହିଂସାପରାୟଣ ହୋଇଯାଇ ଥାଆନ୍ତି। ନିଜର ପଦମର୍ଯ୍ୟାଦା ଗର୍ବରେ ଗରୀୟାନ ହେଉଥିବା ବ୍ୟକ୍ତିମାନେ ଶୃଙ୍ଖଳାକୁ ଅନୁସରଣ କରୁ ନ ଥିବାରୁ ଭୁଲ ପରମ୍ପରା ସୃଷ୍ଟି ହେଉଛି। ଅନେକ ଅମାନିଆ ନିୟମ ନ ମାନି ଟ୍ରାଫିକ୍ ପୋଷ୍ଟ ଅତିକ୍ରମ କରିଗଲେ ନିଜକୁ ଧନ୍ୟ ମନେ କରିଥାଆନ୍ତି। କହିଥାଆନ୍ତି, ଯାହା ହେଉ ଟ୍ରାଫିକ୍ ପୋଲିସ ଦେଖିପାରିଲା ନାହିଁ। ଯଦି କେହି ପ୍ରତିବାଦ କରନ୍ତି ସେମାନେ ନିଜ ବାପା ଓ ଗୋସିବାପା ଏବଂ ସେମାନଙ୍କ ବୁନିୟାଦି ବିଷୟରେ କହିଥାନ୍ତି। ଏଠାରେ ମନେପଡ଼େ ଅକ୍ଷୟ କୁମାରଙ୍କୁ ନେଇ ପ୍ରସ୍ତୁତ ଏକ ବିଜ୍ଞାପନ ଭିଡିଓ। ସେଥିରେ ଟ୍ରାଫିକ୍ ପୋଷ୍ଟ ନିକଟରେ ଜଣେ ଯୁବକ ପୋଲିସ ବେଶରେ ଥିବା ଅକ୍ଷୟ କୁମାରଙ୍କୁ ପଚାରୁଛି- ମୋ ବାପା କିଏ ଜାଣ ? ଉତ୍ତରରେ ଅକ୍ଷୟ କହୁଛନ୍ତି- କାହିଁକି, ତୁ ତୋ ନିଜ ବାପାକୁ ଜାଣିନାହୁଁ। ଏଭଳି ବ୍ୟବହାର ପାଇଁ ସେହି ଯୁବକକୁ ଦୋଷ ଦେବା ପରିବର୍ତ୍ତେ ତାହାର ମାତାପିତାଙ୍କୁ ଦୋଷୀ କରିବା କଥା। ଘରୁ ଭଦ୍ର ବ୍ୟବହାର ଶିଖିବା ଆରମ୍ଭ ହୋଇଥାଏ। ସେହିଭଳି ଘରୁ ଆଇନକୁ ସମ୍ମାନ ଦେବା ଶିକ୍ଷା ହେବା କଥା। କିନ୍ତୁ ବାପା ଯେତେବେଳେ ଦିନସାରା ଅର୍ଜନ କରିଥିବା କଳାଧନ ଘରେ ଆଣି ଦେଖାଏ, ସେତେବେଳେ ପିଲା ମନରେ ଦୁର୍ନୀତିଗ୍ରସ୍ତଙ୍କ ପାଇଁ ଘୃଣା ପରିବର୍ତ୍ତେ ସମ୍ମାନ ଜନ୍ମନିଏ।

କୌଣସି କାର୍ଯ୍ୟ ହାସଲ କରିବା ଲାଗି ଧାଡ଼ି ଭାଙ୍ଗି ଭାରତୀୟମାନେ ପଶିଯିବା ଦେଖିବାକୁ ମିଳିଥାଏ। ହେଲେ ଏହା ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳେ ନାହିଁ। ଭିଭିଆଇପି ଏପରିକି ପ୍ରଧାନମନ୍ତ୍ରୀ ଓ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଟ୍ରାଫିକ୍ ଛକରେ ସବୁ ଗାଡ଼ି ଓ ନାଲିବତିକୁ ବନ୍ଦ କରାଇ ଯାତାୟାତ କରୁଥିବାର ଦେଖାଯାଏ। ସେତେବେଳେ ମନକୁ ଚିନ୍ତା ଆସେ ଯେ, ବାସ୍ତବରେ ଏମାନଙ୍କ ଜୀବନ ପ୍ରତି କୌଣସି ବିପଦ ରହିଛି କି ନାହିଁ, ତାହା ସାଧାରଣ ନାଗରିକ କିପରି ଜାଣିବ। ଅନ୍ୟପଟେ ସେହି ନାଗରିକ ଦେଖିଲା ଯେ, ସର୍ବୋଚ୍ଚ ଅଧିକାରୀମାନେ ଗାଡ଼ିରେ ଯାଉଥିବା ଦିଗକୁ ନାଲିବତି ଥିବା ସତ୍ତ୍ୱେ ସେମାନେ ଅଟକନ୍ତି ନାହିଁ। ସେଥିପାଇଁ ଆମେ ସାଧାରଣ ଲୋକ ମଧ୍ୟ ମାନସିକ ସ୍ତରରେ ଆଇନ ଭାଙ୍ଗିବାକୁ ଏକ ବିରାଟ ଅପରାଧ ଭାବେ ଚିନ୍ତା କରୁନାହୁଁ। ଏଭଳି ବେଖାତିର ମନୋଭାବ ଯେତେବେଳେ ନେତାମାନେ ପ୍ରଦର୍ଶନ କରୁଛନ୍ତି, ତାହା କେବଳ ଟ୍ରାଫିକ୍ ଆଇନରେ ସୀମିତ ରହୁନାହିଁ, ଚରିତ୍ରରେ ପ୍ରତିଫଳିତ ହେଉଛି। ଅନ୍ୟ ଏକ ଉଦାହରଣ ଦେଖିବାକୁ ଗଲେ କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନକୁ ବନ୍ଦ କରିଦିଆଯାଇଛି। ଅନ୍ୟପଟେ ପଶ୍ଚିମବଙ୍ଗରେ ପ୍ରଚାର କରିବାକୁ ଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ ବିରାଟକାୟ ଭିଡ଼ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଅର୍ଥାତ୍ କରୋନା ଭୂତାଣୁକୁ ଭୟ ନ କରି ମାନ୍ୟବର ମନ୍ତ୍ରୀ ନିଜ ଜୀବନକୁ ପାଣି ଛଡ଼ାଇବା ସହିତ ତାଙ୍କ ସମର୍ଥକମାନଙ୍କୁ ମଧ୍ୟ ବିପଦ ମୁହଁକୁ ଠେଲି ଦେଇଛନ୍ତି।

ଯଦି ନେତା, ମନ୍ତ୍ରୀ, ବିଚାରପତି, ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ ଭୁଲ କରିବସନ୍ତି, ସେମାନଙ୍କୁ ଜରିମାନା କରିବା ଲାଗି ତଳିଆ କର୍ତ୍ତୃପକ୍ଷ ଡରନ୍ତି କିମ୍ବା ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଥିବା ଦେଖାଯାଏ। କାଳେ ବଡ଼ବଡ଼ିଆ ବିପଦରେ ପକାଇଦେବେ ସେହି ଭୟ ସେମାନଙ୍କୁ ଘାରିଥାଏ। ଅନ୍ୟପକ୍ଷରେ ଭାରତ ବାହାରେ ଅନ୍ୟ ଦେଶର ସର୍ବୋଚ୍ଚ ପଦବୀରେ ଅଭିଷିକ୍ତ ହୋଇଥିବା ବ୍ୟକ୍ତିଙ୍କୁ ସାଧାରଣରେ ସମାଲୋଚନା କରାଯାଇଥାଏ। ନିକଟରେ ଶେଷ ହୋଇଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ପରାଜୟକୁ ସ୍ୱୀକାର କରିବାକୁ ଯେତେବେଳେ ରାଜି ହେଲେ ନାହିଁ, ଜନସାଧାରଣ ତାଙ୍କୁ ସାଧାରଣରେ ସମାଲୋଚନା କଲେ। କେବଳ ଜନସାଧାରଣ ନୁହେଁ, ନିଜ ରିପବ୍ଲିକାନ୍ ଦଳର ଅନେକ ଗଭର୍ନର ଟ୍ରମ୍ପ୍ ଘୋଷି ହେଉଥିବା ମିଥ୍ୟାକୁ ପଦାରେ ପକାଇଲେ। ଏପରିକି ସୋସିଆଲ ମିଡିଆରେ ଭିଡିଓ ଦେଖିବାକୁ ମିଳିଥିଲା ଯେ ହ୍ୱାଇଟ ହାଉସ୍ ଆଗରେ କିଛି ଲୋକ ଏକ ଖୋଲା ଗାଡ଼ି ଉପରେ ଟ୍ରମ୍ପଙ୍କ ଫଟୋକୁ ଟେକାଠାରୁ ଆରମ୍ଭ କରି ଜୋତା ଫୋପାଡ଼ିଥିଲେ। ଅର୍ଥାତ୍ ପ୍ରତିବାଦ କରିବାର ଅଧିକାର ଓ ବାକ୍ ସ୍ୱାଧୀନତାକୁ ସେଠାରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଭାରତରେ ବିଶିଷ୍ଟ ବ୍ୟକ୍ତିଙ୍କ ଯାତାୟାତ ପୂର୍ବରୁ ଓ ପରେ ଅନେକ ସମୟ ଯାଏ ରାସ୍ତାକୁ ଜନଶୂନ୍ୟ ରଖାଯାଏ। ୨୦୧୦ ମସିହାରେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବା ବେଳେ ତାଙ୍କ ଗାଡ଼ି ନୂଆଦିଲ୍ଲୀର ଯେଉଁ ରାସ୍ତା ଦେଇ ଯିବାର ଥିଲା ତାହାକୁ ସାନିଟାଇଜ୍ କରାଯାଉଥିଲା। ସେହି ବାଟ ଦେଇ ଜଣେ ଗୁରୁତର ରୋଗୀକୁ ନେଇ ଯାଉଥିବା ଆମ୍ବୁଲାନ୍ସକୁ ସୁରକ୍ଷାକର୍ମୀମାନେ ଦୀର୍ଘ ସମୟ ଅଟକାଇ ଦେବା ପରେ ତାଙ୍କ ମୃତ୍ୟୁ ଘଟିଥିଲା। ଏବେକାର ପରିସ୍ଥିତିରେ ଅନୁରୂପ ପ୍ରକାରର ଘଟଣା ଘଟୁଛି। କିନ୍ତୁ ଗଣମାଧ୍ୟମ ସେସବୁ ପ୍ରକାଶ କରିବାକୁ ଭୟ କରୁଛି। ଏଭଳି ଭିଭିଆଇପି ସଂସ୍କୃତି ଦେଶର କେଉଁଠି ନା କେଉଁଠି କ୍ଷତି କରିଚାଲିଛି। ଏପରି କି କ୍ରିକେଟ ଖେଳାଳିମାନେ ରହୁଥିବା ହୋଟେଲରୁ ଷ୍ଟାଡିୟମକୁ ଖେଳ ଅଭ୍ୟାସ କରିବାକୁ ଗଲା ବେଳେ ରାସ୍ତାକୁ ମଧ୍ୟ ଦୀର୍ଘସମୟ ବନ୍ଦ କରିଦିଆଯାଏ।

ବ୍ୟବସ୍ଥାର ଶୀର୍ଷଠାରୁ ଆରମ୍ଭ କରି ତଳ ଯାଏ ବିଭିନ୍ନ ସ୍ତରରେ ଗୋଟେ ଅମାନିଆ ଚରିତ୍ର ବିସ୍ତାରଲାଭ କରିଥିବାରୁ କେହି ଶୃଙ୍ଖଳିତ ହେବାକୁ ଚାହୁଁ ନାହାନ୍ତି। ସମୟେ ସମୟେ ଲୋକଦେଖାଣିଆ ଭାବେ କିଛି ଭିଭିଆଇପି ପ୍ରୋଟକଲ ଭାଙ୍ଗି ଥାଆନ୍ତି କେବଳ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବା ପାଇଁ। ମହାତ୍ମା ଗାନ୍ଧୀ ଜାତିଭେଦ ଦୂର କରିବା ଲାଗି ସେତେବେଳେ ହରିଜନଙ୍କ ଘରେ ରହି ଭୋଜନ କରୁଥିଲେ। ଏବେ ଭୋଟ ପାଇଁ ଦଳିତଙ୍କ ଘରେ ନେତାଏ ଖାଉଛନ୍ତି। କୌତୂହଳର ବିଷୟ ଯେ ସେସବୁ ଖାଦ୍ୟ ଭଲ ହୋଟେଲରୁ ଆସୁଥିବା ଫଟୋ ଦେଖିଲେ ଜଣାପଡୁଛି। ପରବର୍ତ୍ତୀ ସମୟରେ ସେହି ଦଳିତ ପରିବାରର ଝିଅକୁ ବଳାତ୍କାର କରି ହତ୍ୟା କରାଇ ଦେବାରେ କର୍ମୀମାନେ ଆଗଭର ହୋଇ ବାହାରି ପଡ଼ିବେ। କଥାରେ କହିବା ଓ କାମରେ କରିବା ଭିତରେ ଯେତେ ତଫାତ୍ ରହୁଥିବ, ଲୋକେ ତାହାକୁ ସାଧାରଣରେ ଗ୍ରହଣ କରିବେ ନାହିଁ। ଭୁଲ ସ୍ୱୀକାର କରି ଉଦାହରଣ ସୃଷ୍ଟି କଲେ ଅନ୍ୟମାନେ ତାହାକୁ ଅନୁସରଣ କରିବେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | 1 | | 0 | B | | 4 | | 5 | | | |
| 8 | | | | 5 | 3 | 7 | | A | | | D | B | | C |
| | A | | 7 | | | E | 8 | | | | | 0 | | |
| | 1 | | D | | | | | | | C | | | | 8 |
| C | | | 6 | | | | | 4 | 1 | | | 2 | 7 | |
| A | | | | 8 | | | | 1 | | | 9 | | C | |
| | 3 | | | | 9 | 6 | | | | | | 1 | | D |
| 0 | 8 | | | | 7 | 3 | | 9 | 5 | 4 | | | | 6 |
| 2 | | E | | | | | 0 | 5 | D | 1 | 3 | 8 | | 4 |
| | | | | | E | A | D | | | | | 7 | | |
| D | C | 9 | | | | | | 2 | 8 | | | 6 | 3 | |
| | | | | | | C | | | B | | 2 | 4 | | |
| 1 | | | 2 | 9 | 6 | D | | | | | 7 | | | |
| | 6 | | 0 | | B | | | | | | | A | D | 7 |
| 7 | 4 | | | 3 | | | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | 5 | E | 7 | C | A | 3 | 6 | B | 4 | 9 | 0 | D | 8 |
| 3 | 0 | 8 | 6 | 1 | 5 | 2 | C | 4 | A | D | 7 | E | 9 | B |
| E | 7 | 9 | A | 8 | B | D | 5 | 0 | 3 | 1 | C | 2 | 6 | 4 |
| D | 6 | B | 3 | 4 | 0 | 1 | 7 | 9 | E | 8 | 2 | C | A | 5 |
| 4 | C | A | 9 | D | 2 | B | 8 | E | 0 | 5 | 6 | 1 | 3 | 7 |
| B | A | 0 | 2 | 6 | 7 | 9 | E | 8 | D | 3 | 5 | 4 | 1 | C |
| 2 | 8 | 1 | 4 | 0 | 3 | 6 | D | C | 7 | B | E | A | 5 | 9 |
| 6 | 9 | 4 | B | 5 | D | 3 | A | 1 | 2 | C | 8 | 7 | 0 | E |
| 5 | D | 3 | C | E | A | 7 | 4 | B | 9 | 0 | 1 | 8 | 2 | 6 |
| C | E | 7 | 1 | 9 | 8 | 5 | 0 | 2 | 4 | 6 | A | 3 | B | D |
| 0 | 5 | C | 7 | 2 | E | 4 | 6 | 3 | 1 | 9 | D | B | 8 | A |
| 8 | 3 | E | 5 | A | 4 | C | B | D | 6 | 2 | 0 | 9 | 7 | 1 |
| 7 | 4 | 2 | D | B | 1 | E | 9 | 5 | 8 | A | 3 | 6 | C | 0 |
| A | 1 | 6 | 8 | C | 9 | 0 | 2 | 7 | 5 | E | B | D | 4 | 3 |
| 9 | B | D | 0 | 3 | 6 | 8 | 1 | A | C | 7 | 4 | 5 | E | 2 |

ଗତକାଲିର ଉତ୍ତର

# କୃଷକଙ୍କ ଦାବି କେତେ ଯଥାର୍ଥ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ରାଜଧାନୀ ଦିଲ୍ଲୀ ଏବେ ଦେଶର କୃଷକ ଆନ୍ଦୋଳନର ଘାଟିରେ ପରିଣତ ହୋଇଯାଇଛି। ଦିଲ୍ଲୀକୁ ସଂଯୋଗ କରୁଥିବା ସମସ୍ତ ରାଜପଥକୁ ଗତ ତିନି ସପ୍ତାହରୁ ଅଧିକ ସମୟ ଧରି ପଞ୍ଜାବ, ହରିୟାଣା, ୟୁପି ଓ ରାଜସ୍ଥାନ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଲକ୍ଷ ଲକ୍ଷ କୃଷକ ଅବରୋଧ କରି ରାଜଧାନୀକୁ ଏକରକମ ଘେରି ରଖିଛନ୍ତି। ସେମାନେ ରାଜନୈତିକ ଦଳମାନଙ୍କ ପରି ତଥାକଥିତ ପ୍ରତିବାଦ ବା ଧାରଣାର ଦିନିକିଆ ଔପଚାରିକତା ପୂରଣ କରିବାକୁ ଆସିନାହାନ୍ତି। ବରଂ ନିଜ ନିଜର ଟ୍ରାକ୍ଟରର ଟ୍ରଲିକୁ ଏକ ତମ୍ବୁରେ ପରିଣତ କରିଦେଇ ସେଥିରେ ଆଗାମୀ ଛଅ ମାସର ରାଶନ ସହିତ ଏକ ଲମ୍ବା ଲଢ଼େଇର ପ୍ରସ୍ତୁତି ନେଇ ଦିଲ୍ଲୀ ଆସିଛନ୍ତି। ଏତେସଂଖ୍ୟକ କୃଷକ ସଂଗଠନ ଆନ୍ଦୋଳନ ପାଇଁ ଯେଉଁଭଳି ଏକତା ଓ ପ୍ରତିବଦ୍ଧତାର ପ୍ରଦର୍ଶନ କରିଛନ୍ତି ତାହା ସ୍ୱାଧୀନ ଭାରତର ଇତିହାସରେ ଅଭୂତପୂର୍ବ ମନେହୁଏ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେମାନେ ଏହି ଲଢ଼େଇରେ ଏକା ନୁହନ୍ତି। ଏହି ଆନ୍ଦୋଳନ ପ୍ରତି ସମାଜର ବିଭିନ୍ନ ମହଲରୁ ଯେଉଁଭଳି ସମର୍ଥନ ଏବଂ ସହାନୁଭୂତି ମିଳୁଛି ତାହା ସରକାରଙ୍କୁ ଚକିତ କରିଦେଇଛି। କେବଳ ପଞ୍ଜାବ କିମ୍ବା ଭାରତରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ବି ଏହି ଆନ୍ଦୋଳନ ପ୍ରତି ବ୍ୟାପକ ସମର୍ଥନ ମିଳିଛି। ବିଶ୍ୱର ଶତାଧିକ ଦେଶରେ ଭାରତୀୟମାନେ କୃଷକଙ୍କ ସମର୍ଥନରେ ରାସ୍ତାକୁ ଆସିବା ଦେଖାଯାଇଛି। ଆନ୍ଦୋଳନରତ ଚାଷୀଙ୍କ ପାଇଁ ଗୁରୁଦ୍ୱାରମାନେ ଲଙ୍ଗର ଜରିଆରେ ଖାଇବା ପିଇବାର ବ୍ୟବସ୍ଥା କରିଥିବା ବେଳେ ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କ ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ଆବଶ୍ୟକ ସାମଗ୍ରୀର ଯୋଗାଣ ଅବ୍ୟାହତ ରହିଛି। ପ୍ରତି ପରିବାରରୁ ଜଣେ ଦୁଇ ଜଣ ଆନ୍ଦୋଳନରେ ସାମିଲ ହେବା ପାଇଁ ଦିଲ୍ଲୀ ଆସିଥିବା ବେଳେ ଅନ୍ୟମାନେ ଘରେ ରହି ଚାଷବାସ ଓ ଅନ୍ୟାନ୍ୟ କାର୍ଯ୍ୟକୁ ସମ୍ଭାଳିବା ଦେଖିବାକୁ ମିଳୁଛି।

କେବଳ ସେତିକି ନୁହେଁ, ଆନ୍ଦୋଳନର ସମର୍ଥନରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ନିଜର ମେଡ଼ାଲକୁ ସରକାରଙ୍କୁ ଫେରାଇଦେଇଥିବା ବେଳେ ଅନେକ କବି, ଲେଖକ, କଳାକାର ଏବଂ ବୈଜ୍ଞାନିକ ବି କୃଷି ଆଇନ ବିରୋଧରେ ଖୋଲାଖୋଲି ସ୍ୱର ଉଠାଇଛନ୍ତି। ଏପରିକି ସେଠାକାର ପୂର୍ବତନ ସେନା ଅଧିକାରମାନେ କୃଷି ଆଇନ ପ୍ରତିବାଦରେ ନିଜର ମେଡ଼ାଲ ଫେରାଇବାକୁ ଘୋଷଣା କରିଛନ୍ତି। ତେବେ ପରିତାପର ବିଷୟ, ଦୀର୍ଘ ଏତେ ଦିନ ଧରି ଲକ୍ଷ ଲକ୍ଷ କୃଷକ ପ୍ରବଳ ଶୀତ କାକରରେ ଖୋଲା ଆକାଶ ତଳେ ପଡ଼ିରହି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିଲେ ମଧ୍ୟ କେନ୍ଦ୍ର ସରକାର ନିଜର ଜିଦ୍‌ରୁ ଓହରିବା ଦେଖାଯାଉନି। ପ୍ରଥମରୁ ହିଁ କୃଷକମାନଙ୍କ ସହ ଆଲୋଚନା ବିନା ଏଭଳି କୃଷକ ବିରୋଧୀ ଆଇନକୁ ଆଣିଥିବା ସରକାର ସେମାନଙ୍କୁ ଦିଲ୍ଲୀ ଆସିବାକୁ ନ ଦେବାକୁ ସମସ୍ତ ପ୍ରକାର ଉଦ୍ୟମ କରିଛନ୍ତି। ତେବେ ସମସ୍ତ ପ୍ରତିବନ୍ଧକକୁ ପାର କରି ଯେତେବେଳେ କୃଷକମାନେ ଦିଲ୍ଲୀ ସୀମାରେ ପହଞ୍ଚିଲେ, ସେତେବେଳେ ସରକାର ବାଧହୋଇ ସେମାନଙ୍କ ସହ ଆଲୋଚନାର ପ୍ରହସନ କରିବା ଦେଖିବାକୁ ମିଳିଲା।

ଆନ୍ଦୋଳନରତ କୃଷକଙ୍କ ଏକତାକୁ ଭାଙ୍ଗିବାକୁ ତଥା ଦେଶବାସୀଙ୍କ ଆଗରେ ସେମାନଙ୍କ ଆନ୍ଦୋଳନକୁ ବଦନାମ୍ କରିବା ପାଇଁ ସରକାର ଓ ଭାଜପା ଦଳର ନେତା ମନ୍ତ୍ରୀମାନେ ଅତ୍ୟନ୍ତ ସୁନିୟୋଜିତ ଭାବେ ପ୍ରଚାର କରିବା ଦେଖାଯାଇଛି। ଗୋଟିଏ ପଟେ ଭାଜପା ସରକାର ଆନ୍ଦୋଳନର ନେତାମାନଙ୍କ ସହ ଆଲୋଚନା କରୁଥିବା ବେଳେ ଅନ୍ୟପଟେ ସେମାନଙ୍କ ପ୍ରଚାରଯନ୍ତ୍ର କୃଷକମାନଙ୍କୁ ଖଲିସ୍ଥାନୀ, ଆତଙ୍କବାଦୀ, ପାକିସ୍ତାନ, ଚାଇନା ସମର୍ଥିତ, ଟୁକୁଡ଼ା ଟୁକୁଡ଼ା ଗ୍ୟାଙ୍ଗ୍, କୃଷକ ନୁହେଁ ଦଲାଲମାନଙ୍କ ଆନ୍ଦୋଳନ ଆଦି ବିଭିନ୍ନ ପ୍ରକାର ଲେବୁଲ ଲଗାଇବାର ଘୃଣ୍ୟ ଉଦ୍ୟମ କରିବା ଦେଖିବାକୁ ମିଳିଛି। କିଛି ତଥାକଥିତ କୃଷକ ନେତାଙ୍କୁ ଦିଲ୍ଲୀ ଡକାଇ କୃଷି ଆଇନ ସପକ୍ଷରେ ଜନମତ ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଛି। ଯଦି ଆନ୍ଦୋଳନ କରୁଥିବା କୃଷକମାନେ ଆତଙ୍କବାଦୀ, ଖଲିସ୍ଥାନୀ, ତା'ହେଲେ ସରକାର ସେମାନଙ୍କ ସହ ଆଲୋଚନା କରୁଛନ୍ତି କାହିଁକି ?

ଏଠାରେ ପ୍ରଶ୍ନ ଉଠେ, ଯଦି ସରକାର ତିନୋଟି କୃଷି ଆଇନକୁ କୃଷକମାନଙ୍କ ସ୍ୱାର୍ଥରେ ଆଣିଛନ୍ତି ବୋଲି କହୁଛନ୍ତି, ତାହେଲେ ତାକୁ ଆଣିବା ପାଇଁ ଦେଶର କୌଣସି କୃଷକ ସଙ୍ଗଠନ କେବେ ଦାବି ବା ଆନ୍ଦୋଳନ କରିଥିଲେ କି ? ଦିଲ୍ଲୀ ଆନ୍ଦୋଳନରେ ସାମିଲ ଦେଶର ତିନି ଶହରୁ ଊର୍ଦ୍ଧ୍ୱ କୃଷକ ସଙ୍ଗଠନଙ୍କ କଥା ଛାଡ଼ନ୍ତୁ, ଖୋଦ୍ ସଂଘ ପରିବାରର ଅନ୍ତର୍ଭୁକ୍ତ ଭାରତୀୟ କିଷାନ୍ ସଂଘ ବି ସରକାରଙ୍କ ନୂଆ ଆଇନ ନେଇ ନିଜର ଅସହମତି ପ୍ରକାଶ କରିଛି। ଯଦି ପ୍ରକୃତରେ କୃଷକଙ୍କ ଲାଭ ପାଇଁ ଏହି ଆଇନ ଆଣିବାର ଥିଲା, ତା'ହେଲେ ସରକାର ଦେଶସାରା ଲକ୍‌ଡାଉନ୍ ସମୟରେ ଲୋକେ ଗୃହବନ୍ଦୀ ଥିବା ବେଳେ ଏତେ ତରବରିଆ ଭାବେ ଅଧ୍ୟାଦେଶ ଜରିଆରେ ତାକୁ ଆଣିଲେ କାହିଁକି? ଦେଶର ସତୁରି ଭାଗ ଲୋକଙ୍କ ଜୀବିକାକୁ ପ୍ରଭାବିତ କରିବାକୁ ଯାଉଥିବା ଏହି ଆଇନକୁ ଆଣିବା ପୂର୍ବରୁ ସେମାନଙ୍କ ମତାମତ ନେବାକୁ ସରକାର ଚାହିଁଲେ ନାହିଁ କାହିଁକି ? କେବଳ ସେତିକି ନୁହେଁ କୃଷି ଏକ ରାଜ୍ୟ ତାଲିକାଭୁକ୍ତ ବିଷୟ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହ ଆଲୋଚନା କରିବାକୁ ଉଚିତ ମନେ କଲେନି। ଏପରିକି ସଂସଦରେ କୌଣସି ଆଲୋଚନା ବିନା ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ବାଚନିକ ଭୋଟରେ କୃଷି ବିଲ୍‌କୁ ପାସ୍ କରିଦେବାର ଉଦ୍ଦେଶ୍ୟଟି କ'ଣ ଥିଲା ?

ଅସଲ କଥା ହେଲା, ଦେଶର କୃଷିକ୍ଷେତ୍ରକୁ ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କ ଅବାଧ ପ୍ରବେଶ ପାଇଁ ଖୋଲିଦେବାକୁ ସରକାର ଉପରୋକ୍ତ ତିନୋଟି ଆଇନ ଆଣିଛନ୍ତି। କର୍ପୋରେଟ୍‌ମାନଙ୍କ ପ୍ରବେଶ ପାଇଁ ପୂର୍ବରୁ ଯାହା ଯାହା ସରକାରୀ କଟକଣା ରହିଥିଲା, ସେସବୁକୁ ନୂଆ ଆଇନ ଜରିଆରେ ସରକାର ଗୋଟିଏ ଝଟକାରେ ହଟେଇ ଦେଇଛନ୍ତି। ପ୍ରଥମ ଥର ପାଇଁ ଜମିରେ ଚାଷ କରିବାଠାରୁ ଆରମ୍ଭକରି କୃଷିଜାତ ଦ୍ରବ୍ୟର କିଣାବିକା, ଗୋଦାମରେ ଜମା କରିବା, ପ୍ରକ୍ରିୟାକରଣ ଓ ଖୁଚୁରା ବଜାରରେ ବିକ୍ରି, ଦର ନିର୍ଦ୍ଧାରଣ ପର୍ଯ୍ୟନ୍ତ କୃଷିର ସମସ୍ତ କ୍ଷେତ୍ରରେ କର୍ପୋରେଟ୍‌ମାନେ ପ୍ରବେଶ କରି ନିଜର ପୁଞ୍ଜିନିବେଶ କରିପାରିବାର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ଦ୍ୱାରା ଆଇନଗତ ସୁରକ୍ଷା ପାଇ ଏଣିକି ବଡ଼ ବଡ଼ କମ୍ପାନୀମାନେ କୃଷିର ସମସ୍ତ କ୍ଷେତ୍ରରେ ପ୍ରବେଶ କରିବେ ଏବଂ ଆମର କୃଷକ ଏବଂ କୃଷିଜାତ ଦ୍ରବ୍ୟର ବ୍ୟବସାୟ କରୁଥିବା ବେପାରୀମାନେ ସେମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଭଳି ଏକ ଅସମାନ ପ୍ରତିଦ୍ୱନ୍ଦ୍ୱିତାରେ କିଏ ବିଜୟୀ ହେବ ଏବଂ କିଏ ଧ୍ୱଂସ ପାଇବ, ତାହା ଜାଣିବାରେ ବୋଧହୁଏ ଅସୁବିଧା ହେବନି।

ସରକାର କହୁଛନ୍ତି ଯେ, କୃଷିଜାତ ଦ୍ରବ୍ୟର କିଣାବିକାରେ ପୂର୍ବରୁ ରହିଥିବା ମଧ୍ୟବର୍ତ୍ତୀ ବ୍ୟବସାୟୀ ଏବଂ ଆଢ଼ତିଆଙ୍କ ଭୂମିକା ସମାପ୍ତ ହେବ। କ'ଣ ଏଥର ଖାଉଟି ବିନା ମଧ୍ୟସ୍ଥରେ ଚାଷୀଠାରୁ ସିଧାସଳଖ କୃଷିଜାତ ଦ୍ରବ୍ୟକୁ କିଣିବ ? ତା'ହେଲେ କର୍ପୋରେଟ୍‌ଙ୍କ ପ୍ରବେଶ କାହିଁକି ? ଅସଲ କଥା ହେଲା, ପୂର୍ବର ଆଢ଼ତିଆଙ୍କ ଜାଗାରେ ଦାନବକାୟ କମ୍ପାନୀ ଏବଂ ସେମାନଙ୍କ ନିଯୁକ୍ତ ଏଜେଣ୍ଟମାନେ ଏବେ ନୂଆ ଦଲାଲ ହୋଇ ଉଭୟ କୃଷକ ଏବଂ ଖାଉଟିଙ୍କୁ ଶୋଷିବେ। ନିଜର ବିପୁଳ ପୁଞ୍ଜି ଏବଂ ପ୍ରଭାବ ବଳରେ ସେମାନେ କୃଷିର ଉପରୋକ୍ତ ସମସ୍ତ କ୍ଷେତ୍ରରୁ କୃଷକ ଏବଂ ଛୋଟ ବେପାରୀଙ୍କୁ ହଟାଇ ଖୁବ୍‌ଶୀଘ୍ର ନିଜର ଏକାଧିପତ୍ୟ ବିସ୍ତାର କରିବେ। ବରଂ ଏଭଳି ପରିସ୍ଥିତିରେ ସେମାନଙ୍କ ସହ ମୂଲଚାଲ କରିବାର କ୍ଷମତା ନା କୃଷକର ରହିବ ନା ଖାଉଟିର ! ଦେଶର କୃଷି ଶ୍ରମଶକ୍ତିର ୮୬% ଭାବେ ପରିଚିତ କ୍ଷୁଦ୍ର ଓ ନାମମାତ୍ର କୃଷକ ସବୁଦିନ ପାଇଁ କୃଷିରୁ ହଟିବେ ଏବଂ ଖାଉଟି ଚଢ଼ାଦରରେ ବଜାରରୁ କୃଷିଜାତ ଦ୍ରବ୍ୟ କିଣିବାକୁ ବାଧ୍ୟ ହେବେ।

ତିନୋଟି କୃଷି ଆଇନ ଓ ପ୍ରସ୍ତାବିତ ବିଦ୍ୟୁତ୍ ସଂଶୋଧନ ବିଲ୍ ବିରୋଧରେ ଭାରତୀୟ କୃଷକଙ୍କ ଐତିହାସିକ ଆନ୍ଦୋଳନ ଆଜି ମୋଦି ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ନୀତିକୁ କାଠଗଡ଼ାରେ ଠିଆ କରିଛି। ପୂର୍ବରୁ ଶ୍ରମ ଆଇନର ଉଚ୍ଛେଦଠାରୁ ଆରମ୍ଭକରି ଲଗାତର ଭାବେ କର୍ପୋରେଟ୍ ସପକ୍ଷବାଦୀ ନୀତି ଗ୍ରହଣ କରିଆସିଥିବା ସରକାରଙ୍କ ଆର୍ଥିକ ସଂସ୍କାରର ରଥକୁ ଦେଶର କୃଷକ ଶ୍ରେଣୀ ସିଙ୍ଘୁ ସୀମାରେ ଅଟକାଇ ରଖିଛନ୍ତି। ଦେଶର ସତୁରି ଭାଗ ଲୋକଙ୍କୁ ରୋଜଗାର ଦେଉଥିବା କୃଷି ଆଜି କୃଷକଙ୍କ ହାତରେ ରହିବ ନା ୱାଲମାର୍ଟ, ରିଲାଏନ୍ସ, ଆଦାନୀ ପରି ହାତଗଣତି ଦେଶୀ ବିଦେଶୀ ବୃହତ୍ କର୍ପୋରେଟ୍‌ଙ୍କ ଚାରଣଭୂମିରେ ପରିଣତ ହେବ, ତାହା ଆଗାମୀ ଦିନରେ ସ୍ଥିର ହେବାକୁ ଯାଉଛି। ସରକାର ନିଜର ସଂଖ୍ୟାଗରିଷ୍ଠତାର ଆତ୍ମବଡ଼ିମାକୁ ଛାଡ଼ି ଦେଶର କୃଷକ ଶ୍ରେଣୀର ସ୍ୱରକୁ ଅବିଳମ୍ବେ ଶୁଣିବା ଦରକାର।

ମୋ: ୯୪୩୭୧୬୭୩୯୧

# ବୈଶେଷିକ ଦର୍ଶନର ମୂଳତତ୍ତ୍ୱ



ଡ. ଗୋପାଳ ଚନ୍ଦ୍ର ଦାଶ

ମହର୍ଷି କଣାଦ ବୈଶେଷିକ ଦର୍ଶନର ରଚୟିତା। ଏହି ଦର୍ଶନ ଦଶଗୋଟି ଅଧ୍ୟାୟରେ ବିଭକ୍ତ ଓ ପ୍ରତି ଅଧ୍ୟାୟରେ ଦୁଇଗୋଟି ଆହ୍ନିକ ଅଛି। ଏହି ଦର୍ଶନର ସୂତ୍ର ସଂଖ୍ୟା ୩୧୭। ପ୍ରଶସ୍ତ ପାଦ ଭାଷ୍ୟ ଏହି ଦର୍ଶନର ପ୍ରାଚୀନ ଟୀକା। ଚତୁର୍ଥ ସୂତ୍ରରେ କୁହାଯାଇଛି 'ତତ୍ତ୍ୱ ଜ୍ଞାନାନି ଶ୍ରେୟସମ'-ଅର୍ଥାତ୍ ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ ଆଦି ଛଅ ପଦାର୍ଥର ସମାନତା ଓ ବିଭେଦତାର ତତ୍ତ୍ୱଜ୍ଞାନରୁ ମୋକ୍ଷ ପ୍ରାପ୍ତି ହୋଇଥାଏ। ଏହି ଦର୍ଶନରେ ଜଗତକୁ ବସ୍ତୁବାଦୀ ଦୃଷ୍ଟିକୋଣରୁ ବର୍ଣ୍ଣନା କରାଯାଇଛି। ପ୍ରତ୍ୟେକ ବସ୍ତୁର ବିଭାଜନ ପରେ ସୃଷ୍ଟି ହେଉଥିବା ଅନ୍ତିମ ପରମାଣୁଗୁଡ଼ିକର ବିଶେଷତାକୁ ନେଇ ବସ୍ତୁଗୁଡ଼ିକର ବିଭିନ୍ନତା ଦେଖାଦେଇଥାଏ। ବୈଶେଷିକ ଦର୍ଶନ ବସ୍ତୁର ଏହି ବିଶେଷତାକୁ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିଥାଏ। ବେଦ ଓ ଉପନିଷଦରେ ବିଶ୍ୱର ସକଳ ବସ୍ତୁର ଏକ ଅନ୍ତର୍ନିହିତ ଏକତା ଅଛି ବୋଲି ସ୍ୱୀକାର କରାଯାଇଛି। ଏହି ଦର୍ଶନରେ ବସ୍ତୁର ବିଭିନ୍ନତା ସମ୍ବନ୍ଧରେ ବର୍ଣ୍ଣନା କରାଯାଇ ଥିବାରୁ ଏହାକୁ ବେଦ ବିରୁଦ୍ଧ ବୋଲି କେତେକ ଭାଷ୍ୟକାର ଦର୍ଶାଇ ଥାଆନ୍ତି। ମାତ୍ର ଏହି ଦର୍ଶନରେ ବିଭିନ୍ନତା ମଧ୍ୟରେ ଏକତାର ଦେଖିବାର ଉଦ୍ୟମ କରାଯାଇ ଥିବାରୁ ଏହାକୁ ବେଦ ପରିପନ୍ଥୀ ବୋଲି କହିବାର ଯଥାର୍ଥତା ଅଛି। ଦୁଇ ପଦାର୍ଥ ମଧ୍ୟରେ ସମାନତା(ସାଧର୍ମ୍ୟ) ଓ ବିଭେଦତା(ବୈଧର୍ମ୍ୟ)ର ଉଦାହରଣ ଦେଇ କୁହାଯାଇଛି ଯେ, ଗାଈ ଓ ଘୋଡ଼ା ଉଭୟ ଚତୁଃଷ୍ପଦ ଯୋଗୁ ଉଭୟେ ସାଧର୍ମ୍ୟ, ମାତ୍ର ଉଭୟଙ୍କ ମଧ୍ୟରେ ଅନେକ ଭିନ୍ନତା ବା ବୈଧର୍ମ୍ୟ ରହିଛି। ବ୍ରହ୍ମ ଓ ଜୀବ ଉଭୟେ ଚେତନ, ଏହା ସମାନତାର ପ୍ରତୀକ। ମାତ୍ର ବ୍ରହ୍ମ ସର୍ବଜ୍ଞ, ଜୀବ ଅଳ୍ପଜ୍ଞ- ଏହା ଦୁଇ ବସ୍ତୁ ମଧ୍ୟରେ ବିଭେଦତାର ପ୍ରତୀକ। ପ୍ରତ୍ୟେକ କାରଣର ଗୁଣାବଳୀ କାର୍ଯ୍ୟରେ ପରିଦୃଷ୍ଟ ହୁଏ- ଏହା ବୈଶେଷିକ ଦର୍ଶନର ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ। ବୈଶେଷିକ ଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଯେ ଧର୍ମାଚରଣ ଦ୍ୱାରା ଆତ୍ମା ବନ୍ଧନରୁ ମୁକ୍ତ ହୋଇଥାଏ। ଧର୍ମର ସ୍ୱରୂପକୁ ବର୍ଣ୍ଣନା କରି ଏହି ଗ୍ରନ୍ଥରେ କୁହାଯାଇଛି ଯେ, ଯାହାଦ୍ୱାରା ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇ ମୋକ୍ଷ ସିଦ୍ଧି ହୁଏ ତାହା ଧର୍ମ ଅଟଇ। ସେଥିପାଇଁ ଦ୍ୱିତୀୟ ସୂତ୍ରରେ କୁହାଯାଇଛି ''ଯତୋଽଭ୍ୟୁଦୟ ନିଶ୍ରେୟସ ସିଦ୍ଧି ସଧର୍ମଃ''। ବୈଶେଷିକ ଦର୍ଶନ କହେ ଯେ, ଯେପର୍ଯ୍ୟନ୍ତ ଛଅଗୋଟି ପଦାର୍ଥ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ହୋଇନାହିଁ ସେ ପର୍ଯ୍ୟନ୍ତ ମୋକ୍ଷ ପ୍ରାପ୍ତି ସମ୍ଭବ ନୁହେଁ। ସେହି ଛଅ ଗୋଟି ପଦାର୍ଥ ହେଲା- ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ ଓ ସମବାୟ। ଏହି ଦର୍ଶନରେ ଦ୍ରବ୍ୟ, ଗୁଣ ଓ କର୍ମ ଏହି ତିନି ପଦାର୍ଥ ଉପରେ ବିଶେଷ ଧ୍ୟାନ ଦିଆଯାଇଛି ଓ ବିସ୍ତାର ପୂର୍ବକ ବ୍ୟାଖ୍ୟା କରାଯାଇଛି। ଅନ୍ୟ ତିନି ପଦାର୍ଥ-ସାମାନ୍ୟ, ବିଶେଷ ଓ ସମବାୟ କେବଳ ଭାବରୂପୀ ଅଟେ ; ଯାହା ବୁଦ୍ଧିରୁ ଉତ୍ପନ୍ନ। ଦ୍ରବ୍ୟ ନଅ ପ୍ରକାର। ସେଗୁଡ଼ିକ ହେଲା- ପୃଥ୍ୱୀ, ଜଳ, ଅଗ୍ନି, ବାୟୁ, ଆକାଶ, କାଳ, ଦିଗ, ଆତ୍ମା ଓ ମନ। ଦ୍ରବ୍ୟମାନଙ୍କ ମଧ୍ୟରେ ଚବିଶ ପ୍ରକାର ଗୁଣ ଦେଖିବାକୁ ମିଳିଥାଏ। ଗୁଣ ସ୍ୱତନ୍ତ୍ର ନୁହେଁ କାରଣ ଏହା ଦ୍ରବ୍ୟର ଆଶ୍ରୟରେ ରହିଥାଏ। ଗୁଣଦ୍ୱାରା ଦ୍ରବ୍ୟର ବିଭିନ୍ନ କ୍ରିୟା ସଂପାଦିତ ହୋଇଥାଏ। ଏପରି କି ଗୋଟିଏ ଦ୍ରବ୍ୟର ଏକାଧିକ ଗୁଣ ରହିଥାଏ। ବ୍ୟାପକତା ଦୃଷ୍ଟିରୁ ଦ୍ରବ୍ୟର ଚବିଶ ଗୁଣକୁ ତିନି ଭାଗରେ ବର୍ଣ୍ଣନା କରାଯାଇଛି। ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ ଆଦି ଗୁଣ ଇନ୍ଦ୍ରିୟ ସମ୍ବନ୍ଧିତ, ସଂଖ୍ୟା, ପରିଣାମ, ପୃଥକତ୍ୱ, ସଂଯୋଗ, ବିଭାଗ, ଦୂରତା, ନିକଟତା, ଗୁରୁତ୍ୱ, ଦ୍ରବତ୍ୱ, ସ୍ନେହ ଆଦି ଗୁଣ ଦ୍ରବ୍ୟ ସମ୍ବନ୍ଧିତ ବିଶେଷତା, ବୁଦ୍ଧି, ସୁଖ, ଦୁଃଖ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ଧର୍ମ, ଅଧର୍ମ ଓ ସଂସ୍କାର ଆଦି ଗୁଣ ମନ ସମ୍ବନ୍ଧିତ ଅଟେ। ଗୁଣ ଦ୍ରବ୍ୟର ସ୍ୱାଭାବିକ ଧର୍ମ ହୋଇଥିବାରୁ ଏହା ଦ୍ରବ୍ୟରେ ସର୍ବଦା ବିଦ୍ୟମାନ ଥାଏ। ଦ୍ରବ୍ୟରେ ଗୁଣ ବ୍ୟତୀତ କର୍ମର ମଧ୍ୟ ଅସ୍ତିତ୍ୱ ଥାଏ। ପ୍ରଯତ୍ନ ଦ୍ୱାରା ଦ୍ରବ୍ୟରେ କର୍ମ କିଛି ସମୟ ପାଇଁ ଦେଖାଦେଇଥାଏ। କର୍ମ ପାଞ୍ଚ ପ୍ରକାର-ଉତ୍‌କ୍ଷେପଣ, ଅବକ୍ଷେପଣ, ଆକୁଞ୍ଚନ, ପ୍ରସାରଣ ଓ ଦମନ। ଆତ୍ମା ଓ ମନର ପ୍ରେରଣାରୁ ଦ୍ରବ୍ୟରେ କର୍ମ ଉତ୍ପନ୍ନ ହୋଇଥାଏ। କର୍ମ ପାଇଁ ଜ୍ଞାନ ଓ ସଂକଳ୍ପର ଆବଶ୍ୟକ ପଡ଼ିଥାଏ। ଦ୍ରବ୍ୟ, ଗୁଣ ଓ କର୍ମ ଇନ୍ଦ୍ରିୟମାନଙ୍କର ବିଷୟ ହୋଇଥିବାରୁ ସେଗୁଡ଼ିକ ଦୃଶ୍ୟ ଓ ଅନୁଭବ୍ୟ। ମାତ୍ର ସାମାନ୍ୟ ଓ ବିଶେଷ ବୁଦ୍ଧି ସହିତ ସମ୍ବନ୍ଧିତ ଅଟେ। ଏହାର ସହାୟତାରେ ପଦାର୍ଥର ସମାନତା ଓ ଅସମାନତାର ଆଧାରରେ ବର୍ଗୀକରଣ କରାଯାଇ ପଦାର୍ଥକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ସାମାନ୍ୟ ଅର୍ଥ ସାଧାରଣ ଓ ଏହାର ବିପରିତ ହେଉଛି ବିଶେଷ। ବିଶେଷର ଗବେଷଣା ଦ୍ୱାରା କ୍ଷୁଦ୍ରରୁ କ୍ଷୁଦ୍ରତମ ପରମାଣୁର ସନ୍ଧାନ ମିଳିଥାଏ। ଦୁଇ ପଦାର୍ଥର ମିଳନ ବା ସଂଯୋଗ ହୋଇ ସ୍ଥାୟୀ ବା ନିତ୍ୟ ହେଲେ ତାହାକୁ ସମବାୟ କୁହାଯାଏ। ଉଦାହରଣ ସ୍ୱରୂପ ଈଶ୍ୱର ଓ ଜୀବ ଉଭୟେ ଚେତନ- ଏହା ସମାନତା(ସାମାନ୍ୟ)। ଈଶ୍ୱର ସତ୍, ଚିତ୍ ଓ ଆନନ୍ଦ ହୋଇଥିବାରୁ ଏହି ଗୁଣ ବିଶେଷ ଅଟେ। ଆତ୍ମା ଓ ପରମାତ୍ମାର ସ୍ଥାୟୀ ମିଳନକୁ ସମବାୟ କୁହାଯାଏ, ଯାହାକୁ ଯୋଗ ଦର୍ଶନରେ ସମାଧି କୁହାଯାଏ।

ବୈଶେଷିକ ଦର୍ଶନ ବେଦ ବଚନକୁ ପ୍ରମାଣ ସ୍ୱରୂପ ସ୍ୱୀକାର କରେ ତଥା ଈଶ୍ୱରଙ୍କ ଅସ୍ତିତ୍ୱକୁ ମାନ୍ୟତା ପ୍ରଦାନ କରିଥାଏ। ଏହି ଗ୍ରନ୍ଥ କର୍ମ ସିଦ୍ଧାନ୍ତ ଉପରେ ବିଶ୍ୱାସ କରେ। ମନୁଷ୍ୟ ନିଜ କୃତ କର୍ମର ଭୋକ୍ତା। କର୍ମର ବୀଜ ଦୁଇଫାଳ ସଦୃଶ- ଗୋଟିଏ ସଂସ୍କାର ଓ ଅନ୍ୟଟି ଭୋଗ। ଏହି ଦର୍ଶନ ଦାନ ନେବା ଓ ଦେବାରେ ବିଶ୍ୱାସ କରେ। ଦାନ ନିଃସ୍ୱାର୍ଥ, ଶ୍ରଦ୍ଧା ପୂର୍ବକ ଓ ସତ୍ ପାତ୍ରରେ ଦେବା ଉଚିତ। ଦାନ ଗ୍ରହଣକାରୀର ଯୋଗ୍ୟତା ନ ଥିଲେ ଦାନ ଗ୍ରହଣ କରିବା ଅନୁଚିତ। ଏହାଦ୍ୱାରା ଦାନ ଗ୍ରହଣକାରୀର ପାପ ହୋଇଥାଏ। ଦାନ ଦ୍ୱାରା ଯାହା ଦିଆଯାଇଥାଏ ତାହାର ଶତଗୁଣ ମନୁଷ୍ୟକୁ ଭବିଷ୍ୟତରେ ମିଳିଥାଏ।

ବୈଶେଷିକ ଦର୍ଶନ ପରମାଣୁବାଦ ପ୍ରତିପାଦନ କରିଥାଏ। ପରମାଣୁକୁ ନିତ୍ୟ ବସ୍ତୁ ବୋଲି ମତ ପ୍ରଦାନ କରିଥିବାରୁ ସାଂଖ୍ୟ ଦର୍ଶନ ସହିତ ଏହାର ମତଭେଦ ହୋଇଥାଏ। ମୀମାଂସକମାନେ ବୈଶେଷିକ ଦର୍ଶନକୁ ନାସ୍ତିକ କହିଥାଆନ୍ତି। ନ୍ୟାୟ ଦର୍ଶନରେ ବର୍ଣ୍ଣନା କରାଯାଇଥିବା ପରମାଣୁ ତତ୍ତ୍ୱ ସହିତ ଏହି ଦର୍ଶନର ସାମଞ୍ଜସ୍ୟ ମିଳିଥାଏ। ପରମାଣୁ ତତ୍ତ୍ୱ ଆଧାରରେ ଏହି ଦର୍ଶନରେ ସୃଷ୍ଟିବିଜ୍ଞାନର ଯଥାର୍ଥତା ବର୍ଣ୍ଣନା କରାଯାଇଛି। ମହର୍ଷି କଣାଦଙ୍କ ମତରେ ସମସ୍ତ ଜଗତର ରଚନା ପରମାଣୁ ଦ୍ୱାରା ହୋଇଛି। ପରମାଣୁ ଚାରି ଶ୍ରେଣୀର- କ୍ଷିତି, ଅପ, ତେଜସ ଓ ମରୁତ। ଆକାଶ ପାରମାଣବିକ ନୁହେଁ। ପ୍ରତ୍ୟେକ ପରମାଣୁ ବିଶେଷ ଓ ତାହାର ସ୍ଥିତି ସ୍ୱତନ୍ତ୍ର। ପରମାଣୁ ମଧ୍ୟରେ ଗୁଣଗତ ଓ ପରିଣାମଗତ ପାର୍ଥକ୍ୟ ଅଛି। ପରମାଣୁର ଗୁଣ ନିତ୍ୟ। ପରମାଣୁଗୁଡ଼ିକ ସ୍ୱାଭାବତଃ ନିଷ୍କ୍ରିୟ, ମାତ୍ର ବାହ୍ୟ ଶକ୍ତି ଦ୍ୱାରା ଗତିଶୀଳ ହୋଇଥାଆନ୍ତି। ଯେତେବେଳେ ପରମାଣୁ ପରସ୍ପରଠାରୁ ପୃଥକ ଅବସ୍ଥାରେ ରହେ ସେତେବେଳେ ପ୍ରଳୟ ଅବସ୍ଥା ସୃଷ୍ଟି ହୁଏ। ଯେତେବେଳେ ସେମାନେ ପରସ୍ପର ସହିତ ମିଳିତ ହୋଇ ବିଭିନ୍ନ ପ୍ରକାର ରୂପ ଓ ନାମ ରଚନା କରନ୍ତି, ସେତେବେଳେ ଜଗତର ଆବିର୍ଭାବ ହୁଏ। ଈଶ୍ୱରଙ୍କର ସଂହାର ଇଚ୍ଛାରେ ପ୍ରଳୟ ସମୟରେ ପରମାଣୁଗୁଡ଼ିକର ଘାତ ପ୍ରତିଘାତ ଦ୍ୱାରା ଶରୀର ଓ ଇନ୍ଦ୍ରିୟ ନଷ୍ଟ ହୋଇଯାଏ। ଅନ୍ତିମରେ କେବଳ ଚାରି ପ୍ରକାର ପରମାଣୁ ରହିଥାଏ, ଯାହା ସୃଷ୍ଟି ନିର୍ମାଣରେ ସାହାଯ୍ୟ କରେ। ବୈଶେଷିକ ଦର୍ଶନ ଗୌତମଙ୍କ ନ୍ୟାୟ ଦର୍ଶନଠାରୁ ପ୍ରାଚୀନତମ। ମହର୍ଷି କଣାଦଙ୍କ ଦ୍ୱାରା ରଚିତ ବୈଶେଷିକ ସୂତ୍ର ପ୍ରଥମ ଗ୍ରନ୍ଥ। ଏହି ଗ୍ରନ୍ଥକୁ ପରବର୍ତ୍ତୀ ସମୟରେ ଉଦୟନ, ଶ୍ରୀଧର ଓ ଶଙ୍କର ମିଶ୍ର ଟିକାକରଣ କରିଥିଲେ।

ସେବା ନିବୃତ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ
ପୂର୍ବତଟ ରେଳୱେ, ଭୁବନେଶ୍ୱର
ଫୋନ୍: ୦୬୭୪-୩୫୫୩୬୬୭
email: gcdash59@gmail.com

## ଏଇ ଭାରତରେ

ଶବଦାହ ନିମନ୍ତେ ସବୁ ଅଞ୍ଚଳରେ ଶ୍ମଶାନ ଥିବା କଥା ପ୍ରାୟ ସମସ୍ତେ ଜାଣିଥିବେ। କିନ୍ତୁ କୁକୁରଙ୍କ ପାଇଁ ବି ଶ୍ମଶାନ ଅଛି ଏକଥାକୁ ପ୍ରାୟତଃ କେହି ଜାଣି ନ ଥିବେ! କୁକୁରଙ୍କ ପାଇଁ ଏଭଳି ଏକ ସ୍ୱତନ୍ତ୍ର ଶ୍ମଶାନ ଏବେ ତିଆରି ହୋଇଛି ଦକ୍ଷିଣ ଦିଲ୍ଲୀ ନଗର ନିଗମ (ଏସ୍‌ଡିଏମ୍‌ସି)ରେ। ଏହି ଅଞ୍ଚଳର ଦ୍ୱାରକାରେ ଏଭଳି ଏକ ଶ୍ମଶାନ ତିଆରି କରାଯିବ। ପ୍ରାୟ ୭୦୦ ବର୍ଗ ମିଟର କ୍ଷେତ୍ରରେ କୁକୁରଙ୍କ ପାଇଁ ଶ୍ମଶାନ ତିଆରି କରିବା ନିମନ୍ତେ ନଗର ନିଗମ ଯୋଜନା କରିଛି। ଶ୍ମଶାନରେ କୁକୁରମାନଙ୍କୁ ଦାହ କରିବା ପରେ ସେମାନଙ୍କର ଅସ୍ଥିକୁ ବି ୧୫ ଦିନ ପର୍ଯ୍ୟନ୍ତ ସାଇତି ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ କୁକୁରଙ୍କ ପାଇଁ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା ଫଳରେ କୁକୁର ପାଳିଥିବା ବ୍ୟକ୍ତିମାନେ ବେଶ୍ ଖୁସି ହୋଇଛନ୍ତି। କାରଣ ଆଜିକାଲି ପୋଷା କୁକୁରଙ୍କୁ ମଧ୍ୟ ଲୋକେ ପରିବାରର ସଦସ୍ୟ ଭଳି ଭାବୁଛନ୍ତି। ତେଣୁ କୁକୁରର ମୃତ୍ୟୁ ପରେ ତାକୁ ପାରମ୍ପରିକ ଢଙ୍ଗରେ ସ୍ୱତନ୍ତ୍ର ସମ୍ମାନ ଦେବା ପାଇଁ ଅନେକେ ପ୍ରୟାସ କରୁଛନ୍ତି। ପଶୁମାନଙ୍କ ସହ ମଣିଷର ସମ୍ପର୍କ ଏବେ ଧୀରେ ଧୀରେ ବୃଦ୍ଧି ପାଉଥିବାରୁ କୁକୁରଙ୍କ ପାଇଁ ଶ୍ମଶାନ ନିର୍ମାଣ କରିବା ଏକ ସୁନ୍ଦର ପ୍ରୟାସ ବୋଲି ମତ ପ୍ରକାଶ ପାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଡିସେମ୍ବର ୧୯୯୫

- ଆମେରିକା ଏୟାରଲାଇନ୍ସର ଏକ ବିମାନ ଦକ୍ଷିଣ ପଶ୍ଚିମ କଲମ୍ବିଆର ପାର୍ବତ୍ୟ ଇଲାକାରେ ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସିପଡ଼ିବା ଫଳରେ ୧୫୯ ଯାତ୍ରୀଙ୍କ ପ୍ରାଣହାନି।
- ଦକ୍ଷିଣ ଆଫ୍ରିକାର ବିଶିଷ୍ଟ ଧର୍ମଯାଜକ ସ୍ୱାଧୀନତା ସଂଗ୍ରାମୀ ଦେଶମଣ୍ଡ ଟୁଟୁଙ୍କୁ ୟୁ ଥାଣ୍ଟ ଶାନ୍ତି ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ଚେତନ ହେଲାଣି କେତେ ଜଡ଼
କେତେ ଜୁଇ ହୁଏ କୁଆଁ ରବ !
ଆଲୋକ-ଛାୟାର କେତେ ଛବି
ପଥେ ଆସି ଯାଏ ପୁଣି ଦ୍ରବି
ରଚି ସୁଖ ଦୁଃଖ ନବ ନବ
କେତେ ଜୁଇ ହୁଏ କୁଆଁ ରବ।
(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମୃତ୍ୟୁ ସଂଖ୍ୟା ବଢୁଛି କାହିଁକି

ମହାଶୟ,

କରୋନା ମହାମାରୀ ସଂକ୍ରମଣକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ବିଭିନ୍ନ ପାରାମିଟରରେ ରାଜ୍ୟ ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ତେବେ ଗତ ଦୁଇ ମାସ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ବେଗରେ ହ୍ରାସ ପାଇଥିବା ସତ୍ତ୍ୱେ ମୃତ୍ୟୁହାର ନ କମି ବଢ଼ିବା ଚିନ୍ତାର ବିଷୟ। ଏକ ବିଶ୍ଳେଷଣରୁ ଜଣାପଡିଛି ଯେ, ଗତ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓଡିଶାରେ ଦୈନିକ ହାରାହାରି ସଂକ୍ରମିତଙ୍କ ସଂଖ୍ୟା ୨୯୨୫ ଥିବାବେଳେ ମୃତ୍ୟୁ ସଂଖ୍ୟା ଥିଲା ୯ । ତେବେ ଠିକ୍ ୨ମାସ ପରେ ଅର୍ଥାତ ନଭେମ୍ବର ପ୍ରଥମ ସପ୍ତାହରେ ଦୈନିକ ହାରାହାରି ସଂକ୍ରମିତଙ୍କ ସଂଖ୍ୟା ୧୬୩୪କୁ ହ୍ରାସ ପାଇଥିବା ସତ୍ତ୍ୱେ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବା ସତ୍ତ୍ୱେ ମୃତ୍ୟୁସଂଖ୍ୟା ନ କମି କାହିଁକି ବଢୁଛି ତା'ର କାରଣ ଓ ନିରାକରଣ ସମ୍ପର୍କରେ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ।

ଅକ୍ଷୟ କୁମାର ମହାନ୍ତି, ହଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସରିଆସୁଛି ୨୦୨୦ ମସିହା। ଘଟଣା, ଦୁର୍ଘଟଣାଠାରୁ ବଳିଯାଇଛି ମହାମାରୀ କରୋନାର ଅସରନ୍ତି କାହାଣୀ। ବିତି ଯାଇଥିବା ବର୍ଷ ଯେଉଁ ଛାପ ଛାଡିଯାଇଛି, ତାହା ମନକୁ ଆନ୍ଦୋଳିତ କରେ। ଏହି ଅପାସୋରା ଓ ଅଭୁଲା ଅତୀତ ବାରମ୍ବାର ମନରେ ଉଙ୍କିମାରେ। ସେହି ସ୍ମୃତିକୁ ପୁଣି ଥରେ ମନେ ପକାଇବାକୁ ବର୍ଷର ଶେଷ ପାହାଚରେ ଆମର ଏହି ପ୍ରୟାସ....।

## କରୋନା

# ହଟ୍‌ସ୍ପଟ୍ ଗଞ୍ଜାମ



କରୋନା ସଂକ୍ରମଣ ନେଇ ରାଜ୍ୟରେ ଗଞ୍ଜାମ ଜିଲା ହଟ୍‌ସ୍ପଟ୍‌ରେ ରହିଥିଲା। ଦିନକୁ ଦିନ ଆକ୍ରାନ୍ତଙ୍କ ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିଥିଲା। ଦୈନିକ ପାଖାପାଖି ୭୦୦ ପଜିଟିଭ୍ ଚିହ୍ନଟ ହେଉଥିଲେ। ଏନେଇ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଚିନ୍ତା ବଢି ଯାଇଥିଲା। ତେବେ ଜିଲାପାଳ ଓ ରାଜ୍ୟ ସରକାରଙ୍କ ସଫଳ କୋଭିଡ୍ ପରିଚାଳନା ଫଳରେ ଦିନକୁ ଦିନ ପଜିଟିଭ୍‌ଙ୍କ ସଂଖ୍ୟା କମିବାରେ ଲାଗିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଜେ ଏହାର ତଦାରଖ କରିବା ସହ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରଠାରୁ ଆରମ୍ଭ କରି କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ଓ ଆଗୁଆ ପଦକ୍ଷେପକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରି ଟୁଇଟ୍ କରିଥିଲେ।

ମାର୍ଚ୍ଚରେ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଓ ପ୍ରସିଦ୍ଧ ଦଣ୍ଡ ଯାତ୍ରାକୁ ଜିଲାପାଳ ବନ୍ଦ କରିଥିଲେ। ଏପ୍ରିଲ୍‌ରୁ ଜିଲାକୁ ଅନ୍ୟ ରାଜ୍ୟରୁ ପ୍ରବାସୀଙ୍କ ଫେରିବା ଆରମ୍ଭ ହୋଇଥିଲା। ୪ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଟ୍ରେନ୍ ଓ ବସ୍ ଯୋଗେ ଫେରିଥିଲେ। ଏଥିଲାଗି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା। ଔଷଧ ଓ ଅନ୍ୟ ଦୋକାନକୁ ଆସୁଥିବା ଗ୍ରାହକଙ୍କ ଠିକଣା ଓ ମୋବାଇଲ ନମ୍ବର ରଖିବା, ଦୋକାନୀଙ୍କ ପାଇଁ ପଞ୍ଚସୂତ୍ରୀ ନିୟମ ଆଦି ସମ୍ପର୍କରେ ଜିଲାପାଳ ଆଗୁଆ ପଦକ୍ଷେପ ନେଇଥିଲେ। ଫଳରେ କରୋନା ସ୍ଥିତିରେ ସୁଧାର ଅଣାଯାଇ ପାରିଥିଲା। ମାର୍ଚ୍ଚ ୨୨ ରେ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଘୋଷଣା ହୋଇଥିଲା। ଜିଲାରେ କରୋନାରେ ୨୧ ହଜାରରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିଲେ। ସୁସ୍ଥଙ୍କ ସଂଖ୍ୟା ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଥିଲା। ଜିଲାରେ ପାଖାପାଖି ୭ ଲକ୍ଷ ଲୋକଙ୍କ କରୋନା ଟେଷ୍ଟ କରାଯାଇଥିଲା। ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଜିଲାରେ ୩ କୋଭିଡ୍ ହସ୍ପିଟାଲରେ ୫୨୦ ଶଯ୍ୟା ସହ ୯୦ ଆଇସିୟୁ, କୋଭିଡ୍ କେୟାର ସେଣ୍ଟରରେ ୧୭୦୦ ଅକ୍ସିଜେନ୍ ସିଲିଣ୍ଡର, ୭୨୫ ଅକ୍ସିଜେନ୍ ରହିତ ବେଡ୍ ଏବଂ କୋଭିଡ୍ କେୟାର ହୋମ୍‌ରେ ୫ ହଜାର ୮୮ ଶଯ୍ୟା ବ୍ୟବସ୍ଥା କରାଯାଇଥିଲା। ଏଥିସହ ପଞ୍ଚାୟତ ସ୍ତରରେ କ୍ୱାରାଣ୍ଟାଇନ୍ ସେଣ୍ଟର ଓ କୋଭିଡ୍ କେୟାର ହୋମ୍ ବ୍ୟବସ୍ଥା ହୋଇଥିଲା।





## ସ୍କ୍ରାପ୍, ଷ୍ଟିଲ୍ ପାଇପ୍‌ରେ ବାଇକ୍

ବୟସ କମ୍ ହେଲେ ମଧ୍ୟ ଦକ୍ଷତା ପ୍ରତିପାଦନ ପାଇଁ ସେ ସର୍ବଦା ଚେଷ୍ଟିତ। ସେ ହେଉଛନ୍ତି, ବ୍ରହ୍ମପୁର ଧର୍ମନଗର ନିବାସୀ ଜି.ଜେ.ରଭିଙ୍କ ପୁତ୍ର ଜି.ଜେ.ରାଜ୍। ରାଜ୍ ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ର, ଯିଏ କି ଷ୍ଟିଲ୍ ପାଇପ୍,ପୁରୁଣା ଯାନବାହନ ଯନ୍ତ୍ରାଂଶ ଓ ସ୍କ୍ରାପ୍‌ରେ ଏକ ଦୁଇ ଚକିଆ ଯାନ ନିର୍ମାଣ କରିଛନ୍ତି। ଏହାର ନାମ ସେ 'ଗୁଫଂତ୍ ରାଇଡ଼ର'ରଖିଛନ୍ତି। ଏହାର ନିର୍ମାଣ ପାଇଁ ତାଙ୍କୁ ୪ ମାସ ଲାଗିଥିବା ରାଜ୍ କହିଛନ୍ତି। ଏହା ୧ ଲିଟର ପେଟ୍ରୋଲରେ ୬୦ କି.ମି. ଯାଇ ପାରିବ।

## ଡଙ୍କଲପାଡୁ ବସ୍ ଟ୍ରାଜେଡି ୧୨ ମୃତ





ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ମେଣ୍ଟରାଜପୁର ନିକଟ ଡଙ୍କଲପାଡୁରେ ଫେବୃୟାରୀ ୯ରେ ଏକ ହୃଦୟବିଦାରକ ଘଟଣା ଘଟିଥିଲା। ରାସ୍ତାରେ ଯାଉଥିବା ଗୋଟିଏ ବସ୍ ୩୩ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେଥିରେ ଥିବା ଦୁଇ ଛାତ୍ରଙ୍କ ସମେତ ୯ ଜଣଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ପରେ କଟକ ବଡ ମେଡିକାଲରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାଟି ରାଜ୍ୟରେ ବଡ଼ ଦୁଃଖଦ ଘଟଣା ବୋଲି ଚର୍ଚ୍ଚା ହୋଇଥିଲା। ଡଙ୍କଲପାଡୁର ୟୁ. ସନ୍ନ୍ୟାସୀଙ୍କ ପୁଅ ୟୁ. ଅଶୋକଙ୍କ ବିବାହ ନିର୍ବନ୍ଧ ଭୋଜି ପାଇଁ ଡଙ୍କଲପାଡୁରୁ ଏକ ବସ୍ ଚିକରଡ଼ା ଗ୍ରାମକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ବିଜେଡି ନେତ୍ରୀ ମୀନାକ୍ଷୀଙ୍କ ଆତ୍ମହତ୍ୟା

ବିଜେଡି ନେତ୍ରୀ ମୀନାକ୍ଷୀ ମିଶ୍ରଙ୍କ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ର ନିର୍ଦ୍ଦୋଷ ଥିବା ବେଳେ ପୋଲିସ ତାଙ୍କୁ ମିଥ୍ୟା ମାମଲାରେ ଗିରଫ କରିଥିଲା। ମା' ମୀନାକ୍ଷୀ ଫେବୃୟାରୀ ୬ରେ ଏସ୍‌ପିଙ୍କୁ ଘଟଣା ବିଷୟରେ ଜଣାଇବାକୁ ଯାଇ ନ୍ୟାୟ ନ ପାଇବାରୁ ଏସ୍‌ପିଙ୍କ ଅଫିସ ପରିସରରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଉତ୍କଳ ବାଳାଶ୍ରମ ୧୩ ଅନ୍ତେବାସୀ ଫେରାର

ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଉତ୍କଳ ବାଳାଶ୍ରମରୁ ଜାନୁୟାରୀ ୬ରେ ୧୩ ଜଣ ଅନ୍ତେବାସୀ ଫେରାର ହୋଇଯାଇଥିଲେ। ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଏମାନେ ଚମ୍ପଟ୍ ମାରିଥିବା ନେଇ ଜିଲାରେ ଚର୍ଚ୍ଚା ହୋଇଥିଲା। ପୋଲିସ ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନ୍ତେବାସୀଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା।

## କନ୍ଧୁଣୀଦେବୀଙ୍କ ମୂର୍ତ୍ତି କରି ରେକର୍ଡ



ପୁରୁଣା ଖବରକାଗଜରେ ୭ ଫୁଟ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ମା' କନ୍ଧୁଣୀଦେବୀଙ୍କ ପ୍ରତିମା ନିର୍ମାଣ କରି ଶିଳ୍ପୀ ସତ୍ୟ ମହାରଣା ଇଣ୍ଡିଆ ବୁକ ଅଫ ରେକର୍ଡସ୍‌ରେ ନାମ ସ୍ଥାନିତ କରିଛନ୍ତି। ୩ ଦିନ ପରିଶ୍ରମରେ ପ୍ରାୟ ୫ କିଲୋ ଓଜନର ପୁରୁଣା ଖବରକାଗଜରେ ସତ୍ୟ ଏହି ମୂର୍ତ୍ତି ନିର୍ମାଣ କରିଥିଲେ।

## ୨୨ଫୁଟର ବନିଶୀକଣ୍ଟାଯୁକ୍ତ ମାଛ କଳାକୃତି

ବ୍ରହ୍ମପୁର ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍କ୍ରାପ୍‌ରେ ୨୨ଫୁଟ ଉଚ୍ଚତାର ବନିଶୀ କଣ୍ଟା ଯୁକ୍ତ ମାଛ କଳାକୃତି ନିର୍ମିତ ହୋଇଥିଲା। ପୁରୁଣା ହଷ୍ଟେଲ କୋଠାରୁ ବାହାରିଥିବା ଲୁହା ରଡ, ସିଟ୍‌ରେ ନିର୍ମିତ ଏହି ମାଛ ବନିଶୀ କଣ୍ଟାକୁ ଫିଟର, ୱେଲଡର, ପେଣ୍ଟର ଟ୍ରେଡ୍ ଛାତ୍ରୀଛାତ୍ରମାନେ ୪୦ ଦିନ ମଧ୍ୟରେ ପ୍ରସ୍ତୁତ କରିଥିଲେ।



## ଜରିମାନା ରସିଦ ଜାଲିଆତି

କରୋନା ଭଳି ପୋଲିସ ପକ୍ଷରୁ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ରେଡ୍‌କ୍ରସ୍ ନାଁରେ ଆଦାୟ କରାଯାଉଥିବା ଜରିମାନା ଓ ରସିଦ ବହି ଜାଲିଆତି ଘଟଣା ନେଇ ବୈଦ୍ୟନାଥପୁର ଥାନାରେ ଜୁନ ୨୦ରେ ଅଭିଯୋଗ ହୋଇଥିଲା। ପରେ ପୋଲିସ ଘଟଣାର ଅନୁସନ୍ଧାନ କରି ଟ୍ରାଫିକ ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଳ କୃଷ୍ଣଚନ୍ଦ୍ର ନାୟକଙ୍କୁ ରସିଦ ବହି ଜାଲିଆତି ଅଭିଯୋଗରେ ଗିରଫ ପରେ କୋର୍ଟଚାଲାଣ କରିଥିଲା।

## ଟଳିଲେ ୫ ମାଓବାଦୀ

ଜୁଲାଇରେ କନ୍ଧମାଳ ଜିଲା ତୁମୁଡିବନ୍ଧ ଅଞ୍ଚଳ ଜଙ୍ଗଲରେ କୋମ୍ବିଂ ବେଳେ ଯବାନ ଏବଂ ମାଓବାଦୀ ଏକାଧିକ ଥର ମୁହାଁମୁହିଁ ହୋଇଥିଲେ। ଏହି ଅପରେଶନରେ ଯବାନଙ୍କ ଗୁଳିରେ ୫ ମାଓବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଦୁର୍ଦ୍ଦାନ୍ତ ମାଓବାଦୀ ସୁକ୍ରୁ ଥିଲେ । ସେହିପରି ମୃତକଙ୍କ ମଧ୍ୟରେ ୨ ମହିଳା ମଧ୍ୟ ଥିଲେ । ଡିଜିପି କନ୍ଧମାଳ ଗସ୍ତରେ ଆସି ଯବାନଙ୍କ ସହ ଭାବ ବିନିମୟ କରି ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ।

## ଫୁଲବାଣୀରେ ମହିଳା କୋର୍ଟ

ନଭେମ୍ବର ୨୫ କନ୍ଧମାଳ ଜିଲା ମହିଳାଙ୍କ ପାଇଁ ଥିଲା ଖୁସିର ଦିନ। ଏହି ଦିନ ଫୁଲବାଣୀରେ ନୂତନ ଭାବେ ମହିଳା କୋର୍ଟ ଉଦ୍‌ଘାଟିତ ହୋଇଥିଲା। ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ହିଂସା, ନିର୍ଯାତନା ଏବଂ ଅନ୍ୟାନ୍ୟ ମାମଲା ଏଣିକି ଗୋଟିଏ କୋର୍ଟରେ ସମାଧାନ ହେବ ।

## ଆଖି ବୁଜିଲା ଯୋଡ଼ାମୁଣ୍ଡ ଶିଶୁ କାଳିଆ

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ମିଲୁପଡ଼ା ଗ୍ରାମର ଯୋଡ଼ାମୁଣ୍ଡ ଶିଶୁ କାଳିଆର ନଭେମ୍ବର ୨୫ରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ୨୬ ତାରିଖରେ ଜନ୍ମମାଟିରେ ମୃତଦେହ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।



## ପ୍ରଦୀପ ପାଣିଗ୍ରାହୀ ଗିରଫ



ଗଞ୍ଜାମ ଜିଲା ଗୋପାଳପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀଙ୍କୁ ନଭେମ୍ବର ୨୯ରେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଥିଲା।। ଜନ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଥିଲା। ଡିସେମ୍ବର ୩ରେ କ୍ରାଇମ୍‌ବ୍ରାଞ୍ଚ ତାଙ୍କୁ ଠକେଇ ଅଭିଯୋଗରେ ଗିରଫ କରିଥିଲା।



## ପ୍ରବାସୀଙ୍କୁ ନେଇ ସୁରଟ ଫେରୁଥିବା ବସ୍ ଦୁର୍ଘଟଣାଗ୍ରସ୍ତ

ଆସିକା ଏବଂ ଗଞ୍ଜାମରୁ ୭୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ ସୁରଟ ଯାଉଥିବା ଏକ ବସ୍ ସେପ୍ଟେମ୍ବର ୪ ତାରିଖ ରାତିରେ ଛତିଶଗଡ ରାୟପୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ଟ୍ରକ୍‌କୁ ଧକ୍କା ଦେବାରୁ ୮ଜଣଙ୍କ ମୃତ୍ୟୁ ଘଟିଥିଲା।



## ତପ୍ତପାଣି ଘାଟିରେ ବସ୍ ଓଲଟି ୮ ମୃତ

ଗଞ୍ଜାମ-ଗଜପତି ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟିରେ ଜାନୁୟାରୀ ୨୮ ତାରିଖ ବିଳମ୍ବିତ ରାତିରେ ଘଟିଥିଲା ଏକ ସଡ଼କ ଦୁର୍ଘଟଣା। ରାୟଗଡ଼ାରୁ ବ୍ରହ୍ମପୁର ଆସୁଥିବା ମାରୁତି ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଘାଟି ତଳକୁ ଓଲଟି ପଡିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୭ ଜଣ ଗୁରୁତର ଆହତ ହୋଇଥିଲେ।

**ଖାଲରେ ଖସି ପଡ଼ିଲା ହରିଣ**

**ଖୁଣ୍ଟୁଣୀ, (ଡି.ଏନ.ଏ.):** ଆଠଗଡ ବନାଞ୍ଚଳ ସୁବାସୀ ସଂରକ୍ଷିତ ଜଙ୍ଗଲରୁ ସୋମବାର ଅପରାହ୍ନରେ ପାଣି ପିଇବାକୁ ଖୁଣ୍ଟୁଣୀ ପଟକୁ ଏକ ହରିଣ ଆସିଥିଲା। ସେହି ସମୟରେ କୁକୁର ଗୋଡାଇବାରୁ ହରିଣଟି କଲେଜ ରାସ୍ତାର ଏକ ଖାଲରେ ପଡିଯାଇଥିଲା। ସ୍ଥାନୀୟ ଯୁବକମାନେ ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ପହଞ୍ଚିବା ପୂର୍ବରୁ ଖାଲ ଚାରିପଟେ ଲୋକମାନଙ୍କ ଭିଡ ଦେଖି ହରିଣଟି ଛାନିଆରେ ଖାଲରୁ ଡେଇଁ ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିଲା। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଆସି ଫେରି ଯାଇଥଲେ।

## ସଂକ୍ଷେପରେ

### ସିଏମ୍‌ସିରେ କାର୍ଯ୍ୟକ୍ଷମ ହେଲା ଏମ୍‌ସିସି

**କଟକ ଅଫିସ,୨୧।୧୨:** ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ୍ରମେ କଟକ ମହାନଗର ନିଗମ(ସିଏମ୍‌ସି)ରେ ମାଇକ୍ରୋ କମ୍ପୋଜିଟ୍ ସେଣ୍ଟର (ଏମ୍‌ସିସି) ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି। ଏହି ୟୁନିଟ୍‌ରେ କଠିନ ବର୍ଜ୍ୟ ବସ୍ତୁକୁ ନଷ୍ଟ କରାଯାଇ ଜୈବିକ ସାର(ଖତ) ପ୍ରସ୍ତୁତ କରାଯିବ। ଏହି ପ୍ରକ୍ରିୟା ନିମନ୍ତେ କିଛି ଏଇରୋବିକ ବ୍ୟାକ୍ଟେରିଆକୁ(ଅମ୍ଳଜାନ ବ୍ୟବହାର କରି ବଞ୍ଚୁଥିବା ଜୀବାଣୁ)ବ୍ୟବହାର କରି ଜୈବିକ ବିଘଟନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୧୭ଟି ସ୍ଥାନରେ ୟୁନିଟ୍ ସ୍ଥାପନ କରାଯିବ। ସେଥିମଧ୍ୟରୁ ୭ଟିର ନିର୍ମାଣ କାମ ଶେଷ ହୋଇଥିବାବେଳେ ଆଉ ୫ଟିର କାମ ଚାଲିଛି । ସେହିପରି ନାକେଇ ପଡିଆ, ବିଜୁ ଭବନ, ବିକାଶ ଭବନ ଅଞ୍ଚଳରେ ଗୋଟିଏ ଲେଖାଏଁ ଓ ପୋତାପୋଖରୀ ଅଞ୍ଚଳର ୨ଟି ସ୍ଥାନରେ ଏହି ୟୁନିଟ୍ କାର୍ଯ୍ୟକ୍ଷମ ହୋଇସାରିଛି । ବର୍ତ୍ତମାନ ୧୬ଟି ୱାର୍ଡର ଘରୋଇ ବର୍ଜ୍ୟ ବସ୍ତୁକୁ ସଂଗ୍ରହ କରି ଜୈବିକ ବିଘଟନ ପ୍ରକ୍ରିୟାରେ ଖତ ପ୍ରସ୍ତୁତ କରାଯାଉଛି। ଏବେ ସୁଦ୍ଧା ୨ଟି ୟୁନିଟ୍‌ରୁ ଜୈବିକ ସାର ପ୍ରସ୍ତୁତ ହୋଇସାରିଛି। ଏସବୁର ପରୀକ୍ଷା ପାଇଁ ଓୟୁଏଟି ଏବଂ ଉପ କୃଷି ନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଛି।

### ଶ୍ରୀରାମ ମନ୍ଦିର ପାଇଁ ୧ ଲକ୍ଷ ଦେବ ଓଡ଼ିଶା ସୁରକ୍ଷା ସେନା

**କଟକ ଅଫିସ, ୨୧।୧୨:** ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଭକ୍ତମାନେ ଅନୁଦାନ ଦେବା ନିମନ୍ତେ ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ପକ୍ଷରୁ ଟୁଇଟର ମାଧମରେ ଆହ୍ୱାନ କରାଯାଇଛି। ଆଗାମୀ ମକର ସଂକ୍ରାନ୍ତିଠାରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଦାନ ନିମନ୍ତେ ଏକ ଅଭିଯାନ କରାଯିବ ବୋଲି ଟୁଇଟର ମାଧମରେ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଉକ୍ତ ମନ୍ଦିର ନିର୍ମାଣ ପାଇଁ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ୧ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରାଯାଇଛି ବୋଲି ସଭାପତି ଅଭିଷେକ ଜୋଷୀ ଏକ ପ୍ରେସ୍ ବିବୃତିରେ ସୋମବାର ଜଣାଇଛନ୍ତି ।

### ବଡ଼ମ୍ବା ହାଟ ବଣିକ ସଂଘର ମଦ ବିରୋଧୀ ଅଭିଯାନ

**ବଡ଼ମ୍ବା,୨୧।୧୨(ଡି.ଏନ୍.ଏ.):** ବଡ଼ମ୍ବାଗଡ ନାରାୟଣ ଚନ୍ଦ୍ର ବଣିକ ସଂଘ ତରଫରୁ ସୋମବାର ଏକ ମଦ ବିରୋଧୀ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ତରଫରୁ ହାଟରୁ ଏକ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଏ ସମ୍ପର୍କିତ ଏକ ଦାବିପତ୍ର ଭାରପ୍ରାପ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତ୍‌ଙ୍କୁ ପ୍ରଦାନ କରାଯାଇଥିଲା। ବଣିକ ସଂଘ ସଭାପତି ଶିବ ନାରାୟଣ ମିଶ୍ର, ଅକ୍ଷୟ ତରାସିଆ, ସନ୍ତୋଷ ଦେବତା, ପ୍ରମୁଖ ସାମିଲ ହୋଇଥିଲେ।

### ବାଲ୍ୟ ବିବାହ ରୋକିବା ପାଇଁ କମିଟି ଗଠନ

**ବାଙ୍କୀ,୨୧।୧୨(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ସୋମବାର ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ରୋକିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଡମପଡା ବ୍ଲକ ସିଡିପିଓ ନିର୍ମଳା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଡମପଡା ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବାଲ୍ୟ ବିବାହ ରୋକିବାକୁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ପାତ୍ରଙ୍କ ସମେତ ସିଡିପିଓ ନିର୍ମଳା ପଣ୍ଡା,ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବେହେରା, ଡମପଡା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ଅଧିକାରୀ, ବାଙ୍କୀ ଥାନା ଅଧିକାରୀ ଏବଂ ଅତିରିକ୍ତ ବିଡିଓ ପ୍ରମୁଖ ସଦସ୍ୟ ହୋଇଥିଲେ। ଏହି କମିଟି ବ୍ଲକର ବିଭିନ୍ନ ପଞ୍ଚାୟତରେ ବାଲ୍ୟବିବାହ ରୋକିବାକୁ କାର୍ଯ୍ୟ କରିବ ବୋଲି ସିଡିପିଓ ପଣ୍ଡା କହିଥିଲେ।

# ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ର ଉପରେ ଚଢ଼ାଉ ନିର୍ଦ୍ଦେଶ

**କଟକ ଅଫିସ, ୨୧।୧୨**


ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଉପଦେଷ୍ଟା କମିଟି ବୈଠକ**
- କୋଭିଡ୍ ଭାକ୍ସିନେଶନ ପାଇଁ ୭୩ କୋଲଡ୍‌ଚେନ ପଏଣ୍ଟ
- ଲିଙ୍ଗ ନିରୂପଣ ରୋକିବା, ଆଇନ ଉଲ୍ଲଂଘନକାରୀ ସଂସ୍ଥା ବିରୋଧରେ ପଦକ୍ଷେପ

ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ରୋକିବା ପାଇଁ ବିଭିନ୍ନ ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ରରେ ଚଢାଉ କରାଯିବ। ନୋଡାଲ ଅଫିସରଙ୍କ ସହିତ ଉପଜିଲାପାଳ, ତହସିଲଦାର, ଏସିପି ଓ ପୋଲିସ ଅଧିକାରୀମାନେ ଉକ୍ତ ଟିମ୍‌ରେ ସାମିଲ ହେବେ ବୋଲି ଜିଲାସ୍ତରୀୟ ପିସି ପିଏନ୍‌ଡିଟି ଉପଦେଷ୍ଟା କମିଟି ଓ ଜିଲାସ୍ତରୀୟ କୋଭିଡ୍ ଟାସ୍କଫୋର୍ସ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଲାଇସେନ୍ସ ଅବଧି ସରିଥିବା ପଞ୍ଜୀକୃତ ସଂସ୍ଥାର ଅଲ୍‌ଟ୍ରାସାଉଣ୍ଡ ମେଶିନ ବାବଦରେ ରାଜ୍ୟ ସମୁଚିତ ପ୍ରାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ଜିଲାର ମୁଖ୍ୟ ସ୍ଥାନରେ ହୋର୍ଡିଂ ମାଧ୍ୟମରେ ସଚେତନ କରିବାକୁ ଜିଲାପାଳ ଚୟନୀ ଗୁରୁତ୍ୱ ଦେଇଥିଲେ। ଏସ୍‌ସିବି ମେଡିକାଲ କଲେଜର ଛାତ୍ରୀଛାତ୍ରମାନଙ୍କୁ ପିସି ପିଏନ୍‌ଡିଟି ଆକ୍ଟ ବିଷୟରେ ଅବଗତ କରାଇବା, ପଞ୍ଚାୟତ ଏବଂ ଗାଁ କଲ୍ୟାଣ ସମିତିରେ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ସତ୍ୟବ୍ରତ ଛୋଟରାୟ ଯୋଗଦେଇ ଲିଙ୍ଗ ନିରୁପଣ ରୋକିବା, ଆଇନ ଉଲ୍ଲଂଘନକାରୀ ସଂସ୍ଥା ଓ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ କହିଥିଲେ। ଜିଲାରେ କୋଭିଡ୍ ଭାକ୍ସିନେଶନ ପାଇଁ ୭୩ଟି କୋଲଡ୍‌ଚେନ ପଏଣ୍ଟ ପ୍ରସ୍ତୁତ ହୋଇଛି। ଗତ ନଭେମ୍ବର ୧ରୁ ଆସନ୍ତା ଜାନୁୟାରୀ ୩୧ ମଧ୍ୟରେ ସ୍ୱତନ୍ତ୍ର ଟିକାକରଣ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଯକ୍ଷ୍ମାରୋଗୀଙ୍କ ନିମନ୍ତେ ଅଧିସୂଚନା ପ୍ରସ୍ତୁତ କାର୍ଯ୍ୟକ୍ରମ କରାଯାଉଛି। ଗତ ୧ ତାରିଖରୁ କମ୍ବୋ କିଟ୍ ମାଧମରେ ଗର୍ଭବତୀ ମା'ମାନଙ୍କର ରକ୍ତ ପରୀକ୍ଷା କରାଯାଉଥିବା ସମ୍ପର୍କରେ ସିଡିଏମ୍‌ଓ କହିଥିଲେ। ଏହି ବୈଠକରେ ନୋଡାଲ ଅଫିସର ଡା. ମମତା ମହାପାତ୍ର, ସିଟି ହସ୍ପିଟାଲ ଅଧକ୍ଷ ଡା. ସୁଧାଂଶୁ କୁମାର ଗିରି, ଶଲ୍ୟ ବିଶେଷଜ୍ଞ ଉମେଶ ରାଏ, ଶିଶୁ ରୋଗ ବିଶେଷଜ୍ଞ ସଂଘମିତ୍ରା ପଣ୍ଡା, ଆଇନ ପରାମର୍ଶଦାତା ପ୍ରସନ୍ନ ଲେଙ୍କା, କ୍ଷେତ୍ରମୋହନ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଡେପୁଟି କଲେକ୍ଟର ଅଳକାରାଣୀ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

## ୧୮ ଚୁକ୍ତିଭିତ୍ତିକ ଶିକ୍ଷକ ନିୟମିତ

**ଟାଙ୍ଗୀ(କଟକ), ୨୧।୧୨(ଡି.ଏନ୍.ଏ.)**

ଓଡ଼ିଶା ଟିଚରର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି)ରେ କୃତକାର୍ଯ୍ୟ ହୋଇଥିବା ଟାଙ୍ଗୀ–ଚୌଦ୍ୱାର ବ୍ଲକର ୧୮ଜଣ ଚୁକ୍ତିଭିତ୍ତିକ ଶିକ୍ଷକ ନିୟମିତ ଶିକ୍ଷକର ମାନ୍ୟତା ପାଇଛନ୍ତି। ସେମାନଙ୍କ ମଧ୍ୟରେ ୧୧ଜଣ ଶିକ୍ଷୟିତ୍ରୀ ଓ ୭ ଜଣ ଶିକ୍ଷକ ଅଛନ୍ତି। କନ୍ହେଇପୁର ପଞ୍ଚାୟତ ଅଧୀନ ଭଗତ୍‌ପୁରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଚନ୍ଦ୍ରଶେଖର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହାଜାନ୍, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ଶିକ୍ଷକ ସଂଘ ନେତା ନୀଳକଣ୍ଠ ବ୍ରହ୍ମା ଯୋଗ ଦେଇଥିଲେ। ଶିକ୍ଷକ ନେତା ଧୀରେନ୍ଦ୍ର କୁମାର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ଦିଲ୍ଲୀପ ଲେଙ୍କା, ପ୍ରସନ୍ନ ସ୍ୱାଇଁ, ସିଆରସିସି ଶ୍ରୀଧର ସେନାପତି, ଗମନ କଳା ଓ ଗୋପୀନାଥ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ ।

## 'ଓପିଏସ୍‌ସି କାର୍ଯ୍ୟଦକ୍ଷତା, ଶୈଳୀରେ ସଂସ୍କାର ଆସିଛି'


ଓପିଏସ୍‌ସି ଅଧକ୍ଷ ଲକ୍ଷ୍ମୀଚରଣ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ, ୨୧।୧୨**

ବୈଷୟିକ ଜ୍ଞାନ, ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପାଦନ ଓ ସ୍ୱଚ୍ଛତା ପ୍ରକ୍ରିୟାରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର କାର୍ଯ୍ୟଶୈଳୀ ପ୍ରସ୍ତୁତ କରାଯାଉଛି। ଉକ୍ତ କାର୍ଯ୍ୟ ଡିଜିଟାଲ ଅଟୋମେଶନ ମାଧ୍ୟମରେ ହେଉଛି। ଆୟୋଗର ମାନବ ସମ୍ବଳ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇ କନିଷ୍ଠ ସହାୟକ ଓ ବିଭାଗୀୟ ଅଧିକାରୀମାନଙ୍କ ପଦବୀ ପୂରଣ କରାଯାଇଛି। ଇତିମଧ୍ୟରେ ୨୫୧ଟି ଇନ୍‌ସ୍ୟୁରାନ୍ସ ମେଡିକାଲ ଅଫିସରଙ୍କ ନିଯୁକ୍ତି ନିମନ୍ତେ କମ୍ପ୍ୟୁଟର ଆଧାରିତ ପରୀକ୍ଷା ହୋଇଛି ବୋଲି ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓପିଏସ୍‌ସି ଅଧକ୍ଷ ବ୍ରିଗେଡିୟର ଲକ୍ଷ୍ମୀଚରଣ ପଟ୍ଟନାୟକ କହିଥିଲେ। ସେ ଆହୁରି କହିଥିଲେ, ଇ–ପୋର୍ଟାଲ ମାଧ୍ୟମରେ ଆୟୋଗର ସମସ୍ତ କାର୍ଯ୍ୟ ସ୍ୱଚ୍ଛ ପ୍ରକ୍ରିୟାରେ କରାଯାଉଛି। ନୂତନ ସଂସ୍କାର ଯୋଗୁ ପରୀକ୍ଷାର୍ଥୀମାନଙ୍କର ଆୟୋଗ ପ୍ରତି ଆସ୍ଥା ବଢ଼ିଛି। ଏହି ଖବରଦାତା ସମ୍ମିଳନୀରେ ଆୟୋଗର ସଦସ୍ୟ ବିଭୂତି ଭୂଷଣ ପଟ୍ଟନାୟକ, ସୁଧାଂଶୁ ଶେଖର ରଥ, ସଚିବ ଅଶୋକ ଦାସ, ଉପସଚିବ ଯୁଧିଷ୍ଠିର ନାୟକ, ମୈତ୍ରୀ ଭଟ୍ଟାଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋଟିଏ ଟଙ୍କାର ସାମଗ୍ରୀ ଜବତ: ମାଲିକ ଗିରଫ


ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।


ଜବତ ସାମଗ୍ରୀ ଓ ମେଶିନ୍।

**ନକଲି ଘିଅ କାରଖାନା ଠାବ**

**କଟକ ଅଫିସ,୨୧।୧୨**

କଟକ ଅପମିଶ୍ରଣ ଜିନିଷର ପେଣ୍ଠସ୍ଥଳୀ ପାଲଟିଛି। ଗତ ୧୯ ତାରିଖରେ ଜଗତ୍‌ପୁର ଅଞ୍ଚଳରୁ ଏକ ନକଲି ସୋୟାବଡି କାରଖାନା ଠାବ ହୋଇଥିବାବେଳେ ସୋମବାର ବାଦାମବାଡି ଥାନା ଅଧୀନ ପିଠାପୁର ମୁନ୍‌ଲାଇଟ ଲେନ୍‌ରେ ଥିବା ମହାବୀର ପ୍ରଡକ୍ଟ ନାମକ ନକଲି ଘିଅ କାରଖାନା ଉପରେ ପୋଲିସ ଚଢ଼ାଉ କରିଛି। ଏହି ଘଟଣାରେ କାରଖାନା ମାଲିକ ବିଭୂତିଭୂଷଣ ଲେଙ୍କାଙ୍କୁ ଗିରଫ କରାଯାଇଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏଠାରେ କିଛିବର୍ଷ ଧରି ଦୁର୍ଗାଘିଅ ବ୍ରାଣ୍ଡରେ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା। ଖବରପାଇ ବାଦାମବାଡି ଥାନା ଅଧିକାରୀ ରଶ୍ମୀ ରଞ୍ଜନ ମହାପାତ୍ର ଓ କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ଅଧିକାରୀ ପହଞ୍ଚି ସେଠାରୁ ପ୍ରାୟ ୬୦ କୁଇଣ୍ଟାଲ ନକଲି ଘିଅ ଜବତ କରିଥିଲେ। କାରଖାନାର ୮ଟି ଗୋଦାମ ଘରେ ହଜାର ହଜାର ଘିଅ ପ୍ୟାକେଟ ରହିଥିଲା। ପାମୋଲିନ ତେଲରେ ରାସାୟନିକ ସାମଗ୍ରୀ ମିଶାଇ ଘିଅ ପ୍ରସ୍ତୁତ ହେଉଥିଲା। କିଛିବର୍ଷ ଧରି ଖାଇବା ଘିଅରେ ଅପମିଶ୍ରଣ କରି ଏହି କାରଖାନା କାରବାର କରି ଆସୁଥିବା ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। କାରଖାନାର ଫୁଡ୍ ଲାଇସେନ୍ସ କିମ୍ବା ଟ୍ରେଡ ଲାଇସେନ୍ସ ନ ଥିବା ଜଣାପଡିଛି। ନକଲି ଘିଅରେ ଅସଲି ନାଲି ରଙ୍ଗର ଷ୍ଟିକର ଲଗାଇ କଟକ ସମେତ ରାଜ୍ୟର ଅନ୍ୟ ସ୍ଥାନକୁ ପଠାଯାଉଥିଲା । ଜବତ ସାମଗ୍ରୀର ମୂଲ୍ୟ ଏକ କୋଟି ଟଙ୍କାରୁ ଅଧିକ ହେବ ବୋଲି ଡିସିପିଙ୍କ କାର୍ଯ୍ୟାଳୟ ତରଫରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି।

## ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ

**ବଡ଼ମ୍ବା,୨୧।୧୨(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ୍ ଦିନିଆରୀ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାର ସାମାଜିକ କର୍ମୀ ହରମୋହନ ପଟ୍ଟନାୟକଙ୍କ ସମେତ ବହୁ ଲୋକେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ଅନଶନକୁ ବିରୋଧକରି ଅନ୍ୟ ଏକ ଗୋଷ୍ଠୀ ମଧ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା। ଏଥିରେ ସାମାଜିକ କର୍ମୀ ଆଲୋକ ସାହୁ, ସରପଞ୍ଚ, ସାମାଜିକ ଓ ସମିତିସଭ୍ୟା ପ୍ରମୁଖ ସାମିଲ ହୋଇଥିଲେ। ସରକାରୀ ନିୟମ ଅନୁସାରେ ପଞ୍ଚାୟତ କାର୍ଯ୍ୟ ଜାରି ରହିବ ବୋଲି ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେବା ପରେ ଉଭୟପକ୍ଷ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ ।

# ଫେରାର ଅଭିଯୁକ୍ତ ଗିରଫ

**ଭରତପୁର ଛାତ୍ର ହତ୍ୟା ଘଟଣା**

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ଭରତପୁରର ବହୁଚର୍ଚ୍ଚିତ ନବମ ଶ୍ରେଣୀ ଛାତ୍ର ଅଶ୍ୱିନୀ ହତ୍ୟା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ଭରତପୁର ସତ୍ୟନଗର ଅଞ୍ଚଳର ବାବୁନା ଓରଫ କାର୍ତ୍ତିକ ଦାସ(୨୦)। ଏ ନେଇ ପୋଲିସ ନଂ.୫୪୦/୨୦ରେ ମାମଲା ରୁଜୁ କରିଛି । ପୂର୍ବରୁ ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ, ସେପ୍ଟେମ୍ବର ୨ରେ ଭରତପୁର ସତ୍ୟନଗର ଅଞ୍ଚଳର ଅଶ୍ୱିନୀ ପାଢୀ(୧୪) ସାଙ୍ଗ ଦୀପକ ଗୌଡ଼ଙ୍କ ସହ ସ୍ଥାନୀୟ ଏକ ଗ୍ରୋସେରି ଦୋକାନକୁ ଯାଇଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ରିଙ୍କୁ ମହାରଣା ଓ ପପୁ ଦାସ ଦୀପକଙ୍କୁ ଟଙ୍କା ମାଗିବା ସହ ଧମକାଇ ଅଶ୍ୱିନୀଙ୍କଠାରୁ ୧୦୦୦ଟଙ୍କା ଛଡ଼ାଇ ନେଇଯାଇଥିଲେ। ଏ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ସନ୍ଧ୍ୟାରେ ରିଙ୍କୁ ଓ ପପୁ ସେମାନଙ୍କର ସହଯୋଗୀ ଶିବ ଦାସ, ରଞ୍ଜନ ଦାସ, କାର୍ତ୍ତିକ ଦାସ ଓ ଲକ୍ଷ୍ମଣ ଦାସଙ୍କୁ ନେଇ ଅଶ୍ୱିନୀଙ୍କୁ ସଂଘବଦ୍ଧ ହୋଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଶ୍ୱିନୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ହେବା ସହ ୮ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଅଶ୍ୱିନୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଧରିଥିଲେ ମଧ୍ୟ କାର୍ତ୍ତିକ ଫେରାର ହୋଇଯାଇଥିଲେ।


କଟକ ସହରର ସମସ୍ତ ଧର୍ମାନୁଷ୍ଠାନ ଖୋଲିବା ଦାବି ନେଇ କଟକ ଚଣ୍ଡୀମନ୍ଦିର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ।


ଶିଶୁ ନିଖୋଜ, ଅପହରଣ, ବଳାତ୍କାର ଓ ହତ୍ୟା ଘଟଣାରେ ପୀଡିତା ପରିବାରକୁ ନ୍ୟାୟ ଦେବାରେ ପୋଲିସ ପ୍ରଶାସନର ବିଫଳତା ପ୍ରତିବାଦରେ ସୋମବାର କଟକ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ଗଣଧାରଣା।

# ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଉପଦ୍ରବ

**ଖୁଣ୍ଟୁଣୀ, ୨୧।୧୨ (ଡି.ଏନ.ଏ.)**

- ଦନ୍ତା ଆକ୍ରମଣରେ ୨ ମଇଁଷି ଆହତ
- ଫସଲ, ପରିବା ନଷ୍ଟ
- ଚାଷୀଙ୍କୁ ଠିକ୍‌ଭାବେ କ୍ଷତିପୂରଣ ମିଳୁନି

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଅନେକ ଗ୍ରାମରେ କିଛିଦିନ ହେଲା ହାତୀ ଉପଦ୍ରବ ଲାଗି ରହୁଛି। ହାତୀପଲ ଗ୍ରାମରେ ପଶି ବ୍ୟାପକ ଫସଲ ଓ ପନିପରିବା ନଷ୍ଟ କରୁଛନ୍ତି। ଏନେଇ ବନ ବିଭାଗ ନିକଟରେ ଚାଷୀମାନେ ଅଭିଯୋଗ କଲେ ମଧ୍ୟ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ହାତୀମାନେ ଅନେକ ସମୟରେ ଗ୍ରାମକୁ ପଶି ଆସୁଥିବାରୁ ଲୋକମାନେ ବାହାରକୁ ଯିବା ପାଇଁ ନିରାପଦ ମଣୁନାହାନ୍ତି। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ପାଇଁ ଗ୍ରାମବାସୀ ବନବିଭାଗ ନିକଟରେ ଦାବି କରିଛନ୍ତି।

ମଞ୍ଚେଶ୍ୱର ପଞ୍ଚାୟତ ବିଷ୍ଣୁପୁର ଗ୍ରାମ ପାର୍ଶ୍ୱ ପଡ଼ିଆରେ ସୋମବାର ଏକ ଦନ୍ତାହାତୀ ଆକ୍ରମଣରେ ଦୁଇଟି ମଇଁଷି ଆହତ ହୋଇଛନ୍ତି। ଉକ୍ତ ପଡିଆରେ ବଟ ଦାସଙ୍କର ମଇଁଷିମାନେ ବନ୍ଧା ହୋଇଥିଲେ। ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ମଧ୍ୟାହ୍ନରେ ଏକ ହାତୀ ଆସି ମଇଁଷିକୁ ଆକ୍ରମଣ କରିଥିଲା। ଫଳରେ ମଇଁଷିମାନେ ଇତସ୍ତତଃ ଭାବେ ଧାଇଁ ପଳାଇଥିବାବେଳେ ସେଥିମଧ୍ୟରୁ ୨ଟି ଆହତ ହୋଇଥିଲେ। ଖବରପାଇ ଫରେଷ୍ଟର ପ୍ରଶାନ୍ତ ବେହେରା ପହଞ୍ଚି ତଦନ୍ତ କରିବା ସହ କ୍ଷୟକ୍ଷତି ବାବଦକୁ ସହାୟତା ପାଇବା ପାଇଁ ବଟଙ୍କୁ ଲିଖିତ ଆବେଦନ କରିବାକୁ କହିଥିଲେ।

ଜଙ୍ଗଲରେ ବର୍ଷସାରା ଚନ୍ଦକାର ୬ଟି ହାତୀ ଓ ତାଙ୍କ ଛୁଆ ରହିଥାନ୍ତି। ଏହି ହାତୀଙ୍କ ମଧ୍ୟରୁ ଗୋଟିଏ ଦନ୍ତାହାତୀ ବିଷ୍ଣୁପୁର, ବ୍ରାହ୍ମଣବସ୍ତ, ନରଙ୍ଗବସ୍ତ, କଖଡି, ସୁନିଆଁମୁହଁ ଗ୍ରାମରେ ପଶି ବ୍ୟାପକ ଫସଲ ଓ ପରିବା ନଷ୍ଟ କରିଥିବା ଲୋକେ କହିଛନ୍ତି। ଗତ ଶନିବାର ନାରଙ୍ଗବସ୍ତ ଗ୍ରାମର ସିଦ୍ଧେଶ୍ୱର ଖଟୁଆଙ୍କର ଖଳାରେ ୫ଟି ହାତୀ ପଶି ଧାନ ନଷ୍ଟ କରିବା ସହ ବିଷ୍ଣୁପୁରରେ ଥିବା ତାଙ୍କ ବାରିରୁ କଦଳୀ, ଅମୃତଭଣ୍ଡା ଓ କଖାରୁ ଖାଇ ନଷ୍ଟ କରିଛନ୍ତି। ଏ ନେଇ ସେ ସୋମବାର ବନ ବିଭାଗ ନିକଟରେ ଅଭିଯୋଗ କରିଥିଲେ। କଷ୍ଟ ଅର୍ଜିତ ଅର୍ଥରେ ଫସଲ କରିଥିବା ଚାଷୀଙ୍କୁ କେତେକ କ୍ଷେତ୍ରରେ ଜଙ୍ଗଲ ବିଭାଗ ଠିକ୍‌ଭାବେ କ୍ଷତିପୂରଣ ଦେଉ ନ ଥିବା ଏଠାକାର ଚାଷୀମାନେ କହିଛନ୍ତି। ସରକାର କାରଖାନାକୁ ଜଙ୍ଗଲ ଜମିକୁ ଟେକି ଦେବାରୁ ହାତୀମାନେ ଗ୍ରାମ ପାର୍ଶ୍ୱ ଜଙ୍ଗଲକୁ ଆପଣେଇବାକୁ ବାଧ ହେଉଛନ୍ତି ବୋଲି ମଞ୍ଚେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ କିରଣ ବିହାରୀ ଖଟୁଆ କହିଛନ୍ତି। ସମସ୍ୟା ସମ୍ପର୍କରେ ଫରେଷ୍ଟର ବେହେରା କୁହନ୍ତି, ଯେଉଁ ଚାଷୀମାନଙ୍କ ଫସଲ ହାତୀଙ୍କ ଦ୍ୱାରା ନଷ୍ଟ ହେଉଛି, ସେମାନେ କ୍ଷତିପୂରଣ ପାଇଁ ଆବେଦନ କରନ୍ତୁ। ଏହାର ତଦନ୍ତ କରାଯାଇ ସେମାନଙ୍କୁ ନିଶ୍ଚିତ କ୍ଷତିପୂରଣ ପ୍ରଦାନ କରାଯିବ।

## ୩୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ୨ଜଣ ନିଶା ବେପାରିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୩୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ଏହା ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କହିଛି। ନୂଆପଲ୍ଲୀ ଥାନା ଅଞ୍ଚଳରେ ନିଶା କାରବାର ହେଉଥିବାର ଅଭିଯୋଗ ହୋଇ ଆସୁଥିଲା। ଏ ନେଇ ସୋମବାର ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ସ୍ପେଶାଲ ସ୍କ୍ୱାଡ ଓ ନୟାପଲ୍ଲୀ ଥାନା ଅଧିକାରୀ ଶରତ ସାହୁ ମିଳିତ ଭାବେ ଚଢ଼ାଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି।

### ସଂକ୍ଷେପରେ

## କବି ଦୁର୍ଗାଚରଣ ପରିଡ଼ାଙ୍କ ପରଲୋକ



**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ) :** ବରିଷ୍ଠ କବି ଦୁର୍ଗାଚରଣ ପରିଡ଼ାଙ୍କର ପୁରୁଣା ଭୁବନେଶ୍ୱରସ୍ଥିତ ବାସଭବନରେ ୯୧ବର୍ଷ ବୟସରେ ସୋମବାର ପରଲୋକ ହୋଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଉଥିବାବେଳେ ମୃତ୍ୟୁ ଘଟିଥିବା ଝିଅ ପୁଷ୍ପମିତ୍ରା ପରିଡ଼ା କହିଛନ୍ତି। ଦୁର୍ଗାଚରଣ କଟକ ନିଆଳିର ବାହାରଣାରେ ୧୯୨୯ ଜୁଲାଇ ୨୫ରେ ଜନ୍ମଗ୍ରହଣ କରିଥିଲେ। ରୋମାଣ୍ଟିକ କବିତା ଲେଖି ସେ ନିଜ ପରିଚୟ ସୃଷ୍ଟି କରିଥିଲେ। ଶାନ୍ତିନିକେତନରେ ପଢ଼ିବାବେଳେ ୧୯୫୨ରେ ଡକ୍ଟର କୃଷ୍ଣଚରଣ ବେହେରାଙ୍କ ସହ ମିଶି ସେ ପ୍ରଥମେ ଏକ ଓଡ଼ିଆ କବିତା ପତ୍ରିକା ପ୍ରକାଶ କରିଥିଲେ। ୧୯୬୧ରେ ତାଙ୍କର କବିତା ଗ୍ରନ୍ଥ 'ଇନ୍ଦ୍ରାୟୁଧ' ପ୍ରକାଶ ପାଇବା ପରେ ସେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ୨୦୧୫ରେ ଇନ୍ଦ୍ରାୟୁଧର ୨ୟ ସଂସ୍କରଣ ସହ ୨ୟ କବିତା ପୁସ୍ତକ 'ରାଗ ଯୋଗେଶ୍ୱରୀ' ପ୍ରକାଶ ପାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

## ବାଘୁଣୀ ଆନିନି ଗୁରୁତର

**ବାରଙ୍ଗ,୨୧।୧୨(ଡି.ଏନ୍.ଏ):** ନନ୍ଦନକାନନର ଅନ୍ୟତମ ଆକର୍ଷକ ବାଘୁଣୀ ଆନିନି ଗୁରୁତର ହୋଇଛି। ୧୯ଦିନ ଧରି ତା'ର ଚିକିତ୍ସା ଚାଲିଥିଲେ ମଧ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁନି। ୩ଦିନ ହେବ ଖାଦ୍ୟ ଖାଉ ନ ଥିବାରୁ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ବାଘ ସଫାରିର ସେଲ୍ ନଂ.୧ରେ ତା'ର ଚିକିତ୍ସା ଚାଲିଛି। ୨୮ଜୁଲାଇ ୨୦୧୪ରେ ମନିଷ ଓ ସ୍ନେହା ଔରସରୁ ଜନ୍ମଗ୍ରହଣ କରିଥିବା ଆନିନି ଗତ ମାସେ ତଳେ ହଠାତ ଦୁର୍ବଳ ହୋଇ ଗୋଟିଏ ଜାଗାରେ ପଡ଼ିରହିଥିଲା। କିଛିଦିନ ଖାଦ୍ୟ ଖାଇ ଚଲାବୁଲା କରିବା ପରେ ପୁଣି ଦୁର୍ବଳ ହୋଇପଡ଼ିବାରୁ ସେବେଠୁ ଚିକିତ୍ସା ଚାଲିଛି।

## ରବିନାରାୟଣଙ୍କ ଆତ୍ମାହୁତି ଚେତାବନୀ

**ବାରଙ୍ଗ, ୨୧।୧୨(ଡି.ଏନ୍.ଏ):** ଘରକାର୍ଯ୍ୟ ଠିକ୍ ଭାବେ ନ କରିବା ଓ ବିଲ୍ଡର ଜଣକ ଠକିବା ପରେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ନ ଶୁଣିବାରୁ ନବୀନ ନିବାସ ଆଗରେ ସପରିବାର ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି ବାରଙ୍ଗ ଥାନା ଅଞ୍ଚଳର ରବିନାରାୟଣ ବେହେରା। ଥାନା, ବିଡିଏ, ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରି ନିରାଶ ହେବା ପରେ ଏଭଳି ନିଷ୍ପତ୍ତି ନେଇଥିବାର ଏକ ଖବରଦାତା ସମ୍ମିଳନୀରେ ରବିନାରାୟଣ କହିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀଙ୍କ ନାମରେ କଳାରାହାଙ୍ଗ ଗ୍ରାମ ପାଖରେ ଥିବା ଏକ ଜାଗାକୁ ଜଣେ ବିଲ୍ଡରଙ୍କୁ ସେୟାରିଂରେ ୨୦୧୦ରେ ଦେଇଥିଲେ। ୨ବର୍ଷ ମଧ୍ୟରେ କାମ ସାରିବାକୁ ଚୁକ୍ତିନାମା ହୋଇଥିବାବେଳେ ୨୦୧୩ରେ କାମ ଆରମ୍ଭ କରି ୨୦୧୭ରେ କାମ ସାରିଥିଲେ। କିନ୍ତୁ ଚୁକ୍ତି ଅନୁଯାୟୀ ଶତକଡା ୪୦ଭାଗ ଘର ମିଳି ନ ଥିବାବେଳେ ଯାହା ମିଳିଲା ସେଥିରୁ କାନ୍ଥ ସବୁ ଫାଟିବା ସହ ଛାତରୁ ପାଣି ବାହାରୁଛି ବୋଲି ଅଭିଯୋଗ କରିଛନ୍ତି। ଅଗ୍ନିନିରାପତ୍ତା, ବିଡିଏ କ୍ଲିୟରାନ୍ସ ଆଦି କାଗଜପତ୍ର ମଧ ମିଳି ନ ଥିଲା। ସବୁଠି ଅଭିଯୋଗ ପରେ କିଛି ସୁଫଳ ନ ମିଳିବାରୁ ଆତ୍ମାହୁତି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

# ବନ୍ଦ ଘରେ 'ବର୍ଣ୍ଣବୋଧ'

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ଓଡ଼ିଆ ଭାଷା ଅସ୍ମିତାର ପରିଚୟ ହେଉଛି 'ବର୍ଣ୍ଣବୋଧ'। ଶିଶୁ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ମଧୁସୂଦନ ରାଓ 'ବର୍ଣ୍ଣବୋଧ' ମାଧ୍ୟମରେ ଓଡ଼ିଆ ଭାଷାକୁ ବର୍ଣ୍ଣ ପରିଚୟ ଦେଇଛନ୍ତି। ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି ଶିକ୍ଷା ପାଇଁ ବର୍ଣ୍ଣବୋଧ ଯେତିକି ଉପାଦେୟ, ସେତିକି ଅପରିହାର୍ଯ୍ୟ। ହେଲେ ଓଡ଼ିଆ ଭାଷା ଓ ବର୍ଣ୍ଣମାଳା ଶିକ୍ଷାର ମୂଳଦୁଆଭାବେ ପରିଚିତ ବର୍ଣ୍ଣବୋଧ ଆଉ ବଜାରରେ ମିଳୁନି। 'ବର୍ଣ୍ଣବୋଧ' ଛାପା ଦାୟିତ୍ୱ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଏହା ଅଧୀନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନ ଉପରେ ନ୍ୟସ୍ତ ରହିଛି। ହେଲେ ଦୀର୍ଘବର୍ଷ ହେବ ବର୍ଣ୍ଣବୋଧ ଛପାଯାଉ ନ ଥିବା ଜଣାପଡ଼ିଛି।

୧୮୯୫ ମସିହାରେ ବର୍ଣ୍ଣବୋଧ ପ୍ରକାଶ ପାଇବାଠାରୁ ଇତିମଧ୍ୟରେ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ଏହି ସମୟ ମଧ୍ୟରେ ଓଡ଼ିଆ ବର୍ଣ୍ଣ ପରିଚୟ ନିମନ୍ତେ ଏକାଧିକ ପୁସ୍ତକ ଓ ଅଧ୍ୟୟନ କୌଶଳ ପ୍ରକାଶିତ ହୋଇଛି। ହେଲେ

### ଦୀର୍ଘବର୍ଷ ହେବ ଛାପା ବନ୍ଦ




ବର୍ଣ୍ଣବୋଧ ଆଜି ବି ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକ ମହଲରେ ନିଜ ଲୋକପ୍ରିୟତା ହରାଇନି। ଶ୍ରେଷ୍ଠ ଓଡ଼ିଆ-ବର୍ଣ୍ଣ ପରିଚୟ ପୁସ୍ତକଭାବେ ଏହାର ଆଦୃତି ଏବେ ବି ରହିଛି। ମାତ୍ର ବଜାରରେ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ଖୋଜିଲେ ମିଳୁନି। ପିଲାଙ୍କୁ ଓଡ଼ିଆ ବର୍ଣ୍ଣମାଳା ଓ ଶବ୍ଦ ଶିଖାଇବାକୁ ଅଭିଭାବକମାନେ ଏହି ପୁସ୍ତକକୁ ସର୍ବାଧିକ ପସନ୍ଦ କରୁଥିଲେ ମଧ ପାଇପାରୁନାହାନ୍ତି। ଏହି ସୁଯୋଗରେ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧକୁ ବିକୃତ କରି ପ୍ରକାଶକମାନେ ଛାପିବାରୁ ଏହାର ମୌଳିକତା ନଷ୍ଟ ହେବା ଆଶଙ୍କା କରି ରାଜ୍ୟ ସରକାର ଏକ କମିଟି ଗଠନ କରିଥିଲେ। ବରିଷ୍ଠ ଭାଷାବିତ୍‌ଙ୍କୁ ନେଇ ଗଠିତ କମିଟିର ସୁପାରିଶ ମୁତାବକ ବର୍ଣ୍ଣବୋଧ ଛପା ଯାଇଥିଲା। ହେଲେ ନୂତନ ପ୍ରକାଶିତ ବର୍ଣ୍ଣବୋଧରେ ମୂଳ ବର୍ଣ୍ଣବୋଧକୁ ବିକୃତ କରାଯାଇଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ହାଇକୋର୍ଟରେ ଏନେଇ ୩ଟି ମାମଲା ରୁଜୁ ହୋଇଥିଲା। ମାମଲା ପରେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ବିଚାରକୁ ନେଇ ହାଇକୋର୍ଟ ଛପା ଯାଇଥିବା ବର୍ଣ୍ଣବୋଧର ବିକ୍ରୟ ଓ ବିତରଣ ଉପରେ ଅଙ୍କୁଶ ଲଗାଇଥିଲେ। ଫଳରେ ଛପା ହୋଇ ରହିଥିବା ହଜାର ହଜାର ବର୍ଣ୍ଣବୋଧ ନଷ୍ଟ ହୋଇଥିଲା। ପ୍ରାରମ୍ଭରେ ହାଇକୋର୍ଟ ଏ ସଂକ୍ରାନ୍ତ ଦୁଇଟି ମାମଲାର ଫଇସଲା କରି ମୁଖ୍ୟ ଶାସନ ସଚିବ ଏନେଇ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଧୁସୂଦନ ରାଓଙ୍କ ରଚିତ ମୂଳ ବର୍ଣ୍ଣବୋଧ ଛପାଯିବା ନେଇ ମୁଖ୍ୟ ଶାସନ ସଚିବ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେଇଥିଲେ। ଅନ୍ୟଏକ ମାମଲାର ଫଇସଲା କରି ହାଇକୋର୍ଟ ସମାନ ରାୟ ଦେଇଥିଲେ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିଷ୍ପତ୍ତି ମୁତାବକ ମୂଳ ବର୍ଣ୍ଣବୋଧ ଛାପିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଇତିମଧ୍ୟରେ ବହୁବର୍ଷ ବିତିଯାଇଥିଲେ ମଧ ହାଇକୋର୍ଟଙ୍କ ରାୟ ଓ ମୁଖ୍ୟ ଶାସନ ସଚିବଙ୍କ ନିଷ୍ପତ୍ତି ମୁତାବକ ବର୍ଣ୍ଣବୋଧ ଛପାଯାଇ ପାରିନାହିଁ। କେବେ ବର୍ଣ୍ଣବୋଧ ଛପାଯିବ ସେନେଇ ମଧ ବିଭାଗ ନିକଟରେ କୌଣସି ଉତ୍ତର ନାହିଁ। ବର୍ଣ୍ଣବୋଧ ଖୁବ୍‌ଶୀଘ୍ର ଛପାଯିବ ବୋଲି ବିଭାଗ ପକ୍ଷରୁ ବିଭିନ୍ନ ସମୟରେ କୁହାଯାଉଛି। ହେଲେ ଶିଶୁ ସାହିତ୍ୟର ଏହି ଅମୂଲ୍ୟ ରତ୍ନ ଏପର୍ଯ୍ୟନ୍ତ ଛପା ଯାଇପାରୁନାହିଁ। ବିଭିନ୍ନ ସମୟରେ ଓ ବିଭିନ୍ନ ଆଳରେ ବର୍ଣ୍ଣବୋଧକୁ ପାଠ୍ୟକ୍ରମରୁ ଦୂରେଇ ରଖିବା ପାଇଁ ସରକାର ଉଦ୍ୟମ କରୁଥିବା ଭାଷାବିତ୍‌ମାନେ ଅଭିଯୋଗ କରିଛନ୍ତି।




ପୁରୁଣା ଭୁବନେଶ୍ୱରସ୍ଥିତ ଗୋସାଗରେଶ୍ୱର ମନ୍ଦିରରେ ସୋମବାର ଓଡ଼ିଆ ଚଳଚ୍ଚିତ୍ର 'ପ୍ରତ୍ୟାଘାତ'ର ଶୁଭ ମହୁରତ କରାଯାଉଛି

## ଆଇଜି ଡ୍ରୋନ୍‌ସ ସହ ଏମ୍‌ଓୟୁ



**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ସରକାରୀ ଆଇଟିଆଇ ଓ ଇନ୍‌ଭେଷ୍ଟ ଗ୍ରୀଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଆଇଜି ଡ୍ରୋନ୍‌ସ ମଧ୍ୟରେ ସୋମବାର ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଦ୍ୱାରା ଭବିଷ୍ୟତରେ ଉଭୟ ଅନୁଷ୍ଠାନ ପରସ୍ପରକୁ ବୈଷୟିକ ବାତାବରଣ ସୃଷ୍ଟି ଏବଂ ବିକାଶ କ୍ଷେତ୍ରରେ ସହଯୋଗ କରିବେ। ଏହି ଏମ୍‌ଓୟୁ ଭୁବନେଶ୍ୱର ଆଇଟିଆଇର ଛାତ୍ରୀଛାତ୍ରଙ୍କ ବୈଷୟିକ ଦକ୍ଷତା ବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି। ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଆଇଜି ଡ୍ରୋନ୍‌ସର ନିର୍ଦ୍ଦେଶକ ଓମ୍‌ପ୍ରକାଶ ଦାସ ଏବଂ ଆଇଟିଆଇ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଆଇଜି ଡ୍ରୋନ୍‌ସ ସର୍ବଭାରତୀୟସ୍ତରରେ ଡ୍ରୋନ୍ ସଲ୍ୟୁଶନ ଯୋଗାଇଦେବା ସହ ପରିଚାଳନାଗତ ପ୍ରଶିକ୍ଷଣ ମଧ ପ୍ରଦାନ କରୁଛି।

## ନ୍ୟାୟିକ ବ୍ୟବସ୍ଥା ଉପରେ ଭାଜପାର ଭରସା ନାହିଁ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ବିଧାନସଭାରେ ପ୍ରଥମେ କଂଗ୍ରେସ ପରୀ ପ୍ରସଙ୍ଗ ଉଠାଇଥିଲା। ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ ଲାଗି କଂଗ୍ରେସ ଦାବି କରିଥିଲା। ବହୁ ଆଲୋଚନା ଏବଂ ହଇଚଗୋଳ ପରେ ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ବାଧ ହେଲେ। ୩ ତାରିଖରେ ହାଇକୋର୍ଟ ଜିଲା ପୋଲିସ ବିରୋଧରେ କ୍ଷୋଭ ପ୍ରକାଶ କରିଥିଲେ। ଘଟଣାକୁ ୫ ମାସ ବିତିଯାଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଉପରେ କୋର୍ଟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ସହ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଡିସେମ୍ବର ୨୪ ତାରିଖ ସୁଦ୍ଧା ଦାଖଲ ଲାଗି ହାଇକୋର୍ଟ ଗତ ୧୬ତାରିଖରେ ଏସ୍‌ଆଇଟିକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ହାଇକୋର୍ଟ ଏସ୍‌ଆଇଟିକୁ ନିର୍ଦ୍ଦେଶ ଦେଉଛନ୍ତି, ତେବେ କାହା ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଭାଜପାର ନ୍ୟାୟିକ ବ୍ୟବସ୍ଥା ଉପରେ ଭରସା ନାହିଁ, ସେମାନେ ସବୁବେଳେ ଜଜ୍‌ଙ୍କୁ କିଣିବାରେ ବିଶ୍ୱାସ କରନ୍ତି ବୋଲି ନରସିଂହ ଅଭିଯୋଗ କରିଛନ୍ତି।

ନରସିଂହ ତାଙ୍କ ସରକାରୀ ବାସଭବନରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାଜପା ଏହି ଘଟଣାକୁ ନେଇ ହୀନ ରାଜନୀତି କରୁଛି। ନାବାଳିକା ନିର୍ଯାତନା କ୍ଷେତ୍ରରେ ଭାଜପା ଶାସିତ ଉତ୍ତରପ୍ରଦେଶ ପ୍ରଥମ ଏବଂ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ନାରୀ ନିର୍ଯାତନା ରୋକିବାରେ ଭାଜପା ଶାସିତ ରାଜ୍ୟର ବିଫଳତା, ଚାଷୀ ଆନ୍ଦୋଳନ ପ୍ରସଙ୍ଗ ଆଦିରୁ ଲୋକଙ୍କ ନଜର ହଟାଇବା ପାଇଁ ଭାଜପା ଆନ୍ଦୋଳନ, ପଦଯାତ୍ରା, ବିକ୍ଷୋଭ ଆଦି ଚଳାଇଛି ବୋଲି ନରସିଂହ କହିଛନ୍ତି।

## ରମାଦେବୀ ବିଶ୍ୱବିଦ୍ୟାଳୟ ପିଏଚ୍‌ଡି ନାମଲେଖା ପ୍ରକ୍ରିୟାକୁ ବିରୋଧ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ନାମଲେଖା ପ୍ରକ୍ରିୟାକୁ ବିରୋଧ କରିଛି ଏବିଭିପି। ଅନ୍ୟ ବିଶ୍ୱବଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ପିଏଚ୍‌ଡି କରିବା ପାଇଁ ଜଣେ ବିଦ୍ୟାର୍ଥୀଙ୍କୁ ସ୍ନାତକୋତ୍ତର ପରେ ନେଟ୍ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥାଏ। ନଚେତ୍ ଏଣ୍ଟ୍ରାନ୍ସ କିମ୍ବା ମୌଖିକ ପ୍ରଶ୍ନୋତ୍ତରରେ ଉତ୍ତୀର୍ଣ୍ଣ ହେବାପରେ ପିଏଚ୍‌ଡି କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ହେଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପିଏଚ୍‌ଡି ନାମଲେଖା ପ୍ରକ୍ରିୟାରେ ପରିବର୍ତ୍ତନ ଆଣି ବିଦ୍ୟାର୍ଥୀମାନେ ଏମ୍.ଫିଲ୍ କରିସାରିବା ପରେ ହିଁ ପିଏଚ୍‌ଡି କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ପିଏଚ୍‌ଡି ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛି। ଏହି ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ଛାତ୍ରବିରୋଧୀ। ବିଦ୍ୟାର୍ଥୀଙ୍କ ଅଧିକାରକୁ ଏହା କ୍ଷୁର୍ଣ୍ଣ କରୁଛି। ଏହାଦ୍ୱାରା ଅନେକ ଛାତ୍ରୀଛାତ୍ର ପିଏଚ୍‌ଡି ପାଇଁ ଆବେଦନ କରିବାରୁ ବଞ୍ଚିତ ହେବେ ବୋଲି ଏବିଭିପି ଅଭିଯୋଗ ଆଣିଛି। ଏବିଭିପି ପକ୍ଷରୁ ଏହାକୁ ବିରୋଧ କରି କ୍ୟାମ୍ପସ ସଭାପତି ଆର୍ଯ୍ୟା ସୁଲେଖା, ପାୟଲ ପ୍ରିୟଦର୍ଶନୀ, ଅନନ୍ୟା ପାତ୍ର ପ୍ରମୁଖ କୁଳପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ପାଟ୍‌ନା ମହାନଗର ନିଗମ ପ୍ରତିନିଧିଙ୍କ ବିଏମ୍‌ସି ପରିଦର୍ଶନ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ସ୍ମାର୍ଟସିଟି ଭୁବନେଶ୍ୱରର କାର୍ଯ୍ୟଧାରାକୁ ମିଳିଛି ପ୍ରଶଂସା। ଭଲ ଅଭ୍ୟାସ, କାର୍ଯ୍ୟ ପଦ୍ଧତି, ନାଗରିକ ସଂଯୋଗ ଓ ଗୋଷ୍ଠୀ ସହଭାଗିତା ସାଙ୍ଗକୁ ପରିମଳ କାର୍ଯ୍ୟକୁ ଦେଖି ଶିଖିବା ପାଇଁ ସୋମବାର ବିହାରର ପାଟ୍‌ନା ମହାନଗର ନିଗମ(ପିଏମ୍‌ସି)ର ଏକ ୪ଜଣିଆ ପ୍ରତିନିଧି ଦଳ ଓଡ଼ିଶା ଆସିଛନ୍ତି। ସୋମବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିବା ସହ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ପ୍ରତିନିଧି ଦଳରେ ପାଟ୍‌ନା ମହାନଗର ନିଗମର ଅତିରିକ୍ତ କମିଶନର ଦେବେନ୍ଦ୍ର ପ୍ରସାଦ ତିୱାରୀଙ୍କ ସହିତ ଷ୍ଟାଣ୍ଡିଂ କମିଟି ସଦସ୍ୟ ମନୋଜ କୁମାର ଜସୱାଲ୍, ଆଶିଷ ସିହ୍ନା, ବିକାଶ କୁମାର ମେହେଟ୍ଟା ପ୍ରମୁଖ ଆସିଛନ୍ତି। ସେମାନେ ପରିମଳ ସହିତ ବର୍ଜ୍ୟବସ୍ତୁର ବିଜ୍ଞାନ ସମ୍ମତ ଉପଚାର, ଗୋଷ୍ଠୀ ସହଭାଗିତାରେ କୋଭିଡ୍-୧୯ର ନିୟନ୍ତ୍ରଣ, ମଳ ପରିଚାଳନା ଓ ସେସ୍‌ପୁଲ୍ ସେବା, ସ୍ମାର୍ଟ ଜନପଥ, ଯାନ୍ତ୍ରିକ ସଫେଇ, ଶିଶୁବନ୍ଧୁ ସହରର ପରିକଳ୍ପନା, ପାର୍କ ପରିଚାଳନା ତଥା ସୋସିଆଲି ସ୍ମାର୍ଟ ପ୍ରକଳ୍ପ ଇତ୍ୟାଦି ବାବଦରେ ପଚାରି ବୁଝିଛନ୍ତି। ଏଥିସହ ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ସଂଯୋଜନାରେ ପରିଦର୍ଶନରେ ଆସିଥିବା ପିଏମ୍‌ସି ପ୍ରତିନିଧି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍‌ର ସୋସିଆଲି ସ୍ମାର୍ଟ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବାବଦରେ ସୂଚନା ଦିଆଯାଇଥିଲା। କ୍ଷେତ୍ର ଅଭିଜ୍ଞତା ନିମନ୍ତେ ବାସୁଆଘାଇର ମଳ ପରିଚାଳନା ପ୍ରକଳ୍ପ, ସ୍ମାର୍ଟ ଟଏଲେଟ୍, ଅଣ୍ଡର୍ ଗ୍ରାଉଣ୍ଡ୍ ଡଷ୍ଟବିନ୍, ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଏବଂ ସ୍ୱଚ୍ଛସାଥୀଙ୍କ ଭାଗୀଦାରିତା କାର୍ଯ୍ୟକ୍ରମ ଇତ୍ୟାଦି ବୁଲି ଦେଖିଛନ୍ତି। ବିଏମ୍‌ସିର ଅଭିଯୋଗ ସମାଧାନ ପ୍ରକ୍ରିୟା କିପରି ସରଳ ହୋଇପାରିଛି ସେସମ୍ପର୍କରେ ମଧ ପ୍ରତିନିଧି ଦଳ ଜାଣିବାକୁ ପାଇଛନ୍ତି।

## ୨୩ରେ ବଣିକ୍ ବିଇଡି ଅନୁଷ୍ଠାନର ମେଧାବୃତ୍ତି ପରୀକ୍ଷା

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ବଣିକ୍ ବି.ଏଡ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ମେଧା ଅନ୍ୱେଷଣ ଏବଂ ବୃତ୍ତି ପରୀକ୍ଷା ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ସକାଳ ୧୧ଟାରେ ଅନ୍‌ଲାଇନ୍ ମାଧ୍ୟମରେ ହେବ। ମେଧାବୀ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ଏହାର ମୂଳ ଲକ୍ଷ୍ୟ। ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ୧୦ପ୍ରତିଶତ ରିହାତି ମିଳିବ ଓ ଏହି ସୁବିଧା ୨୨ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏହି ପରୀକ୍ଷାରେ ଯୋଗଦେବାକୁ ଚାହୁଁଥିବା ଛାତ୍ରୀଛାତ୍ର ୨୨ତାରିଖ ରାତି ୭ଟା ସୁଦ୍ଧା ବଣିକ୍‌ର ୱେବ୍‌ସାଇଟ୍ www.vanik.org ରେ ନିଜର ନାମ ନିଃଶୁଳ୍କ ପଞ୍ଜୀକୃତ କରିପାରିବେ। ଏହି ପରୀକ୍ଷା ମାଧ୍ୟମରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ୧୦୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯିବ ବୋଲି ବଣିକ୍ ଅନୁଷ୍ଠାନର ମୁଖ୍ୟ ସୁବ୍ରତ କୁମାର ଛାଟୋଇ କହିଛନ୍ତି। ବର୍ତ୍ତମାନର କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କୁ ଏହି ରିହାତି ବହୁ ମାତ୍ରାରେ ଆଶ୍ୱସ୍ତ ପ୍ରଦାନ କରିବ ଏବଂ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସେ ଆଶାପ୍ରକଟ କରିଛନ୍ତି।

## ବୋଲେରୋରୁ ଯୁବକଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ନିକଟସ୍ଥ କିମ୍ବୀରିଆ ବସ୍ତିରୁ ସୋମବାର ଏକ କାର୍ ଭିତରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ କିମ୍ବୀରିଆ ବସ୍ତିର ନବ ବିଶ୍ୱାଳ(୩୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ସୂଚନାଯୋଗ୍ୟ, ରବିବାର ରାତିରେ ନବ ଘର ନିକଟରେ ନିଜ ବୋଲେରୋ ନେଇ ୪/ ୫ଜଣ ସାଙ୍ଗମାନଙ୍କ ସହ ଭୋଜି କରିଥିଲେ। ପରେ ମଦ୍ୟପାନ କରି ସାଙ୍ଗମାନେ ଚାଲିଯାଇଥିଲେ ମଧ ନବ ଗାଡ଼ି ଭିତରେ ଶୋଇପଡ଼ିଥିଲେ। ପରିବାର ଲୋକେ ଫୋନ କରିଥିଲେ ମଧ ସେ ଉଠାଇ ନ ଥିଲେ। ନବଙ୍କ ସ୍ତ୍ରୀ ଖୋଜାଖୋଜି କରି ପାଇ ନ ଥିଲେ। ରାତି ସାଢ଼େ ୧୧ଟା ବେଳକୁ ପୁଣି ଖୋଜାଖୋଜି କରି ବସ୍ତି ନିକଟରେ ତାଙ୍କ ବୋଲେରୋ ଥିବା ଦେଖିବାକୁ ପାଇଥିଲେ। କାର୍ ଭିତରେ ଗ୍ଲାସ ବନ୍ଦ ରହିବା ସହ ଭିତରେ ନବ ଥିବା ଦେଖିଥିଲେ। କାର୍‌ର ଗ୍ଲାସ ଭାଙ୍ଗି ନବଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ନଂ.୧୦୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

## ଟ୍ୟାକ୍ସ କଲେକ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଖୋର୍ଦ୍ଧା ଅଫିସ,୨୧।୧୨**

### ୫୬.୨୬ ଲକ୍ଷ ସମ୍ପତ୍ତି ଠାବ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଖୋର୍ଦ୍ଧା ପୌର ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ଟ୍ୟାକ୍ସ କଲେକ୍ଟର ସଦାଶିବ ସ୍ୱାଇଁଙ୍କ ଘରେ ସୋମବାର ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଭିଜିଲାନ୍ସ ମିଳିତ ଭାବେ ଚଢ଼ାଉ କରିଥିଲେ। ଭିଜିଲାନ୍ସ ସଦାଶିବଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୫୬,୨୬,୮୫୭ ଟଙ୍କା ଠାବ କରିଛି। ଏଥିରେ ଗୁରୁଜଙ୍ଗ ସ୍ଥିତ ୨ମହଲା ବିଶିଷ୍ଟ କୋଠା ଯାହାର ମୂଲ୍ୟ ୩୩,୪୬,୦୦୦ଟଙ୍କା, ଟାଙ୍ଗିଆପଡାରେ ଆଜବେଷ୍ଟସ ଘର ୧୧,୪୭,୦୦୦, ଗୁରୁଜଙ୍ଗ ସ୍ଥିତ ନିଜସ୍ୱ ବାସଭବନ ୨୭,୦୦୦, ଖୋର୍ଦ୍ଧା ବ୍ଲକ ଗୁରୁଜଙ୍ଗ ଓ ଟାଙ୍ଗିଆପଡା ଏବଂ ସୁବର୍ଣ୍ଣପୁର ଜିଲା ବିରମହାରାଜପୁର ଠାରେ ଥିବା ୪ଟି ପ୍ଲଟ ୧,୪୦,୪୫୦, ୨ଟି ବାଇକ୍ ୧,୨୫,୦୦୦, ବିଭିନ୍ନ ବ୍ୟାଙ୍କରେ ଜମାରାଶି ୩୦,୦୦୦, ସୁନା ଅଳଙ୍କାର ବାବଦକୁ ୧,୮୨,୬୬୦ ଏବଂ ୫,୪୯,୧୦୦ ଟଙ୍କା ରହିଛି। ସୂଚନା ମୁତାବକ, ସଦାଶିବଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ସୋମବାର ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଭିଜିଲାନ୍ସ ଭୋର ୪ଟାରୁ ତାଙ୍କ ଘରେ ଚଢ଼ାଉ କରିଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ପାଣିଗ୍ରାହୀ ଏବଂ ଭୁବନେଶ୍ୱର ଡିଏସ୍‌ପି ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ୨ଟି ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଅଟକ ରଖିଥିବା ଜଣାପଡିଛି। ଯାଞ୍ଚ ପ୍ରକ୍ରିୟା ଜାରି ରହିଛି ବୋଲି ଡିଏସପି ପାଣିଗ୍ରାହୀ ସୂଚନା ଦେଇଛନ୍ତି।




ନାରୀ ନିର୍ଯାତନା, ବଳାତ୍କାର, ହତ୍ୟା, ଅପହରଣ ଘଟଣାକୁ ରୋକିବାରେ ବିଜେଡି ସରକାର ବିଫଳ ହୋଇଥିବା ଅଭିଯୋଗ ଆଣି ଭୁବନେଶ୍ୱର ଜିଲା କମିଟି ପକ୍ଷରୁ କମିଶନରେଟ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ସୋମବାର ଅନୁଷ୍ଠିତ ପ୍ରତିବାଦ ସଭା।

## ବଳାତ୍କାର ପରେ ହତ୍ୟା ଅଭିଯୋଗ

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

### ଜୟଦେବ ବାଟିକାରୁ ଯୁବତୀଙ୍କ ମୃତଦେହ ଜବତ ଘଟଣା

- ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ
- ପୋଲିସ ସେବା ଭବନ ଆଗରେ ପରିବାର ଲୋକଙ୍କ ଧାରଣା

ଖଣ୍ଡଗିରି ଜୟଦେବ ବାଟିକାରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା ନୂଆ ମୋଡ଼କୁ ଆସିଛି। ଯୁବତୀଙ୍କୁ ପ୍ରଥମେ ବଳାତ୍କାର କରାଯିବା ପରେ ଘଟଣାକୁ ଚାପିବା ଉଦ୍ଦେଶ୍ୟରେ ତାଙ୍କୁ ମାରି ଗଛରେ ଟଙ୍ଗାଇ ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା ଚାଲିଛି। ମୃତାଙ୍କ ପରିବାର ଲୋକ ଏମିତି ଅଭିଯୋଗ ଆଣିବା ସହ ସୋମବାର ପୋଲିସ ସେବା ଭବନ ଆଗରେ କିଛି ସମୟ ଧାରଣା ଦେଇଥିଲେ। ପୋଲିସ ଅଧିକାରୀ ଆସି ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ନେଇ ପ୍ରତିଶ୍ରୁତି ପରେ ଧରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ମୁତାବକ, ବ୍ରହ୍ମପୁର ଅଞ୍ଚଳର ଯୁବତୀ ଜଣଙ୍କ ପରିବାର ସହ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିଲେ। ଗତ ନଭେମ୍ବର ୧୧ରେ ଜୟଦେବ ବାଟିକା ଭିତରେ ୫୩ ନମ୍ବର ପିଣ୍ଡି ନିକଟରେ ଏକ ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ପରେ ପରିବାର ଲୋକେ ତାଙ୍କ ଝିଅକୁ ଚିହ୍ନିବା ସହ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରି ଦିନ ଗଡାଇ ଚାଲିଥିବା ମୃତ ଯୁବତୀଙ୍କ ଭାଇ ଗଣମାଧ୍ୟମ ନିକଟରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ତାଙ୍କ ଭଉଣୀଙ୍କୁ ଜଣେ ଯୁବକ କିଛି ଦିନ ହେବ ପିଛା କରିବା ସହ ଏକ ତରଫା ପ୍ରେମ କରୁଥିଲେ। ଏପରିକି ତାଙ୍କୁ ବାରମ୍ବାର ହଇରାଣ କରିବାରୁ ଯୁବତୀ ଜଣଙ୍କ ରାସ୍ତାରେ ତାଙ୍କୁ ମାଡ଼ ମାରିଥିଲେ। ପରବର୍ତ୍ତୀ ସମୟରେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ପରେ ଉକ୍ତ ଯୁବକ ଜଣଙ୍କ ଫେରାର ଅଛନ୍ତି। ତେଣୁ ଆତ୍ମହତ୍ୟା ଘଟଣାକୁ ପରିବାର ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କୁ ବଳାତ୍କାର କରାଯିବା ପରେ ହତ୍ୟା କରାଯାଇ ଗଛରେ ଟଙ୍ଗାଯାଇଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ତେଣୁ ଘଟଣାର ଉଚିତ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବାକୁ ପରିବାର ଲୋକ ସିପିଙ୍କୁ ଭେଟିବାକୁ ଆସିଥିବା ବେଳେ ଭିଡିଓ ଜରିଆରେ ସିପିଙ୍କୁ ନିବେଦନ କରିଛନ୍ତି।

# ସଂଘର୍ଷ, ସଙ୍କଟର ବର୍ଷ ଥିଲା

୨୦୨୦। ବର୍ଷ ଆରମ୍ଭରୁ ହିଁ ଦେଖାଦେଇଥିଲା କରୋନା କଷଣ। ଏଥିପାଇଁ ନିଜ ଘର ଭିତରେ ମଣିଷକୁ ବନ୍ଦୀ ଜୀବନ ବିତେଇବାକୁ ପଡ଼ିଥିଲା। ତାଲାବନ୍ଦ ଜୀବନର ଅନୁଭୂତି ସାଉଁଟିଥିଲେ ସମସ୍ତେ। ସବୁଠି ଲାଗି ରହିଥିଲା ଭୟ ଓ ବ୍ୟାକୁଳତାର ଅଦୃଶ୍ୟ ଛାପ। ନିଜ ଭିତରେ ଯେତେ ଛାଟିପିଟି ହେଲେ ବି ମଣିଷ ପାଇଁ ମୁକୁଳିବାର ବାଟ ନ ଥିଲା। ଯେମିତି ସବୁ ବାଟ ପାଲଟିଯାଇଥିଲା ଅମଡାବାଟ।

## ମିଳିଲା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ରତ୍ନପଥର



ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ରାୟଗଡ଼ା ପୋଲିସ ସହାୟତାରେ ଡିସେମ୍ବର ୭ରେ ରାୟଗଡ଼ା ସହରସ୍ଥିତ ଜଗନ୍ନାଥ କମ୍ପ୍ଲେକ୍ସର ଏକ ଘରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ରତ୍ନପଥର ଜବତ କରିଥିଲା। ଏଗୁଡ଼ିକୁ ବାହାର ରାଜ୍ୟକୁ ଚାଲାଣ କରିବାକୁ ଯୋଜନା ଚାଲିଥିବା ଖବର ମିଳିଥିଲା। ଏକ କାର୍ ମଧ୍ୟରୁ ପ୍ରାୟ ୨୦ ପ୍ରକାରର ରତ୍ନପଥର ମିଳିଥିଲା। ଏହି ମାମଲାରେ ରାୟଗଡ଼ା ଟାଉନ୍ ଥାନା ପୋଲିସ ପ୍ରଥମେ ଅମ୍ବାଦଳା ଥାନା ବିଜାବନ୍ଦାଳି ଅଞ୍ଚଳର ଜିତେନ୍ଦ୍ର କୁମାର ବେହେରା(୪୮) ଏବଂ ପରେ ମୁନିଗଡ଼ା ବ୍ଲକ୍ ଅଞ୍ଚଳର ସୁବାସ ରତ୍ନାଲୁ(୪୫) ଓ ବୌଦ୍ଧ ଜିଲାର ସରକାରୀ ଶିକ୍ଷକ ରାଧାମୋହନ ମାହାନା(୫୩)ଙ୍କୁ ଗିରଫ କରିଛି। ତେବେ ଏହି ଘଟଣାରେ ଶାସକ ଦଳର କେତେଜଣ ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ଅଭିଯୋଗରେ ଉଭୟ କଂଗ୍ରେସ ଏବଂ ଭାଜପା ବିଜେଡିକୁ ଟାର୍ଗେଟ କରିଥିଲେ।

## ଇତିଶ୍ରୀ ମାମଲାରେ ଦୋଷୀ ନେତ୍ରାନନ୍ଦଙ୍କ ମୃତ୍ୟୁ

ରାୟଗଡା ଜିଲା ଟିକିରିର ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କୋରାପୁଟ ସର୍କଲ ଜେଲରେ ବନ୍ଦୀ ଜୀବନ ବିତାଉଥିବା ନେତ୍ରାନନ୍ଦ ଦଣ୍ଡସେନାଙ୍କ ଅଗଷ୍ଟ ୧୭ରେ ମୃତ୍ୟୁ ହୋଇଥିଲା। ଏହି ଚର୍ଚ୍ଚିତ ଘଟଣା ଘଟିବାର ୩ ବର୍ଷ ପରେ ୨୦୧୬ରେ ତାଙ୍କୁ ଆଜୀବନ କାରାଦଣ୍ଡ ମିଳିଥିଲା।

## ୬ବର୍ଷ ପରେ ଜାମିନରେ ମୁକୁଳିଲେ ନାଚିକା



ଦୀର୍ଘ ବର୍ଷ ଜେଲରେ ରହିବା ପରେ ନାରାୟଣପାଟଣା ଚାଷୀ ମୂଳିଆ ଆଦିବାସୀ ସଂଘ (ସିଏମ୍‌ଏଏସ୍) ସଭାପତି ନାଚିକା ଲିଙ୍ଗା ଚଳିତବର୍ଷ ଡିସେମ୍ବର ପ୍ରଥମ ସପ୍ତାହରେ ଜାମିନ ପାଇ ମୁକୁଳିବା ଜିଲ ପାଇଁ ଥିଲା ଚର୍ଚ୍ଚାର ବିଷୟ। ନାଚିକାଙ୍କ ବିରୋଧରେ ପୋଲିସ ୪୫ଟି ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା।

## ଓଡ଼ିଶା ଉପରେ ଆନ୍ଧ୍ର ନଜର



ଚଳିତବର୍ଷ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ବୋରିଗି ପଞ୍ଚାୟତର ସୀମାନ୍ତ ଲଙ୍ଗଲବେଡ଼ା ଓ ପଟ୍ଟାଙ୍ଗୀ ବ୍ଲକ ସମ୍ପାଇ ପଞ୍ଚାୟତର ସୁନାବେଡ଼ା ଗ୍ରାମ ଜମିକୁ ଆନ୍ଧ୍ର ମାଡି ବସିଥିଲା। ନିଜ ଜାଗା ବୋଲି ଦାବିକରି ବୋର୍ଡ ମାରିଥିଲା। ଏହି ଘଟଣା ଉଭୟ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ବିବାଦ ସୃଷ୍ଟି କରିଥିଲା। ଏହାକୁ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଓ ଲୋକ ପ୍ରତିନିଧିମାନେ କଡ଼ା ବିରୋଧ କରିଥିଲେ। ସେମାନେ ଆନ୍ଧ୍ର ସୀମାନ୍ତ ରାସ୍ତାକୁ ପଥର ଦେଇ ଅବରୋଧ କରିଥିଲେ। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ରାଜ୍ୟ ସରକାର ଏହି ବିବାଦ ସମାଧାନ ନ କଲେ କଂଗ୍ରେସ ବିବାଦର ସମାଧାନ କରିବ ବୋଲି ପ୍ରକାଶ କରିଥିଲେ । ସେହିପରି ଭାଜପା ସୀମାନ୍ତ ଗ୍ରାମଗୁଡିକୁ ପରିଦର୍ଶନ କରି ରାଜ୍ୟ ସରକାର ଏହି ଘଟଣାକୁ ହାଲୁକା ଭାବେ ନେଉଥିବା ଅଭିଯୋଗ କରିଥିଲା। ପରେ ସରକାରଙ୍କ ନିର୍ଦ୍ଦେଶରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନଙ୍କ ସମେତ କୋରାପୁଟ ଜିଲାପାଳ ଓ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଥିଲେ। ଏନେଇ ଦୁଇ ରାଜ୍ୟର ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଉଭୟ ରାଜ୍ୟ ପକ୍ଷରୁ ମିଳିତ ସର୍ଭେ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ମାତ୍ର ଓଡ଼ିଶା ପକ୍ଷରୁ ସୀମା ଚିହ୍ନଟ ନେଇ ସର୍ଭେ ବେଳେ ଆନ୍ଧ୍ର ସହଯୋଗ କରି ନ ଥିଲା । ଓଡ଼ିଶା ଅଟକି ନ ଯାଇ ସର୍ଭେ କାର୍ଯ୍ୟ ଆଗେଇ ନେଇ ଶେଷ କରିଥିଲା । ପରବର୍ତ୍ତୀ ସମୟରେ ଆନ୍ଧ୍ରର ବିଶାଖାପାଟଣା ଜିଲା ପ୍ରଶାସନ ପକ୍ଷରୁ ତାରବାଡ଼ ଚିହ୍ନଟ କାର୍ଯ୍ୟ ଆରମ୍ଭ ହୋଇଥିଲା।



## ଶାବର ଶ୍ରୀକ୍ଷେତ୍ରର ପ୍ରଥମ ନାଗାର୍ଜୁନ ବେଶ

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପ୍ରାୟ ୪୦ ବର୍ଷ ପରେ ନଭେମ୍ବର ୨୭ରେ ପ୍ରଥମ ଥର ପାଇଁ ତିନିଠାକୁରଙ୍କ ଦୁର୍ଲଭ ନାଗାର୍ଜୁନ ବେଶ ହୋଇଥିଲା। କରୋନା କଟକଣା ଯୋଗୁ ମନ୍ଦିର ଯିବାକୁ କଟକଣା ଥିବାରୁ ଶ୍ରଦ୍ଧାଳୁମାନେ ଏହି ଦର୍ଶନରୁ ବଞ୍ଚିତ ହୋଇଥିଲେ। ୧୯୭୨ରେ ମନ୍ଦିର ପ୍ରତିଷ୍ଠା ପରେ ୨ ଥର ସୁଯୋଗ ଥିବା ସତ୍ତ୍ୱେ କୌଣସି କାରଣରୁ ଏଠାରେ ନାଗାର୍ଜୁନ ବେଶ ହୋଇପାରି ନ ଥିଲା ।

## ଦୁଃଖ ଦେଇଗଲା କରୋନା

ବର୍ଷ ଆରମ୍ଭରୁ ଭୟ ଖେଳାଇଥିଲା କରୋନା ମହାମାରୀ। ରାଜ୍ୟରେ ଶେଷ ଜିଲାଭାବେ ଜୁନ୍ ୩ରେ କରୋନା ତାଲିକାକୁ ଯାଇଥିଲା ରାୟଗଡା। ପ୍ରଥମେ ଦିଲ୍ଲୀରୁ ଫେରିଥିବା ଜଣେ ଯୁବତୀଙ୍କ ନିକଟରେ କରୋନା ଭୂତାଣୁ ଚିହ୍ନଟ କରାଯାଇଥିଲା। କରୋନାରେ ଅବିଭକ୍ତ କୋରାପୁଟର ରାୟଗଡା ଜିଲାରେ ୪୪, ମାଲକାନଗିରିରେ ୨୪, ନବରଙ୍ଗପୁରରେ ୮ ଓ କୋରାପୁଟରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି।

## ପୋଲିସ-ଗ୍ରାମବାସୀ ମୁହାଁମୁହିଁ

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାମୁଣି ଗାଁରେ ନିର୍ମାଣାଧୀନ ମକା ପ୍ରୋସେସିଂ କାରଖାନାକୁ ନେଇ ଗ୍ରାମବାସୀ ଦୁଇ ଗୋଷ୍ଠୀ ହୋଇଥିଲେ। କମ୍ପାନୀର ପାଚେରି ଓ ନଳକୂପ ଖନନ ସମୟରେ ବିପକ୍ଷବାଦୀ ଓ ସପକ୍ଷବାଦୀ ନଭେମ୍ବର ୧୨ରେ ମୁହାଁମୁହିଁ ହୋଇଥିଲେ। ବିପକ୍ଷବାଦୀ କମ୍ପାନୀ ସ୍ଥାପନକୁ ବିରୋଧକରି ଧାରଣାରେ ବସିଥିଲେ । ଏଥିନେଇ ପୋଲିସକୁ ଲାଠିଚାଳନା କରିବାକୁ ପଡିଥିଲା।

## ରାୟଗଡ଼ା ଝିଅ ଟପ୍ -୧୦ରେ


ସ୍ୱରଣିକା ତ୍ରୁଳ

▶ ରାୟଗଡ଼ା ଝିଅ ସ୍ୱରଣିକା ତ୍ରୁଳ ଓଏଏସ୍ ପରୀକ୍ଷାରେ ଟପ୍-୧୦ରେ ରହି ଜିଲା ପାଇଁ ଆଣିଥିଲେ ଗୌରବ।

▶ଅକ୍ଟୋବର ୨୬ରେ କୋରାପୁଟ ଜିଲା ଲକ୍ଷ୍ମୀପୁର ଥାନା ଅଧୀନ ସିଙ୍ଗାରାମ ରେଳ ଷ୍ଟେଶନରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଦଶମନ୍ତପୁର ବ୍ଲକ୍ ଚିକାମ୍ବ ଗ୍ରାମର କେଶବ ସୁବୁଦ୍ଧି ନିଜ ଝିଅ ୧୨ ବର୍ଷର ଶ୍ରେୟା ଏବଂ ୮ବର୍ଷର ସିଦ୍ଧୁଙ୍କ ସହ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ କଳହରୁ କେଶବ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହି ଘଟଣା ଜିଲା ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଥିଲା।

▶ ଜିଲାର କଲ୍ୟାଣସିଂହପୁର ଭଳି ପଛୁଆ ଅଞ୍ଚଳରୁ ଯାଇ ଦିଲ୍ଲୀରେ ଚମକିଥିଲେ ଓଡ଼ିଆ ବୋହୂ ସନ୍ଧ୍ୟା ଦଳେଇ। ଲକ୍‌ଡାଉନ୍ ସମୟରେ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ କରି 'ମିସେସ୍ ଇଣ୍ଡିଆ ୱାନ୍ ଇନ୍ ଏ ମିଲିୟନ୍' ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ଜାତୀୟସ୍ତରୀୟ ଏହି ସୁନ୍ଦରୀ ପ୍ରତିଯୋଗିତାରେ ଫାଇନାଲ ରାଉଣ୍ଡକୁ ଯାଇ ସେ ଜିଲା ଏବଂ ରାଜ୍ୟ ପାଇଁ ଆଣିଥିଲେ ସୁନାମ ।

## ପଥର ଖାଦାନ ନେଲା ୩ ଜୀବନ



ରାୟଗଡ଼ା ଜିଲା ଗୁଣପୁର ପଥର ଖାଦାନ-୧ରେ ପଥର ଫଟା ଚାଲିଥିବାବେଳେ ବିସ୍ଫୋରଣ ଘଟି ୩ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲ । ସେହିପରି ୬ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଥିଲା । ମୃତକଙ୍କ ମଧ୍ୟରେ ଜଲତାର ପଞ୍ଚାୟତ ଲଙ୍ଗରତାଲ ଗ୍ରାମର ଜାମେଶ ଶବର(୫୦), କଷାବତି ଶବର(୪୦) ଏବଂ ଘନାନ୍ତ୍ରୀ ପଞ୍ଚାୟତ ମେରିଙ୍ଗି ଗ୍ରାମର ଡଡି ଶବର(୪୫) ରହିଥିଲେ । ଏହି ଘଟଣା ଜିଲା ସମେତ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ପରବର୍ତ୍ତୀ ସମୟରେ ଏହି ଘଟଣାରେ ପଥର ଫଟା(ବିସ୍ଫୋରକ ସାମଗ୍ରୀ ଦ୍ୱାରା)କାର୍ଯ୍ୟରେ ନିୟୋଜିତ ହରିଶ୍ଚନ୍ଦ୍ର ଗମାଙ୍ଗ, ଖାଦାନ ମାଲିକ ପ୍ରଦୀପ ଯୋଗୀ, ଭାଇ ପ୍ରତାପ ଯୋଗୀ ଏବଂ ବାପା ଘାସି ଯୋଗୀଙ୍କୁ ଗିରଫ କରାଯାଇଥିଲା । ସେହିପରି ଦାୟିତ୍ୱରେ ଅବହେଳା ପାଇଁ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ, ଏଆର୍‌ଆଇ ଅନୁପ ମାର୍ଥା ଏବଂ ରାଜସ୍ୱ ପରିଦର୍ଶକ ଶରତ ଚନ୍ଦ୍ର ଆନନ୍ଦ ନିଲମ୍ବିତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୂର୍ବରୁ ଠିକାରେ ନିୟୋଜିତ ଆର୍‌ଆଇ ସନ୍ତୋଷ ପଣ୍ଡା, ଏଆର୍‌ଆଇ ସନ୍ତୋଷ ଦାସଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାବେଳେ ଡିସେମ୍ବର ୧୪ରେ ଅତିରିକ୍ତ ତହସିଲଦାର କୁଶ ଗରଡ଼ାଙ୍କୁ ବଦଳି କରାଯାଇଛି।

## ନକଲି ସୁନା ଶଙ୍ଖ ଦେଖାଇ ପୁଣି ଠକେଇ

ନବରଙ୍ଗପୁରରେ ନକଲି ସୁନା ଶଙ୍ଖକୁ ଅସଲି କହି ଲୋକଙ୍କୁ ପୁଣିଥରେ କେତେଜଣ ଦୁର୍ବୃତ୍ତ ଠକିଛନ୍ତି। ଏହି ଘଟଣାରେ ୨ଜଣଙ୍କୁ ଉମରକୋଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ଷକ ମଧ୍ୟରେ ଜିଲାରେ ୪ଥର ଏଭଳି ଘଟଣା ଘଟିଛି। ଧୋତ୍ରା ଗାଁର ବସନ୍ତ ଭୋଇ ନାମକ ଜଣେ ଯୁବକ ନୟାଗଡ ଜିଲା ଓଡଗାଁ ଅଧୀନ ସୁନାମୁହିଁ ଗାଁର ଫକିର ମୋହନ କରଙ୍କୁ ସୁନା ଶଙ୍ଖ ମିଳିଥିବା ନେଇ ଜୁଲାଇ ୨୨ରେ ଯୋଗାଯୋଗ କରିଥିଲେ। ଅଗଷ୍ଟ ୫ରେ ଶଙ୍କର ୮ ଲକ୍ଷ ଟଙ୍କା ଦେଇ ବସନ୍ତଙ୍କଠାରୁ ଶଙ୍ଖ କିଣି ନେଇଥିଲେ। ନୟାଗଡ଼ ଯାଇ ଶଙ୍ଖକୁ ଯାଞ୍ଚ କରିବା ପରେ ତାହା ନକଲି ବୋଲି ଜାଣି ଉମରକୋଟ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ବସନ୍ତ ଭୋଇ ଓ ତାଙ୍କ ଦଳର ଅନ୍ୟ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ପୋଲିସ ୨ଟି ନକଲି ଶଙ୍ଖ ଓ ଏକ ଲକ୍ଷ ଟଙ୍କା, ମୋବାଇଲ ଜବତ କରିଥିଲା।

## ବିବାଦୀୟ ବ୍ୟକ୍ତିତ୍ୱ



ମାଲକାନଗିରିର ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲ ଥିଲେ ଚଳିତ ବର୍ଷ ଜିଲା ପାଇଁ ବିବାଦୀୟ ବ୍ୟକ୍ତିତ୍ୱ । ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ତାଙ୍କ ପରିବାରବର୍ଗ ଅଗ୍ରୱାଲଙ୍କୁ ଦାୟୀକରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ପରେ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିଲା। ଏହି ଘଟଣା ଜିଲାରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା।


ମାଲକାନଗିରି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀମାନେ ନିଜ ଛୋଟ ପିଲାଙ୍କୁ କରୋନାମୁକ୍ତ କରି ରଖିବା ପାଇଁ ସଲପ ରସ, ଗଛର କାଇ ସିଝା ଖାଇବାକୁ ଦେଉଛନ୍ତି।

## ଗଞ୍ଜେଇ ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତ

ଗଞ୍ଜେଇ ମାଫିଆଙ୍କ ବିରୋଧରେ ନବରଙ୍ଗପୁର ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଗଞ୍ଜେଇ କାରବାରରେ ସମ୍ପୃକ୍ତ ୩ଭାଇ ଓ ତାଙ୍କ ସମ୍ପର୍କୀୟଙ୍କ ୪କୋଟି ୫୯ଲକ୍ଷ ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତି କରିବା ସହ ୧୪ଟି ବ୍ୟାଙ୍କ ଆକାଉଣ୍ଟ ଜବତ ହୋଇଥିଲା। କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ଅର୍ଥ ବିଭାଗର କ୍ଷମତାସମ୍ପନ୍ନ ପ୍ରଶାସକ(କୋଲକାତା)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଏନ୍‌ଡିପିଏସ୍ ଧାରାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅଧୀନ ପନାରଗୁଡ଼ା ଗାଁର ଗଞ୍ଜେଇ ମାଫିଆ ପ୍ରଭାକର ମାଳୀ, ଅନିରୁଦ୍ଧ ମାଳୀ ଓ ରମେଶ ମାଳୀଙ୍କ ନାମରେ କୋଷାଗୁମୁଡ଼ା, ପାପଡ଼ାହାଣ୍ଡି ଓ କୋରାପୁଟ ଜିଲା ବୋରିଗୁମ୍ମା ଥାନାରେ ମାମଲା ଥିଲା। ଏହାପରେ ସେମାନଙ୍କ ସମେତ ତାଙ୍କ ୫ଜଣ ସମ୍ପର୍କୀୟଙ୍କ ନାମରେ ଥିବା ସମ୍ପତ୍ତି ବାଜ୍ୟାପ୍ତି ହୋଇଥିଲା। ଏହାପରେ ପ୍ରଭାକର ଓ ଅନିରୁଦ୍ଧଙ୍କୁ ଗିରଫ କରାଯାଇଥିବାବେଳେ ରମେଶ ଏବେ ସୁଦ୍ଧା ଫେରାର ଅଛନ୍ତି।


ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ମାଟି ଖୋଳା ବେଳେ କୋରାପୁଟରୁ ମିଳିଥିବା ଜୈନମୂର୍ତ୍ତି

## ବନ୍ୟ ଜନ୍ତୁଙ୍କ ଉପରେ ଲୋଲୁପ ଦୃଷ୍ଟି

ନବରଙ୍ଗପୁର ଜିଲା ଉମରକୋଟ ବନ ବିଭାଗ ଅଗଷ୍ଟ ୧୦ରେ ହିରାପୁର ପଞ୍ଚାୟତ ପନାର ଚୁଆ ଗାଁରେ ଚଢାଉ କରି ଏକ ବଜ୍ରକାପ୍ତା ଜବତ କରି ଘାସିଆ ତନ୍ତୀଙ୍କୁ ଗିରଫ କରିଥିଲା। ଜୁନ ୬ରେ ମୈଦଲପୁର ଫରେଷ୍ଟର ୨୬ ନମ୍ବର ଜାତୀୟ ରାଜପଥରୁ ୯୫ଟି କଇଁଛ ଉଦ୍ଧାର କରିଥିଲେ। ସେହିଭଳି ସେପ୍ଟମ୍ବର ୧୨ରେ ନବରଙ୍ଗପୁର ବନ ବିଭାଗ ନନ୍ଦାହାଣ୍ଡି ବ୍ଲକ ଉସୁରି ପଦର ଛକରେ ଚଢାଉ କରି ୩ଟି ବାଘଛାଲ ଜବତ କରିଥିଲେ। ଏଥିରେ ଖାଡିଗୁଡା ଅଞ୍ଚଳର ଗୁପ୍ତ ପ୍ରସାଦ ଟାକ୍ରି, ପ୍ରହଲ୍ଲାଦ ଟାକ୍ରି, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳର ସୁରେନ୍ଦ୍ର ନାୟକ ଓ ତ୍ରିନାଥ ନାୟକଙ୍କୁ ଗିରଫ କରାଯାଇଥିଲା।

## ବିନା ମାଟିରେ ଜୈବିକ ଚାଷ



କୋରାପୁଟର ବାଙ୍ଗାଲୋରରେ ପଢୁଥିବା ଛାତ୍ର ଅଙ୍କିତ ମହାନ୍ତି ନିଜ ବିନା ମାଟିରେ କେବଳ ପାଣିରେ ଜୈବିକ ସାର ବ୍ୟବହାର କରି ପନିପରିବା ଚାଷ କରି ଚର୍ଚ୍ଚାକୁ ଆସିଛନ୍ତି। କରୋନା ଯୋଗୁ ଛୁଟିରେ ଘରକୁ ଆସି ନିଜ ଘର ଛାତ ଉପରେ ସେ ତାଙ୍କ ଚିନ୍ତାଧାରାକୁ ପ୍ରୟୋଗ କରିଥିଲେ। ଏଥିରୁ ସାଧାରଣ ଅମଳ ଅପେକ୍ଷା ୧୦ଗୁଣ ଅଧିକ ପନିପରିବା ଅମଳ ହୋଇପାରୁଥିବା ସେ ପ୍ରକାଶ କରିଥିଲେ।

# ନିବେଶକଙ୍କ କ୍ଷତି ୭ ଲକ୍ଷ କୋଟି

## ଶେୟାର ବଜାରରେ କରୋନା ପ୍ରଭାବ



**ନୂଆଦିଲ୍ଲୀ,୨୧।୧୨**

କରୋନା ମହାମାରୀ ପ୍ରଭାବରେ ଭାରତୀୟ ଶେୟାର ବଜାରକୁ ସୋମବାର ଜୋର୍‌ଦାର ଝଟକା ଲାଗିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ଦିନ ମଧ୍ୟରେ ୨୦୩୭.୬୧ ପଏଣ୍ଟ ଖସିଥିବା ନଜରକୁ ଆସିଥିଲା। ମାତ୍ର କାରବାର ଶେଷ ବେଳକୁ ଏହା ୧୪୦୬ ପଏଣ୍ଟ ନିମ୍ନରେ ରହି ୪୫,୫୫୩.୯୬ ପଏଣ୍ଟ ସ୍ତରରେ ରହିଛି। ଏହା ପୂର୍ବରୁ ଚଳିତ ବର୍ଷ ମେ ୪ ତାରିଖରେ ୨୦୦୨ ପଏଣ୍ଟ ଖସି ୩୧,୭୧୫ ପଏଣ୍ଟକୁ ଖସି ଆସିଥିଲା। ସୋମବାର ବିଏସ୍‌ଇର ମୋଟ ମାର୍କେଟ ୧୭୮.୭୯ ଲକ୍ଷ କୋଟିକୁ ଖସି ଆସିଛି। ଏହା ଶୁକ୍ରବାର ୧୮୫.୩୬ ଲକ୍ଷ କୋଟି ଟଙ୍କା ରହିଥିଲା। ଅର୍ଥାତ୍ ଏଥିରେ ସୋମବାର ୬.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ ନିବେଶକଙ୍କ କ୍ଷତି ପ୍ରାୟ ୭ ଲକ୍ଷ କୋଟି ଟଙ୍କା ରହିଛି।

ସୋମବାର ବିଏସ୍‌ଇରେ ମୋଟ ୩,୧୯୨ କମ୍ପାନୀର ଶେୟାର କାରବାର ହୋଇଛି। ଏହା ମଧ୍ୟରୁ ୨,୪୩୩ କମ୍ପାନୀ ଶେୟାର ହ୍ରାସ ପରିଲକ୍ଷିତ ହୋଇଛି। ମାତ୍ର ୫୫୨ କମ୍ପାନୀର ଶେୟାର ବୃଦ୍ଧି ଦେଖାଯାଇଛି। ୨୨୪ କମ୍ପାନୀର ଶେୟାର ୫୨ ସପ୍ତାହର ସର୍ବୋଚ୍ଚ ସ୍ତର ଏବଂ ୪୯ କମ୍ପାନୀର ଶେୟାର ସବୁଠାରୁ ନିମ୍ନକୁ ଖସି ଆସିଛି। ଅପରପକ୍ଷରେ ୪୬୬ କମ୍ପାନୀର ଶେୟାରରେ ଲୋୟର ସର୍କିଟରେ ରହିଥିବା ଜଣାପଡ଼ିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ମଧ୍ୟ ୪୩୨ ପଏଣ୍ଟ ନିମ୍ନରେ ରହିବା ଯୋଗୁ ୧୩,୩୨୮.୪୦ ପଏଣ୍ଟରେ କାରବାର ବନ୍ଦ ହୋଇଛି। କରୋନା ଭାଇରସ୍‌ର ପ୍ରଭାବ ଏସିଆର ଅନ୍ୟ ପୁଞ୍ଜିବଜାର ଉପରେ ମଧ୍ୟ ପଡ଼ିଛି। ହଂକଂର ସୂଚକାଙ୍କ ୧୯୧ ପଏଣ୍ଟ ଖସିଥିବା ବେଳେ ଜାପାନର ନିକେଇ ୪୪ ପଏଣ୍ଟ ଖସିଥିବା ବେଳେ ଚାଇନାର ସାଂଘାଇ କମ୍ପୋଜିଟ ଇଣ୍ଡେକ୍ସ ୨୫ ପଏଣ୍ଟ ଉର୍ଦ୍ଧ୍ୱରେ ବନ୍ଦ ହୋଇଛି।

## 'ଉପଭୋକ୍ତାଙ୍କୁ ସଶକ୍ତ କରିବ ନୂଆ ବିଦ୍ୟୁତ୍ ନିୟମ'

**ନୂଆଦିଲ୍ଲୀ,୨୧।୧୨**

ନୂଆ ନିୟମ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସଶକ୍ତ କରିବ। ବିଦ୍ୟୁତ୍ ଉପଭୋକ୍ତାଙ୍କ ଅଧିକାର ସାବ୍ୟସ୍ତ କରିବା ଲାଗି ଏହା ସୁଯୋଗ ଦେବ ବୋଲି କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର୍.କେ. ସିଂ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ପ୍ରଥମଥର ଲାଗି ବିଦ୍ୟୁତ୍( ଖାଉଟିଙ୍କ ଅଧିକାର) ନିୟମ ୨୦୨୦ ମାଧ୍ୟମରେ ଉପଭୋକ୍ତାଙ୍କ ଅଧିକାର ଘୋଷଣା କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଏଭଳି ନିୟମ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଉପଭୋକ୍ତା ନୂଆ ବିଜୁଳି ସଂଯୋଗ ଏବଂ ଅନ୍‌ଲାଇନ ବିଲ୍ ପେମେଣ୍ଟ ପାଇଁ ବିକଳ୍ପ ଲାଭ କରିବେ। ମେଟ୍ରୋ ସହରଗୁଡ଼ିକରେ ଆବେଦନର ୭ ଦିନ ଅନ୍ୟାନ୍ୟ ସହରରେ ୧୫ ଦିନ ଏବଂ ଗ୍ରାମାଞ୍ଚଳରେ ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ବିଜୁଳି ସଂଯୋଗ ଦେବାକୁ ହେବ। ଏହାର ଉଲ୍ଲଂଘନ କଲେ ଦଣ୍ଡବିଧାନର ବ୍ୟବସ୍ଥା କରିଛି। ଏହି ନିୟମ ଦ୍ୱାରା ବର୍ତ୍ତମାନର ୩୦ କୋଟି ଏବଂ ଭବିଷ୍ୟତର ସମସ୍ତ ଉପଭୋକ୍ତା ଉପକୃତ ହେବେ। ସାରା ଦେଶରେ ସୁଗମ ବାଣିଜ୍ୟ ବ୍ୟବସାୟ ସୁବିଧାକୁ ପ୍ରସାରିତ କରିବା ଲାଗି ନୂଆ ନିୟମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସିଂ କହିଛନ୍ତି। ନୂଆ ବ୍ୟବସ୍ଥାରେ ଉପଭୋକ୍ତାଙ୍କ ଅଧିକାର ଏବଂ ଲାଇସେନ୍ସପ୍ରାପ୍ତ ଆବଣ୍ଟନକାରୀଙ୍କ ଦାୟିତ୍ୱବୋଧ, ନୂଆ ସଂଯୋଗ ପ୍ରଦାନ ଏବଂ ବିଜୁଳି ସଂଯୋଗ ନେଇଥିବା ଉପଭୋକ୍ତାଙ୍କ ସଂଯୋଗ ବ୍ୟବସ୍ଥାରେ ପରିବର୍ତ୍ତନ, ମିଟରିଂ ବ୍ୟବସ୍ଥା, ବିଲିଂ ଏବଂ ପେମେଣ୍ଟ ବ୍ୟବସ୍ଥା, ସଂଯୋଗ ବିଚ୍ଛିନ୍ନ ଏବଂ ପୁନଃ ସଂଯୋଗ, ବିଜୁଳି ଯୋଗାଣରେ ବିଶ୍ୱସନୀୟତା ଭଳି ଦିଗକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଉପଭୋକ୍ତାଙ୍କୁ ଉଭୟ ଖାଉଟି ଓ ଉତ୍ପାଦନକାରୀ ଭାବେ ବିଚାର କରିବା, ଲାଇସେନ୍ସଧାରୀଙ୍କ ସେବା ପ୍ରଦର୍ଶନର ମାନ, କ୍ଷତିପୂରଣ ବ୍ୟବସ୍ଥା, ଗ୍ରାହକ ସେବା ପାଇଁ କଲ୍ ସେଣ୍ଟର ସ୍ଥାପନ ଏବଂ ଅଭିଯୋଗ ନିରାକରଣକୁ ଧ୍ୟାନରେ ରଖାଯାଇଛି।

## ଦର ବଢ଼ାଇବ ହିରୋ ମୋଟୋକର୍ପ

**ନୂଆଦିଲ୍ଲୀ,୨୧।୧୨:** ହିରୋ ମୋଟୋକର୍ପ ତା'ର ବିଭିନ୍ନ ମଡେଲ ଯାନ ଉପରେ ଦରବୃଦ୍ଧି ନେଇ ନିଷ୍ପତ୍ତି ନେଇଛି। ଏହି ଦର ବୃଦ୍ଧି ୧ ଜାନୁୟାରୀ ୨୦୨୧ରୁ ଦେଶର ସବୁ ସ୍ଥାନରେ ଲାଗୁ ହେବ। ଏହି ଦରବୃଦ୍ଧି ଫଳରେ ଗ୍ରାହକଙ୍କୁ ପ୍ରତି ଗାଡି ଉପରେ ୧୫୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦେବାକୁ ହେବ ବୋଲି ସୂଚନା ମିଳିଛି। ବିଭିନ୍ନ ସଂସ୍ଥା ଓ ଡିଲରମାନଙ୍କୁ ମଧ୍ୟ ଏ ନେଇ କମ୍ପାନୀ ଅବଗତ କରାଇ ଦେଇଥିବା ସୂଚନା ମିଳିଛି। ଗାଡି ଓ ପାର୍ଟସ ପାଇଁ ଆବଶ୍ୟକ ବିଭିନ୍ନ ମେଟାଲ, ପ୍ଲାଷ୍ଟିକ, ଆଲୁମିନିୟମ, ଷ୍ଟିଲ ଓ ମୂଲ୍ୟବାନ ସାମଗ୍ରୀ ଏବଂ ଯନ୍ତ୍ରପାତିର ଦର ବଢ଼ିଥିବା ଯୋଗୁ କମ୍ପାନୀ ମଧ୍ୟ ଦର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି।

## ODISHA HYDRO POWER CORPORATION LIMITED
### OFFICE OF THE SR. GENERAL MANAGER (ELECTRICAL)

BALIMELA HYDRO ELECTRIC PROJECT, AT/POST: BALIMELA, DIST.: MALKANGIRI (ODISHA), PIN: 764051, Phone Nos.: 06861-232581 (O)/232641 (R), FAX No.: 06861-232541, E-mail: unit.head_balimela@yahoo.com/bhep.balimela@gmail.com

**REGD. OFFICE: ODISHA HYDRO POWER CORPORATION LIMITED**
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526, 2542826 Fax: 2542102, TELEGRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, GSTIN: 21AAACO2575P1Z9 CIN: 40101OR1995SGC003963

**'e'-Procurement Notice**

**NOTICE INVITING TENDER No. BHEP/10/2020-21 DATED: 17.12.2020**

No. CAD-944: The Unit Head, Balimela Hydro Electric Project, Balimela, Dist.- Malkangiri invites percentage rate bids in **double cover** system i.e. Cover-I (Technical Bid) & Cover II (Price Bid) for the work through e-procurement as detailed in the table below. The bids should be submitted 'Online' in **https://tendersodisha.gov.in** by eligible 'C' or 'B' class Civil Contractors or service providers registered with the State Government and contractors of equivalent grade/class registered with Central Government/Railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Ceritifcate. The bidder may submit bid for the work as per the following table.

| Sl. No. | Name of Work | Approx. Estiamted Cost in Rs. | E.M.D. in Rs. | Class of Contractor | Cost of Bid Documents in Rs. | Period of Completion |
|---|---|---|---|---|---|---|
| 1 | "Job Contract on Annual Cleaning of Power House, Valve House, Store and Switchyard area of BHEP, Balimela for one year" | 23,31,525.00 | 23320.00 | 'C' or 'B'/ Service Provider | 6000/- + GST @ 18% = 7080/- | 365 days |

Date & time of availability of bid document in the portal : From 11.00 hrs. of 22.12.2020 to 05.01.2021 (Upto 16.00 hrs.)
Last date & time of submission of bid : Upto 16.00 hrs. of 05.01.2021
The date and time of opening of the bid : 12.00 hrs. onwards of 06.01.2021 (Only Technical bid)
Further details can be seen from the e-procurement portal **https://tendersodisha.gov.in.**

Sd./- Contract & Procurement Head
Balimela Hydro Electric Project, Balimela

OIPR-04019/11/0051/2021

## OFFICE OF THE CHIEF CONSTRUCTION ENGINEER, KANUPUR IRRIGATION PROJECT

AT/P.O.: BASUDEVPUR, DIST.- KEONJHAR, ODISHA, PIN - 758047
E-mail: ccekipbpur@gmail.com

No. A-392

**"e" PROCUREMENT NOTICE**

**1st Corrigendum to Bid Identification No. 01/CCEKIP/2020-21 (Online)**

| | | | | |
|---|---|---|---|---|
| 1 | Name of the Work | Construction of 1000mm thick Plastic Concrete Cut-off Wall at heel of the earth dam upto fresh rock level throughout the foundation of left embankment upto RD 1150m of Kanupur Irrigation Project in Keonjhar district of Odisha | | |
| Sl. No. | Condition | Clause | Existing | Amendment |
| 1 | Satisfactory Completion of similar Work | ITB Clause 15.9(a), Page - 31 | Similar works means Plastic Concrete Cut-off Wall and/or Rigid Concrete Cut-off Wall | Similar works means Plastic Concrete Cut-off Wall and/or Rigid Concrete Cut-off Wall with minimum depth of 45m. |
| 2 | Satisfactory Completion of Similar Major Items of Work (Quantity Turnover) | ITB Clause 15.9(c), Page - 32 | Plastic Concrete and/or Rigid Concrete in Diaphragm Wall: 32830.00 Sqm. | Plastic Concrete and/or Rigid Concrete in Cut-off Wall/ Diaphragm Wall: 32830.00 Sqm. |

All other terms & conditions remain unaltered. Further details can be seen from the e-procurement portal: **www.tendersodisha.gov.in**.

Sd./- (Er. M.K. Bhuyan), Chief Construction Engineer
Kanupur Irrigation Project, Basudevpur, Keonjhar, Odisha

OIPR-32376/11/0002/2021

## ODISHA ELECTRICITY REGULATORY COMMISSION

Plot No 4, Chunokoli, Shailashree Vihar, Chandrasekharpur, Bhubaneswar- 751021
Ph: +91 (674) 2721048/2721049, Fax : 2721053/2721057
E-mail : orierc@gmail.com, Website : www.orierc.org

Together, Let us light up our lives

**ODISHA ELECTRICITY REGULATORY COMMISSION**

**PERFORMANCE OF ELECTRICITY DISTRIBUTION COMPANIES IN ODISHA DURING THE FY 2019-20 (AS REPORTED AND FURNISHED THROUGH AN AFFIDAVIT)**

**ACHIEVEMENT ON OVERALL STANDARDS OF PERFORMANCE:**

| LICENSEES | | CESU/ TPCODL | | NESCO Utility | | WESCO Utility | | SOUTHCO Utility | |
|---|---|---|---|---|---|---|---|---|---|
| | Period | For the year 19-20 | | For the year 19-20 | | For the year 19-20 | | For the year 19-20 | |
| Achievement in % of the licensees in the following service area | Minimum % target fixed by the Commission | | | | | | | | |
| Rectification of fuse-off call within 6 hrs. of receiving the complaint in urban areas | 90 | 100.00 | | 100.00 | | 98.45 | | 100.00 | |
| Rectification of fuse-off call within 24 hrs. of receiving the complaint in rural areas | 90 | 100.00 | | 100.00 | | 99.01 | | 100.00 | |
| Restoration of line break-down within 12 hrs. of receiving the complaint in urban areas | 95 | 100.00 | | 100.00 | | 99.25 | | 100.00 | |
| Restoration of line break-down within 24 hrs. of receiving the complaint in rural areas | 95 | 100.00 | | 100.00 | | 99.43 | | 100.00 | |
| Replacement of Distribution Transformer within 24 hrs. of receiving the complaint in urban areas | 95 | 100.00 | | 100.00 | | 99.53 | | 100.00 | |
| Replacement of Distribution Transformer within 48 hrs. of receiving the complaint in rural areas | 95 | 100.00 | | 100.00 | | 98.96 | | 100.00 | |
| Completing the work within 12 hrs. of the scheduled outage before 5 PM/6 PM | 90 | 100.00 | | -- | | -- | | -- | |
| No. of hourly measurement in which the supply frequency went beyond ± 3% | -- | -- | | -- | | -- | | -- | |
| No. of cases in which voltage at the point of commencement of supply exceeded 3% of the voltage limits fixed under I.E. Rules, 1956 | | | | | | | | | |
| EHT | | -- | | -- | | -- | | -- | |
| HT | | -- | | -- | | -- | | -- | |
| LT | | -- | | -- | | -- | | -- | |
| Rectification of Street light fault within 6 hrs. of receiving the complaint | 90 | -- | | -- | | 90 | | 100.00 | |
| No. of faulty bills prepared as a percentage of total no. of bills issued | 0.1 | 0.10 | | 0.24 | | 0.10 | | 0.10 | |
| No. of faulty/defective meters as a percentage of total no. of existing meters | 5 | -- | | 11 | | 5 | | 16 | |
| Total no. of interruption each lasting more than 5 minutes faced by 1 KW connected load (SAIFI) | | 148 | | 838 | | 403 | | 235 | |
| Total no. of interruption each lasting less than 5 minutes faced by 1 KW connected load (MAIFI) | | 58 | | 405 | | 241 | | 118 | |
| Total duration of interruption in minutes each 1 KW connected load (SAIDI) | | 4175 | | 10220 | | 12518 | | 7463 | |
| **No. of accident cases** | | 18-19 | 19-20 | 18-19 | 19-20 | 18-19 | 19-20 | 18-19 | 19-20 |
| Fatal Human | | 25 | 09 | 31 | 34 | 12 | 20 | 20 | 28 |
| Fatal Animal | | 24 | 13 | 40 | 34 | 03 | 07 | 02 | 02 |
| Non-fatal Human | | 07 | 10 | 20 | 12 | 01 | 06 | 15 | 48 |
| Non-fatal Animal | | 04 | 01 | 01 | 00 | 00 | 08 | 00 | 00 |

**Note:**

1. The information on Guaranteed Standards of Performance is available in the OERC website: **www.orierc.org** and in respective websites of the Distribution Licensees i.e. **www.tpcentralodisha.com** for TPCODL, **www.nescoodisha.com** for NESCO Utility, **southcoodisha.com** for SOUTHCO Utility and **wescoodisha.com** for WESCO Utility.

2.The aforesaid information are based on the data furnished by the Distribution Licensees submitted through affidavit.

**Issued by OERC in Public interest.**

## ZILLA SWASTHYA SAMITI, BOUDH

Notification No. 613/NTEP/Boudh/2020, Dt.21.12.2020

**TENDER CALL NOTICE**

No. E-462:- Sealed tenders are invited from reputed firms / bidders for Lab Materials and Reagents for **NTEP**, **Boudh**. The details about the bid documents with all terms & conditions and tender papers etc. may be downloaded from https://**www.boudh.nic.in**. Sealed tenders should be submitted to the CDM & PHO, Boudh, At- District Headquarter Hospital, PO/Dist.- Boudh, PIN-762014 by **Dt.31.12.2020, 05.30 PM** through Speed Post / Regd. Post / Courier only.

**CDM & PHO-cum-District Mission Director, Boudh**

OIPR-10107/11/0014/2021

## Government of Odisha

e-mail- rw_boudh@yahoo.co.in

No. O-761:-

**e-Procurement Notice**

**Bid Identification No. Online tender/05/E.E. RW BOUDH/2020-21**

**NATIONAL COMPETITIVE BIDDING THROUGH e-procurement**

Name of the work:- **Road works- 10 (Ten) Nos.**

1. Estimated cost:- Rs.1.00 lakhs to 50.00 lakhs (approximately)
2. period of completion:- 1 (One) to 2 (Two) calendar months.
3. Date & Time of availability of Bid documents in the portal:- From 23.12.2020, 10.00 AM to 30.12.2020, 5.00 PM
4. Last date/Time for receipt of bids in the portal:- 30.12.2020 up to 5.00 PM
5. Last date/Time for seeking of Tender clarification:- 29.12.2020 upto 5.00 PM.
6. Date & Time of opening of Tender / Bid:- 31.12.2020 at 11.00 AM.
7. Name & Address of the officer inviting bid:- Executive Engineer, R.W. Division, Boudh.

**Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in"**

**Sd./- Executive Engineer, RW Division, Boudh**

OIPR-25061/11/0005/2021

## GOVT. OF ODISHA
## OFFICE OF THE EXECUTIVE ENGINEER (AGRIL.), CUTTACK DIVISION, CUTTACK

AT/P.O.- NAYABAZAR, DISTRICT: CUTTACK - 753004
Phone No. (0671) 2442638, E-mail ID: eeagril.cuttack@gmail.com

**1st Corrigendum to e-Procurement Notice**

**Bid Identification No. EE (AGRIL) Cuttack Division - 01/2020-21**

No. L-45: Due to unavodiable circumstances & technical reason, the last date of availability & receipt of Bids in portal & submission of original bid documents and opening, published on dated 11.12.2020 is extended as detailed below:

1. Extended date & time of availability of bid document in the portal: 14.12.2020 at 10.00 A.M. to 30.12.2020, 5.00 P.M.
2. Last date/time for receipt of bids in the portal: 30.12.2020 upto 5.00 P.M.
3. Date of submission of original bid documents: 15.12.2020 at 10.00 A.M. to 30.12.2020 upto 5.00 P.M.
4. Date & time of opening of Original Documents & Verification: 31.12.2020 at 11.00 A.M.
5. Date & time of opening of Online bids: 31.12.2020 at 03.00 P.M. onwards.

Other details, terms and conditions can be seen from DTCN in the e-Procurement website: **"https://tendersodisha.gov.in"**. Any addendum/corrigendum/cancellation of tender can also be seen in the said website.

**Sd./- Executive Engineer (Agril.)**
**Cuttack Division, Nayabazar, Cuttack**

**OIPR-01447/11/0003/2021**

See Career Appointment on every Wednesday & Saturday

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

**ଘୋଷଣା**

File No. L.A-IX-6/2018/18913 Dated: 04.11.19

No. XXXIII-04: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ରେ ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଗୋଠପାଟଣା, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ନାକାଗେଟଠାରୁ କାଟେଣୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ (୪ ଥାକିଆ) ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୫୪୬୮ ତା୦୫।୧୦।୨୦୧୮ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା: ଗୋଠପାଟଣା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **http://www.khordha.nic.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ଖୋର୍ଦ୍ଧା — ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋଠପାଟଣା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୮.୧୦୮ | ୧.୦୬୦ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ଖୋର୍ଦ୍ଧା — ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୦୫।୧୧।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଖୋର୍ଦ୍ଧା

### ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

ମୌଜା: ଗୋଠପାଟଣା — ଜିଲ୍ଲା: ଖୋର୍ଦ୍ଧା

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଭୁବନେଶ୍ୱର | ଗୋଠ ପାଟଣା | ଗ୍ରାମାଞ୍ଚଳ | ୪୨୪ | ୯୮୭ | ୦.୦୩୫ | ୦.୦୦୧ | ବିଶି ପଲେଇ, କାଶୀ ପଲେଇ, ପି.– ନଟ ପଲେଇ |
| | | | | ୫୫୪ | ୯୮୮ | ୦.୦୪୫ | ୦.୦୨୮ | ଶକୁନ୍ତଳା ପ୍ରଧାନ, ସ୍ୱା.– ଚିତ୍ତରଞ୍ଜନ ପ୍ରଧାନ |
| | | | | ୨୦୮ | ୯୯୪ | ୦.୨୮୫ | ୦.୦୧୨ | ତ୍ରୈଲୋକ୍ୟ ନାଥ ପଲେଇ, ପି.– ଖଗେଶ୍ୱର ପଲେଇ |
| | | | | ୩୦୬ | ୯୯୦ | ୦.୦୮୦ | ୦.୦୦୨ | ପ୍ରତାପ ଚନ୍ଦ୍ର ମାର୍ଥା, ପି.– ପ୍ରହଲ୍ଲାଦ |
| | | | | ୬୧୩ | ୯୪୭ | ୦.୨୨୮ | ୦.୦୧୧ | ସ୍ମିତା ସେନ୍, ସ୍ୱା.– ଆୟସ୍କାନ୍ତ ଜେନା |
| | | | | ୨୦୮ | ୯୪୮ | ୦.୮୪୦ | ୦.୦୫୬ | ତ୍ରୈଲୋକ୍ୟ ନାଥ ପଲେଇ, ପି.– ଖଗେଶ୍ୱର ପଲେଇ |
| | | | | ୫୯୪ | ୯୯୧ | ୦.୧୦୫ | ୦.୦୪୬ | ସସ୍ମିତା ସାମଲ, ସ୍ୱା./– ପ୍ରତାପ କୁମାର ସାମଲ |
| | | | | ୪୭୩ | ୧୦୭୪ | ୦.୧୦୫ | ୦.୦୨୪ | ମାୟାଧର ନାୟକ, ପି.– ବୈଷ୍ଣବ ନାୟକ |
| | | | | | ୧୦୭୬ | ୦.୦୬୦ | ୦.୦୦୯ | |
| | | | | ୧୭୬ | ୧୦୭୫ | ୦.୩୫୦ | ୦.୦୫୧ | ଜୟପ୍ରକାଶ ଦାଶ, ପି.– ହରେକୃଷ୍ଣ ଦାଶ ଓଗେର |
| | | | | ୬୭୫ | ୧୧୧୫ | ୪.୧୮୫ | ୦.୫୨୯ | ଶ୍ରୀ କନକ ଦୁର୍ଗା ବିଜେ ମଳିପଡ଼ା ମାର୍ଫତ ହରେକୃଷ୍ଣ ହରିଚନ୍ଦନ ମହାପାତ୍ର, ପି.– ମଦନ ମୋହନ ହରିଚନ୍ଦନ ମହାପାତ୍ର |
| | | | | ୨୩୦ | ୨୩୫୭ | ୦.୧୦୮ | ୦.୦୧୪ | ଦୁର୍ଗା ପ୍ରସାଦ ସାହୁ, ପି.– ପ୍ରଭାକର ସାହୁ |
| | | | | ୪୮୨ | ୧୦୭୭ | ୦.୧୬୨ | ୦.୦୧୨ | ମୁରଲିଧର ବେହେରା, ପି.– ଗୋପୀନାଥ ବେହେରା |
| | | | | ୫୬୫ | ୧୦୭୮ | ୦.୦୮୦ | ୦.୦୧୪ | ସତ୍ୟଜିତ୍ ମହାନ୍ତି, ପି.– ରବି ନାରାୟଣ ମହାନ୍ତି |
| | | | | ୭୬ | ୨୩୧୮ | ୦.୩୫୫ | ୦.୦୩୦ | ଓମ୍ ପ୍ରକାଶ ରାୟ, ପି.– ନିତ୍ୟାନନ୍ଦ ରାୟ |
| | | | | ୩୯୨ | ୧୦୮୦ | ୦.୩୫୦ | ୦.୦୪୯ | ବାସନ୍ତୀ ସାହୁ, ସ୍ୱା.– ହଜାରି ସାହୁ ଓଗେର |
| | | | | ୪୪୧ | ୧୨୩୭ | ୦.୦୮୦ | ୦.୦୨୦ | ଭୀମସେନ ଦାସ, ପିତା: ଯଦୁମଣି ଦାସ |
| | | | | | ୧୨୩୬ | ୦.୦୮୦ | ୦.୦୨୩ | |
| | | | | | ୧୨୩୨ | ୦.୦୯୫ | ୦.୦୧୧ | |
| | | | | | ୧୨୩୧ | ୦.୦୯୫ | ୦.୦୨୬ | |
| | | | | | ୧୨୩୦ | ୦.୦୯୫ | ୦.୦୨୪ | |
| | | | | | ୧୨୨୭ | ୦.୦୯୦ | ୦.୦୦୭ | |
| | | | | | ୧୨୨୪ | ୦.୧୦୦ | ୦.୦୨୮ | |
| | | | | | ୧୨୨୩ | ୦.୧୦୦ | ୦.୦୩୩ | |

ମୋଟ ଏ. ୧.୦୬୦ ଡିସିମିଲ

ସ୍ୱା./– ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

**OIPR-24013/14/0001/2021**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, PUBLIC HEALTH CIRCLE, SAMBALPUR, ODISHA

E-mail id:- sephsbp@yahoo.in / sephsbp@gmail.com
NATIONAL COMPETITIVE BIDDING THROUGH e-Procurement

**Bid Identification No – SEPHSBP- 07 /2020-21 Dt. 18.12.2020**

No. C-253:-

| | | |
|---|---|---|
| 01. Number of Work | : | 1 No. |
| 02. Type of Bid | : | Two Bid system |
| 03. Estimated Cost | : | Rs.493.39 |
| 04. Period of Completion | : | 06 (Six) Calendar Months |
| 05. Class of Contractor | : | 'A' & 'Special' Class. |
| 06. Date & time of availability of bid document in the portal | : | From 11.00 hrs. of Dt.24.12.2020 to 17.00 hrs. of 06.01.2021 |
| 07. Last date/time of seeking clarification | : | 17.00 hrs. of 30.12.2020 |
| 08. Last date / time of receipt of bids in the portal | : | 17.00 hrs. of 06.01.2021 |
| 09. Date & Time of opening of Technical bids | : | At 11.00 hrs. of 07.01.2021 |
| 10. Name and Address of the Officer Inviting Bid | : | Superintending Engineer, P.H. Circle, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001 |

Further details can be seen from the e-Procurement portal "**http://www.tendersorissa.gov.in**"

Sd./- Superintending Engineer,
P.H. Circle, Sambalpur

OIPR-13018/11/0006/2021

## OFFICE OF THE MUNICIPAL COUNCIL, SONEPUR

**"e" Procurement Notice**

**Bid Identification No. SNP-MUN-06/2020-21**
**TENDER ID: 2020_ORULB_64752**
**Tender Call Notice No. 3590 / Date: 21.12.2020**

Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. **www.tendersodisha.gov.in**.

| | | |
|---|---|---|
| 1. Name of the Work | : | As per DTCN |
| 2. No. of Works | : | 11 Nos. |
| 3. Amount put to Tender | : | As per DTCN |
| 4. Period of Completion | : | As per DTCN |
| 5. Starting Date & Time of Bidding | : | From Dt.22.12.2020 from 11.00 A.M. |
| 6. Last date & time for receipt of tenders through online | : | On or before Dt.01.01.2021 upto 05.00 P.M. |
| 7. Bids received online shall be opened on | : | On Dt.02.01.2021 at 11.00 A.M. |
| 8. Name and address of the Officer Inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer**
**Sonepur Municipality**

## Government of Odisha
## Higher Education Department

No. N-53

**Phase - II Admission in Degree Colleges (+3 1st Year) for the Session 2020-21**

1. Applicants/Students, who had already submitted CAF online in Phase - I admission can be permitted to apply for Phase - II admission. They will not deposit CAF fees again.
2. Fresh applicants/students can be allowed to submit the Common Application Form (CAF) online and have to deposit the CAF Fees online.

| SL# | Items | Timeline |
|---|---|---|
| 1 | Availability of Online Common Application Form (CAF) in the website **www.samsodisha.gov.in** | 23rd Dec. 2020 (11.00 A.M.) |
| 2 | Last date of applying Online CAF through **www.samsodisha.gov.in** | 28th Dec. 2020 (11.45 P.M.) |
| 3 | Publication of Merit List | 02nd Jan. 2021 (02.00 P.M.) |
| 4 | Online deposit of admission fees by login to SAMS [Student' account | 02nd Jan. 2021 (02.00 P.M. onwards) to 06th Jan. 2021 (5.00 P.M.) |
| 5 | Online admission and data updation of Students selected in **Phase - II Selection** | 06th Jan. 2021 to 10th Jan 2021 (05.00 P.M.) |

**For more details please contact**
**e-Admission Helpdesk @ (Toll Free) Number 155335, 1800-345-6770**

**Sd./- Deputy Director, PTC**
**OIPR-11001/11/0028/2021**

## OFFICE OF THE ASST. DIRECTOR OF TEXTILES, BALASORE

At- Gudipada, PO- Sovarampur, Dist.- Balasore, PIN-756001,
Mobile No. 9438456564, E-mail ID: adt.balasore@gmail.com
Order No. 1630 Date: 18.12.2020

**QUOTATION CALL NOTICE FOR "TECHNOLOGICAL INTERVENTION" UNDER P.O.H.I.-2020-21**

**No. 20-PP:-** Sealed quotations are invited from the registered suppliers / manufacturers / dealers / firms having valid PAN and GST registration with up to date income Tax & GST clearance certificate for supply of different Handloom items like Fly shuttle frame Loom, Fly shuttle Broad Loom (different Reed Space), Weaving Accessories (different Size / Type / Count of reed, Heald, Pirn, Bobbin), Motor Charakha, Dobby (different Size/Type) & Horizontal Warping Drum (Different Size/Type) etc. for Technological Intervention Programme under the Scheme "Promotion of Handloom Industries-2020-21 for Balasore Textiles Zone."

Interested suppliers may quote their lowest rate in Seal Covers i) for Technology Intervention under P.O.H.I.-2020-21 superscribing / mentioning on Top of sealed cover that "For Technological Intervention" with detailed specification (Material to be used / size / specification / Brand etc.) along with the copy of Income Tax Clearance Certificate, GST Registration and proof of execution of such orders earlier if any to the undersigned on or before **5 P.M. of Dt. 13.01.2021** through registered / Speed Post only. The quotation received either in incomplete form or after due date & time will not be considered and treated as cancelled.

The quotations will be opened on **15.01.2021 at 11.00 A.M.** for Technology Intervention 2020-21 in the office of the undersigned in presence of the quotationer or their authorized representatives and members of respective purchase committee. The quotationers or their authorised representatives if any must present on that day with samples of the quotated items, failing which the related quotations shall not be considered.

For more Details, term & condition etc. for supply of the items, please visit the official website of state agency for development of Handloom Cluster (SADHAC), Bhubaneswar - **www.sadhacodisha.org** or official website of Odisha State Handloom Weavers Cooperative Society Ltd., Bhubaneswar (BOYANIKA)- **www.boyanika.com** or official website of Sambalpuri Bastralaya Weavers Cooperative Society Ltd., Baragarh- **www.sambalpuribastralaya.com** and may contact to the Asst. Director of Textiles, Balasore. In the above listed address, e-mail & Mobile number.

The undersigned reserves the right to reject or accept any or all the quotations without assigning any reason thereof.

OIPR-31011/11/0001/2021 **Sd./- Asst. Director of Textiles, Balasore**

# ଟ୍ରେନ୍ ଧକ୍କାରେ ଦନ୍ତାର ମୃତ୍ୟୁ

- ହାତୀ ଚଲାପଥରେ ପୁଣି ଦୁର୍ଘଟଣା
- ଦ୍ରୁତଗତି, ଅବହେଳାକୁ ଦାୟୀ କଲା ବନ ବିଭାଗ
- ବନ ବିଭାଗ, ରେଳ ବିଭାଗର ତଦନ୍ତ ଆରମ୍ଭ
- ୫ ଘଣ୍ଟା ରେଳ ଚଳାଚଳ ପ୍ରଭାବିତ

ସମ୍ବଲପୁର,୨୧।୧୨(ବ୍ୟୁରୋ)

୧୫ଦିନ ବ୍ୟବଧାନରେ ସମ୍ବଲପୁର-ତାଳଚେର ରେଳପଥରେ ପୁରୀ-ସୁରଟ ଦ୍ରୁତଗାମୀ ଟ୍ରେନ୍ ଧକ୍କାରେ ଆଉ ଏକ ଦନ୍ତାର ମୃତ୍ୟୁ ଘଟିଛି। ମାନେଶ୍ୱର-ହାତିବାରୀ ରେଳ ଷ୍ଟେଶନ ମଧ୍ୟରେ ରବିବାର ବିଳମ୍ବିତ ରାତି ୨ଟାରେ ଏହି ଅଭାବନୀୟ ଘଟଣା ଘଟିଛି। ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଭବାନୀପାଲି ଗ୍ରାମ ନିକଟ ହାତୀ ଚଲାପଥରେ ଏହି ଦୁର୍ଘଟଣା ଘଟିଥିବାରୁ ବନ ବିଭାଗ ଏଥିପାଇଁ ରେଳ ବିଭାଗର ତ୍ରୁଟି ଦର୍ଶାଇଛି। ଟ୍ରେନର ଗତି ଏତେ ଜୋରରେ ଥିଲା ଯେ, ଧକ୍କାଦେବା ପରେ ୧୪ ବର୍ଷୀୟ ଦନ୍ତାକୁ ପ୍ରାୟ ୨ଶହ ମିଟର ଘୋଷାଡି ନେଇଥିଲା। ରେଳ ଇଞ୍ଜିନରେ ଦନ୍ତାର ମୃତଦେହ ଚାପିହୋଇ ରହିଯାଇଥିଲା। ଇଞ୍ଜିନର ୬ଟି ଚକ ରେଳ ଧାରଣାରୁ ଅଲଗା ହୋଇଯାଇଥିଲା। ବଗିଗୁଡିକ ସୁରକ୍ଷିତ ରହିଥିବାରୁ ଯାତ୍ରୀମାନେ ବର୍ତ୍ତିଯାଇଥିଲେ। ପରେ ମୃତ ହାତୀର ଖଣ୍ଡବିଖଣ୍ଡିତ ଅଂଶ ବାହାର କରାଯାଇଥିଲା। ୫ ଘଣ୍ଟା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା।



ଏହି ସ୍ଥାନରେ ହାତୀକୁ ଧକ୍କା ଦେଇଥିଲା ଟ୍ରେନ୍।

ବନ ବିଭାଗ ପକ୍ଷରୁ ଆର୍‌ସିସିଏଫ୍ ଚିତ୍ତରଞ୍ଜନ ମିଶ୍ର, ଡିଏଫ୍‌ଓ ଡ. ସଞ୍ଜିତ କୁମାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ଦନ୍ତାର ମୃତଦେହକୁ ଘଟଣାସ୍ଥଳରେ ପୋତି ଦିଆଯାଇଥିଲା। ଖବର ପାଇ ସମ୍ବଲପୁର ରେଳମଣ୍ଡଳ ଡିଆର୍‌ଏମ୍ ପ୍ରଦୀପ କୁମାରଙ୍କ ସମେତ ବରିଷ୍ଠ ଅଧିକାରୀ ସେଠାରେ ପହଞ୍ଚିଥିଲେ।

ଏହି ଘଟଣା ପରେ ଯାତ୍ରୀଙ୍କ ସୁବିଧା ପାଇଁ ସମ୍ବଲପୁର ଡିଆର୍‌ଏମ୍ ଅଫିସରେ ଏକ କଣ୍ଟ୍ରୋଲରୁମ ଖୋଲାଯାଇଥିଲା। ଯାତ୍ରୀମାନଙ୍କର ଯେଭଳି କିଛି ସମସ୍ୟା ନ ହୁଏ ସେଥିପାଇଁ ବ୍ୟବସ୍ଥା କରାଯାଇଥିଲା। ଯାତ୍ରୀ ଥିବା ବଗିଗୁଡିକୁ ଅନ୍ୟ ରେଳଇଞ୍ଜିନ ସାହାଯ୍ୟରେ ରେଢାଖୋଲ ଷ୍ଟେଶନକୁ ଫେରାଇ ନିଆଯାଇଥିଲା। କାମ ସରିବା ପରେ ପୁଣି ବଗିକୁ ନେଇ ଟ୍ରେନ ଯାତ୍ରା ଆରମ୍ଭ କରିଥିଲା। ଦୁର୍ଘଟଣା ଫଳରେ ଦୁର୍ଗ-ପୁରୀ, କୋରାପୁଟ-ଭୁବନେଶ୍ୱର, ପୁରୀ-ସୁରଟ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଥିଲା। ଆଗକୁ ଯେଭଳି ଦୁର୍ଘଟଣା ରୋକାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆର୍‌ସିସିଏଫ୍ ମିଶ୍ର କହିଛନ୍ତି। ସେ ଆହୁରି କହିଥିଲେ, ହାତୀ ଚଲାପଥ ଥିବା ନେଇ ରେଳ ଧାରଣାରେ ସୂଚନା ଦିଆଯାଇଛି। ରବିବାର ସନ୍ଧ୍ୟାରେ ମଧ୍ୟ ବନ ବିଭାଗ ପକ୍ଷରୁ ରେଳ ଧାରଣା ୧୯ କି.ମି. ବୋର୍ଡ ପାଖରେ ରାତିରେ ହାତୀପଲ ପାର ହେବା ଆଶଙ୍କା ରହିଛି ବୋଲି ଲିଖିତ ଭାବେ ସୂଚନା ଦିଆଯାଇଥିଲା। ଲୋକୋ ପାଇଲଟ ମଧ୍ୟ ସୂଚନା ବୋର୍ଡ ଉପରେ ଗୁରୁତ୍ୱ ଦେଇ ନ ଥିଲେ। ଦ୍ରୁତଗାମୀ ଟ୍ରେନଟି ଆସି ହାତୀକୁ ଧକ୍କା ଦେଇଥିଲା। ସଦର ରେଞ୍ଜର ଗୌରୀ ଦାଶ କହିଛନ୍ତି, ରାତି ପ୍ରାୟ ୧୦ଟା ସମୟରେ ବାବୁପାଲି ଓ ଭବାନୀପାଲି ଆଖପାଖ ଗ୍ରାମଗୁଡିକରେ ହାତୀପଲ ରହିଥିଲେ। ଏଥିରେ ୩ ଦନ୍ତା ଓ ୫ ଛୁଆ ଓ ୭ ମାଈହାତୀ ଥିଲେ। ଗ୍ରାମମୁହାଁ ହେବା ଫଳରେ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ଘଉଡାଇବାକୁ ଚେଷ୍ଟା କରିଥିଲେ। ଦନ୍ତାହାତୀଟି ଅନ୍ୟ ସମସ୍ତ ହାତୀକୁ ରେଳ ଧାରଣା ପାର କରି ନିଜେ ମଧ୍ୟ ଯାଉଥିଲା। ସେ ସମୟରେ ଟ୍ରେନ ଧକ୍କା ଦେଇଥିଲା। ରେଳ ଧାରଣାରୁ ଚକ ଖସିଯାଇ ଅଟକିଯାଇଥିଲା। ଏହି ଘଟଣା ପରେ ଉଚ୍ଚପଦସ୍ଥ ଅଧିକାରୀ ଓ ରେଳ ବିଭାଗକୁ ଖବର ଦିଆଯାଇଥିଲା। ସ୍ଥାନୀୟ ଲୋକମାନେ ଲୋକୋ ପାଇଲଟଙ୍କୁ ହାତୀ ଥିବା ନେଇ ଲାଇଟ ଜଳାଇ ସୂଚନା ଦେଇଥିଲେ, ହେଲେ ସେ ଜାଣିପାରି ନ ଥିବା କହିଛନ୍ତି। ରେଳ ବିଭାଗ ଡିଆର୍‌ଏମ୍ ଅଫିସ ସୂଚନାକ୍ରମେ ହାତିବାରୀ ଷ୍ଟେଶନରେ ପ୍ରାୟ ୫୦କି.ମି. ବେଗରେ ଟ୍ରେନ ଗତି କରୁଥିବା ଜଣାପଡିଥିଲା। ସମ୍ବଲପୁର ଡିଆର୍‌ଏମ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଡିସେମ୍ବର ୫ରେ ଗଡଗଡବାହାଲରେ ଟ୍ରେନ ଦୁର୍ଘଟଣାରେ ଦନ୍ତାହାତୀର ମୃତ୍ୟୁ ଘଟିଥିଲା।

## ବାରପାହାଡ଼ ଜଙ୍ଗଲରେ ହାତୀ ମୃତଦେହ



ସୋନପୁର/ତରଭା, ୨୧।୧୨ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ବନଖଣ୍ଡ ବାରପାହାଡ଼ ସଂରକ୍ଷିତ ଜଙ୍ଗଲର ପାହାଡ଼ ଉପରେ ଏକ ଛୁଆହାତୀର ଗଳିତ ମୃତଦେହକୁ ବନ ବିଭାଗ ଜବତ କରିଛି। ମୃତ ଅଣ୍ଡିରା ହାତୀଛୁଆର ବୟସ ପ୍ରାୟ ୨ବର୍ଷ ହେବ। ସୋମବାର ଜିଲା ପ୍ରାଣୀ ଚିକିତ୍ସାଳୟ ଅଫିସର ବ୍ୟବଚ୍ଛେଦ ପରେ ହାତୀକୁ ପୋତି ଦିଆଯାଇଛି। ସ୍ଥାନୀୟ ଖୋକସାକୋଲା ଗାଁ ନିକଟରେ ୫ଟି ହାତୀ କିଛିଦିନ ହେବ ରହୁଥିଲେ। ଏହି ଦଳରେ ଥିବା ଛୁଆହାତୀର ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଉଥିବା ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟ କହିଛନ୍ତି। ତେବେ ବନ ବିଭାଗ କର୍ମଚାରୀ ଓ ସ୍କ୍ୱାଡ କର୍ମଚାରୀ ବିଳମ୍ବରେ ହାତୀ ମୃତ୍ୟୁ ସମ୍ପର୍କିତ ସୂଚନା ପାଇବା ଘଟଣା ହାତୀ ଟ୍ରାକିଂ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଶାବଳରେ ପିଟି ବୃଦ୍ଧଙ୍କୁ ହତ୍ୟା

ନାକଟିଦେଉଳ,୨୧।୧୨(ଡି.ଏନ.ଏ.): ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନାର ମଙ୍ଗଳପୁର ଗ୍ରାମରେ ରବିବାର ରାତିରେ ଜଣେ ବୃଦ୍ଧ ଅନ୍ୟଜଣେ ବୃଦ୍ଧଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଜେଣ୍ଡ୍ରା କୁଜୁର (୬୯)। ଏହି ଘଟଣାରେ ଅଭିଯୁକ୍ତ ସେହି ଗ୍ରାମର ଭୀମ ନାଏକ (୬୮)ଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଉଭୟ ଜେଣ୍ଡ୍ରା ଓ ଭୀମ ଭଲ ବନ୍ଧୁ ଥିଲେ। ତେବେ କିଛିଦିନ ହେଲା ଭୀମଙ୍କ ମାନସିକ ଭାରସାମ୍ୟ ବିଗିଡ଼ି ଯାଇଥିଲା। ରବିବାର ସନ୍ଧ୍ୟାରେ ଉଭୟ ଏକାଠି ନିଶାପାନ କରିଥିଲେ। ତେବେ ରାତ୍ରି ପ୍ରାୟ ୮ଟା ବେଳେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଭୀମ ରାଗିଯାଇ ଘରୁ ଏକ ଲୁହା ଶାବଳ ଆଣି ଜେଣ୍ଡ୍ରାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ରେଢାଖୋଲ ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଇ ଦିଆଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୋମବାର ସକାଳୁ ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଏକ ହତ୍ୟା ମାମଲା ରୁଜୁ କରିଛି। ଗିରଫ ଭୀମଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି କିସିଣ୍ଡା ଥାନା ଅଧିକାରୀ ଚିରଞ୍ଜନ ନାଏକ ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ସମ୍ବଲପୁର,୨୧।୧୨(ବ୍ୟୁରୋ): ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ଥାନା ଭୀମଖୋଜ ବ୍ରିଜ



ନିକଟରେ ସୋମବାର ମଧ୍ୟାହ୍ନରେ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍-ହାଇୱା ମୁହାଁମୁହିଁ ଧକ୍କା ହେବା ଫଳରେ ଗଡଗଡବାହାଲର ଯୁବ ଇଞ୍ଜିନିୟର ଶ୍ରୀକାନ୍ତ ପ୍ରଧାନ (୨୪)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଶ୍ରୀକାନ୍ତ ଜାତୀୟ ରାଜପଥ ଚାରିଥାକିଆ ନିର୍ମାଣ କରୁଥିବା ଠିକା କମ୍ପାନୀରେ କାର୍ଯ୍ୟରତ ଥିଲେ। ସେ ବାଇକ୍ (ଓଡି୦୨-ବିପି-୦୬୬୬) ଯୋଗେ ଯୁଯୁମୁରା ପଟକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା (ଓଡି୧୫-ଏମ-୯୫୯୦) ସହ ଧକ୍କା ହୋଇଥିଲା। ଶ୍ରୀକାନ୍ତ ଛିଟିକି ପଡିଥିବାବେଳେ ହାଇୱା କିଛିଦୂର ଯାଇ ଓଲଟି ପଡିଥିଲା। ଶ୍ରୀକାନ୍ତଙ୍କୁ ପରିବାର ଲୋକେ ବୁର୍ଲା ଡାକ୍ତରଖାନା ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହାଇୱା ତଳେ ଚାପି ହୋଇଥିବା ଡ୍ରାଇଭରଙ୍କୁ ୨ ଘଣ୍ଟା ପରେ ଉଦ୍ଧାର କରାଯାଇ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଡ୍ରାଇଭର କରୋନା ସଂକ୍ରମଣ ହୋଇଥିବାରୁ କୋଭିଡ୍ କେୟାରରେ ଚିକିତ୍ସା କରାଯାଉଥିବା ପୋଲିସ କହିଛି। ପୋଲିସ ହାଇୱା ଓ ବାଇକ୍ ଜବତ କରି ଘଟଣାର ତଦନ୍ତ କରୁଛି।

### ଧାନକିଣା ନେଇ ଷ୍ଟାଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୬ର ଅଷ୍ଟମ ବୈଠକ ଭିଡିଓ କନ୍‌ଫରେନ୍ସରେ ବରିଷ୍ଠ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, କୃଷି ଏବଂ ସମବାୟ ବିଭାଗ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି। ୨୦୨୦-୨୧ ପାଇଁ ବିଭାଗର ଖର୍ଚ୍ଚଦାବି ଉପରେ କମିଟି ତରଫରୁ ପ୍ରଦାନ କରାଯାଇଥିବା ବିଭିନ୍ନ ପରାମର୍ଶ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟତଃ ଧାନକିଣା, ଧାନର ଏଫ୍‌ଏକ୍ୟୁ, ଚାଷୀଙ୍କୁ ଅଖା ଦିଆଯିବା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଛି। ତେବେ ଗତ ବୈଠକରେ ବଲାଙ୍ଗୀର ଜିଲାର ଧାନକିଣା ସମ୍ପର୍କରେ ନରସିଂହ ସ୍ଥାନୀୟ ଜିଲାପାଳଙ୍କ ରିପୋର୍ଟ ଲୋଡ଼ିଥିଲେ। ମାତ୍ର ଜିଲାପାଳ ଏହି ରିପୋର୍ଟ ଦେବା ପରିବର୍ତ୍ତେ କୃଷି ନିର୍ଦ୍ଦେଶକ ଦେବା ନେଇ ନରସିଂହ ବିରକ୍ତ ହୋଇଥିଲେ। କାହିଁକି ଜିଲାପାଳ ରିପୋର୍ଟ ଦେଲେ ନାହିଁ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଏହା ସହ ଅନ୍ୟ କେତେକ ପ୍ରସଙ୍ଗରେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କୁ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ପ୍ରଶ୍ନ କରିଥିଲେ।

# ଓମ୍ୱାଡକ୍ ପାଣ୍ଠି ଖର୍ଚ୍ଚ ଅନୁଧ୍ୟାନକଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ୱାଡକ୍) ପାଣ୍ଠି ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡିଛି। ରାଜ୍ୟ ଲୋକସେବା ଭବନରେ ଏହି ବୈଠକରେ ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଉମା ନନ୍ଦୁରୀ ପ୍ରକଳ୍ପ ସମ୍ବନ୍ଧିତ ପ୍ରଶାସନିକ, ଆର୍ଥିକ ଓ ବୈଷୟିକ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି। ବୈଠକରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା, କୌଶଳ ବିକାଶ, ବୈଷୟିକ ଶିକ୍ଷା ଏବଂ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପଗୁଡିକ ବିଷୟରେ ସମୀକ୍ଷା ହୋଇଛି। ପ୍ରକଳ୍ପଗୁଡିକର ଅଗ୍ରଗତି ସମୀକ୍ଷାକରି କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ମାଧ୍ୟମରେ ଗୁଣାତ୍ମକମାନ ନିଶ୍ଚିତ କରାଇବା ଲାଗି ମୁଖ୍ୟ ଶାସନ ସଚିବ ପ୍ରକଳ୍ପ କାର୍ଯ୍ୟାନ୍ୱୟନକାରୀ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପଗୁଡିକ ଠିକ୍ ଭାବେ ଜନସାଧାରଣଙ୍କୁ ସେବା ଯୋଗାଉଛି କି ନାହିଁ ତାହାର ମଧ୍ୟ ନିୟମିତ ଅନୁଧ୍ୟାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ଓମ୍ୱାଡକ୍ ପାଣ୍ଠି ବିନିଯୋଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାଧ୍ୟମରେ ମୁଖ୍ୟତଃ ୫ ପ୍ରକାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ସେଗୁଡିକ ହେଲା, ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବିକାଶ, ଜରୁରିକାଳୀନ ସେବା ବ୍ୟବସ୍ଥାର ବିକାଶ, ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଟେଲି ମେଡିସିନ୍ ସେବା, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧର ସୁବିଧା ଏବଂ ସ୍ୱତନ୍ତ୍ର ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ। ପ୍ରାୟ ୧୨୯୮.୮୫ କୋଟି ଟଙ୍କା ବିନିଯୋଗରେ ଏହିସବୁ ପ୍ରକଳ୍ପ କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ଯାଜପୁର ଆଦି ଜିଲାରେ କାର୍ଯ୍ୟକାରୀ କରାଯାଉଛି। ଏହାଛଡା ୬୬.୪୪ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଯାଜପୁରଠାରେ ମା ଓ ଶିଶୁ ଚିକିତ୍ସା ହସ୍ପିଟାଲ ନିର୍ମାଣ ଏବଂ ୩.୨୧ କୋଟି ଟଙ୍କା ଅଟକଳରେ ମୟୂରଭଞ୍ଜ ଜିଲା ପାଇଁ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଯୋଗାଣ ଆଦି ପ୍ରକଳ୍ପ ଆରମ୍ଭ ହୋଇଛି। ସେହିପରି ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ ୪୫୨ କୋଟି ଟଙ୍କା ଅଟକଳର ୮୦୦୫ଟି ପ୍ରକଳ୍ପ, ମାଧ୍ୟମିକ ଶିକ୍ଷା ନିମନ୍ତେ ୩୦୨.୬୬ କୋଟି ଟଙ୍କାର ୩୬୦୯ଟି ପ୍ରକଳ୍ପ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୪୮୧.୫୩ କୋଟି ଟଙ୍କା ଅଟକଳର ୪୩୬ଟି ପ୍ରକଳ୍ପ ଏବଂ କସ୍ତୁରବା ଗାନ୍ଧୀବାଳିକା ବିକାଶ ବିଦ୍ୟାଳୟ ନିମନ୍ତେ ୩.୯୨ କୋଟି ଟଙ୍କାର ୨୯ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଜନଜାତି ଯୁବବର୍ଗଙ୍କ କୌଶଳ ବିକାଶ ନିମନ୍ତେ ୧୮.୧୯ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ ହୋଇଛି। ରାଉରକେଲାସ୍ଥିତ ସରକାରୀ ଆଇଟିଆଇ, ଉତ୍କଳମଣି ଗୋପବନ୍ଧୁ ଇଞ୍ଜିନିୟରିଂ ପ୍ରତିଷ୍ଠାନ, କେନ୍ଦୁଝର ସ୍ଥିତ ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ ଏବଂ ବଡବିଲ୍ ସରକାରୀ ଆଇଟିଆଇର ଆଧୁନିକୀକରଣ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏସବୁ ପ୍ରକଳ୍ପ ପାଇଁ ଓମ୍ୱାଡକ୍ ପାଣ୍ଠିରୁ ୪୭.୪୦ କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରାଯାଇଛି। ଜନଜାତି ଯୁବବର୍ଗଙ୍କ କୌଶଳ ବିକାଶ ନିମନ୍ତେ ମୁଖ୍ୟତଃ ନିଯୁକ୍ତି ସଂଯୁକ୍ତ ତାଲିମ ପ୍ରଦାନ, ଛାତ୍ରାବାସ ନିର୍ମାଣ ଏବଂ ପ୍ରାକ୍-ଚୟନ ତାଲିମ କ୍ୟାମ୍ପ୍ ଆଦି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଇତିମଧ୍ୟରେ ୨୪୩ ଜଣ ଜନଜାତି ଯୁବକ ସଫଳତାର ସହ ବିଭିନ୍ନ ଟ୍ରେଡ୍‌ରେ ତାଲିମ ପାଠ୍ୟକ୍ରମ ଶେଷ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୩୨ ଜଣଙ୍କୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ଆହୁରି ୨୬୯ ଜଣଙ୍କୁ ତାଲିମ ଦିଆଯାଉଛି। ମୟୂରଭଞ୍ଜ ଓ ଯାଜପୁର ଜିଲାରେ ଗୋଟିଏ ଲେଖାଏ ଛାତ୍ରୀଛାତ୍ର ନିବାସ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏହି ଦୁଇ ଜିଲାରେ ସମୁଦାୟ ୨ଟି ଛାତ୍ରାବାସ ଏବଂ ୨ଟି ଛାତ୍ରୀନିବାସ ନିର୍ମାଣ କାମ ଚାଲିଛି।


ସହର ସୌନ୍ଦର୍ଯ୍ୟକରଣ: ଭୁବନେଶ୍ୱର ଶହୀଦନଗର ଅଞ୍ଚଳର ଏକ ରାସ୍ତାପାର୍ଶ୍ୱ ପାଚେରିରେ ସୋମବାର ଚିତ୍ରଶିଳ୍ପୀମାନେ ପାରମ୍ପରିକ ଚିତ୍ର ଆଙ୍କୁଛନ୍ତି।

# ଓଡ଼ିଶା ହେବ ବିଶ୍ୱ ଅର୍ଥନୀତିର ପେଣ୍ଟସ୍ଥଳ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଓଡ଼ିଶା ବିଶ୍ୱ ଅର୍ଥନୀତିର ପେଣ୍ଟସ୍ଥଳ ହେବ। ଏଥିଲାଗି ସ୍ୱତନ୍ତ୍ରଭାବେ ସବୁକିଛି ପ୍ରସ୍ତୁତ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ରାଉରକେଲା, ସମ୍ବଲପୁର ଏବଂ ଝାରସୁଗୁଡ଼ା ଆଇସିଏଆଇ ଶାଖା ପକ୍ଷରୁ ଆୟୋଜିତ ଭିଏସ୍‌ଏମ୍ ସିରିଜର 'ସିଏ: ଦି କାଟାଲିଷ୍ଟ-ଲର୍ନିଂ, ଅନ୍‌ଲର୍ନିଂ ଏବଂ ରିଲର୍ନିଂ' ୱେବିନାରରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଅମାପ ଖଣିଜ ସମ୍ପଦ, ଭୌଗୋଳିକ ସ୍ଥିତି ଏବଂ ବଜାର ସହିତ ଓଡ଼ିଶା ବିଶ୍ୱ ବଜାରରେ ଆଗାମୀ ଦିନର ସମ୍ଭାବନାକୁ ଉପଯୋଗ କରିବାକୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଅଛି। ଖଣିଜ ରାଜ୍ୟ ଭାବେ ଜଣାଶୁଣା ଓଡ଼ିଶାରେ ମାତ୍ରାଧିକ ଆଇରନ, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଗଚ୍ଛିତ ରହିଛି। ଦେଶକୁ ଅଧିକ ରପ୍ତାନି କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହିସବୁ ସାମଗ୍ରୀକୁ ଗ୍ଲୋବାଲ ଚେନ୍‌ରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ବିଦେଶରୁ ଯେଉଁ କ୍ୟାପିଟାଲର ଅଭିବୃଦ୍ଧି ହେବ ଏହାଦ୍ୱାରା ଭାରତ ବିଶ୍ୱରେ ସବୁଠୁ ଅଧିକ ଲାଭ ପାଇବ। ଦେଶର ସବୁଠୁ ଲାଭ ପାଇବା ମଧ୍ୟରେ ଓଡ଼ିଶା ରହିବ।

## ପୋଖରୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ

ରାଜକନିକା/ଆଳି, ୨୧।୧୨ (ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଡାହାଣଗିରି ଗାଁରେ ଘର ପାଖ ପୋଖରୀରେ ବୁଡ଼ି ଭଉଣୀଭାଇଙ୍କର ମୃତ୍ୟୁ ଘଟିଛି। ବିନୋଦ ବେହେରାଙ୍କ ଝିଅ ପାୟଲ (୭), ବିଶ୍ୱଜିତ(୩) ସୋମବାର ଘର ପାଖରେ ଖେଳୁଥିଲେ। ଏହି ସମୟରେ ସେମାନେ ନିକଟରେ ଥିବା ପୋଖରୀରେ ଖସି ପଡିଥିଲେ। ଘର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଦୁଇଜଣଙ୍କ ମୃତଦେହ ପୋଖରୀରେ ଭାସୁଥିବା ଲୋକ ଦେଖିଥିଲେ। ଉଭୟଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଭାଉଣୀଭାଇଙ୍କୁ ମୃତ ଘୋଷଣା କରିଥିଲେ।

## ଆଜି ଆସିବ ଓଡ଼ିଆ ଯବାନଙ୍କ ମୃତଦେହ

### ସିକିମ୍ ସଡ଼କ ଦୁର୍ଘଟଣା

କବିସୂର୍ଯ୍ୟନଗର,୨୧।୧୨

ସିକିମ୍‌ର ନାଥୁଲାରେ ଏକ ବରଫାବୃତ୍ତ ରାସ୍ତାରେ ଯବାନଙ୍କ ଜିପ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଜଣେ ଓଡ଼ିଆଙ୍କ ସମେତ ୩ ଯବାନ ଓ ଜିପ୍‌ରେ ଥିବା କମାଣ୍ଡିଂ ଅଫିସରଙ୍କ ୭ ବର୍ଷୀୟ ପୁଅଙ୍କ ମୃତ୍ୟୁ ଘଟିଥିଲା। ମୃତ ଓଡ଼ିଆ ଯବାନ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଆଠଗଡ଼ ପାଟଣା ବଣିଆସାହିର ଯଜ୍ଞ ନାରାୟଣ କର (୨୭)। ମଙ୍ଗଳବାର ଯଜ୍ଞଙ୍କ ପାର୍ଥିବ ଶରୀର ଗାଁକୁ ଆସିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ରାଷ୍ଟ୍ରୀୟ ସମ୍ମାନ ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ।

ପ୍ରାୟ ୧୪ ମାସ ତଳେ ଯଜ୍ଞଙ୍କର ବିବାହ ହୋଇଥିଲା। ସେ ଜଣେ ଭଲ ରୋଷେୟା ଭାବେ ଅଞ୍ଚଳରେ ପରିଚିତ ଥିଲେ। ଚାକିରି ପାଇବା ପରେ ତାଙ୍କ ମା' ବାପାଙ୍କ ଚିନ୍ତା ଦୂର ହୋଇଥିଲା। ବାପା ସୁରଟରେ କାମ କରୁଥିଲେ। ବାର୍ଦ୍ଧକ୍ୟ ହେତୁ ସେ ବର୍ତ୍ତମାନ ଘରେ ରହୁଛନ୍ତି। ଯଜ୍ଞଙ୍କ ୩ ଭଉଣୀଙ୍କର ବାପା ବିବାହ ସରିଛି। ପରିବାରର ସୁଖ ଦେଖିବା ପୂର୍ବରୁ ଯଜ୍ଞଙ୍କର ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଜୀବନ ଦିଅ, ନଚେତ୍ ମରିବାକୁ ଅନୁମତି

- ଜମି ହରାଇବା ପରେ କ୍ଷତି ପୂରଣ ମିଳିଲାନି
- ଜିଲାପାଳଙ୍କୁ ଦୁଃଖ ଜଣାଇଲେ ଚାଷୀ

କଳିଙ୍ଗନଗର,୨୧।୧୨(ଡି.ଏନ୍.ଏ.)

ଶିଳ୍ପ ସମୃଦ୍ଧ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୧୮ଟି ବୃହତ୍ ଓ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଗଢି ଉଠିଛି। ସେଥିପାଇଁ କଳିଙ୍ଗନଗର ଶିଳ୍ପସମୃଦ୍ଧ ଅଞ୍ଚଳର ମାନ୍ୟତା ପାଇଛି। ଏହାପରେ ବି ସ୍ଥାନୀୟ ବାସିନ୍ଦା ତଥା ଭୂମିପୁତ୍ରମାନେ ମୁଠାଏ ଦାନା ନ ପାଇ ସରକାର ଏବଂ ଜିଲା ପ୍ରଶାସନକୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ନିବେଦନ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ନିଜ ଭିଟାମାଟି ଛାଡିଥିବା ଏମିତି କେତେଜଣ ଲୋକେ ଆମକୁ ଜୀବନ ଦିଅ, ନ ହେଲେ ଜୀବନ ନିଅ ବୋଲି ଚରମବାଣୀ କହି ଜିଲାପାଳଙ୍କୁ ନିଜ ସମସ୍ୟା ଜଣାଇବା ସେମାନଙ୍କ ଅସହାୟକୁ ସ୍ପଷ୍ଟ କରିଛି।

ଏଠାରେ କଳିଙ୍ଗନଗରର ରିଦେଇ ମହନ୍ତ(୬୦)ଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ନିଜ ବାପା ଅଜା ଅମଳର ୨ ଏକର ଜମିରେ ଚାଷ କରି ସେ ୧୩ ଜଣିଆ ପରିବାରକୁ ଦାନା ଯୋଗାଉ ଥିଲେ। ସ୍ତ୍ରୀ ରଜନୀ (୫୫), ୨ ପୁଅ ୨ ବୋହୂ ଓ ୭ ଜଣ ନାତୁଣୀ,ନାତିଙ୍କୁ ନେଇ


ମୁଣ୍ଡରେ ହାତଦେଇ ବସିଛନ୍ତି ରିଦେଇ ଓ ରଜନୀ।

ତାଙ୍କ ତେଲଲୁଣର ସଂସାର ଚାଲିଥିଲା। ହେଲେ ଅନୁଗୋଳ-ସୁକିନ୍ଦା-ଦୁବୁରୀ ରେଳ ପ୍ରକଳ୍ପ ପାଇଁ ରିଦେଇଙ୍କ ସେହି ୨ ଏକର ଚାଷଜମି ସମ୍ପୂର୍ଣ୍ଣ ଚାଲିଗଲା। ଆଶା ଥିଲା ଜମି ଯିବା ପରେ ତାଙ୍କୁ କ୍ଷତିପୂରଣ ମିଳିବ। ସେହି ଟଙ୍କାରେ ସେ ଆଉ କେଉଁଠି ଜମି କିଣିବେ। ସେଥିରେ ଚାଷ କରି ଯାହା ମିଳିବ ସେଥିରେ ତାଙ୍କ ପରିବାର ଚଳିଯିବ। ହେଲେ କ୍ଷତିପୂରଣ ମିଳିଲାନାହିଁ। ରିଦେଇଙ୍କ ଜେଜେବାପାଙ୍କୁ ସୁକିନ୍ଦା ରାଜା ସେହି ଜମି ପ୍ରଦାନ କରିଥିଲେ। ସେହିଦିନଠାରୁ ଗୋଟିଏ ପିଢି ପରେ ଆଉ ଗୋଟିଏ ପିଢି ସେହି ଜମିରେ ଚାଷ କରୁଥିଲେ। ହେଲେ ଜମି ଚାଲିଯିବା ପରେ ରିଦେଇ ଚିନ୍ତାରେ ପଡିଛନ୍ତି। ଘର ଡିହ ଛଡା ତାଙ୍କ ପାଖରେ ଆଉ କିଛି ନାହିଁ। ଜମି ବାବଦରେ କୌଣସି କ୍ଷତିପୂରଣ ମିଳିନାହିଁ। ଏଣେ କରୋନା ମହାମାରୀ ଯୋଗୁ ଆର୍ଥିକ ସ୍ଥିତି ଦୋହଲି ଯିବା ପରେ ରିଦେଇଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ସେହି ଚିନ୍ତାରେ ଏଇ କିଛିଦିନ ହେବ ରିଦେଇଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଛି। ମୋ ପିଲାମାନେ ଅନାହାରରେ ମରିଯିବା ଅପେକ୍ଷା ମୁଁ ଏବଂ ମୋ ପରିବାର ସଦସ୍ୟମାନେ ଆତ୍ମହତ୍ୟା କରିବା ଶ୍ରେୟସ୍କର ବୋଲି ଯାଜପୁର ଜିଲାପାଳଙ୍କୁ ଏକ ପତ୍ର ଲେଖି ରିଦେଇ ଅନୁମତି ମାଗିଛନ୍ତି। ଗତ ୨୮।୧୧।୨୦୨୦ରେ ସେ ଯାଜପୁର ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିବା ସହ 'ଆମକୁ ଜୀବନ ଦିଅ ନଚେତ୍ ଜୀବନ ନିଅ' ବୋଲି କହି ନିଜର ଦୁଃଖ ଜଣାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ମୁଖ୍ୟ ଅଭିଯୁକ୍ତ...

ସନ୍ଧ୍ୟାରେ ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ଛାତ୍ରଙ୍କୁ ଗାଁକୁ ଆଣିବା ପରେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା ପରୀର ମୃତଦେହ ଜବତ ହୋଇଥିବା ସ୍ଥାନକୁ ଅନୁଧ୍ୟାନ କରିଥିଲେ। ଏହାପରେ ଛାତ୍ରଙ୍କ ଗିରଫଦାରି ନେଇ ନୟାଗଡ଼ରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ବୋଥ୍ରା କହିଛନ୍ତି, ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମିଳିବା ପରେ ଗିରଫ କରାଗଲା। ଥରେ ନୁହେଁ, ୧୦ ଥର ପଚରାଉଚୁରା ପରେ ଏସ୍‌ଆଇଟି ଗିରଫ କରିଛି। ପୂର୍ବରୁ ଜିଲା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପଚରାଉଚୁରା କରିଥିଲା। ସେ ଆହୁରି କହିଥିଲେ, ଆମେ ତଦନ୍ତର ୨ୟ ପାହାଚରେ ରହିଛୁ। ଆମେ ପ୍ରାଥମିକ ତଦନ୍ତ କରି ଜାଣିଲୁ ଯେ, ବଳାତ୍କାର ଅପରାଧର ମୁଖ୍ୟ କାରଣ। ବଳାତ୍କାର ପରେ ହତ୍ୟା କରାଯାଇଛି। ତଦନ୍ତ ଖୁବ୍ କମ୍ ଦିନରେ ହୋଇଥିଲେ ମଧ୍ୟ ଏହାକୁ ନେଇ ଆମେ ସନ୍ତୁଷ୍ଟ ଅଛୁ। ଏତିକିରେ ତଦନ୍ତ ଶେଷ ହୋଇନାହିଁ। ଅଭିଯୁକ୍ତଙ୍କୁ ଆଉ କେଉଁମାନେ ସହଯୋଗ କରିଥିଲେ ସେନେଇ ତଦନ୍ତ କରାଯାଉଛି। ତଦନ୍ତ ଶେଷ ହେଲେ ଏସ୍‌ଆଇଟି ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ବୋଥ୍ରା କହିଛନ୍ତି। ଅନ୍ୟପକ୍ଷେ ଦୋଷ ମାନିବାକୁ ଧମକଚମକ ଦେବା ଓ ୫ ଲକ୍ଷ ଟଙ୍କା ଲୋଭ ଦେଖାଇବା ନେଇ ବୋଥ୍ରାଙ୍କ ନାମରେ ଉକ୍ତ ଛାତ୍ର ପୂର୍ବରୁ ଅଭିଯୋଗ କରିଥିଲେ। ଏନେଇ ବୋଥ୍ରା କହିଛନ୍ତି ଯେ, 'ମୋ ବିରୋଧରେ ବ୍ୟକ୍ତିଗତ ଅଭିଯୋଗ ଆସିଛି। ଆମେ କୋର୍ଟ ନିକଟରେ ଉତ୍ତରଦାୟୀ ଥିବାରୁ ଏବାବଦରେ ନିଜର ପକ୍ଷ ରଖିବୁ'। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଘଟଣାରେ ଆଇପିସି ଦଫା ୩୭୬(ଏ), ୩୭୬(ଏବି), ୩୬୪, ୩୦୨, ୨୦୧ ଏବଂ ପୋକ୍‌ସୋ ଆକ୍ଟ ସେକ୍ସନ ୬ ଅନୁଯାୟୀ ୧୪/୨୦୨୦ ନମ୍ବରରେ ମାମଲା ରୁଜୁ କରାଯାଇଛି।

ଅନ୍ୟପକ୍ଷରେ ଛାତ୍ରଙ୍କ ମା' କହିଛନ୍ତି ଯେ, 'ସୋମବାର ଏସ୍‌ଆଇଟି ମୋ ପୁଅକୁ ଘରକୁ ଆଣିଥିଲା। ତାକୁ ମାରପିଟ କରି ଦୋଷ ମାନିବାକୁ ବାଧ କରାଯାଇଥିବା ସେ କହିଛି। ମୋ ପୁଅ ଯଦି ଦୋଷୀ, ତେବେ ସେ ହତ୍ୟାକାଣ୍ଡ କିପରି ଘଟାଇଲା ତାହା ପ୍ରମାଣ କରିବାର ଥିଲା। କେବଳ ଦୋଷୀ କହି ମୋ ନାବାଳକ ପୁଅକୁ ଫସାଇ ଦିଆଗଲା। ତାକୁ ରକ୍ଷା କର' ବୋଲି ସେ ନିବେଦନ କରିଥିଲେ।

ଛାତ୍ରଙ୍କ ଓକିଲ ଚନ୍ଦ୍ର ବିଜୟୀ ମିଶ୍ରଙ୍କ ସୂଚନା ଅନୁସାରେ, ଏସ୍‌ଆଇଟି ପକ୍ଷରୁ ଛାତ୍ରଙ୍କ ଓସିଫିକେଶନ ଟେଷ୍ଟ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କରାଯାଇଛି। ଏହି ଟେଷ୍ଟ ଯୋଗୁ ସେ ସାବାଳକ ବୋଲି ଜଣାପଡ଼ିଛନ୍ତି। କିନ୍ତୁ ତାଙ୍କ ଜନ୍ମ ତାରିଖ ହେଉଛି ୬।୨।୨୦୦୩। ଛାତ୍ରଙ୍କ କେତେକ ସାର୍ଟିଫିକେଟ୍‌ରେ ଏହି ତାରିଖ ଉଲ୍ଲେଖ ରହିଛି। ଜନ୍ମ ତାରିଖକୁ ହିସାବ କଲେ ଛାତ୍ରଙ୍କୁ ୧୮ ବର୍ଷ ହୋଇନି। ଆମେ ହାଇକୋର୍ଟ ଯିବୁ। କାରଣ ନାବାଳକ ସତ୍ତ୍ୱେ ତାଙ୍କୁ ସାବାଳକ ଦର୍ଶାଯାଇଥିବାବେଳେ ବିନା ଡେମୋରେ କୋର୍ଟଚାଲାଣ କରାଗଲା ବୋଲି ମିଶ୍ର କହିଛନ୍ତି।



ଇଣ୍ଡିଆନ ସୁପର ଲିଗ୍‌ରେ ସୋମବାର ଏଟିକେ ମୋହନବାଗାନ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଏଟିକେଠାରୁ ହାରିଲା ବେଙ୍ଗାଲୁରୁ

**ଫତୋର୍ଦା, ୨୧।୧୨**

ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ପ୍ରଥମଥର ପାଇଁ ପରାଜୟ ସ୍ୱାଦ ଚାଖିଛି ବେଙ୍ଗାଲୁରୁ ଏଫସି। ସୋମବାର ଅନୁଷ୍ଠିତ ମ୍ୟାଚରେ ଦଳ ୦-୧ ଗୋଲରେ ଏଟିକେ ମୋହନବାଗାନଠାରୁ ହାରିଯାଇଛି। ମ୍ୟାଚର ୩୩ତମ ମିନିଟ୍‌ରେ ଡେଭିଡ ୱିଲିୟମ୍ସ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। କାର୍ଲ ମ୍ୟାକ୍‌ହ୍ୟୁଗ୍‌ଙ୍କ ପାସ୍‌ରୁ ୱିଲିୟମ୍ସ ଏହି ଗୋଲଟି ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ଏଟିକେ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ବେଙ୍ଗାଲୁରୁ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ମାତ୍ର ଏଟିକେ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲା। ଏଟିକେ ମୋହନବାଗାନର ଏହାଥିଲା କ୍ରମାଗତ ଦ୍ୱିତୀୟ ବିଜୟ। ମ୍ୟାକ୍‌ହ୍ୟୁଗ୍ ପାସ୍ ଅଫ୍ ଦି ମ୍ୟାଚ ଏବଂ ଗୋଲ ସ୍କୋରର ୱିଲିୟମ୍ସ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ୭ ମ୍ୟାଚରୁ ୫ମ ବିଜୟ ହାସଲ କରିଥିବା ଏଟିକେ ୧୬ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଦଳ ଗୋଟିଏ ମ୍ୟାଚ ଡ୍ର ରଖିଥିବାବେଳେ ଅନ୍ୟ ମ୍ୟାଚଟିରେ ପରାଜିତ ହୋଇଛି। ଦଳ ଏପର୍ଯ୍ୟନ୍ତ ୮ ଗୋଲ ଦେଇଥିବାବେଳେ ୩ ଗୋଲ ବରଣ କରିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ୭ମ ମ୍ୟାଚରେ ହିଁ ପରାଜୟ ମୁହଁ ଦେଖିଛି। ଦଳ ୩ ବିଜୟ, ୩ ଡ୍ର ଓ ୧ ପରାଜୟ ସହ ୧୨ ପଏଣ୍ଟରେ ସ୍ଥିର ରହି ଟେବୁଲର ତୃତୀୟ ସ୍ଥାନ ବଜାୟ ରଖିଛି। ଦଳ ୧୧ ଗୋଲ ଦେଇଥିବାବେଳେ ୮ ଗୋଲ ବରଣ କରିଛି। ମୁମ୍ବାଇ ସିଟି ଏଫସି ୧୬ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଟେବୁଲର ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି।

**ଇଣ୍ଡିଆନ ସୁପରଲିଗ୍**



ଗୋଲ୍ ଦେବାପରେ ଡେଭିଡ ୱିଲିୟମ୍ସ।

# ଭାରତୀୟ ପୁରୁଷ ୪, ମହିଳା ୯

**ଲାଉସାନେ (ସୁଇଜରଲାଣ୍ଡ), ୨୧।୧୨(ପି.ଟି.)**

କୋଭିଡ୍-୧୯ ମହାମାରୀ ପାଇଁ ବର୍ଷର ଅଧିକାଂଶଭାଗ ଖେଳ ଗୁରୁତର ପ୍ରଭାବିତ ହୋଇଥିବାବେଳେ ଏଫଆଇଏଚ୍ (ଅନ୍ତର୍ଜାତୀୟ ହକି ଫେଡେରେଶନ) ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ୪ର୍ଥ ଓ ମହିଳା ଦଳ ୯ମ ସ୍ଥାନରେ ରହି ବର୍ଷ ଶେଷ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ବେଲଜିୟମ ପୁରୁଷ ଓ ନେଦରଲାଣ୍ଡ୍ସ ମହିଳା ଦଳ ଶୀର୍ଷସ୍ଥାନରେ ରହିଥିବା ସୋମବାର ଏଫଆଇଏଚ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଗତ ଜାନୁୟାରୀରେ ହକିର ସର୍ବୋଚ୍ଚ ସଂସ୍ଥା ପକ୍ଷରୁ ନୂଆ ମ୍ୟାଚଭିତ୍ତିକ ର୍‍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବର୍ଷ ପ୍ରାରମ୍ଭରେ ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଅନୁସାରେ ବିଭିନ୍ନ ଦଳକୁ ପଏଣ୍ଟ ମିଳିଥିଲା। ମାତ୍ର ମହାମାରୀ




ଯୋଗୁ ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେବା ସହ ମାର୍ଚ୍ଚରୁ ଖେଳ ବନ୍ଦ ରହିଥିଲା। ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ଅନୁସାରେ ପୁରୁଷ ବିଭାଗରେ ବିଶ୍ୱ ଏବଂ ୟୁରୋପିଆନ ଚାମ୍ପିୟନ ବେଲ୍‌ଜିୟମ ୨୪୯୬.୮୮ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଛି। ୨୦୧୯ ହକି ପ୍ରୋ ଲିଗ୍ ବିଜେତା ଅଷ୍ଟ୍ରେଲିଆ ୨୩୮୫.୭୦ ପଏଣ୍ଟ ସହିତ ଦ୍ୱିତୀୟ, ୨୨୫୭.୯୬ ପଏଣ୍ଟ ପାଇ ନେଦରଲାଣ୍ଡ୍ସ ତୃତୀୟ ଏବଂ ୨୦୬୩.୭୮ ପଏଣ୍ଟ ସହ ଭାରତ ୪ର୍ଥ ସ୍ଥାନରେ ରହିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଅଲିମ୍ପିକ୍ ଚାମ୍ପିୟନ ଆର୍ଜେଣ୍ଟିନା (୧୯୬୭.୩୯), ଜର୍ମାନୀ (୧୯୪୪.୩୪), ଇଂଲଣ୍ଡ (୧୭୪୩.୭୭), ନ୍ୟୁଜିଲାଣ୍ଡ (୧୫୭୫.୦୦), ସ୍ପେନ (୧୫୫୯.୩୨) ଓ କାନାଡ଼ା (୧୪୧୭.୩୭) ଯଥାକ୍ରମେ ୫ମରୁ ୧୦ମ ସ୍ଥାନ ଅଧିକାର କରିଛି।

ସେହିପରି ମହିଳା ହକି ର୍‍ୟାଙ୍କିଙ୍ଗ୍‌ରେ ନେଦରଲାଣ୍ଡ୍ସ ୨୬୩୧.୯୯, ଆର୍ଜେଣ୍ଟିନା ୨୧୭୪.୬୧ ଓ ଜର୍ମାନୀ ୨୦୫୪.୨୮ ପଏଣ୍ଟ ପାଇ ପ୍ରଥମ ତିନିସ୍ଥାନ ଅଧିକାର କରିଛି। ଅଷ୍ଟ୍ରେଲିଆ (୨୦୧୨.୮୯) ଚତୁର୍ଥ, ଇଂଲଣ୍ଡ (୧୯୫୨.୭୪) ପଞ୍ଚମ, ନ୍ୟୁଜିଲାଣ୍ଡ (୧୮୧୮.୯୮) ଷଷ୍ଠ, ସ୍ପେନ (୧୮୦୨.୧୩) ସପ୍ତମ, ଆୟର୍ଲାଣ୍ଡ (୧୫୮୩.୦୯) ଅଷ୍ଟମ, ଭାରତ (୧୫୪୩.୦୦) ନବମ ଏବଂ ଚାଇନା (୧୫୨୧.୦୦) ଦଶମ ସ୍ଥାନରେ ରହିଛି।

# ଗେଲ୍, ଆଫ୍ରିଦୀ, ବ୍ରାଭୋ ଖେଳିବେ

**ଆବୁଧାବି, ୨୧।୧୨ (ପି.ଟି.)**

ଜାନୁୟାରୀ ୨୮ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ଆବୁଧାବୀ ଟି୧୦ ଟୁର୍ନାମେଣ୍ଟର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏଥିରେ କ୍ରିସ୍ ଗେଲ୍, ଶାହିଦ ଆଫ୍ରିଦୀ ଏବଂ ଡ୍ୱେନ୍ ବ୍ରାଭୋଙ୍କ ଭଳି କେତେଜଣ ବିଶ୍ୱପ୍ରସିଦ୍ଧ କ୍ରିକେଟରଙ୍କ ଖେଳ ଦେଖିବାକୁ ମିଳିବ। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ ଜାୟେଦ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଗେଲ୍ ଟିମ୍ ଆବୁଧାବିର ଆଇକନ୍ ଖେଳାଳି ହୋଇଛନ୍ତି। ଟି୨୦ରେ ୧,୦୦୦ରୁ ଅଧିକ ଛକା ମାରି ସେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ୧୦ ଓଭର ଫର୍ମାଟରେ ତାଙ୍କଠାରୁ ଧୂଆଁଧାର ବ୍ୟାଟିଂ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଆଫ୍ରିଦୀ କଲନ୍ଦର୍ସ ପାଇଁ, ବ୍ରାଭୋ ଦିଲ୍ଲୀ ବୁଲ୍ସ ରସେଲ ନର୍ଦର୍ନ ୱାରିୟର୍ସ ଏବଂ ନାରିନ୍ ଡେକାନ ଗ୍ଲାଡିଏଟର୍ସ ପାଇଁ ଆଇକନ ଖେଳାଳି ହୋଇଛନ୍ତି।

# ହାଇପରଫର୍ମାନ୍ସ ସେଣ୍ଟରରେ ପୁଣି ଆରମ୍ଭ ହେବ ଟ୍ରେନିଂ

**ଭୁବନେଶ୍ୱର, ୨୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶା ଆଥଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର(ଏଚ୍‌ପିସି)ର ଆଥଲେଟ୍‌ମାନେ ଚଳିତମାସ ପରବର୍ତ୍ତୀ ଭାଗରେ ଟ୍ରେନିଂକୁ ଫେରିବେ। ଗତ ଅକ୍ଟୋବର ଓ ନଭେମ୍ବରରେ ସ୍ପ୍ରିଣ୍ଟ ଓ ମିଡଲ ଡିଷ୍ଟାନ୍ସ ଫେଷ୍ଟର ୪ଟି ପ୍ରତିଯୋଗିତା ପାଇଁ ୧୦୦ ଜଣଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ପଞ୍ଜୀକୃତ କରାଯାଇଥିଲା। ଏହି ଆଥଲେଟ୍‌ମାନଙ୍କ ଲାଗି ବ୍ୟକ୍ତିଗତ ଟ୍ରେନିଂ ପ୍ରୋଗ୍ରାମ୍ କରାଯାଇଥିବା ମୁଖ୍ୟ କୋଚ୍ ଜେମ୍ସ ହିଲିଅର ପ୍ରକାଶ କରିଛନ୍ତି। ଆଥଲେଟ୍‌ମାନଙ୍କ ଲାଗି ବାର୍ଷିକ ଯୋଜନା ପ୍ରସ୍ତୁତ କରାଯିବ। ଏଥିରେ ଆଥଲେଟ୍‌ମାନଙ୍କ ବେଗ, ଶକ୍ତି, ଧୈର୍ଯ୍ୟ, ନମନିୟତା ଏବଂ ସମନ୍ୱୟ ଆଦି ଦକ୍ଷତାର ବିକାଶ ଦିଗରେ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଓଡ଼ିଶା ସରକାର ଏବଂ ରିଲାଏନ୍ସ ଫାଉଣ୍ଡେଶନ ସହାୟତାରେ ଏଚ୍‌ପିସିର ଆଥଲେଟମାନଙ୍କ ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହେଉଛି। ସ୍ପ୍ରିଣ୍ଟ ଓ ମିଡଲ ଡିଷ୍ଟାନ୍ସ ଫେଷ୍ଟର ୨୦୦ମିଟର ରେସ୍‌ରେ ସ୍ପ୍ରିଣ୍ଟର ଅମ୍ଳାନ ବର୍ଗୋହେନ୍ ଶ୍ରେଷ୍ଠ ଟାଇମିଂ ୨୧.୨୦ ସେକେଣ୍ଡ ରେକର୍ଡ କରାଯାଇଛି। ବର୍ଷକ ପାଇଁ ସେ ଦେଶର ସବୁଠାରୁ ଦ୍ରୁତତମ ବିବେଚିତ ହୋଇପାରିଛନ୍ତି। ସ୍ଥାନୀୟ ବାଳିକା ସବିତା ଟପ୍ପୋଙ୍କୁ ଏବେ ମାତ୍ର ୧୫ ବର୍ଷ ବୟସ। ସେ ୬ଟି ରେସ୍‌ରେ ୪ଟି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କ ଫେଭରାଇଟ୍ ୧୦୦ମିଟର ହର୍ଡଲ୍ସ ଟାଇମିଂରେ ବର୍ତ୍ତମାନ ୨ ସେକେଣ୍ଡ ଉନ୍ନତି ଘଟିଛି। ବୋର୍ଡରେ ତାଙ୍କ ଟାଇମିଂ ୧୪.୫୪ ସେକେଣ୍ଡ ରହିଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ବିଶାଲ ଦେବ କହିଛନ୍ତି, ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶା ଆଥଲେଟିକ୍ସ ଏଚ୍‌ପିସି ଟିମ୍ ଲକ୍‌ଡାଉନ୍ ପରିୟଡ ସମେତ ଗତ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚଳାଇ ଆସୁଥିବା ଯୋଜନା ବେଶ୍ ଫଳପ୍ରଦ ବୋଲି ଅନୁଭବ ହେଉଛି। ଆଥଲେଟମାନଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ଉନ୍ନତି ଦେଖିବାକୁ ମିଳୁଛି।



# ହୋଣ୍ଡା ପାଇଁ ପୋଡିୟମ ଫିନିଶ୍ ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୨୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଏମ୍ଆର୍ଏଫ୍ ଏମ୍ଏମ୍ଏସ୍‌ସି ଏଫ୍ଏମ୍ଏସ୍‌ସିଆଇ ଭାରତୀୟ ମୋଟରସାଇକେଲ ରେସିଂ ଚାମ୍ପିୟନଶିପ୍‌ର ଅନ୍ତିମ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ପିଏସ୍ ୧୬୫ ସିସି ରେସ୍-୧ରେ ପୋଡିୟମ ଫିନିଶ କରି ଇଡିଓସ୍ ହୋଣ୍ଡା ଏରୁଲା ରେସିଂ ଟିମ୍ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଯୋଗ୍ୟତା ପର୍ଯ୍ୟାୟ ରେସ୍‌ରେ ଆଇଡିମିତ୍ସୁ ହୋଣ୍ଡା ଟ୍ୟାଲେଣ୍ଟ କପ୍ ଏନ୍ଏସ୍ଏଫ୍ ୨୫୦ ଆର୍ ବର୍ଗରେ ୧୦ ଜଣ, ସିବିଆର ୧୫୦ ଆର୍‌ରେ ୧୪ଜଣ ଏହିପରି ମୋଟ ୨୪ ଯୁବ ଚାଳକ ଅଂଶଗ୍ରହଣ କରୁଛନ୍ତି। ପ୍ରୋ ଷ୍ଟକ୍ ୧୬୫ ସିସି ରେସ୍‌ରେ ହୋଣ୍ଡା ଚାଳକ ରାଜୀବ ସେଥୁ ଓ ମନ୍ଥନ କୁମାର ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଲ୍ୟାପ୍-୬ରେ ରାଜୀବ ତୃତୀୟରେ ରହି ପୋଡିୟମ ଫିନିଶ୍ କରିଥିବାବେଳେ ମନ୍ଥନ ୪ର୍ଥ ହୋଇଥିଲେ। ସେଣ୍ଟିଲ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଭାରତରେ ମୋଟର ସ୍ପୋର୍ଟ୍ସକୁ ବିକଶିତ, ଦୃଢ଼ ଏବଂ ସମୃଦ୍ଧ କରିବା ପାଇଁ ହୋଣ୍ଡାର ଲକ୍ଷ୍ୟ। ପ୍ରୋ ଷ୍ଟକ୍ ରେସ୍‌ରେ ରାଜୀବ ଓ ମନ୍ଥନ ପୋଡିୟମ ଫିନିଶ୍ ପାଇଁ ଲଢ଼େଇ କରିଥିଲେ। ରାଜୀବଙ୍କ ପାଇଁ ହୋଣ୍ଡା ଏରୁଲା ରେସିଂ ଟିମ୍‌ର ପୋଡିୟମ ଫିନିଶ୍ ସମ୍ଭବ ହୋଇଥିଲା। ଆମ ଚାଳକମାନେ ନିରନ୍ତରଭାବେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣୁଛନ୍ତି ବୋଲି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ବରିଷ୍ଠ ଉପସଭାପତି (ବ୍ରାଣ୍ଡ ଓ କମ୍ୟୁନିକେଶନ) ପ୍ରଭୁ ନାଗରାଜ ପ୍ରକାଶ କରିଛନ୍ତି।



ରେସ୍ ଅବସରରେ ରାଜୀବ ସେଥୁ।

# ବିହାରୀଙ୍କ ସ୍ଥାନରେ ଖେଳିପାରନ୍ତି ଜାଡେଜା

**ଆଡିଲେଡ୍, ୨୧।୧୨ (ପି.ଟି.)**

**ବକ୍ସିଂ ଡେ ଟେଷ୍ଟ**

ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ' ଟେଷ୍ଟ ପାଇଁ ରବୀନ୍ଦ୍ର ଜାଡେଜାଙ୍କ ଅଗ୍ରଗତି ଉପରେ ନଜର ରଖିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ମ୍ୟାଚ ପୂର୍ବରୁ ଯଦି ଅବା ସେ ଫିଟ୍ ମନେ ହୁଅନ୍ତି ତେବେ ତାଙ୍କୁ ହନୁମା ବିହାରୀଙ୍କ ସ୍ଥାନରେ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ। ପ୍ରଥମ ଅନ୍ତର୍ଜାତୀୟ ଟି୨୦ ବେଳେ ଜାଡେଜାଙ୍କ ମୁଣ୍ଡରେ ବଲ୍ ବାଜିଥିଲା। ପୁନଶ୍ଚ ତାଙ୍କର ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ଥିଲା। ଯାହା ଫଳରେ ସେ ପ୍ରଥମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ଭାରତ ଟେଷ୍ଟ ମ୍ୟାଚ୍ ଖେଳୁଥିବାବେଳେ ଜାଡେଜାଙ୍କୁ ନେଟ୍ସରେ କିଛି ସମୟ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। ଖବର ଅନୁସାରେ ଏହି ସିନିୟର ଅଲରାଉଣ୍ଡର ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ଡିସେମ୍ବର ୨୬ରୁ ମେଲବୋର୍ନଠାରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ପୂର୍ବରୁ ସେ ଠିକ ହୋଇଯାଇଥିବେ ବୋଲି ଅନୁମାନ କରାଯାଉଛି। ହେଲେ ଏଥିରେ ଶତପ୍ରତିଶତ ଗ୍ୟାରେଣ୍ଟି ନାହିଁ। କିନ୍ତୁ ସେ ଯଦି ଅବା ଫିଟ୍ ହୁଅନ୍ତି, ଆନ୍ଧ୍ର ପ୍ରଦେଶ ବ୍ୟାଟ୍ସମ୍ୟାନ ବିହାରୀ ଦଳରୁ ବାଦ୍ ପଡ଼ିବେ। କାରଣ ଆଡିଲେଡ୍ ଟେଷ୍ଟରେ ସେ ଭଲ ସ୍କୋର କରିପାରି ନାହାନ୍ତି। ତେବେ ଏ ସମ୍ପର୍କରେ ଅଜିଙ୍କ୍ୟ ରାହାନେ ଓ ରବି ଶାସ୍ତ୍ରୀ ଯାହା ନିଷ୍ପତ୍ତି ନେବେ।




ରବୀନ୍ଦ୍ର ଜାଡେଜା

# ରାହୁଲଙ୍କୁ ଓପନିଂ ସପକ୍ଷରେ ଗାଭାସ୍କର

**ନୂଆଦିଲ୍ଲୀ, ୨୧।୧୨(ପି.ଟି.)**

ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଲଜ୍ଜାଜନକ ପ୍ରଦର୍ଶନ ପରେ ଭାରତୀୟ ଦଳର କମ୍ବିନେଶନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଫର୍ମରେ ନ ଥିବା ପୃଥ୍ୱୀ ଶ'ଙ୍କ ସ୍ଥାନରେ ଲୋକେଶ ରାହୁଲଙ୍କୁ ଇନିଂସ ଓପନ ସୁଯୋଗ ଦିଆଯାଉ ବୋଲି ଚାହିଁଛନ୍ତି କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର। ସେହିପରି ପ୍ରତିଭା ସମ୍ପନ୍ନ ଶୁବମନ ଗିଲ୍‌ଙ୍କୁ ମିଡିଲ ଅର୍ଡରରେ ଖେଳିବା ସୁଯୋଗ ଦିଆଯିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ମେଲବୋର୍ନରେ ଡିସେମ୍ବର ୨୬ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ଭାରତ ଟେଷ୍ଟ କ୍ରିକେଟରେ ସର୍ବନିମ୍ନ ୩୬ ରନ ସ୍କୋର କରିବା ସହ ୮ ଉଇକେଟରେ ପରାଜିତ ହୋଇଥିଲା।

"ଭାରତୀୟ ଦଳରେ ଅତିକମ୍‌ରେ ୨ଟି ପରିବର୍ତ୍ତନ ହେବା ଦେଖା ଯାଉଛି। ପୃଥ୍ୱୀଙ୍କ ସ୍ଥାନରେ ରାହୁଲ ଏବଂ ୫ କିମ୍ବା ୬ ନମ୍ବର ସ୍ଥାନ ପାଇଁ ଗିଲ୍‌ଙ୍କୁ ସୁଯୋଗ ଦିଆଯିବା ଉଚିତ। ଭଲ ଆରମ୍ଭ ହେଲେ ସ୍ଥିତିରେ ପରିବର୍ତ୍ତନ ହୋଇପାରେ। ଭାରତ ସକାରାତ୍ମକ ଚିନ୍ତାଧାରା ନେଇ ନ ଖେଳିଲେ ୦-୪ରେ ସିରିଜ ହାରିବା ସମ୍ଭାବନା ସୃଷ୍ଟି ହେବ" ବୋଲି ଗାଭାସ୍କର ଚେତେଇ ଦେଇଛନ୍ତି। ଖେଳରେ ଏପରି ହୋଇଥାଏ। ସିରିଜକୁ ପ୍ରତ୍ୟାବର୍ତ୍ତନ ଉପରେ ସମସ୍ତେ ଧ୍ୟାନଦେବା ଉଚିତ। ଅଷ୍ଟ୍ରେଲିଆର ଦୁର୍ବଳ ଦିଗ ହେଲା ଏହାର ବ୍ୟାଟିଂ।

# ଫୁଟ୍‌ବଲ ରେଫରି ପରୀକ୍ଷା ଶିବିର ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୨୧।୧୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ୧୯ ତାରିଖରେ ଆରମ୍ଭ ହୋଇଥିବା ଲେଭଲ-୫ ଫୁଟ୍‌ବଲ ରେଫରି ପରୀକ୍ଷା ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡିଶା (ଫାଓ) ଏବଂ ବଲାଙ୍ଗୀର ଜିଲା କ୍ରୀଡା

**ଭାଗ ନେଇଥିଲେ ୧୫୮ ପରୀକ୍ଷାର୍ଥୀ**

ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୫୮ଜଣ ପରୀକ୍ଷାର୍ଥୀ ଯୋଗଦାନ କରିଥିଲେ। ଓଡିଶାର ବିଭିନ୍ନ ଜିଲାରୁ ଆସିଥିବା ୧୩ ଛାତ୍ରୀ ଓ ୧୪୫ ଜଣ ଛାତ୍ରଙ୍କ ଶାରୀରିକ ଦକ୍ଷତା ଓ ଥିଓରି ଟେଷ୍ଟ କରାଯାଇଥିଲା। କୃତୀ ପରୀକ୍ଷାର୍ଥୀଙ୍କୁ ଓଡିଶା ଲେଭଲ-୫ ରେଫରି ଭାବେ ସ୍ୱୀକୃତି ମିଳିବ। ଫାଓ ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଓଡିଶା ରେଫରି ମୁଖ୍ୟ ଦୁର୍ଗାମାଧବ ନାଏକ, ରେଫରି ପ୍ରଶିକ୍ଷକ ସୁଶାନ୍ତ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଶିବିରରେ ସୁଜିତ ପାତ୍ର, ସୁରେଶ ଦାସ, ଜ୍ୟୋତି ରଞ୍ଜନ ସ୍ୱାଇଁ, ଦିଲୀପ ରାଉତ, ଶରତ ନନ୍ଦ, ନରସିଂହ ସ୍ୱାମୀ ନାଇଡୁ, ସୁନୀଲ ବିଶ୍ୱାଳ ଓ ଦେବାଶିଷ ବାଗ ସହଯୋଗ କରିଥିଲେ। ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ପ୍ରଭାତ ମିଶ୍ର, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡ଼ାଇ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରକାଶ ପରିଡା, ବରିଷ୍ଠ ସଭ୍ୟ ଓ ପୂର୍ବତନ ଖେଳାଳି ବିକ୍ରମାନନ୍ଦ ବହିଦାର, ମଧୁସୂଦନ ବାବୁ, ରମେଶ ଚନ୍ଦ୍ର ପୁରୋହିତ, ଶାନ୍ତନୁ କୁମାର ସାହୁ, ରମାକାନ୍ତ ସେଠ, ପ୍ରଫୁଲ୍ଲ ବେହେରା, ଆନନ୍ଦିନୀ ଦର୍ଜୀ, କସ୍ତୁରୀ ରଥ ପ୍ରମୁଖଙ୍କ ଉପସ୍ଥିତିରେ ପରୀକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଲେଭଲ-୫ ଫୁଟ୍‌ବଲ ରେଫରି ପରୀକ୍ଷା ଶିବିରରେ ଭାଗନେଇଥିବା ପରୀକ୍ଷାର୍ଥୀ ଓ ଆୟୋଜକ।

## ଟିପ୍ସ ବାବଦରେ ମିଳିଲା ୪ ଲକ୍ଷ

ଆମେରିକାସ୍ଥିତ ଓହିଓର ଏକ ରେଷ୍ଟୁରାଣ୍ଟର କର୍ମଚାରୀ ଗ୍ରାହକଙ୍କ ଖୁସି ଦୁଇଗୁଣ ବଢ଼ି ଯାଇଛି। ଡିସେମ୍ବର ୧୨ରେ, ଜଣେ ଗ୍ରାହକ ରାତ୍ରିଭୋଜନ ପାଇଁ ଟୋଲେଡୋସ୍ଥିତ ସୋକ ମେଡିଟେରାନେୟନ ରେଷ୍ଟୁରାଣ୍ଟକୁ ଆସି ୫,୬୦୦ ଡଲାର ଅର୍ଥାତ ୪ ଲକ୍ଷ ୨୫ ହଜାର ୭୨୫ ଟଙ୍କା କର୍ମଚାରୀଙ୍କ ପାଇଁ ଛାଡି ଯାଇଥିଲେ। ସେଦିନ ଛୁଟିରେ ଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ସେ ଟିପ୍ସ ଦେଇଥିଲେ। କର୍ମଚାରୀଙ୍କ ମଧ୍ୟରେ ଏହି ଅର୍ଥ ବଣ୍ଟନ ହେବା ପରେ, ପ୍ରତ୍ୟେକ ସଦସ୍ୟ ପ୍ରାୟ ୧୫ ହଜାର ଟଙ୍କା ପାଇଲେ। ଖ୍ରୀଷ୍ଟମାସ ପୂର୍ବରୁ ଏପରି ଟିପ୍ସ ପାଇବା ପରେ ସେମାନେ ଭାବପ୍ରବଣ ହୋଇଯାଇଥିଲେ।

# ଅଯୋଧ୍ୟା ମସ୍‌ଜିଦ ରୂପକାର ଅଖ୍‌ତାର

**ଅଯୋଧ୍ୟା ରାମ ମନ୍ଦିର ବିବାଦରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ସମାନ୍ତରାଳ ଭାବେ ରାମଲାଲାଙ୍କ ଭବ୍ୟ ମନ୍ଦିର ଏବଂ ମସ୍‌ଜିଦ୍ ନିର୍ମାଣ ଲାଗି ଆରମ୍ଭ ହୋଇଛି ପ୍ରକ୍ରିୟା। ୨୦୨୦ ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାମ ମନ୍ଦିରର ଆଧାରଶିଳା ସ୍ଥାପନ କରିଥିବାବେଳେ ମୁସ୍‌ଲମାନ ସମ୍ପ୍ରଦାୟର ଉପାସନାସ୍ଥଳ ନିର୍ମାଣ ଲାଗି ନିକଟରେ ଜାରି କରାଯାଇଛି ନକ୍ସା। ଏହି ମଡେଲ ପଛରେ ଯେଉଁ ବାସ୍ତୁବିତ୍‌ଙ୍କ ମସ୍ତିଷ୍କ ଲାଗିଛି, ସେ ହେଉଛନ୍ତି ପ୍ରଫେସର ସୟଦ ମହମ୍ମଦ ଅଖ୍‌ତାର।**



**ନୂଆଦିଲ୍ଲୀ:** ଅଯୋଧ୍ୟାରେ ରାମମନ୍ଦିର ପରେ ଏବେ ମସ୍‌ଜିଦର ନକ୍ସା ସାର୍ବଜନୀନ କରାଯାଇଛି। ଧନୀପୁର ଗାଁ ନିକଟରେ ପ୍ରସ୍ତାବିତ ଏହି ଉପାସନାଗୃହ ପାରମ୍ପରିକ ଶୈଳୀଠାରୁ ଭିନ୍ନ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ହେବ। ଏଥିରେ ମଲ୍‌ଟି ସ୍ପେଶିଆଲିଟି ହସ୍ପିଟାଲ, ଲାଇବ୍ରେରି ସମେତ ସମସ୍ତ ଅତ୍ୟାବଶ୍ୟକ ବ୍ୟବସ୍ଥା ରହିବ। ମସ୍‌ଜିଦ୍‌ର ନକ୍ସା ପ୍ରକାଶ ପରେ ଏହାର ରୂପକାର ଖ୍ୟାତନାମା ବାସ୍ତୁବିତ୍ ପ୍ରଫେସର ସୟଦ ମହମ୍ମଦ ଅଖତାରଙ୍କୁ ନେଇ ସବୁଆଡ଼େ ଆରମ୍ଭ ହୋଇଛି ଚର୍ଚ୍ଚା।

ଇଣ୍ଡୋ-ଇସ୍‌ଲାମିକ୍ କଲଚରାଲ ଫାଉଣ୍ଡେଶନ (ଆଇଆଇସିଏଫ୍) ପକ୍ଷରୁ ଆଯୋଧ୍ୟାରେ ପ୍ରସ୍ତାବିତ୍ ମସ୍‌ଜିଦର ମଡେଲ ଜାରି କରାଯାଇଛି। ୫ ଏକର ପରିମିତ ଅଞ୍ଚଳରେ ଏହା ପରିବ୍ୟାପ୍ତ ହେବ। ଉପାସନାଗୃହକୁ ବାଦ୍ ଦେଲେ ଏକ ହସ୍ପିଟାଲ ମଧ୍ୟ ରହିବ। ଏହାର ଡିଜାଇନ ପ୍ରସ୍ତୁତ କରିଥିବା ପ୍ରଫେସର ଅଖ୍‌ତାର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଆର୍କିଟେକ୍ଚର ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିସାରିଛନ୍ତି। ଏଥିପୂର୍ବରୁ ଟିଟିଇ ବିଲ୍ଡିଂ, ଦିଲ୍ଲୀ ଡିଫେନ୍ସ କଲୋନୀସ୍ଥିତ ଶେଖ ଅଲି ଗମ୍ବୁଜ, ଆରବର ସରାୟସ୍ଥିତ ସୈୟଦ ୟାସିନ ଗମ୍ବୁଜ ଏବଂ ମସ୍‌ଜିଦ ନିର୍ମାଣ କରି ସେ ଚର୍ଚ୍ଚାରେ ରହିଥିଲେ। ବୃତ୍ତିରେ ଶିକ୍ଷାବିତ୍ ପ୍ରଫେସର ଅଖତାର ସଷ୍ଟେନେବଲ ଡେଭଲପମେଣ୍ଟ ବିଭାଗରେ ବ୍ୟାପକ ରିସର୍ଚ୍ଚ କରିଛନ୍ତି। ଏଥିଲାଗି ତାଙ୍କୁ ଡି-ଲିଟ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ମସ୍‌ଜିଦରେ ପାରମ୍ପରିକ ଶୈଳୀକୁ ବାଦ୍ ଦିଆଯାଇଛି। ଏହା ସମ୍ପୂର୍ଣ୍ଣ ଆଧୁନିକ ଢାଞ୍ଚାରେ ନିର୍ମାଣ ହେବ। ନକ୍ସାରୁ ଏହା ସ୍ପଷ୍ଟ ବାରି ହୋଇପଡୁଛି। ମସ୍‌ଜିଦର ଡିଜାଇନ ଅଣ୍ଡାକାର। ସୌରଶକ୍ତି ସମ୍ପନ୍ନ ଏହି ଗ୍ରୀନ୍ ମଡେଲ ମସ୍‌ଜିଦରେ ଗମ୍ବୁଜ ରଖାଯାଇନାହିଁ।

ଆଧୁନିକତା ଏବଂ ପରିବର୍ତ୍ତନରେ ବିଶ୍ୱାସ ରଖୁଥିବା ପ୍ରଫେସର ଅଖତାରଙ୍କ ଉଦ୍ୟମରେ ଜାମିଆରେ ଆର୍କିଟେକ୍ଚର ବିଷୟ ଆରମ୍ଭ ହୋଇଥିଲା। ନିଜର କାର୍ଯ୍ୟକାଳ ମଧ୍ୟରେ ସେ ନିଜ ଶିକ୍ଷା ପରିଧିରୁ ବାହାରି ଅନ୍ୟ ବିଷୟ ଉପରେ ମଧ୍ୟ ଜ୍ଞାନ ଆହରଣ କରିଥିଲେ। ଅତ୍ୟାଧୁନିକ ନିର୍ମାଣଶୈଳୀ, ଡିଜାଇନ ପ୍ରସ୍ତୁତ ଲାଗି ପ୍ରଫେସର ଅଖତାର ବେଶ୍ ଯେତିକି ଲୋକପ୍ରିୟ, ଜଣେ କବି ଭାବେ ସେତିକି ଚର୍ଚ୍ଚିତ। ପରିବେଶ ଅନୁକୂଳ ଆର୍କିଟେକ୍ଚର ଉପରେ ଗବେଷଣା କରି ସେ ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

ପ୍ରସ୍ତାବିତ ମସ୍‌ଜିଦ୍‌ର କ୍ଷେତ୍ରଫଳ ୧୭୦୦ ବର୍ଗ ମିଟରରୁ ଅଧିକ ହେବ। ଉପାସନା ଗୃହରେ ୨୦୦୦ ଲୋକ ସମୂହ ନମାଜ ପାଠ କରିପାରିବେ। ଏହାର ପରିସରରେ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମିତ ହେବ। ଏହାକୁ ବାଦ୍‌ଦେଲେ ଲାଇବ୍ରେରି, ପବ୍ଲିକେଶନ ହାଉସ୍ ଲାଗି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଇଣ୍ଡୋ-ଇସ୍‌ଲାମିକ୍ କଲ୍‌ଚରାଲ ଲିଟରେଚର ଷ୍ଟଡି ଏବଂ ରିସର୍ଚ୍ଚ ସମ୍ପର୍କିତ ତଥ୍ୟ ପ୍ରକାଶନ ଲାଗି ମଧ୍ୟ ବ୍ୟବସ୍ଥା କରାଯାଇଛି।

# ଘରେ ନ ଜଣାଇ ମୁମ୍ବାଇ ଆସିଥିଲି

## ହିନା ଖାନ୍



**ମୁମ୍ବାଇ:** 'ୟେ ରିସ୍ତା କ୍ୟା କେହେଲାତା ହୈ'ର ଅକ୍ଷରା ନାମରେ ପରିଚିତ ହିନା ଖାନ୍ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ତାଙ୍କ ଜୀବନ ବିଷୟରେ କହିଛନ୍ତି। ହିନା ତାଙ୍କ ପରିବାର ସଦସ୍ୟଙ୍କୁ ନ ଜଣାଇ କିପରି ମୁମ୍ବାଇ ଆସିଥିଲେ ଏବଂ ନିଜର କ୍ୟାରିୟର କିପରି ଆରମ୍ଭ କରିଥିଲେ। ହିନା କହିଛନ୍ତି, ମୁଁ ଏକ ରକ୍ଷଣଶୀଳ କାଶ୍ମୀର ପରିବାରରୁ ଆସିଛି। ଯେଉଁଠାରେ ଅଭିନେତ୍ରୀ ହେବା କଦାପି ସମ୍ଭବ ନୁହେଁ। ମୋର ପିତାମାତା ମୋତେ ପଢ଼ିବା ପାଇଁ ଦିଲ୍ଲୀ ପଠାଇବାକୁ ମଧ୍ୟ ପ୍ରସ୍ତୁତ ନଥିଲେ। କିନ୍ତୁ ମୁଁ ସେମାନଙ୍କୁ ବୁଝାଇ ଦେଲି। ହିନା କହିଛନ୍ତି, ଥରେ ତାଙ୍କ ବନ୍ଧୁ ଏକ ସିରିୟଲରେ ଅଡିଶନ ପାଇଁ କହିଥିଲେ। ପ୍ରଥମେ ମୁଁ ମନା କରିଥିଲି କିନ୍ତୁ ପରେ ରାଜି ହୋଇଥିଲି। ପରେ କାଷ୍ଟିଂ ନିର୍ଦ୍ଦେଶକ ମୋତେ ବହୁତ ପସନ୍ଦ କରିଥିଲେ। ଏହା ପରେ ମୋତେ ମୁଖ୍ୟ ଭୂମିକା ପାଇଁ ମନୋନୀତ କରାଯାଇଥିଲା। ସେଥିଲାଗି ମୋର ପିତାମାତାଙ୍କୁ ନ ଜଣାଇ ମୁଁ ମୁମ୍ବାଇ ଯାଇଥିଲି। ସେତେବେଳେ ମୋତେ ୨୦ ବର୍ଷ ହୋଇଥିଲା। ହିନା ଆହୁରି ମଧ୍ୟ କହିଛନ୍ତି, ପ୍ରଡକ୍ସନ ଲୋକେ ତାଙ୍କୁ ମୁମ୍ବାଇରେ ରହିବାକୁ ସାହାଯ୍ୟ କରିଥିଲେ। ଏ ନେଇ ମୋ ବାପାଙ୍କୁ କହିବାକୁ ମୋତେ ସପ୍ତାହେ ଲାଗିଗଲା, ମୋ ବାପା ଟିକେ ବିରକ୍ତ ହେଲେ, ଆମର ସମ୍ପର୍କୀୟମାନେ ମୋ ପିତାମାତାଙ୍କ ସହିତ ସମ୍ପର୍କ କାଟି ଦେଲେ। ତେବେ ଶୋ ଲୋକପ୍ରିୟତାର ଉଚ୍ଚତାକୁ ସ୍ପର୍ଶ କରିଛି। କିଛି ଦିନ ପରେ ପାପା ମୋ ପାଇଁ ଗର୍ବ ଅନୁଭବ କରୁଥିବା କହିଥିଲେ ସେଦିନ ମୋତେ ବହୁତ ଖୁସି ଲାଗିଥିଲା କିନ୍ତୁ ମୋତେ ପାଠ ପଢ଼ା ଶେଷ କରିବାକୁ ମଧ୍ୟ କହିଥିଲେ।

# ପୂଜା ପାଉଛନ୍ତି ସୋନୁ ସୁଦ୍




**ତେଲଙ୍ଗାନା:** ଅଭିନେତା ସୋନୁ ସୁଦ୍ ଏବେ ସାଧାରଣ ଲୋକଙ୍କ ପାଇଁ ଭଗବାନ ସଦୃଶ। ଲକ୍‌ଡାଉନ୍ ସମୟରେ ସେ ଲୋକଙ୍କୁ ଯେଉଁଭଳି ଅକୁଣ୍ଠ ସାହାଯ୍ୟ ପାଇଁ ମନ ସହ ମନ୍ଦିରରେ ମଧ୍ୟ ତାଙ୍କୁ ସ୍ଥାନ ମିଳିଛି। ଏମିତି ଭାବନାକୁ ପ୍ରକାଶ କରିବା ପାଇଁ ଏବେ ତେଲେଙ୍ଗାନାର ସିଦ୍ଦିପେଟ୍ ଜିଲାର ଦୁବାତଣ୍ଡା ଗାଁର ଲୋକେ ଏକ ମନ୍ଦିର ତିଆରି କରିଛନ୍ତି। ସେଠାରେ ଦେବତାଙ୍କ ଆସନରେ ସ୍ଥାପନ କରାଯାଇଛି ସୋନୁଙ୍କ ପ୍ରତିମୂର୍ତ୍ତି। ଗାଁ ଲୋକେ ଏହି ମନ୍ଦିର ପ୍ରତିଷ୍ଠା କରି ସେଥିରେ ସୋନୁଙ୍କ ମୂର୍ତ୍ତି ରଖି ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ନିକଟରେ ଏହି ମନ୍ଦିର ପ୍ରତିଷ୍ଠା ହେବା ଦିନ ଗାଁ ଲୋକେ ପାରମ୍ପରିକ ବେଶ ପରିଧାନ କରି ପାରମ୍ପରିକ ଗୀତ ଗାଇବା ସହିତ ସୋନୁଙ୍କ ଆରତି କରିଛନ୍ତି। ସୋନୁ ଭଗବାନଙ୍କ ଭଳି କାମ କରିଛନ୍ତି, ତେଣୁ ସେ ହୃଦୟରେ ବି ଭଗବାନଙ୍କ ଭଳି ପୂଜା ପାଉଛନ୍ତି। ତାଙ୍କ ପାଇଁ ମନ୍ଦିର କରିବା ଯଥାର୍ଥ ବୋଲି କହିଛନ୍ତି ଗାଁର ଜିଲା ପରିଷଦ ସଦସ୍ୟ ଓ ଅନ୍ୟ ଅଧିକାରୀ। ମନ୍ଦିରରେ ସ୍ଥାପନ ହୋଇଥିବା ସୋନୁଙ୍କ ପ୍ରତିମାକୁ ତିଆରି କରିଛନ୍ତି ସ୍ଥାପତ୍ୟ କଳାରେ ନିପୁଣ ହୋଇଥିବା ମଧୁସୂଦନ ପାଲ୍। ସୋନୁଙ୍କ ପାଇଁ ସେ ଆଉ ଏକ ମୂର୍ତ୍ତି ମଧ୍ୟ ତିଆରି କରିଛନ୍ତି, ଯାହାକୁ ସେ ତାଙ୍କୁ ଉପହାର ଦେବା ପାଇଁ ରଖିଛନ୍ତି ବୋଲି କହିଛନ୍ତି।

# ପ୍ରାଚୀନ ଭାରତୀୟ ଗଣିତ

## ଜାତୀୟ ଗଣିତ ଦିବସ

ଆମ ଦେଶରେ ଡିସେମ୍ବର ୨୨କୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି । ୧୮୮୭ରେ ଏହି ଦିନ ବିଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ ଆମ ଦେଶରେ ଭୂମିଷ୍ଠ ହୋଇଥିଲେ । ମାତ୍ର ୩୩ବର୍ଷର ଜୀବନ କାଳ ମଧ୍ୟରେ ସେ ଯେତିକି ଗଣିତ ସୂତ୍ର ଓ ତତ୍ତ୍ୱ ଆବିଷ୍କାର କରିଥିଲେ, ସେଗୁଡିକୁ ବୁଝିବା ଓ ପ୍ରମାଣ କରିବା ପାଇଁ ଗଣିତଜ୍ଞଙ୍କୁ ଶହେ ବର୍ଷରୁ ଅଧିକ ସମୟ ଲାଗିଗଲା । ତାଙ୍କ ସମ୍ମାନରେ ୨୦୧୨ଠାରୁ ପ୍ରତ୍ୟେକ ବର୍ଷ ତାଙ୍କ ଜନ୍ମଦିବସକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି । ବୈଦିକ ଯୁଗରେ ଧର୍ମଗ୍ରନ୍ଥ ମଧ୍ୟରେ ଗଣିତ ରହିଛି । ଏହା ପାଇଁ ସ୍ୱତନ୍ତ୍ର ପୁସ୍ତକ ନ ଥିଲା । ଖ୍ରୀ.ପୂ. ୮୦୦ରୁ ଖ୍ରୀ.ପୂ. ୨୦୦ ମଧ୍ୟରେ ଲିଖିତ ଶୁଲ୍ବ ସୂତ୍ରଗୁଡିକରେ ଜ୍ୟାମିତିର ଅନେକ ସୂତ୍ର ଅଛି । ହିନ୍ଦୁମାନଙ୍କର ପୂଜା ପାଇଁ ଯଜ୍ଞବେଦୀ ନିର୍ମାଣ ନିମିତ୍ତ ଆବଶ୍ୟକ ହେବାରୁ ଏଥିରେ ଜ୍ୟାମିତିର ଅନେକ ସୂତ୍ର ଓ ନିୟମ ଦର୍ଶାଯାଇଛି । ଜ୍ୟାମିତିର ଗୋଟିଏ ପ୍ରମୁଖ ଉପପାଦ୍ୟ ହେଉଛି ପିଥାଗୋରାସ୍ ଉପପାଦ୍ୟ । ଗ୍ରୀକ୍ ଗଣିତଜ୍ଞ ପିଥାଗୋରାସ୍ ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ଏହାକୁ ଆବିଷ୍କାର କରିଥିବାରୁ ଏହା ଗଣିତ ଇତିହାସରେ ତାଙ୍କ ନାମ ବହନ କରିଛି । କିନ୍ତୁ ତାଙ୍କର ପ୍ରାୟ ତିନିଶହ ବର୍ଷ ପୂର୍ବରୁ ଆମ ଦେଶର ବୌଧାୟନ ଏହାକୁ ତାଙ୍କର ଶୂଲ୍ୟ ସୂତ୍ରରେ ଲେଖିବା ସହିତ ଅନେକ ଉଦାହରଣ ଦେଇଛନ୍ତି। ପଞ୍ଚମ ଶତାବ୍ଦୀ ପରେ ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ମହାବୀର ଭାସ୍କରାଚାର୍ଯ୍ୟ ପ୍ରମୁଖ ମନୀଷୀମାନେ ଧର୍ମରୁ ଗଣିତକୁ ପୃଥକ୍ କରି ସ୍ୱତନ୍ତ୍ର ଭାବେ ଗଣିତ ଗବେଷଣା କଲେ । ଏମାନେ ପ୍ରାୟ ସମସ୍ତେ ଜ୍ୟୋତିର୍ବିଦ୍ ଥିଲେ ଏବଂ ଜ୍ୟୋତିର୍ବିଜ୍ଞାନ ଗବେଷଣାରେ ଆବଶ୍ୟକ ହେବାରୁ ସେମାନେ ଗଣିତର ବିକାଶ କରିଥିଲେ। ଗଣିତ ଜଗତକୁ ଭାରତର ଶ୍ରେଷ୍ଠ ଅବଦାନ ଆମମାନଙ୍କୁ ଗଣିବା ଶିଖାଇଛି, ଯାହା ବିନା କୌଣସି ଉଲ୍ଲେଖନୀୟ ବିଜ୍ଞାନ ଆବିଷ୍କାର କରାଯାଇପାରି ନ ଥାଆନ୍ତା । ଭାରତରେ ତ୍ରିକୋଣମିତି ଓ ବୀଜଗଣିତର ସୂତ୍ରପାତ ହୋଇଥିଲା । ତ୍ରିକୋଣମିତିରୁ ଏହାର ଇଂଲିଶ ନାମ ଟ୍ରିଗୋଣୋମେଟ୍ରି ହୋଇଛି । କାଲକୁଲ୍ସର ଆବିଷ୍କାରକୁ ନେଇ ୟୁରୋପରେ ନିଉଟନ ଓ ଲିବନିଜଙ୍କ ମଧ୍ୟରେ ବାଦାନୁବାଦ ଚାଲିଥିଲା କିନ୍ତୁ ସେମାନଙ୍କ ପାଞ୍ଚ ଶହ ବର୍ଷ ପୂର୍ବରୁ ଭାରତରେ ଭାସ୍କରାଚାର୍ଯ୍ୟ ଏହାର ବୀଜ ବପନ କରିଥିଲେ । କେରଳ ଗଣିତଜ୍ଞ ମାଧବ ପଞ୍ଚଦଶ ଶତାବ୍ଦୀରେ ସାଇନ ଓ କୋସାଇନ ପ୍ରସାରଣ ଶ୍ରେଣୀ ଆବିଷ୍କାର କରିଥିଲେ । ଏହାର ଦୁଇଶହ ବର୍ଷ ପରେ ଇଂଲିଶ ଗଣିତଜ୍ଞ ନିଉଟନ ଏହାକୁ ପୁନଃଆବିଷ୍କାର କଲେ । କେରଳରେ ରଚିତ 'ସଦରତ୍ନମାଳା' ପୁସ୍ତକରେ 'ପାଏ'ର ଯେଉଁ ମୂଲ୍ୟ ଦିଆଯାଇଛି, ତାହା ସତରଟି ସ୍ଥାନ ପର୍ଯ୍ୟନ୍ତ ସଠିକ । ଏହିଭଳି ଭାରତରେ ଆବିଷ୍କୃତ ଅନେକ ଗଣିତ ତତ୍ତ୍ୱ ଅଛି, ଯାହା ପରେ ୟୁରୋପରେ ପୁନଃ ଆବିଷ୍କୃତ ହୋଇଛି ଏବଂ ୟୁରୋପୀୟ ଗଣିତଜ୍ଞମାନେ ଏହାର ଗୌରବ ନେଇଛନ୍ତି।


ଶ୍ରୀନିବାସ ରାମାନୁଜନ

– ଇଂ. ମାୟାଧର ସ୍ୱାଇଁ
ମୋ : ୯୪୩୮୬୯୩୭୨୪

# ପାଳିଛନ୍ତି ୪୮୦ ବିଲେଇ



**ନୂଆଦିଲ୍ଲୀ:** ସଉକରେ ଅନେକେ ଘରେ କୁକୁର କି ବିଲେଇ ଆଦି ପୋଷା ମନାଇ ରଖିଥାନ୍ତି। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ ଗୋଟିଏ କି ଦୁଇଟି ନୁହେଁ ୪୮୦ଟି ବିଲେଇ ଆଉ ୧୨ଟା କୁକୁରକୁ ପୋଷା ମନାଇ ରଖିଛନ୍ତି। ଆହୁରି ଅନେକ ପ୍ରକାରର ପଶୁପକ୍ଷୀଙ୍କୁ ବି ସେ ଘରେ ରଖିଛନ୍ତି। ଏମିତି ଜଣେ ଭିନ୍ନ ବ୍ୟକ୍ତିତ୍ୱ ହେଉଛନ୍ତି ମସ୍କଟରେ ରହୁଥିବା ମରିୟମ୍ ଅଲ୍ ବଲୁଶୀ। ଏତେଗୁଡ଼ିଏ କୁକୁର, ବିଲେଇଙ୍କୁ ଘରେ ରଖି ନିଜେ ବେଶ୍ ଆତ୍ମସନ୍ତୋଷ ଲାଭ କରନ୍ତି ମରିୟମ୍। ପ୍ରତି ମାସରେ ପାଖାପାଖି ମାସକୁ ୬ ଲକ୍ଷ ଟଙ୍କା ବି ଖର୍ଚ୍ଚ କରନ୍ତି। ତାଙ୍କର ଏହି ପୋଷା ଜୀବଙ୍କ ମଧ୍ୟରେ ୧୨ଟି ପୋଷା ଜୀବ ଦୃଷ୍ଟିହୀନ। ତେଣୁ ସେମାନଙ୍କୁ ସେ ନିଜେ ଖୁଆଇପିଆଇବା ସହିତ ତାଙ୍କର ଯତ୍ନ ନେଇଥାନ୍ତି। ମରିୟମ ଗଳିକନ୍ଦିରେ ବୁଲୁଥିବା ବିଲେଇ କୁକୁର ଆଦିକୁ ପାଳନ କରିଥାନ୍ତି।

# ବୋତଲରେ ଭର୍ଟିକାଲ ଗାର୍ଡେନ

**ଲୁଧିଆନା:** ବାୟୁ ପ୍ରଦୂଷଣର ମୁକାବିଲା ନିମନ୍ତେ ଜଣେ ଆଇଆର୍‌ଏସ୍ ଅଧିକାରୀ ଅବ୍ୟବହୃତ ପାଣି ବୋତଲଗୁଡ଼ିକୁ ଉପଯୋଗକରି ଭର୍ଟିକାଲ ଗାର୍ଡେନ ଅଭିଯାନ ଚଳାଇଛନ୍ତି। ଲୁଧିଆନାର ଆୟକର ବିଭାଗର ଆଡିସନାଲ କମିଶନର ରୋହିତ ମେହେର ପ୍ରାୟ ୭୦ ଟନ୍‌ରୁ ଊର୍ଦ୍ଧ୍ୱ ଅବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ବ୍ୟବହାରକରି ୫ଶହରୁ ଊର୍ଦ୍ଧ୍ୱ ଭର୍ଟିକାଲ ଗାର୍ଡେନ ତିଆରି କରିଛନ୍ତି। ସର୍ବସାଧାରଣ ସ୍ଥାନ ତଥା ସ୍କୁଲ, କଲେଜ, ଗୁରୁଦ୍ୱାର, ଚର୍ଚ୍ଚ, ଥାନା, ରେଲ୍‌ୱେ ଷ୍ଟେଶନ ଏବଂ ସରକାରୀ କାର୍ଯ୍ୟାଳୟ ପରିସରରେ ସେ ଏଭଳି ଗାର୍ଡେନ ସୃଷ୍ଟି କରିଛନ୍ତି। ଏହାଦ୍ୱାରା ବାୟୁ ପ୍ରଦୂଷଣକୁ ରୋକିବା ତାଙ୍କର ଲକ୍ଷ୍ୟ। ୪ବର୍ଷ ତଳେ ଅତ୍ୟଧିକ ବାୟୁ ପ୍ରଦୂଷଣ କାରଣରୁ ପିଲାଙ୍କ ସ୍କୁଲ ବନ୍ଦ ଘୋଷଣା କରାଯାଇଥିଲା। ଏ ବିଷୟରେ ଚିନ୍ତା କରିବା ସହ ସେ ଭର୍ଟିକାଲ ଗାର୍ଡେନ ଅଭିଯାନ ଆରମ୍ଭ କରିଥିଲେ। ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟର ଜଣେ ବୈଜ୍ଞାନିକ ଏ ଉପରେ ଗବେଷଣାକରି ଜାଣିବାକୁ ପାଇଛନ୍ତି ଯେ, ଭର୍ଟିକାଲ ଗାର୍ଡେନ ରହିଥିବା ସ୍ଥାନରେ ୭୫ ପ୍ରତିଶତ କମ୍ ବାୟୁ ପ୍ରଦୂଷଣ ଦେଖାଯାଇଥାଏ। ଏହା ବ୍ୟତୀତ ଡ୍ରିପ୍ ଇରିଗେସନ ଯୋଗୁ ଏହି ବଗିଚା ୯୨ ପ୍ରତିଶତ ଜଳ ସଂରକ୍ଷଣ ମଧ୍ୟ କରିଥାଏ।




## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଅଶୋକ କୁମାର ପଟ୍ଟନାୟକ
ମୁଖ୍ୟ ନକ୍ସାଙ୍କନକାରୀ
ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ
ତିରୋଧାନ- ୧୨.୧୨.୨୦୨୦ ରିଖ
ତମ ସ୍ମୃତି ଆମ୍ଭମାନଙ୍କ ମାନସ ପଟରେ ସବୁବେଳେ ଉଜ୍ଜୀବିତ ।
କୋହଭରା କଣ୍ଠ ସହ
ଜଳସେଚନ ସାଂସ୍କୃତିକ ପରିଷଦ
ସେଚସଦନ, ଭୁବନେଶ୍ୱର
ଧ-୭୦୦୬୬

ଅଷ୍ଟମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



✓ଶ୍ରୀମତୀ କନକଲତା ମହାନ୍ତି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ବୋଉ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଆଶୀର୍ବାଦ ସବୁବେଳେ ଆମ୍ଭମାନଙ୍କ ଉପରେ ଥାଉ।
ଶୋକସନ୍ତପ୍ତ:
ସ୍ୱାମୀ ଏବଂ ସପରିବାର
ଧ-୬୯୬୬୪



## CLASSIFIED DISPLAY

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8895436721

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
PLOT NO. 359, 1ST FLOOR, SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଘରକରଣା

➡ ରୋଷେଇ ଘରର ସିଙ୍କ ଜାମ୍ ହୋଇଥିଲେ ଏକ ବଡ଼ ଚାମଚ ବେକିଂ ସୋଡା, ଏକ ଚାମଚ ଭିନେଗାର, ଏକ ଚାମଚ ବ୍ଲିଚିଂ ମିଶାଇ ପକାଇ ଦିଅନ୍ତୁ। କିଛି ସମୟ ମଧ୍ୟରେ ପାଇପ୍‌ରେ ଥିବା ମଇଳା ଚାଲିଯିବ।



➡ ବହୁଦିନ ଧରି ଘର ବନ୍ଦ ରହିବା ଫଳରେ ଯଦି ଘର ଦୁର୍ଗନ୍ଧ ହେଉଥାଏ ତେବେ ତୁରନ୍ତ ଘରର କବାଟ ଝରକା ସବୁ ଖୋଲି ଦିଅନ୍ତୁ। ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ କବାଟ ଝରକା ଖୋଲା ରଖନ୍ତୁ, ଘର ଭିତରକୁ ମୁକ୍ତ ବାୟୁ ପ୍ରବେଶ କରିବ।

➡ ଫ୍ରିଜରେ କୌଣସି ପରିବା ଓ ଫଳ ପଚି ଗନ୍ଧ ହେଉଥିଲେ ତୁରନ୍ତ ବାହାର କରି ଫିଙ୍ଗି ଦିଅନ୍ତୁ। ଫ୍ରିଜ୍ ଗନ୍ଧ ହେଉଥିବା ସମୟରେ ସେଥିରେ କୌଣସି ରନ୍ଧା ଖାଦ୍ୟ ରଖନ୍ତୁ ନାହିଁ। ଫ୍ରିଜ୍ ସଫା କରିବା ପରେ ବି ସେଥିରୁ ଯଦି ଗନ୍ଧ ହେଉଥାଏ ତେବେ ସେଥିରେ ଏକ ଲେମ୍ବୁକୁ କାଟି ରଖି ଦିଅନ୍ତୁ।



➡ ଘରର ଦୁର୍ଗନ୍ଧ ଦୂର କରିବା ପାଇଁ ଘରେ ଡାଳଚିନି, ଲବଙ୍ଗକୁ ପାଣିରେ ଫୁଟାଇ କିଛି ସମୟ ପରେ ସେହି ପାଣିକୁ ରୁମ୍ ଫ୍ରେଶନର୍ ଭଳି ବ୍ୟବହାର କରିପାରିବେ।

➡ ଡ୍ରେସ ସଫା କରିବା ସମୟରେ ପାଣିରେ କିଛି ବେକିଂ ସୋଡା ପକାଇ ଦିଅନ୍ତୁ। କପଡାର ଗନ୍ଧ ରହିବ ନାହିଁ।

# ପିଲାଙ୍କ ଗାଇଡ୍‌ଲାଇନ୍ ଟିପ୍ସ

**ଲକ୍‌ଡାଉନ୍ ପରେ ପିଲାମାନେ ସବୁବେଳେ ଘରେ ରହିବା ଫଳରେ ଅଧିକାଂଶ ଚିଡ଼ିଚିଡ଼ା ହୋଇ ଯାଇଛନ୍ତି। ତେବେ ଆପଣଙ୍କ ପିଲାର ଏଭଳି ଅବସ୍ଥା ହୋଇଥିଲେ କ'ଣ କରିବେ ଜାଣିରଖନ୍ତୁ...**

- ପିଲାଙ୍କୁ କୌଣସି ସମୟରେ ବି ନ ରାଗିବା ପାଇଁ ବୁଝାନ୍ତୁ। ରାଗିବା ଫଳରେ ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଖରାପ ହେବ ବୋଲି ବୁଝାନ୍ତୁ।
- ଆବଶ୍ୟକ ହେଲେ ପିଲାଙ୍କ ଚିନ୍ତା ଦୂର କରିବା ପାଇଁ ନିଜେ ଚେଷ୍ଟା କରନ୍ତୁ।
- ପିଲାଙ୍କ ପ୍ରତି ନିଜର ସହାନୁଭୂତି ବଢାନ୍ତୁ। ନିଜେ ନିଜ ଉପରେ ନିୟନ୍ତ୍ରଣ ରଖି ପିଲାଙ୍କ ସହିଷ୍ଣୁତା ଓ ସହାନୁଭୂତି ଆଦି ଗୁଣର ବିକାଶ କରାନ୍ତୁ।
- ସବୁ ସମସ୍ୟା ସଙ୍ଗେ ସଙ୍ଗେ ସମାଧାନ ହୋଇଯାଏ। ତେଣୁ ଧୈର୍ଯ୍ୟର ସହିତ ସବୁ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରନ୍ତୁ।
- ପିଲାକୁ କେଉଁ କେଉଁ ସମୟରେ ଓ କଥାରେ କ୍ରୋଧ ଆସୁଛି ଲକ୍ଷ୍ୟ କରନ୍ତୁ। ପରେ ପିଲାକୁ ସେହି ସବୁ ସମୟର ଉଦାହରଣ ଦେଇ ପରିବର୍ତ୍ତନ ପାଇଁ ବୁଝାନ୍ତୁ।
- ପିଲାଙ୍କୁ ଧ୍ୟାନ, ଯୋଗାସନ ଆଦି ବିଭିନ୍ନ କାମ ମାଧ୍ୟମରେ ସକାରାତ୍ମକ ଗୁଣ ବଢାଇବାକୁ ପ୍ରୟାସ କରନ୍ତୁ।
- ପିଲାଙ୍କୁ କିଛି ଘର କାମରେ ସାମିଲ କରନ୍ତୁ। ଫଳରେ ସେମାନଙ୍କ ସମୟ ଅତିବାହିତ ହେବା



ସହିତ ଅବସାଦ କମ୍ ହେବ। ଏହା ସହିତ ସେମାନଙ୍କୁ ଅଧିକ ସ୍ନେହ କରନ୍ତୁ ଏବଂ ସେମାନଙ୍କ କାମର ପ୍ରଶଂସା ବି କରନ୍ତୁ।
- ପିଲାଙ୍କୁ ପାଠ ବ୍ୟତୀତ ରଚନା, କବିତା, ଗପ ଆଦି ଲେଖିବା, ପେଣ୍ଟିଂ କରିବା ଭଳି କାମ କରିବା ପ୍ରତି ଆକୃଷ୍ଟ କରାନ୍ତୁ। ସେମାନଙ୍କୁ ଚିନ୍ତା ମୁକ୍ତ କରିବାରେ ସାହାଯ୍ୟ କରିବ।
- ସବୁଠୁ ବଡ଼ କଥା ହେଉଛି ପରିବାରରେ ଅଭିଭାବକମାନେ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣି ପିଲାଙ୍କ ସହ ଭଲଭାବେ ମିଶନ୍ତୁ।

# ନାହିଁ ସେଇ ମଜା



**ଆରମ୍ଭ ହୋଇଗଲାଣି ପିକ୍‌ନିକ୍‌ର ଋତୁ। ହେଲେ କରୋନା ପାଇଁ ଏଥର ଫିକା ପଡ଼ିଛି ପିକ୍‌ନିକ୍। ପୂର୍ବବର୍ଷ ଭଳି ପିକ୍‌ନିକ୍‌ର ମଜା ନ ଥିଲେ ବି କଟକଣା ଭିତରେ ଚାଲିଛି ବୁଲାବୁଲି। ଆଉ ଏବେ ଫ୍ୟାମିଲି ପିକ୍‌ନିକ୍‌ର ସମୟ ହୋଇଥିବାରୁ ଗୃହିଣୀମାନଙ୍କୁ ହିଁ ସବୁକିଛି ସାଙ୍ଗରେ ନେଇ ପ୍ରସ୍ତୁତ ହୋଇ ଯିବାକୁ ପଡୁଛି...**

**ଦୂର ଜାଗା ମନା:** କରୋନା ପାଇଁ ଲାଗିଥିବା କଟକଣା କାରଣରୁ ଏବର୍ଷ ବୁଲାବୁଲି କରିବାର ସୁଯୋଗ ମିଳିନି। ହେଲେ ବର୍ଷ ଶେଷ ବେଳକୁ ଖ୍ରୀଷ୍ଟମାସ ଆଉ ନୂଆବର୍ଷ ପାଳିବାକୁ ଲୋକଙ୍କ ମନରେ କିଛିଟା ଉତ୍ସାହ ଦେଖାଦେଇଛି। ଏପଟେ କଟକଣା ଟିକିଏ କୋହଳ ହୋଇଥିବାରୁ ବିଭିନ୍ନ ପର୍ଯ୍ୟଟନ ସ୍ଥାନକୁ ଯିବାର ଅନୁମତି ବି ମିଳିଲାଣି। ତେଣୁ ପିଲାଙ୍କୁ ସପରିବାରରେ ଧରି ଏବେ ଅନେକେ ପିକ୍‌ନିକ୍ କରିବା ଆରମ୍ଭ କରିଛନ୍ତି। କରୋନା କଟକଣା ଭିତରେ ପିକ୍‌ନିକ୍ ପାଇଁ ଲୋକେ ଏବେ ପାଖ ସ୍ଥାନକୁ ହିଁ ଯିବାକୁ ଇଚ୍ଛା କରୁଛନ୍ତି।

**ସାନିଟାଇଜର, ମାସ୍କ:** ଆଗରୁ ପିକ୍‌ନିକ୍ ଯିବା ପୂର୍ବରୁ ପାଣି ବୋତଲ, ଖାଦ୍ୟ, ପୋଷାକ ଆଦି ବିଭିନ୍ନ ଜିନିଷ ସାଇତି ସାଙ୍ଗରେ ନେବାକୁ ପଡୁଥିଲା, କିନ୍ତୁ ଏବେ ସର୍ବପ୍ରଥମେ ସାନିଟାଇଜର ଆଉ ମାସ୍କର ଆବଶ୍ୟକତା ରହିଛି। କୌଣସି ସ୍ଥାନକୁ ଯିବା ପରେ ସେଠାରେ ପ୍ରଥମେ ସାନିଟାଇଜ୍ କରିବା ଉଚିତ। ଏହା ସହିତ ବାହାରେ ଲୋକଙ୍କ ସଂସ୍ପର୍ଶରେ ଆସିବାବେଳେ ମାସ୍କ ପିନ୍ଧିବା କିମ୍ବା ଦୂରତା ବଜାୟ ରଖିବା ନିହାତିଭାବେ ବୁଦ୍ଧିମାନର କଥା।

**ପିକ୍‌ନିକ୍ ସ୍ପଟ:** ପିକ୍‌ନିକ୍ କରିବା ପାଇଁ ପ୍ରାୟତଃ ଲୋକେ ବସ୍ କିମ୍ବା ଟ୍ରେନ ଅବା ନିଜର ଗାଡ଼ି କରି ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। କିନ୍ତୁ ଏଥର କରୋନା ସବୁଥିରେ ବ୍ରେକ୍ ଲଗାଇଛି। ଲୋକେ କଟକଣା ଭିତରେ ପିକ୍‌ନିକ୍ ତ କରୁଛନ୍ତି, କିନ୍ତୁ ପିକ୍‌ନିକ୍ ନିମନ୍ତେ





ପୂର୍ବଭଳି ବିଭିନ୍ନ ପର୍ଯ୍ୟଟନ ସ୍ଥାନ ଯାଉ ନାହାନ୍ତି। ଘରେ ସମସ୍ତେ ଏକାଠି ବାହାରକୁ ଆସି ଶପିଂ କରିବା କି ବୁଲାବୁଲି କରି ଖିଆପିଆ କରିବା ବି ଏବେ ପିକ୍‌ନିକ୍ ଭଳି ମଜା ନେଉଛନ୍ତି। କାରଣ ମାସ ମାସ ଧରି ଘର ଭିତରେ ରହିବା ଫଳରେ ସମସ୍ତେ ଏକାଠି ହୋଇ ବାହାରେ ବୁଲିବା ବି ଏକପ୍ରକାରର ପିକ୍‌ନିକ୍। ତା' ଛଡ଼ା ପିକ୍‌ନିକ୍ ସ୍ପଟଗୁଡ଼ିକ କାଳେ ଗହଳି ହେଉଥିବ ଭାବି ଅନେକେ ମଧ୍ୟ ସେଠାକୁ ଯାଉ ନାହାନ୍ତି।

**ବେପାର ମାନ୍ଦା:** ପିକ୍‌ନିକ୍ ପାଇଁ ବିଭିନ୍ନ ସଂସ୍ଥା ଦୁଇ ଦିନିଆ, ପାଞ୍ଚ ଦିନିଆ, ସାତ ଦିନିଆ କି ୧୫ ଦିନିଆ ପ୍ୟାକେଜ୍ ବି ଦେଇଥାନ୍ତି। ସାଧାରଣତଃ ପରିବାରର ସବୁ ସଦସ୍ୟ ବର୍ଷକୁ ଥରେ ଏହି ସମୟରେ ଖ୍ରୀଷ୍ଟମାସ ଆଉ ନୂଆବର୍ଷ ଛୁଟିଥିବାରୁ ପିକ୍‌ନିକ୍ କରିବାକୁ ଯାଇଥାନ୍ତି। ଏବର୍ଷ କିନ୍ତୁ କରୋନା ପାଇଁ ବିଭିନ୍ନ ଟ୍ରାଭେଲ ଏଜେନ୍ସିରେ ଆଉ ଭିଡ଼ ହୋଇନି। କାରଣ ଲୋକେ ପିକ୍‌ନିକ୍ ପାଇଁ ଦୂର ଜାଗାକୁ ଯାଇ ନାହାନ୍ତି। ଏହି ଦୃଷ୍ଟିରୁ ଟ୍ରାଭେଲ ଏଜେନ୍ସିଗୁଡ଼ିକର ବେପାର ବି ଢେର୍ ମାନ୍ଦା ପଡ଼ିଛି।

**ଘର ଖାଦ୍ୟ:** କାଁ ଭାଁ ପିକ୍‌ନିକ୍ ପାଇଁ ପରିବାର ମିଶି କେଉଁଠିକୁ ଯାଉଛନ୍ତି। ହେଲେ ଏଥିପାଇଁ ଗୃହିଣୀମାନେ ପ୍ରାୟତଃ ଘରୁ ଖାଦ୍ୟ ତିଆରି କରିବା ପାଇଁ ଚେଷ୍ଟା କରୁଛନ୍ତି। କରୋନା ପାଇଁ ଏବେ ଗୃହିଣୀମାନେ ବେଶି ସଚେତନ। ପରିବାରରେ ସମସ୍ତଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନେ ନିଜେ ଖାଦ୍ୟ ତିଆରି କରି ସାଙ୍ଗରେ ନେବାକୁ ଉଚିତ ମନେ କରୁଛନ୍ତି। ନିହାତି ଛୋଟ ମୋଟ ସ୍ନାକ୍ସ ହୁଏତ ବାହାରୁ କିଣି ଖାଇହେବ କିନ୍ତୁ ମୁଖ୍ୟ ରନ୍ଧା ଖାଦ୍ୟ ଘରେ ଖାଇବା ଭଲ ବୋଲି ଗୃହିଣୀମାନେ ମତ ଦେଉଛନ୍ତି।



ସ୍ୱିତାଞ୍ଜଳି



ପ୍ରଭାସିନୀ



ଅଭୀପ୍ସା



ରିତୁ ରୌମ୍ୟା

## ଏମାନେ ଯାହା କହନ୍ତି

**ଅପେକ୍ଷା ଆରବର୍ଷକୁ:** ପ୍ରତିବର୍ଷ ଆମେ ଡିସେମ୍ବର ମାସରେ ଫ୍ୟାମିଲି ପିକ୍‌ନିକ୍‌ରେ ଯାଉ। କିନ୍ତୁ ଏଥର ପିକ୍‌ନିକ୍ ପାଇଁ କୌଣସି ଦୂର ଜାଗାକୁ ଯାଇ ହେଲାନି। ବାବା ମନାକଲେ କରୋନା ପାଇଁ ଦୂରକୁ ଯାଇହେବନି, ତେଣୁ ଏଇଠି ପାଖକୁ ଯାଇ ବୁଲି ଆସିବା। ସେଥିପାଇଁ ଆମେ କୋଣାର୍କ ଯାଇଥିଲୁ। ମନ୍ଦିର ଭିତରକୁ ସିନା ଯାଇ ପାରିଲୁନି ହେଲେ ବେଳାଭୂମିରେ କିଛି ସମୟ କଟାଇ ଗୋଟିଏ ଦିନରେ ଫେରି ଆସିଲୁ। ହେଲେ ପିକ୍‌ନିକ୍‌ରେ ବି ଆମକୁ ଘର ତିଆରି ଖାଇବା ଜିନିଷ ହିଁ ମିଳିଲା। ମାମା ଘରୁ ସବୁ ରୋଷେଇ କରି ନେଇଥିଲେ ଆମେ ସେଇଠି ବସି ଖାଇଲୁ। ବାହାରୁ କିଛି ଖାଇବା ପାଇଁ ବାବା ମନାକଲେ। କରୋନା ପାଇଁ ପିକ୍‌ନିକ୍‌ର କିଛି ମଜା ଆସିଲାନି। ସେଥିପାଇଁ ବାବା କହିଛନ୍ତି କରୋନା ପୂରା କମିଗଲେ ଆଉ ଥରେ ଆମେ ପିକ୍‌ନିକ୍ କରିବୁ।

*-ଅଭୀପ୍ସା ପତି, ଯୁକ୍ତ ଦୁଇ ଛାତ୍ରୀ, ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ*

**ଗାଁକୁ ଗଲେ ପିକ୍‌ନିକ୍ ଭଳି ଲାଗେ**

ଏବର୍ଷ ପିକ୍‌ନିକ୍ ଯିବାକଥା ଆମେ ଭାବିନୁ। କରୋନା ପାଇଁ ତ ସବୁଆଡ଼େ କଟକଣା। ତେଣୁ ପିକ୍‌ନିକ୍‌ର କିଛି ମଜା ଆସିବନି। କିନ୍ତୁ ନୂଆ ବର୍ଷରେ କେତେଜଣ ନିକଟ ସମ୍ପର୍କୀୟଙ୍କ ସହିତ ଏକାଠି ମିଶି ପାର୍ଟି କରିବୁ ବୋଲି ଭାବିଛୁ। ସେଥିପାଇଁ ଆମେ ସମସ୍ତେ ଗାଁକୁ ଯିବୁ ଆଉ ନୂଆବର୍ଷ ପରଦିନ ଫେରି ଆସିବୁ। ଅବଶ୍ୟ ଗାଁରେ ଥରେ ବୁଲି ଆସିଲେ ପିକ୍‌ନିକ୍ ଭଳି ହିଁ ଲାଗିଥାଏ। କିନ୍ତୁ ଦୂର ଜାଗାକୁ ଏବର୍ଷ ଯାଇ ହେଲାନି।

*-ରିତୁ ରୌମ୍ୟା ସାମଲ, ଫିଜିକ୍ସ ଛାତ୍ରୀ, କିଟ୍, ଭୁବନେଶ୍ୱର*

**ବୁଲାବୁଲି କଲେ ପିକ୍‌ନିକ୍ ଭଳି ଲାଗୁଛି:** ଏବର୍ଷ ଆରମ୍ଭରୁ ପ୍ରାୟ ବର୍ଷେ ହେଲାଣି ଘରେ ରହି ସମସ୍ତେ ବୋର୍ ହୋଇଗଲେଣି। ତେଣୁ ପିକ୍‌ନିକ୍ ଯାଇ ନ ଥିଲେ ପିଲାଙ୍କ ମୁଣ୍ଡ ଖରାପ ହୋଇ ଯାଇଥାନ୍ତା। ପାଖ ଜାଗା ସବୁ ହେଉ ପଛକେ ସମସ୍ତେ ଏକାଠି ଟିକେ ବାହାରକୁ ଯାଇ ବୁଲାବୁଲି କରି ଖିଆପିଆ କରି ଆସିଲୁଣି। ନୂଆବର୍ଷକୁ ଟିକେ ଭଲକି ମନେଇବାକୁ ପ୍ଲାନ କରିଛୁ। ଏବେ କରୋନା ଭୟ ଟିକେ କମ୍ ହୋଇଥିବାରୁ ଆମେ ସମସ୍ତେ ବାହାରକୁ ମାସ୍କ ପିନ୍ଧି ସାନିଟାଇଜର ନେଇ ଯାଉଛୁ ଆଉ ପରିଷ୍କାର ପରିଚ୍ଛନ୍ନ ହୋଟେଲ ଦେଖି ଖାଉଛୁ।

*-ପ୍ରଭାସିନୀ ସାମନ୍ତରାୟ, ଗୃହିଣୀ, ରାମ୍ପୋ, ମାର୍କୋଣା, ବାଲେଶ୍ୱର*

**ବେଶି ମଜା ଲାଗିଲାନି:** ପିକ୍‌ନିକ୍ ତ ଆମେ ଯାଇଥିଲୁ। କରୋନା କଟକଣା ଟିକେ କୋହଳ ହେଲାଣି ବୋଲି ପିଲାମାନଙ୍କ ସହ ଯାଇ ଟିକେ ବୁଲି ଆସିଲୁ। ଗୋଟିଏ ଦିନରେ କେବଳ ଏଇ ପାଖ ଜାଗାକୁ ଯାଇ ଫେରି ଆସିଲୁ। ମତେ କିନ୍ତୁ ଏଥର ପିକ୍‌ନିକ୍‌ର ମଜା ଜମାରୁ ଆସିଲାନି। କାହିଁକି ନା ସବୁ ଦିନ ଭଳି ମୁଁ ହିଁ ରୋଷେଇ କରି ଘରୁ ସାଙ୍ଗରେ ନେଇଗଲି ଆଉ ପାର୍କରେ ବସି ମୁଁ ହିଁ ଖାଦ୍ୟ ପରଷିଲି। କରୋନା ପାଇଁ କୌଣସି ହୋଟେଲରେ ଖାଇଲୁନି। ବାହାରେ ବୁଲି ବାହାରେ ଖାଇବାର ମଜା ଟିକେ ଅଲଗା। ଖାଲି ପିଲାମାନେ ଜିଦ୍ କଲେ ବୋଲି ଆମେ ସମସ୍ତେ ଗୋଟିଏ ଗାଡ଼ିରେ ଯାଇ ଫେରି ଆସିଲୁ।

*-ସ୍ୱିତାଞ୍ଜଳି ବେହେରା, ଗୃହିଣୀ, ପ୍ରତାପନଗରୀ, କଟକ*



**ଖାଦ୍ୟ ରୁଚି**

# ଦଲିଆ କେକ୍



**ଆବଶ୍ୟକ ସାମଗ୍ରୀ–** ଦଲିଆ– ୩,୪ କପ୍, ସୁଜି– ୧/୪ କପ୍, ପରିବା(ଗାଜର, ବିନ୍ସ, ମଟର)– ୧ କପ୍, ଅଦା ପେଷ୍ଟ ୧ ଚାମଚ, କଞ୍ଚାଲଙ୍କା ୧ଟି (ଛୋଟ କଟା), ଲଙ୍କାଗୁଣ୍ଡ– ୧ ଚାମଚ, ୧/୩ ହଳଦୀ ଗୁଣ୍ଡ, ଦହି– ୩/୪ କପ୍, ଲାଲ ଲଙ୍କା ଫ୍ଲେକ୍ସ– ଅଧା ଚାମଚ, ସୋରିଷ– ୧ ଚାମଚ, ଜିରା– ୧ ଚାମଚ, ବେକିଂ ସୋଡା– ଅଧା ଚାମଚ, ଭୃସଙ୍ଗପତ୍ର– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ପାଣି।

**ପ୍ରଣାଳୀ–** ଦଲିଆ, ସୁଜି ଓ ଦହିକୁ ମିଶାଇ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ପରିବା କଟା, ଅଦା ପେଷ୍ଟ, କଞ୍ଚା ଲଙ୍କା, ଲଙ୍କା ଫ୍ଲେକ୍ସ, ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ ପକାଇ ସେଥିରେ ପାଣି ମିଶାଇ ଗୋଳାନ୍ତୁ। କଡ଼େଇରେ ସୋରିଷ ତେଲ ଗରମ କରି ସେଥିରେ ସୋରିଷ ଫୁଟାଇ ଭୃସଙ୍ଗପତ୍ର ପକାନ୍ତୁ। ଏହି ଫୁଟଣକୁ ଦଲିଆ ମିଶ୍ରଣରେ ପକାଇ ସମସ୍ତ ପରିବା ମଧ୍ୟ ପକାନ୍ତୁ। ମିଶାଇବା ସମୟରେ ବେକିଂ ସୋଡା ପକାଇ ମିଶାନ୍ତୁ। ଏହାପରେ କେକ୍ ପାତ୍ରରେ ଘିଅ ଲଗାଇ ଏହି ମିଶ୍ରଣକୁ ଓଭାନରେ ୨୦୦ ଡିଗ୍ରୀ ତାପମାତ୍ରାରେ ଅଧଘଣ୍ଟା ବସାନ୍ତୁ। କେକ୍ ହୋଇଗଲା ପରେ ଓଭାନରୁ କାଢି ଏହାକୁ ଥଣ୍ଡା କରି ପୁଦିନା ଚଟଣି ସହିତ ଖାଆନ୍ତୁ।



**ସୌନ୍ଦର୍ଯ୍ୟ**

# ଶୀତ ଦିନେ ତ୍ୱଚାର ଯତ୍ନ

**ଶୀତଦିନେ ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇ ଫାଟିବା ଭଳି ସମସ୍ୟା ଦେଖାଯାଏ। ତେଣୁ ଏହାର ଉପଯୁକ୍ତ ଯତ୍ନ ନ ନେଲେ ତ୍ୱଚା ଫାଟି ବେଳେବେଳେ ରକ୍ତ ବୋହିବା ଭଳି ସମସ୍ୟା ବି ଦେଖିବାକୁ ମିଳିଥାଏ। ଶୀତଦିନେ ଶୁଷ୍କ ତ୍ୱଚାର କିଭଳି ଯତ୍ନ ନେବେ ସେ ସମ୍ପର୍କରେ ଜାଣି ରଖନ୍ତୁ..**



➡ ଶୀତଦିନେ ତ୍ୱଚା ଅଧିକ ଶୁଷ୍କ ହୋଇଯାଉଥିଲେ ପ୍ରଚୁର ପାଣି ପିଅନ୍ତୁ। ଫଳରେ ତ୍ୱଚା ହାଇଡ୍ରେଟ୍ ରହିଥାଏ ଏବଂ ରୁକ୍ଷପଣ ଦୂର ହୋଇଥାଏ।

➡ ଖାଦ୍ୟପେୟରେ ସନ୍ତୁଳନ ରକ୍ଷା କରନ୍ତୁ। ତ୍ୱଚାର ଶୁଷ୍କପଣ ଦୂର କରିବା ପାଇଁ ବିଭିନ୍ନ ପ୍ରକାରର ଫଳ ଓ ପନିପରିବା ଅଧିକ ଖାଆନ୍ତୁ। ବିଶେଷକରି ଋତୁକାଳୀନ ଫଳ ଓ ପନିପରିବାକୁ ଅଧିକ ଖାଆନ୍ତୁ। ଏହା ବ୍ୟତୀତ ସୁପ୍, ସାଲାଡ, ଜୁସ୍ ଏବଂ କ୍ଷୀର ମଧ୍ୟ ନିଜ ଡାଏଟରେ ସାମିଲ କରନ୍ତୁ।

➡ ଶୀତଦିନେ ପିଇବା ପାଇଁ ହେଉ ବା ସ୍ନାନ କରିବା ପାଇଁ ହେଉ ଉଷୁମ ପାଣିର ବ୍ୟବହାର କରନ୍ତୁ। କିନ୍ତୁ ସାବଧାନ ଅଧିକ ଗରମ ପାଣି ବ୍ୟବହାର କରନ୍ତୁ ନାହିଁ। କାରଣ ଅଧିକ ଗରମ ପାଣି ସ୍ନାନ କିମ୍ବା ପିଇବା ପାଇଁ ବ୍ୟବହାର କଲେ ତାହା ତ୍ୱଚାର ତୈଳୀୟ ଅଂଶକୁ ନଷ୍ଟ କରି ଅଧିକ ଶୁଷ୍କ କରି ଦେଇଥାଏ।



➡ ସ୍ନାନ କରିବା ପରେ ପରେ ତ୍ୱଚାରେ ମଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ।

➡ ଶୀତଦିନେ ସ୍ନାନ କରିବା ସମୟରେ ଯେକୌଣସି ପ୍ରକାରର ତେଲ ମାଲିସ କରନ୍ତୁ, ତ୍ୱଚାର ଶୁଷ୍କପଣ ଦୂର କରିବ।

➡ ନିୟମିତ ବ୍ୟବଧାନରେ ଫେସିଆଲ ମଧ୍ୟ କରାଇ ନିଅନ୍ତୁ। ଏହାଫଳରେ ତ୍ୱଚାରେ ଥିବା ମୃତ ତ୍ୱଚା ବାହାରିଯାଇ ତ୍ୱଚା ନରମ ଓ କୋମଳ ରହିଥାଏ।

➡ ଶୀତଦିନେ ଗରମ ପାଣିରେ ବେଳେବେଳେ ଅଧିକ ସମୟ ସ୍ନାନ କରିବା ପାଇଁ ଇଚ୍ଛା ହୁଏ। କିନ୍ତୁ ଅଧିକ ସମୟ ସ୍ନାନ କରିବା ଫଳରେ ତ୍ୱଚାର ତୈଳୀୟ ଅଂଶ କମ୍ ହୋଇଯାଏ। ତେଣୁ ଉଷୁମ ପାଣିରେ ୫ ରୁ ୧୦ ମିନିଟ୍ ହିଁ ସ୍ନାନ କରନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ୨୨ ଡିସେମ୍ବର, ୨୦୨୦ Tuesday, December 22/2020

# ନିଖିଲ ଚାମ୍ପିୟନ, ଆରିନ ରନର୍ସଅପ୍

ଭୁବନେଶ୍ୱର, ୨୧।୧୨(କ୍ରୀଡ଼ା ପ୍ରତିନିଧି)

ଏସ୍ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ୍ ଚେସ୍ ପ୍ରତିଯୋଗିତାରେ ନିଖିଲ ସାହୁ ଚାମ୍ପିୟନ ଓ ଆରିନ ଅନ୍ୱେଷ ସ୍ୱାଇଁ ରନର୍ସଅପ୍

## ଏସ୍ଆର ଅନଲାଇନ୍ ଓପନ ଚେସ୍


ଚାମ୍ପିୟନ ନିଖିଲ ସାହୁ।

ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଷ୍ଟିୱାର୍ଟ ସ୍କୁଲର ନିଖିଲ ୫.୫ ଓ ଲୋୟଲା ସ୍କୁଲର ଆରିନ ୫ ପଏଣ୍ଟ ପାଇଥିଲେ। ଷ୍ଟିୱାର୍ଟ ସ୍କୁଲର ତନ୍ମୟ ତ୍ରିପାଠୀ ୪.୫ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଞ୍ଜୟ ପଟ୍ଟନାୟକ (୩.୫) ଭେଟେରାନ, ଧୀର ଚାୱଲା (୪) ୧୫ ବର୍ଷରୁ କମ୍, ତେଜାସ ଲୋହାନୀ (୪) ୧୩ ବର୍ଷରୁ କମ୍, ଶ୍ରୀନିବାସ ରଥ (୪.୫), ତ୍ରିଦେବ ତୀର୍ଥଙ୍କର (୪), ଆଦିତ୍ୟ ନାରାୟଣ ମହାନ୍ତି (୪) ୧୧ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ସେହିପରି ୯ ବର୍ଷରୁ କମ୍‌ରେ ରିଶିତ ଦେବନାଥ (୩), ଶୁଭମ୍ ପ୍ରତୀକ ମିଶ୍ର ୨), ସୂର୍ଯ୍ୟାଂଶୁ ମହାକୁଡ (୨) ଏବଂ ୭ ବର୍ଷରୁ କମ୍ ବର୍ଗରେ ଅଦିତି ମହାରଣା (୩) ଓ ଶୁଭସ୍ମିତା ପ୍ରିୟଦର୍ଶିନୀ (୨) ଭଲ ପ୍ରଦର୍ଶନ କରିଥିଲେ। ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର ମାନସ ରଞ୍ଜନ ମିଶ୍ର ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଫାଇନାଲରେ କଟକ 'ଏ'

ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ସିନିୟର ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ୍‌ରେ ବିଜୟୀ ହୋଇ କଟକ-ଏ' ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରିଛି।

- ଓସିଏ ଆନ୍ତଃଜିଲା ସିନିୟର ଟି୨୦ ଲିଗ୍
- ଭୁବନେଶ୍ୱର-ଏ' ୬ ଉଇକେଟରେ କଟକ-ବି'କୁ ହରାଇଲା


କଟକ-ଏ' ଦଳର ଖେଳାଳିମାନେ।

ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ 'ଏ' ମ୍ୟାଚରେ କଟକ-ଏ' ୫୮ ରନରେ ଭୁବନେଶ୍ୱର 'ବି'କୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ-ଏ' ୨୦ ଓଭରରେ ୫ ଉଇକେଟ ହରାଇ ୧୯୦ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ରାଉତ ୭୦, ବିପ୍ଳବ ସାମନ୍ତରାୟ ୫୮ ଏବଂ ଦୀପକ ରଞ୍ଜନ ୨୫ ରନ କରି ଅପରାଜିତ ରହିଥିଲେ। ପ୍ରତିପକ୍ଷ ବୋଲର ମିନାଲ ପରିଡ଼ା ୪୩ ରନ ଦେଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୧୯୧ ରନ ବିଜୟ ଲକ୍ଷ୍ୟରେ ଭୁବନେଶ୍ୱର-ବି' ପୂରା ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ପ୍ରତୀକ ଦାସ ୫୩, ଏସ୍. କେ. ସଲମନ ୨୯ ଓ ଟୁକୁନା ସାହୁ ୨୪ ରନ କରିଥିଲେ। ବିଜୟୀ ଦଳର ଆଶିଷ ରାୟ ୧୧ ରନରେ ୨ଟି ଏବଂ ଦୀପକ ବେହେରା ୨୪ ରନରେ ୨ଟି ଉଇକେଟ ନେଇଥିଲେ। ପୂର୍ବରୁ ବାଲେଶ୍ୱରକୁ ହରାଇଥିବାରୁ କଟକ-ଏ' ଡବଲ ବିଜୟ ସହ ୮ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ବାକିଥିଲେ ହେଁ ବାଲେଶ୍ୱର ଓ ଭୁବନେଶ୍ୱର-ବି'ର ଅଗ୍ରଗତି ଏଠାରୁ ଶେଷ ହୋଇଛି।

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ 'ବି' ସୁପରଲିଗ୍ ମ୍ୟାଚରେ ଭୁବନେଶ୍ୱର-ଏ' ୬ ଉଇକେଟରେ କଟକ-ବି'କୁ ପରାସ୍ତ କରିଛି। ଟସ୍ ଜିତି ଭୁବନେଶ୍ୱର-ଏ' ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କଟକ-ବି' ୧୯.୧ ଓଭରରେ ୧୨୭ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଆଲୋକ ସାହୁ ସର୍ବାଧିକ ୮୯ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ବସନ୍ତ ମହାନ୍ତି ୨୯ ରନରେ ୩ଟି, ସି. ଶିବା ୧୭ ରନରେ ୨ଟି, ଶାନ୍ତନୁ ମିଶ୍ର ୧୯ ରନରେ ୨ଟି ଏବଂ ଆଶିଷ ପ୍ରଧାନ ୨୨ ରନରେ ୨ଟି ଉଇକେଟ ନେଇଥିଲେ। ୧୨୮ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭୁବନେଶ୍ୱର-ଏ' ୧୯ ଓଭରରେ ୪ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରି ନେଇଥିଲା। ଶାନ୍ତନୁ ମିଶ୍ର ୪୮ ଓ ସନ୍ଦୀପ ପଟ୍ଟନାୟକ ୪୩ ରନ କରି ଅପରାଜିତ ରହିଥିଲେ। ପରାଜିତ ଦଳର ସିଦ୍ଧାର୍ଥ ସିହ୍ନା ୨୦ ରନରେ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୨ ମ୍ୟାଚରୁ ଭୁବନେଶ୍ୱର-ଏ'ର ଏହା ପ୍ରଥମ ବିଜୟ। ଫଳରେ ଦଳ ୪ ପଏଣ୍ଟ ପାଇ ଅଭିଯାନ ଶେଷ କରିଛି। ଏହି ଗ୍ରୁପ୍‌ରୁ ଗୋଟିଏ ମ୍ୟାଚ ଖେଳି ଇକୋର୍ସା ୪ ପଏଣ୍ଟ ପାଇଥିବାବେଳେ କଟକ-ବି' ପଏଣ୍ଟ ଖାତା ଖୋଲିପାରିନାହିଁ। ମଙ୍ଗଳବାର ଶେଷ ଲିଗ୍ ମ୍ୟାଚପରେ ଏହି ଗ୍ରୁପରୁ କେଉଁ ଦଳ ଫାଇନାଲକୁ ଯିବ ତାହା ସ୍ଥିର ହେବ।

# ହାମିଲଟନ୍‌ଙ୍କୁ ବିବିସି ପୁରସ୍କାର

ଲଣ୍ଡନ, ୨୧।୧୨ (ଏପି)


ଲୁଇସ୍ ହାମିଲଟନ

ସାତ ଥର ଫର୍ମୁଲାୱାନ ଚାମ୍ପିୟନ ଲୁଇସ୍ ହାମିଲଟନ ଚଳିତ ବର୍ଷ ଆଉ ଏକ ସଫଳତା ହାସଲ କରିଛନ୍ତି। ସେ ବିବିସିର ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ମର୍ସିଡିଜ୍ ଟିମ୍‌ର ଏହି ୩୫ ବର୍ଷୀୟ ଡ୍ରାଇଭର ଗତମାସରେ ମାଇକେଲ ସୁମାକରଙ୍କ ୭ ଫର୍ମୁଲା ୱାନ ଟାଇଟଲ ରେକର୍ଡ ସମକକ୍ଷ ହୋଇଥିଲେ। ଜୋର୍ଡାନ ହେଣ୍ଡରସନ ଏବଂ ହୋଲି ଡୋଏଲ୍‌ଙ୍କୁ ଅତିକ୍ରମ କରି ରବିବାର ବ୍ରିଟିଶ ବ୍ରଡକାଷ୍ଟର'ର ସମ୍ମାନଜନକ ପୁରସ୍କାର ଜିତିଛନ୍ତି। ଏଥିପାଇଁ ଜନସାଧାରଣ ଭୋଟ ହୋଇଥିଲା। ହାମିଲଟନ ପୂର୍ବରୁ ୨୦୧୪ରେ ମଧ ବିସିସି ପୁରସ୍କାର ଲାଭ କରିଥିଲେ। ଇଂଲଣ୍ଡ ମିଡ୍‌ଫିଲ୍ଡର ହେଣ୍ଡରସନଙ୍କ ନେତୃତ୍ୱରେ ଲିଭରପୁଲ୍ ୩୦ ବର୍ଷ ମଧ୍ୟରେ ପ୍ରଥମ ପ୍ରିମିୟର ଲିଗ୍ ଟାଇଟଲ ଜିତିଥିଲା। କରୋନାଭାଇରସ ମହାମାରୀ ସମୟରେ ନ୍ୟାଶନାଲ ହେଲ୍‌ଥ ସର୍ଭିସ ଚ୍ୟାରିଟି ପାଇଁ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ହେଣ୍ଡରସନ ଯେଉଁ ଭୂମିକା ଗ୍ରହଣ କରିଥିଲେ, ସେଥିପାଇଁ ପ୍ରଶଂସାର ପାତ୍ର ହୋଇଥିଲେ। ଅନ୍ୟପକ୍ଷରେ ଜଣେ ମହିଳା ଜକି ହିସାବରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଡୋଏଲ୍ ସର୍ବାଧିକ ବିଜୟ ସହ ନିଜ ରେକର୍ଡକୁ ଭଙ୍ଗ କରିଥିଲେ। ପୁରସ୍କାର ପାଇଁ ହୋଇଥିବା ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ୩ଜଣ ହେଲେ ବକ୍ସର ଟାଇସନ ଫ୍ୟୁରୀ, ସ୍ନୁକର ଖେଳାଳି ରୋନି ଓ'ସୁଲିଭାନ୍ ଏବଂ କ୍ରିକେଟର ଷ୍ଟୁଆର୍ଟ ବ୍ରଡ୍। ଇଂଲଣ୍ଡ ପ୍ରଫେସନାଲ ଫୁଟ୍‌ବଲର ମାର୍କସ ରସଫୋର୍ଡ ସ୍ୱତନ୍ତ୍ର ପୁରସ୍କାର ପାଇଁ ମନୋନୀତ ହୋଇଥିଲେ।

## ଗୁରୁକୁଳ ଟେନିସ ଟୁର୍ନାମେଣ୍ଟ ୨୬ରୁ

ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)

ଗୁରୁକୁଳ ଟେନିସ ଏକାଡେମୀ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ରିସର୍ଟରେ ଟେନିସ ଟୁର୍ନାମେଣ୍ଟ ଚଳିତ ମାସ ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ହେବ। କରୋନା ମହାମାରୀଜନିତ ବ୍ରେକ୍ ପରେ ରାଜ୍ୟରେ ଏହା ହେବ ପ୍ରଥମ ଟେନିସ ଟୁର୍ନାମେଣ୍ଟ। ପ୍ରତିଯୋଗିତା ୧୫ ଓ ୧୯ ବର୍ଷରୁ କମ୍ ବିଶିଷ୍ଟ ହେବ। ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀଙ୍କୁ ଶୀଘ୍ର ସେମାନଙ୍କ ଏଣ୍ଟ୍ରି ପଠାଇବାକୁ ପଡ଼ିବ ବୋଲି ଏକାଡେମୀର ନିର୍ଦ୍ଦେଶକ ସନ୍ତୋଷ କୁମାର ମଲିକ ପ୍ରକାଶ କରିଛନ୍ତି।

# ଜଗବନ୍ଧୁ ସ୍ମାରକୀ କ୍ରିକେଟ: ମଞ୍ଚେଶ୍ୱର ବିଜୟୀ

ପୁରୁଣା ଭୁବନେଶ୍ୱର, ୨୧।୧୨(ଡି.ଏନ.ଏ.)

ସ୍ଥାନୀୟ ବାଙ୍କୁଆଳ ପଡ଼ିଆରେ ଚାଲିଥିବା ୧୦ମ ଜଗବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ମଞ୍ଚେଶ୍ୱର ୪୨ ରନରେ କଟକର ସ୍ମାଇଲ୍ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଞ୍ଚେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୧୨ ରନ କରିଥିଲା। ଜବାବରେ ସ୍ମାଇଲ ସ୍ପୋର୍ଟିଂ ୧୮.୫ ଓଭରରେ ୧୭୦ ରନ କରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଅମିତାଭ ରାଉତଙ୍କୁ ଅତିଥି ଆଲୋକ ସାମନ୍ତରାୟ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଭଗବତୀ ଯୁବକ ସଂଘର ସତ୍ୟବ୍ରତ ନାୟକ, ଗୌତମ ସ୍ୱାଇଁ, ସଞ୍ଜୟ ସାହାଣୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।


ଅମିତାଭ ରାଉତଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଭାରତୀୟ ଦଳରେ ସିନ୍ଧୁ, ସାଇନା

ନୂଆଦିଲ୍ଲୀ, ୨୧।୧୨ (ପି.ଟି.)

## ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ

କରୋନା ଭାଇରସ୍ ବ୍ରେକ୍ ପରେ ପ୍ରଥମଥର ଭାରତର ଟପ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲଙ୍କ ଖେଳ ଦେଖିବାକୁ ମିଳିବ। ସମ୍ମାନଜନକ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ସମେତ ବ୍ୟାଙ୍କକ୍‌ରେ ଖେଳାଯିବାକୁଥିବା ୩ଟି ଟୁର୍ନାମେଣ୍ଟରେ ସେମାନେ ଅଂଶଗ୍ରହଣ କରିବେ। ଅଲିମ୍ପିକ ଯୋଗ୍ୟତାକୁ ନଜରରେ ରଖି ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଜାନୁୟାରୀରେ ହେବାକୁଥିବା ଏହି ୩ଟି ଟୁର୍ନାମେଣ୍ଟ ଲାଗି ୮ଜଣିଆ ଶକ୍ତିଶାଳୀ ଦଳ ଘୋଷଣା କରିଛି। ଟିମ୍‌ରେ ସିନ୍ଧୁ, ସାଇନାଙ୍କ ବ୍ୟତୀତ ବି. ସାଇ ପ୍ରଣୀଥ, କିଡାମ୍ବି ଶ୍ରୀକାନ୍ତ, ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଚିରାଗ ଶେଟି, ଅଶ୍ୱିନ ପୋନାପ୍ପା ଏବଂ ଏନ୍ ସିକ୍କି ରେଡ୍ଡୀ। ଜାନୁୟାରୀ ୧୨ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ୟୋନେକ୍ସ ଥାଇଲାଣ୍ଡ ଓପନ୍‌ରେ ସେମାନେ ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ଏହାପରେ ଟୟୋଟା ଥାଇଲାଣ୍ଡ ଓପନ୍ (ଜାନୁୟାରୀ ୧୯ରୁ ୨୪) ଏବଂ ଜାନୁୟାରୀ ୨୭ରୁ ୩୧ ସମ୍ମାନଜନକ ଏଚ୍ଏସ୍‌ବିସି ବିଡ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଅନୁଷ୍ଠିତ ହେବ। ମାର୍ଚ୍ଚରେ କରୋନା ଭାଇରସ ଦେଖାଦେବାପରଠାରୁ ସମଗ୍ର ବିଶ୍ୱରେ କେତେକ କ୍ରୀଡ଼ା ଇଭେଣ୍ଟକୁ ବାତିଲ ଅବା ସ୍ଥଗିତ ରଖିବାକୁ ପଡ଼ିଥିଲା। ଶ୍ରୀକାନ୍ତଙ୍କୁ ଛାଡ଼ିଦେଲେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତର ଟପ୍ ଖେଳାଳିମାନେ ପ୍ରଥମଥର ଭାଗନେବାକୁ ଯାଉଛନ୍ତି। ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ ଅକ୍ଟୋବରରେ ଡେନ୍‌ମାର୍କ ଓପନ୍ ଖେଳିଥିଲେ।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ମହିଳା ମହାସଂଘର ଗୃହ ଉଦ୍‌ଘାଟିତ

ଗୋପ,(ଡି.ଏନ୍.ଏ)- ଗୋପ ବ୍ଲକରେ ୪୦୨୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ସରକାରଙ୍କ ପକ୍ଷରୁ ୬୦ରୁ ଉର୍ଦ୍ଧ୍ୱ ମହିଳା ଗୋଷ୍ଠୀଙ୍କୁ ୨୫ ଲକ୍ଷ ଟଙ୍କାର ଋଣ ଦିଆଯାଇଥିବା ସୋମବାର ଗୋପ ବ୍ଲକ ପରିସରରେ ମହାସଂଘର ଗୃହ ଉଦ୍‌ଘାଟନ ଉତ୍ସବରେ ସଭାପତି ମିନାକ୍ଷୀ ପୁଷ୍ଟି କହିଛନ୍ତି। ଏବେ ବ୍ଲକରେ ସମସ୍ତ ମହିଳା ଗୋଷ୍ଠୀର ସଭ୍ୟା ସଂଖ୍ୟା ପ୍ରାୟ ୧୫ ହଜାରରୁ ଅଧିକ ରହିଛି। ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡା, ବିଡ଼ିଓ ଦୀପ୍ତି ରାଣୀ ଦାସ ଏହି ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ ମମତା ମିଶ୍ର, ଜୟମିନି ସ୍ୱାଇଁ, ଟିକିନା ବେହେରା ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଠରନଳା ପୁରୁଣା ବ୍ରିଜ୍‌ରେ ବାଇକ୍ ଚଳାଚଳ ବନ୍ଦ

ପୁରୀ ଅଫିସ,୨୧।୧୨:ଅଠରନଳା ପୁରୁଣା ବ୍ରିଜ୍ ଉପରେ ଦୁଇଚକିଆ ଯାନ ଚଳାଚଳ ବନ୍ଦ ରହିବ। ଏ ନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ସୋମବାର ଏ ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ସର୍ବସାଧାରଣଙ୍କୁ ଅବଗତ କରାଯାଇଛି। ପୂର୍ବରୁ ଜିଲା ପ୍ରଶାସନ ଏହି ବ୍ରିଜକୁ ବିପଦଜ୍ଜନକ ଘୋଷଣା କରିବା ସହ ଏହା ଉପରେ ଚାରିଚକିଆ ଯାନ ଚଳାଚଳ ବନ୍ଦ ରଖିଥିଲା। ଏବେ ଶ୍ରୀଜଗନ୍ନାଥ ମନ୍ଦିର ଖୋଲିବା ପରେ ଗହଳି ବଢ଼ିବ। ତେଣୁ ଏବେ ଚାରିଚକିଆ ଯାନ ସମେତ ବାଇକ୍ ଚଳାଚଳକୁ ମଧ ବନ୍ଦ କରାଯାଇଛି। ଏହି ପୁରୁଣା ବ୍ରିଜକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅଞ୍ଚଳବାସୀଙ୍କ ଦାବି ପରେ ଜିଲା ପ୍ରଶାସନ ଏହି ବ୍ରିଜ୍ ଉପରେ ଦୁଇଚକିଆ ଯାନ ଚଳାଚଳ ଲାଗି ଅନୁମତି ଦେଇଥିଲେ। ମାତ୍ର ଏବେ ସୁରକ୍ଷା କାରଣ ଦର୍ଶାଇ ଦୁଇଚକିଆ ଯାନ ଚଳାଚଳକୁ ମଧ ବନ୍ଦ କରାଯାଇଛି। ଜିଲା ପ୍ରଶାସନର ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

### ୨୩ରୁ ଖୋଲିବ ସାକ୍ଷୀଗୋପାଳ ମନ୍ଦିର

ସାକ୍ଷୀଗୋପାଳ,୨୧।୧୨(ଡି.ଏନ୍.ଏ)- କରୋନା କଟକଣା ପାଇଁ ଦୀର୍ଘ ଆଠମାସ ହେଲା ସାକ୍ଷୀଗୋପାଳ ମନ୍ଦିରକୁ ଶ୍ରଦ୍ଧାଳୁମାନଙ୍କ ପ୍ରବେଶ ବନ୍ଦ ରହିଥିଲା। ଏବେ ଜିଲା ପ୍ରଶାସନର ନିଷ୍ପତ୍ତିକ୍ରମେ ଆଗାମୀ ୨୩ ଠାରୁ ଏହି କଟକଣା ଉଠାଇ ଦିଆଯିବା ସହ ଭକ୍ତଙ୍କ ପ୍ରବେଶରେ ଅନୁମତି ମିଳିଛି। କୋଭିଡ-୧୯ ଗାଇଡ୍‌ଲାଇନ ମଧରେ ଭକ୍ତମାନେ ମନ୍ଦିରକୁ ପ୍ରବେଶ କରି ସାକ୍ଷୀଗୋପାଳ ଠାକୁରଙ୍କୁ କିପରି ଦର୍ଶନ କରିବେ ସେନେଇ ସୋମାବାର ମନ୍ଦିର କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ବସିଥିଲା। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ ବୈଠକରେ ଅଧକ୍ଷତା କରି ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦିର ପ୍ରବେଶ ସମୟରେ ମାସ୍କ ବ୍ୟବହାର, ହାତ ସାନିଟାଇଜ୍, ସାମାଜିକ ଦୂରତ୍ୱ ବାଧତାମୂଳକ କରାଯାଇଛି। ୧୦ ବର୍ଷରୁ କମ୍ ଶିଶୁ, ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ଗର୍ଭବତୀ ମହିଳାଙ୍କୁ ମନ୍ଦିର ପ୍ରବେଶ ବାରଣ କରାଯାଇଛି। ମନ୍ଦିର ପରିସରରେ ଛେପ ପକାଇଲେ ଫାଇନ କଟାଯିବ। ଏତଦ୍‌ବ୍ୟତୀତ ବଡ଼ଦିନ ଓ ନୂଆବର୍ଷରେ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ସତ୍ୟବାଦୀ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ସତ୍ୟବାଦୀ ଥାନା ଏସ୍‌ଆଇ ବସନ୍ତ ଜେନା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ କୁମାର ସ୍ୱାଇଁ, ଅତିରିକ୍ତ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର, ମନ୍ଦିର ସେବାୟତ ସଂଘ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ସଦସ୍ୟ ଜ୍ୟୋତି ଶଙ୍କର ଖୁଣ୍ଟିଆ, ପୂର୍ବତନ ସମିତିସଭ୍ୟ ଶଙ୍କର ପ୍ରଧାନ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

### ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତା

ସାକ୍ଷୀଗୋପାଳ,୨୧।୧୨(ଡି.ଏନ୍.ଏ)- ସତ୍ୟବାଦୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର (ନୂତନ ପେନ୍‌ସନ ଭୁକ୍ତ) ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ଅଜୟ କୁମାର ପ୍ରଧାନ (ସଭାପତି), ସମୀର ସିଂ ଓ ସୁଜାତା ଦେବୀ ( ଉପସଭାପତି), ସୁମନ୍ତ କୁମାର ପାଳ (ସମ୍ପାଦକ), ପ୍ରକାଶ ସେଠୀ ଓ ଶୋଭାମଣି ପ୍ରଧାନ (ସହ ସମ୍ପାଦକ), ପ୍ରଶାନ୍ତ କୁମାର ପାତ୍ର (କୋଷାଧକ୍ଷ), ସରୋଜ କୁମାର ବେହେରା ( ହିସାବ ରକ୍ଷକ), ଶିବ ପ୍ରସାଦ ମହାପାତ୍ର (ଜିଲା ପ୍ରତିନିଧି) ଓ ଅଜୟ କୁମାର ରାଉତରାୟ (ସଂଯୋଜକ) ଭାବେ ମନୋନୀତ ହୋଇଛନ୍ତ। କମିଟି ପୁନଃଗଠନ ବୈଠକରେ ସ୍ଥାୟୀ ସଭାପତି ବିଜୟ କୁମାର ଦାଶ ସଭାପତିତ୍ୱ କରିଥିଲେ।

### କଲ୍ୟାଣପୁର ପଞ୍ଚାୟତ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଡେଲାଙ୍ଗ,୨୧।୧୨(ଡି.ଏନ୍.ଏ)- ଡେଲାଙ୍ଗ ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟ ପରିସରରେ ୬ଷ୍ଠ ବାର୍ଷିକ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ମ୍ୟାଚ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୟ କୁମାର ଜେନା, ସନ୍ତୋଷ ଭଞ୍ଜ, ଶତ୍ରୁଘ୍ନ ଜେନା, ଦେବରାଜ ପ୍ରଧାନ, ଅମର ପ୍ରଧାନ, ସୂର୍ଯ୍ୟନାରାୟଣ ଜେନା, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଲିଗ୍ ମ୍ୟାଚର ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୭ ଦଳ ଅଂଶଗ୍ରହଣ କରିବେ। ପ୍ରଥମ ଲିଗ ମ୍ୟାଚଟି ରାଇଜିଂ ଷ୍ଟାର ଓ ଫ୍ଲାଇଙ୍ଗ ଡଲଫିନ ମଧରେ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯ ଉଇକେଟ ହାରଇ ୭୪ ରନ ସଂଗ୍ରହ କରିଥିଲା। ଜବାବରେ ଫ୍ଲାଇଙ୍ଗ ଡଲଫିନ ୧୧ ଓଭରରେ ୫ ଉଇକେଟ ହରାଇ ୭୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ବିଜୟୀ ଦଳର ଜ୍ୟୋତିରଞ୍ଜନ ଜେନା ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିବା ବେଳେ ଗଣେଶ ସ୍ୱାଇଁ ଓ ମଧୁସୂଦନ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ।

# ବନ୍ଦ ଘରେ 'ବର୍ଣ୍ଣବୋଧ'

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଓଡ଼ିଆ ଭାଷା ଅସ୍ମିତାର ପରିଚୟ ହେଉଛି 'ବର୍ଣ୍ଣବୋଧ'। ଶିଶୁ ସାହିତ୍ୟର ପ୍ରାଣପ୍ରତିଷ୍ଠାତା ମଧୁସୂଦନ ରାଓ 'ବର୍ଣ୍ଣବୋଧ' ମାଧ୍ୟମରେ ଓଡ଼ିଆ ଭାଷାକୁ ବର୍ଣ୍ଣ ପରିଚୟ ଦେଇଛନ୍ତି। ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି ଶିକ୍ଷା ପାଇଁ ବର୍ଣ୍ଣବୋଧ ଯେତିକି ଉପାଦେୟ, ସେତିକି ଅପରିହାର୍ଯ୍ୟ। ହେଲେ ଓଡ଼ିଆ ଭାଷା ଓ ବର୍ଣ୍ଣମାଳା ଶିକ୍ଷାର ମୂଳଦୁଆଭାବେ ପରିଚିତ ବର୍ଣ୍ଣବୋଧ ଆଉ ବଜାରରେ ମିଳୁନି। 'ବର୍ଣ୍ଣବୋଧ' ଛାପା ଦାୟିତ୍ୱ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଏହା ଅଧୀନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନ ଉପରେ ନ୍ୟସ୍ତ ରହିଛି। ହେଲେ ଦୀର୍ଘବର୍ଷ ହେବ ବର୍ଣ୍ଣବୋଧ ଛପାଯାଉ ନ ଥିବା ଜଣାପଡ଼ିଛି।

୧୮୯୫ ମସିହାରେ ବର୍ଣ୍ଣବୋଧ ପ୍ରକାଶ ପାଇବାଠାରୁ ଇତିମଧରେ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ଏହି ସମୟ ମଧରେ ଓଡ଼ିଆ ବର୍ଣ୍ଣ ପରିଚୟ ନିମନ୍ତେ ଏକାଧିକ ପୁସ୍ତକ ଓ ଅଧ୍ୟୟନ କୌଶଳ ପ୍ରକାଶିତ ହୋଇଛି। ହେଲେ

## ଦୀର୍ଘବର୍ଷ ହେବ ଛାପା ବନ୍ଦ




ବର୍ଣ୍ଣବୋଧ ଆଜି ବି ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକ ମହଲରେ ନିଜ ଲୋକପ୍ରିୟତା ହରାଇନି। ଶ୍ରେଷ୍ଠ ଓଡ଼ିଆ-ବର୍ଣ୍ଣ ପରିଚୟ ପୁସ୍ତକଭାବେ ଏହାର ଆଦୃତି ଏବେ ବି ରହିଛି। ମାତ୍ର ବଜାରରେ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ଖୋଜିଲେ ମିଳୁନି। ପିଲାଙ୍କୁ ଓଡ଼ିଆ ବର୍ଣ୍ଣମାଳା ଓ ଶବ୍ଦ ଶିଖାଇବାକୁ ଅଭିଭାବକମାନେ ଏହି ପୁସ୍ତକକୁ ସର୍ବାଧିକ ପସନ୍ଦ କରୁଥିଲେ ମଧ ପାଇପାରୁନାହାନ୍ତି। ଏହି ସୁଯୋଗରେ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧକୁ ବିକୃତ କରି ପ୍ରକାଶକମାନେ ଛାପିବାରୁ ଏହାର ମୌଳିକତା ନଷ୍ଟ ହେବା ଆଶଙ୍କା କରି ରାଜ୍ୟ ସରକାର ଏକ କମିଟି ଗଠନ କରିଥିଲେ। ବରିଷ୍ଠ ଭାଷାବିତ୍‌ଙ୍କୁ ନେଇ ଗଠିତ କମିଟିର ସୁପାରିଶ ମୁତାବକ ବର୍ଣ୍ଣବୋଧ ଛପା ଯାଇଥିଲା। ହେଲେ ନୂତନ ପ୍ରକାଶିତ ବର୍ଣ୍ଣବୋଧରେ ମୂଳ ବର୍ଣ୍ଣବୋଧକୁ ବିକୃତ କରାଯାଇଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶା ହାଇକୋର୍ଟରେ ଏନେଇ ୩ଟି ମାମଲା ରୁଜୁ ହୋଇଥିଲା। ମାମଲା ପରେ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ବିଚାରକୁ ନେଇ ହାଇକୋର୍ଟ ଛପା ଯାଇଥିବା ବର୍ଣ୍ଣବୋଧର ବିକ୍ରୟ ଓ ବିତରଣ ଉପରେ ଅଙ୍କୁଶ ଲଗାଇଥିଲେ। ଫଳରେ ଛପା ହୋଇ ରହିଥିବା ହଜାର ହଜାର ବର୍ଣ୍ଣବୋଧ ନଷ୍ଟ ହୋଇଥିଲା। ପ୍ରାରମ୍ଭରେ ହାଇକୋର୍ଟ ଏ ସଂକ୍ରାନ୍ତ ଦୁଇଟି ମାମଲାର ଫଇସଲା କରି ମୁଖ୍ୟ ଶାସନ ସଚିବ ଏନେଇ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଧୁସୂଦନ ରାଓଙ୍କ ରଚିତ ମୂଳ ବର୍ଣ୍ଣବୋଧ ଛପାଯିବା ନେଇ ମୁଖ୍ୟ ଶାସନ ସଚିବ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେଇଥିଲେ। ଅନ୍ୟଏକ ମାମଲାର ଫଇସଲା କରି ହାଇକୋର୍ଟ ସମାନ ରାୟ ଦେଇଥିଲେ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିଷ୍ପତ୍ତି ମୁତାବକ ମୂଳ ବର୍ଣ୍ଣବୋଧ ଛାପିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଇତିମଧରେ ବହୁବର୍ଷ ବିତିଯାଇଥିଲେ ମଧ ହାଇକୋର୍ଟଙ୍କ ରାୟ ଓ ମୁଖ୍ୟ ଶାସନ ସଚିବଙ୍କ ନିଷ୍ପତ୍ତି ମୁତାବକ ବର୍ଣ୍ଣବୋଧ ଛପାଯାଇ ପାରିନାହିଁ। କେବେ ବର୍ଣ୍ଣବୋଧ ଛପାଯିବ ସେନେଇ ମଧ ବିଭାଗ ନିକଟରେ କୌଣସି ଉତ୍ତର ନାହିଁ। ବର୍ଣ୍ଣବୋଧ ଖୁବ୍‌ଶୀଘ୍ର ଛପାଯିବ ବୋଲି ବିଭାଗ ପକ୍ଷରୁ ବିଭିନ୍ନ ସମୟରେ କୁହାଯାଉଛି। ହେଲେ ଶିଶୁ ସାହିତ୍ୟର ଏହି ଅମୂଲ୍ୟ ରତ୍ନ ଏପର୍ଯ୍ୟନ୍ତ ଛପା ଯାଇପାରୁନାହିଁ। ବିଭିନ୍ନ ସମୟରେ ଓ ବିଭିନ୍ନ ଆଳରେ ବର୍ଣ୍ଣବୋଧକୁ ପାଠ୍ୟକ୍ରମରୁ ଦୂରେଇ ରଖିବା ପାଇଁ ସରକାର ଉଦ୍ୟମ କରୁଥିବା ଭାଷାବିତ୍‌ମାନେ ଅଭିଯୋଗ କରିଛନ୍ତି।



ଆସନ୍ତା ୨୩ ତାରିଖରୁ ଶ୍ରୀମନ୍ଦିର ଖୋଲିବ । ଏ ନେଇ ସୋମବାର ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂ ଏବଂ ଅନ୍ୟ ଅଧିକାରୀମାନେ ଶ୍ରୀମନ୍ଦିର ସମ୍ମୁଖରେ ଦର୍ଶନ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

# ଆଜି ଖଣ୍ଡହତା ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ

କଣାସ,୨୧।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ସମିତି ସଭ୍ୟ ଗୋବିନ୍ଦଚନ୍ଦ୍ର ସାହୁଙ୍କର ମୃତ୍ୟୁ ପରେ ଦୀର୍ଘଦିନ ହେଲା ସମିତିସଭ୍ୟ ପଦ ଖାଲିପଡ଼ିଥିଲା। ୨୨ତାରିଖ ମଙ୍ଗଳବାର ସମିତି ସଭ୍ୟ ପାଇଁ ନିର୍ବାଚନ ହେଉଥିବାରୁ ବିଜେଡି ଓ ଭାଜପା ପ୍ରାର୍ଥୀ ୨ଜଣଙ୍କ ମଧରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଜଣାପଡିଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଜେନାଙ୍କ ପାଇଁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ନିର୍ବାଚନ ପ୍ରଚାର କରୁଥିବା ବେଳେ ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ସ୍ତ୍ରୀ ପ୍ରଭାତି ସାହୁ ଭାଜପା ଦଳପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଖଣ୍ଡହତା ପଞ୍ଚାୟତର ୧୧ଟି ୱାର୍ଡରେ ମୋଟ ୩୭୮୪ଜଣ ଭୋଟର ଥିବାବେଳେ ପୁରୁଷ ଭୋଟର ୨୦୧୩ଜଣ ଏବଂ ମହିଳା ୧୭୭୧ଜଣ ଭୋଟ ଦେବେ। ଭୋଟ ଗ୍ରହଣପାଇଁ ୪୪ଜଣ ସରକାରୀ କର୍ମଚାରୀ ୧୧ଟି ଯାକ କେନ୍ଦ୍ରରରେ ପହଞ୍ଚିଥିବା ବେଳେ ୨୨ତାରିଖ ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ୬ଜଣ କର୍ମଚାରୀ ରିଜର୍ଭରେ ରହିଥିବା ବେଳେ ନିର୍ବାଚନ ଅଧିକାରୀ କଣାସ ବିଡିଓ ଲୋଚନ ଦାସ ସୋମବାର ୧୧ଟି ବୁଥ୍ ବୁଲିଦେଖିଥିଲେ। ନିର୍ବାଚନ ପରେ ସମସ୍ତ ବୁଥ୍ ଭୋଟ ବାକ୍ସଗୁଡିକ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଅଣାଯାଇ ୨୩ତାରିଖ ଦିନ ଭୋଟଗଣତି ହେବାର କାର୍ଯ୍ୟକ୍ରମ ରହିଛି।

# ଆଇନଶୃଙ୍ଖଳା ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରାଞ୍ଚଳ ଡିଆଇଜି

ନିମାପଡ଼ା,୨୧।୧୨(ଡି.ଏନ୍.ଏ)

କେନ୍ଦ୍ରାଞ୍ଚଳ ପୋଲିସ ଡିଆଇଜି ଆଶିଷ ସିଂ ଓ ଏସ୍‌ପି କନୱାର ବିଶାଲ ସିଂ ସୋମବାର ନିମାପଡ଼ା ଗସ୍ତ କରି ଏସ୍‌ଡିପିଓଙ୍କ ଅଫିସ୍ କାର୍ଯ୍ୟ ଯାଞ୍ଚ ସହ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ନିମାପଡ଼ାରେ ଅପରାଧ ନିୟନ୍ତ୍ରଣ, ଯାନବାହନ ଯାଞ୍ଚ, ରାତିପାଟ୍ରୋଲିଂ ବ୍ୟବସ୍ଥାକୁ ଦୃଢ଼ କରିବାକୁ ଉଭୟ ପୋଲିସ ଅଧିକାରୀ ବିଭିନ୍ନ ଥାନାର ଆଇଆଇସିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସ୍‌ଡିପିଓ ପ୍ରଦୀପ ଦଳେଇ, ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନା ଆଇଆଇସି ସୁଧୀର କୁମାର ସାହୁ, ଅସ୍ତରଙ୍ଗ ଆଇଆଇସି ବାମଦେବ ନନ୍ଦ, କୋଣାର୍କ ଥାନା ଆଇଆଇସି ରଞ୍ଜନ ମଲ୍ଲିକ, ଚନ୍ଦ୍ରଭାଗା ଥାନାଧିକାରୀ ନିଲିମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତକଙ୍କ ନାମରେ ଅନ୍ତ୍ୟୋଦୟ ଚାଉଳ ହଡ଼ପ

ଗୋପ,୨୧।୧୨(ଡି.ଏନ୍.ଏ)

ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତରେ ଜଣେ ଡିଲର ଦୀର୍ଘ ୮ମାସ ହେବ ଜଣେ ମୃତକଙ୍କ ନାମରେ ଅନ୍ତ୍ୟୋଦୟ ଚାଉଳ ହଡ଼ପ କରିବା ଭଳି ଅଭିଯୋଗ ହୋଇଛି। ଏହି କଥା ଅଞ୍ଚଳରେ ଜଣାପଡ଼ିବା ପରେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଗଣେଶ୍ୱରପୁର ଗ୍ରାମର ଯଦୁମଣୀ ଚିନେରା ୮ ମାସ ତଳେ ମୃତ୍ୟୁବରଣ କରିଥିଲେ। ତାଙ୍କ ନାମରେ ଏକ ଅନ୍ତ୍ୟୋଦୟ ଚାଉଳ କାର୍ଡ ନମ୍ବର-୨୬୦୪୧୬୧୨୩୮୪ ରହିଥିଲା। ମାତ୍ର ତାଙ୍କର ମୃତ୍ୟୁ ପରେ ଗଣେଶ୍ୱରପୁର ଲାଗିଥିବା ଡିଲର ଏହି ଚାଉଳକୁ ଆତ୍ମସାତ କରୁଥିଲେ। ମୃତକଙ୍କ ପରିବାର ସଦସ୍ୟ ଏହା ଜାଣିବା ପରେ ଘଟଣା ପଦାକୁ ଆସିବା ପରେ ବ୍ଲକରେ ଅଭିଯୋଗ ହୋଇଥିଲା। ମାତ୍ର ଏହାର ତଦନ୍ତ କରାଯିବାରେ ବିଳମ୍ବ କରାଯାଉଥିବାରୁ ଏହି ଘଟଣାକୁ ଚାପି ଦେବାକୁ ଚେଷ୍ଟା ଚାଲିଛି ବୋଲି ଜଣାପଡୁଛି। ସରକାରୀ ନିୟମ ଅନୁସାରେ ଯେ କୌଣସି ହିତାଧିକାରୀଙ୍କ ମୃତ୍ୟୁ ଘଟିବା ପରେ ତାଙ୍କ ନାମରେ ଥିବା କାର୍ଡକୁ ବ୍ଲକ ଯୋଗାଣ ନିରୀକ୍ଷକ ନିକଟରେ ସରେଣ୍ଡର କରାଯିବା କଥା। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ ଓ ଯୋଗାଣ ନିରୀକ୍ଷକ ସସ୍ମିତା ସାହୁଙ୍କୁ ପଚାରିବାରେ ଚାଉଳ ହଡ଼ପ ନେଇ ଆମ ନିକଟରେ ଅଭିଯୋଗ ହୋଇଛି। ଖୁବଶୀଘ୍ର ଏହାର ତଦନ୍ତ କରି ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏପରି ଏକ ମୃତକଙ୍କ ନାମରେ ଚାଉଳ ହଡ଼ପ କରିଥିବା ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଉପଜିଲାପାଳଙ୍କ ନିକଟରେ ମଧ ଦାବି କରାଯାଇଛି।

# ୧୭ରୁ ପୋଲିଓ ଟିକାକରଣ

ପୁରୀ ଅଫିସ, ୨୧।୧୨:

ଆସନ୍ତା ଜାନୁୟାରୀ ୧୭ ତାରିଖରୁ ପୁରୀ ଜିଲାରେ ପଲ୍‌ସ ପୋଲିଓ ଟିକାକରଣ ଆରମ୍ଭ ହେବ। ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଜିଲାରେ ୫ବର୍ଷ ବୟସରୁ କମ୍ ୧ ଲକ୍ଷ ୮୩ ହଜାର ୫୦୮ ଜଣ ଶିଶୁ ରହିଛନ୍ତି। ଏମାନଙ୍କର ଟିକାକରଣ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟଗୁଡ଼ିକରେ ଟିକାକରଣ କେନ୍ଦ୍ର କରାଯିବ। ଏଥିପାଇଁ ୭୪୬ଟି ବୁଥ୍ ଚିହ୍ନଟ ହୋଇଥିବା ବେଳେ ଘରକୁ ଘର ବୁଲି ଟିକାକରଣ ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି କରିଛି। ଏହି ଅଭିଯାନରେ ୩ ଲକ୍ଷ ୬୩ ହଜାର ୩୮ଟି ପରିବାର ସାମିଲ ହେବେ। ପୁରୀକୁ ବୁଲିବାକୁ ଆସୁଥିବା ପରିବାର ସମେତ ଯାଯାବର ଓ ବୁଲା ବେପାରୀଙ୍କ ଶିଶୁଙ୍କୁ ଟିକାକରଣ ପ୍ରକ୍ରିୟାରେ ସାମିଲ କରାଯିବ। ଏଥିପାଇଁ ୨୮ଟି ସ୍ଥାନରେ ବ୍ୟବସ୍ଥା ହୋଇଛି। ପୁରୀ ସହରରେ ୬ଟି ଓ ବ୍ଲକସ୍ତରରେ ୨୨ଟି ସ୍ଥାନରେ କ୍ୟାମ୍ପ ବସିବ। ଏହି ଅଭିଯାନରେ ୨ ଲକ୍ଷ ୩୩ ହଜାର ୫୬ ଡୋଜ୍ ଟିକା ବ୍ୟବସ୍ଥା ସହ ୨ହଜାର ୯ଶହ ୪୪ ଜଣ ଟିକାଦାତା ଏବଂ ୧୪୯ ଜଣ ନିରୀକ୍ଷକ ନିୟୋଜିତ ହେବେ। ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରାଯିବ।

# କିସ୍ତି ଛାଡ଼ କରାଯାଉ, ଆର୍ଥିକ ସହାୟତା ଦିଆଯାଉ

ପୁରୀ ଅଫିସ,୨୧।୧୨:

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅଟୋ କିସ୍ତି ଛାଡ଼ ଓ ସରକାରୀ ଆର୍ଥିକ ସହାୟତା ପାଇଁ ପୁରୀଧାମ ଅଟୋଚାଳକ ମହାସଂଘ ଦାବି କରିଛି। ଏ ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ପୁରୀ ସହରରେ ଅଟୋଚାଳକମାନେ ମୁଖ୍ୟତଃ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ। ମାତ୍ର କରୋନା ସମୟରେ ପୁରୀର ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଅଟୋଚାଳକମାନେ ନିଜ ବେଉସା ହରାଇବା ସହ ଆର୍ଥିକ ସଙ୍କଟ ମଧରେ ଗତି କରୁଛନ୍ତି। ଏଯାବତ୍ ପୁରୀ ସହରରେ ଅଟୋଚାଳନା ସ୍ୱାଭାବିକ ହୋଇପାରି ନାହିଁ। ଅନେକ ଗାଡ଼ିଚାଳକ ଋଣ କରି ଅଟୋ କିଣିଥିଲେ। ଆର୍ଥିକ ଦୁରବସ୍ଥା ଯୋଗୁ ସେମାନେ ଋଣ ଶୁଝି ପାରୁନାହାନ୍ତି। ସରକାର ସେମାନଙ୍କ ଦୁଃଖ ବୁଝିବା ସହ କିସ୍ତି ଛାଡ଼ କରନ୍ତୁ। ସେହିଭଳି ଦୟନୀୟ ଅବସ୍ଥାରେ ଥିବା ଅଟୋଚାଳକମାନଙ୍କୁ ରାଜ୍ୟ ସରକାର ଆର୍ଥିକ ସହାୟତା ଦିଅନ୍ତୁ ବୋଲି ସଂଘର ସଭାପତି ଶ୍ରୀକାନ୍ତ ପରିଡ଼ା କହିଛନ୍ତି।

# ଜ୍ୱାଇଁଙ୍କୁ ପରଷାଗଲା ୭୫ ପ୍ରକାର ଖାଦ୍ୟ

ଗୋପ,୨୧।୧୨(ଡି.ଏନ୍.ଏ.)



କଥାରେ ଅଛି ଓଡ଼ିଆ ଘରେ ଜ୍ୱାଇଁର ସମ୍ମାନ ସବୁଠାରୁ ଉଚ୍ଚରେ। ଜ୍ୱାଇଁ ଯେବେ ଘରକୁ ଅତିଥି ଭାବରେ ଆସିଥାଏ ସେତେବେଳେ ଶ୍ୱଶୁର ଘର ପକ୍ଷରୁ ଜ୍ୱାଇଁ ଝିଅଙ୍କ ଲାଗି ୯ ପ୍ରକାର ଛଅ ଭଜା ହୋଇଥାଏ। ହେଲେ ସୋମବାର ଗୋପ ବ୍ଲକ ଅଧୀନ ନୟାହାଟ ନିକଟ ମଧୁବନ ଗ୍ରାମରେ ଜ୍ୱାଇଁଙ୍କ ଲାଗି ୭୫ ପ୍ରକାରର ଓଡ଼ିଆ ଘରର ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ନୟାହାଟ ମଧୁବନ ଗ୍ରାମର ବିଶ୍ୱଜିତ ସାହୁଙ୍କ କନ୍ୟା ନୀହାରିକା ଭୁବନେଶ୍ୱରର ପାଣ୍ଡବ ନଗରର ଦେବୀପ୍ରସାଦଙ୍କୁ ବିବାହ କରିଥିଲେ। ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ଦଶ ମଙ୍ଗଳାରେ ଜ୍ୱାଇଁ ଝିଅ ଶଶୁର ଘରକୁ ବୁଲିବାକୁ ଆସିଥିଲେ। ନୂଆ ଜ୍ୱାଇଁ ଆସିବାକୁ ନେଇ ବିଶ୍ୱଜିତ ଏକ ସ୍ୱତନ୍ତ୍ର ଭାବରେ ୭୫ ପ୍ରକାରର ଓଡ଼ିଆ ଘରର ଖାଦ୍ୟ ପ୍ରସ୍ତୁତ କରିଥିଲେ। ସେହି ଖାଦ୍ୟ ମଧରେ ଅରୁଆ ଅନ୍ନ, ଡାଲ ଫ୍ରାଏ, ମାଛ, ମାଂସ ସହିତ ଅନ୍ୟାନ୍ୟ ଓଡ଼ିଆ ଘରର ଖାଦ୍ୟ ରହିଥିଲା। ଜ୍ୱାଇଁ ଝିଅ ଘରେ ପହଞ୍ଚିବା ପରେ ଜଳଖିଆ ଥଣ୍ଡା ଆପ୍ୟାୟିତ କରାଯାଇଥିଲା। ମଧାହ୍ନରେ ଜ୍ୱାଇଁଙ୍କ ଲାଗି ପ୍ରସ୍ତୁତ କରାଯାଇଥିବା ୭୫ ପ୍ରକାର ଖାଦ୍ୟ ପରିବେଷଣ କରାଯାଇଥିଲା। ଏପରି ଏକ ଜ୍ୱାଇଁଙ୍କ ଲାଗି ବ୍ୟଞ୍ଜନ ପ୍ରସ୍ତୁତ କରାଯିବାକୁ ନେଇ ନୟାହାଟ ଅଞ୍ଚଳରେ ଚର୍ଚ୍ଚା ହୋଇଛି । ଏ ସମ୍ପର୍କରେ ଶ୍ୱଶୁର ବିଶ୍ୱଜିତ କହିଥିଲେ, ଜ୍ୱାଇଁ ହେଉଛନ୍ତି ଶ୍ୱଶୁର ଘରର ସମ୍ମାନ । ତେଣୁ ତାଙ୍କ ଲାଗି ଏତେ ପ୍ରକାର ଖାଦ୍ୟ ବଡ଼କଥା ନୁହେଁ।

# ପିପିଲି ହାଜତ ନିର୍ଯାତନା ମାମଲା: ତଦନ୍ତ କଲେ ଡିଆଇଜି

ପିପିଲି,୨୧।୧୨(ସ୍ୱ.ପ୍ର.)

ପିପିଲି ହାଜତରେ ଜଣେ କଏଦୀଙ୍କୁ ନିର୍ଯାତନା ଦେବା ମାମଲାର ସୋମବାର ଡିଆଇଜି ସ୍ତରୀୟ ତଦନ୍ତ ହୋଇଛି। କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ୍ ସିଂ, ପୁରୀ ଏସ୍‌ପି କନୱର ବିଶାଲ ସିଂ ସୋମବାର ପିପିଲି ଥାନାରେ ପହଞ୍ଚି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଗୋପନ ବୈଠକ କରିଛନ୍ତି। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ପିପିଲି ଥାନା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ସହ ଏ ନେଇ ଦେଢ଼ଘଣ୍ଟା ଧରି ଆଲୋଚନା କରିଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ଓ ଏସ୍‌ପି। ଏ ନେଇ ଗଣମାଧ୍ୟମକୁ କୌଣସି ସୂଚନା ଦେବା ପାଇଁ ଉଭୟ ଅଧିକାରୀ ମନା କରିଦେଇଛନ୍ତି।

ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାବେଳେ କେନ୍ଦ୍ରାଞ୍ଚଳ ଡିଆଇଜି ଓ ଏସ୍‌ପି ଥାନାରେ ପହଞ୍ଚିଥିଲେ। ତୁରନ୍ତ ପିପିଲି ଆଇଆଇସିଙ୍କୁ ଡକାଯାଇ ସେଠାରେ କେଉଁଭଳି ପରିସ୍ଥିତିରେ ଓ କାହିଁକି ପୋଲିସ ହେପାଜତରେ ଥିବା ଅଭିଯୁକ୍ତମାନଙ୍କୁ ଅମାନୁଷିକ ନିର୍ଯାତନା ଦିଆଗଲା ତାହାର କାରଣ ବୁଝିବା ସହ ଏହି ଘଟଣାରେ କେଉଁ ଅଧିକାରୀମାନେ ସମ୍ପୃକ୍ତ ଥିଲେ ତାହା ମଧ କେନ୍ଦ୍ରାଞ୍ଚଳ ଡିଆଇଜି ବୁଝିଥିଲେ। ତେବେ ଦୀର୍ଘ ଦେଢ଼ଘଣ୍ଟାର ରୁଦ୍ଧଦ୍ୱାର ବୈଠକରେ ହାଜତ ନିର୍ଯାତନା ମାମଲାର ସବିଶେଷ ବିବରଣୀ ଡିଆଇଜି ଓ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ ପିପିଲି ଆଇଆଇସି ଓ ଏସ୍‌ଡିପିଓ। ଏହାପରେ କେନ୍ଦ୍ରାଞ୍ଚଳ ଡିଆଇଜି ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଡିଆଇଜି ଯିବାପରେ ପୁରୀ ଏସ୍‌ପି ପିପିଲି ପୋଲିସ ସବଡିଭିଜନ ରେଞ୍ଜର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଥିଲେ। ପିପିଲି, ସତ୍ୟବାଦୀ, କଣାସ ଓ ଡେଲାଙ୍ଗ ଥାନା ଅଧିକାରୀଙ୍କୁ ନେଇ ଏସ୍‌ପି ବୈଠକ କରିଥିଲେ। କମ୍ୟୁନିଟି ପୋଲିସିଂ ଉପରେ ଗୁରୁତ୍ୱ ଦେବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ସେହିଭଳି ଆଇନଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଉପରେ ଗୁରତ୍ୱାରୋପ କରାଯାଇଥିଲା। ଏହାସହ ଆଗାମୀ ପିପିଲି ଉପନିର୍ବାଚନ ପାଇଁ ପୋଲିସର ରଣନୀତି ସମ୍ପର୍କରେ ଏସ୍‌ପି ଆଲୋଚନା କରିଥିଲେ।

# ୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ନିମାପଡ଼ା,୨୧।୧୨(ଡି.ଏନ୍.ଏ)



ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ସୋମବାର ନିମାପଡ଼ା ଥାନା ନାଗବସ୍ତ ହାଇସ୍କୁଲ ନିକଟରେ ଅଚାନକ ଚଢ଼ାଉ କରାଯାଇ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅଧୀନ ରଟିଲୋ ଗ୍ରାମର ଅଶୋକ କୁମାର ପ୍ରଧାନ। କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଦେଇଥିବାରୁ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ତାଙ୍କଠାରୁ ୫୭ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଯାହାର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ବିଭାଗ ପକ୍ଷରୁ ମାମଲା ନଂ୫୧/୨୦ରେ ରୁଜୁ କରି ତଦନ୍ତ ଚଳାଇଛି। ନିମାପଡ଼ା ଅଞ୍ଚଳରେ ବେଧଡ଼କ ନିଶା କାରବାର ଚାଲୁଥିବାର ଅଭିଯୋଗ ହେବା ପରେ ସୋମବାର ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନେତୃତ୍ୱରେ ନିମାପଡ଼ା ଅବକାରୀ ଏସ୍‌ଆଇ ଯୋଗମାୟା ମଲ୍ଲିକ, ପୁରୀ ଅବକାରୀ ମୋବାଇ ସ୍କ୍ୱାର୍ଡ ଏସ୍‌ଆଇ ବନ୍ଦନା ପଟ୍ଟନାୟ, ଏଏସ୍‌ଆଇ ଜିଗିନ୍ ରାଓ, ସୁଶାନ୍ତ ମହାପାତ୍ର, ଜିତେନ୍ଦ୍ର ବେହେରା ଓ ସବିତା ସାହୁ ପ୍ରମୁଖ ଚଢ଼ାଉ କରିଥିଲେ।

# ପରୀ, ହାଜତ ମୃତ୍ୟୁ ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ

ପୁରୀ ଅଫିସ,୨୧।୧୨:



ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି ।

ପୁରୀ ଜିଲା କଂଗ୍ରେସ ପକ୍ଷରୁ ସୋମବାର ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସଭା ଆୟୋଜିତ ହୋଇଯାଇଛି। ଏଥିରେ ହାଜତ ମୃତ୍ୟୁ, ପରୀ ହତ୍ୟା ପ୍ରସଙ୍ଗ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜ କହିଥିଲେ ଯେ, ପରୀ ହତ୍ୟା ଘଟଣାରେ କିଏ ଦୋଷୀ ଓ କାହାକୁ ଘଣ୍ଟ ଘୋଡ଼ାଯାଉଛି ସେକଥା ସମସ୍ତଙ୍କୁ ଜଣା। ପ୍ରକୃତ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଥିଲେ। ସେହିପରି ହାଜତ ମୃତ୍ୟୁ ପ୍ରସଙ୍ଗରେ ବାସେଳିସାହି ଥାନାର ତତ୍କାଳୀନ ଆଇଆଇସିଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ସହ ମୃତ କେ. ରମେଶଙ୍କ ପରିବାରକୁ ନ୍ୟାୟ ଦେବାକୁ ଜିଲା ପ୍ରଭାରୀ ବିଜୟଲକ୍ଷ୍ମୀ ସାହୁ ଦାବି କରିଥିଲେ। ଏହି ଅବସରରେ ଏକ ଟିମ୍ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ଜଣାଇଛି। ବିକ୍ଷୋଭରେ ଅଜିତ ମଙ୍ଗରାଜ, ବିଜୟଲକ୍ଷ୍ମୀ ସାହୁ, ବିନାୟକ ଦାସମହାପାତ୍ର, ଶରତ ରଥ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୨ (ଡି.ଏନ୍.ଏ.): ପୋଖରୀରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ସୋରଣ ଗ୍ରାମର ଅଶ୍ୱିନୀ ବେହେରା(୧୮)। ସୂଚନା ମୁତାବକ, ସୈନ୍ୟବାହିନୀରେ ଭର୍ତ୍ତି ହେବା ପାଇଁ ଅଶ୍ୱିନୀ ପ୍ରତିଦିନ ଭଳି ସୋମବାର ଗ୍ରାମର କୋଇଲିଖିଆ ପୋଖରୀରେ ପହଁରା ଅଭ୍ୟାସ କରୁଥିଲେ। କୌଣସି କାରଣରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବାଲ୍ୟ ବିବାହ ରୋକିବ ଟାସ୍କଫୋର୍ସ

ନିରାକାରପୁର, ୨୧।୧୨ (ଡି.ଏନ୍.ଏ.) ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ରୋକିବା ପାଇଁ ସୋମବାର ଟାସ୍କଫୋର୍ସ କମିଟି ଗଠନ କରାଯାଇଛି। ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ। ଏହି କମିଟିରେ ୮ଜଣ ସଦସ୍ୟାସଦସ୍ୟ ମନୋନୀତ ହୋଇଛନ୍ତି। ପ୍ରମୋଦ ତ୍ରିପାଠୀ ଅଧକ୍ଷ, କୁମୁଦିନୀ ହୋତା, ସଚ୍ଚି ବିଶ୍ୱାଳ, ଦୁର୍ଯ୍ୟୋଧନ ସ୍ୱାଇଁ, ସୁରେଶ ଚନ୍ଦ୍ର ମଙ୍ଗରାଜ, ସଞ୍ଜୟ ମହାରଣା, ରୁପାଲି ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ପରିଡ଼ା ପ୍ରମୁଖ ସଦସ୍ୟାସଦସ୍ୟଭାବେ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ରାମେଶ୍ୱର ମଣ୍ଡଳ ସୁପରଭାଇଜର ସତ୍ପୃନ୍ ନିଶାଙ୍କ ସମେତ ଆଶା, ଅଙ୍ଗନୱାଡ଼ି, ଏସ୍ଏଚ୍ଜି ଗ୍ରୁପର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି ସଦସ୍ୟା ବିଷ୍ଣୁପ୍ରିୟା ପାଟଯୋଷୀ ଧନ୍ୟବାଦ ଦେଇଥିଲେ।

### ଯୁବକଙ୍କ ମୃତଦେହ ଜବତ

ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୨ (ଡି.ଏନ୍.ଏ.) ଟାଙ୍ଗୀ ଥାନା ଅଧୀନ କାଲୁପଡ଼ାସ୍ଥିତ ଏକ ଲଜରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଆର୍-ବେଲଗାମ ଅଞ୍ଚଳର ଦୁପାନା ତୁଳସୀଦାସ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ଚିଲିକା ତହସିଲଦାର ଓ ଟାଙ୍ଗୀ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ବାଘୁଣୀ ଆନିନି ଗୁରୁତର

ବାରଙ୍ଗ,୨୧।୧୨(ଡି.ଏନ୍.ଏ) ପ୍ରାଣୀଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ବାଘୁଣୀ ଆନିନି ଗୁରୁତର ହୋଇଛି। ଗତ ୧୯ଦିନ ଧରି ତା'ର ଚିକିତ୍ସା ଚାଲିଥିଲେ ମଧ ସ୍ୱାସ୍ଥ୍ୟରେ ସୁଧାର ଆସିପାରି ନ ଥିବାର ଜଣାପଡିଛି। ଗତ ୩ଦିନ ହେବ ଆହାର ତ୍ୟାଗ କରିସାରିଲାଣି। ଯାହା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ବାଘ ସଫାରିର ସେଲନଂ୧ରେ ରହି ତା'ର ଚିକିତ୍ସା ନନ୍ଦନକାନନର ଡାକ୍ତରମାନେ କରୁଛନ୍ତି।

# ଆଜି ୩ ବ୍ଲକର ୫ ପଞ୍ଚାୟତରେ ମତଦାନ

## ଭୋଟରଙ୍କ ହାତରେ ୯ ପ୍ରାର୍ଥୀଙ୍କ ଭାଗ୍ୟ

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୧।୧୨ (ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ବୋଲଗଡ଼ ଏବଂ ଟାଙ୍ଗୀ ବ୍ଲକରେ ଖାଲି ପଡ଼ିଥିବା ସରପଞ୍ଚ, ୱାର୍ଡ ମେମ୍ବର, ସମିତିସଭ୍ୟ ଲାଗି ମଙ୍ଗଳବାର ମତଦାନ କରାଯିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ୨୪ଟି ବୁଥରେ ମତଦାନ ଗ୍ରହଣ କରାଯିବ। ୨୩ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଗଣତି କରାଯିବ। ୨୪ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ବିଜେତା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଖୋର୍ଦ୍ଧା ଏବଂ ବୋଲଗଡ ବ୍ଲକରେ ମୋଟ ୫୯୨୦ଜଣ ଭୋଟର ନିଜ ମତ ସାବ୍ୟସ୍ତ କରିବେ। ସେଥିରୁ ପୁରୁଷ ୩୦୮୧ ଏବଂ ମହିଳା ଭୋଟର୨୮୩୯ଜଣ ରହିଛନ୍ତି। ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତ ସରପଞ୍ଚ ପଦବୀ ଲାଗି ଶୈଳଜା ପଟ୍ଟନାୟକ( ଖୋଲା ବହି) ଏବଂ ସଞ୍ଜୟ କୁମାର ରତସିଂ(ମାଛ ଚିହ୍ନ)ଙ୍କ ପ୍ରତିଦ୍ୱନ୍ଦୀ ଅଛନ୍ତି। ଏଠାରେ ପୁରୁଷ ୧୪୫୭ ଏବଂ ମହିଳା ୧୪୩୬ ମୋଟ୍ ୨୮୯୩ ଭୋଟର ମତ ସାବ୍ୟସ୍ତ କରିବେ। ସେହିପରି ବୋଲଗଡ଼ ବ୍ଲକ ଅସରଳା ପଞ୍ଚାୟତ ସମିତି ସଭ୍ୟ ଲାଗି ନିରୁପମା ପଲେଇ (କେଟଲି), ମଞ୍ଜୁଲତା ବରାଳ(ଷ୍ଟୁଲ) ଏବଂ ସ୍ୱର୍ଣ୍ଣଲତା ମିଶ୍ର(ବସ) ପ୍ରାର୍ଥୀ ରହିଛନ୍ତି। ୪ନଂ. ୱାର୍ଡରେ ଗୋପୀନାଥ ଦଲୁଆ(ଶଗଡ଼ ଗାଡି) ଓ ଦୀପକ କୁମାର ମାଝି(ନିକିତି) ପ୍ରାର୍ଥୀ ଅଛନ୍ତି। ଖଗୁରିଆ ପଞ୍ଚାୟତ ୱାର୍ଡ ନଂ. ୨୦ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦୀ ରହିଛନ୍ତି। ଏଠାରେ ୨୭୭୭ଙ୍କ ଭୋଟଙ୍କ ମଧ୍ୟରୁ ପୁରୁଷ ୧୪୯୦ ଏବଂ ମହିଳା୧୨୮୭ ଭୋଟର ରହିଛନ୍ତି। ସେହିପରି ଟାଙ୍ଗୀ ବ୍ଲକରେ ଓଳସିଂ ପଞ୍ଚାୟତ ୱାର୍ଡ ନଂ. ୧୦ରେ ସନ୍ତୋଷ କୁମାର ବେହେରା(ଶଗଡ ଗାଡି) ଓ ସୁଶାନ୍ତ ସାହୁ(ନିକିତି) ପ୍ରତିଦ୍ୱନ୍ଦୀ ରହିଛନ୍ତି। ଜଟଣୀ ବ୍ଲକ ୱାର୍ଡ ନଂ.୧୯ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦୀ ରହିଛନ୍ତି। ଉପନିର୍ବାଚନ ଲାଗି ଜିଲାରେ ୨ ପ୍ଲାଟୁନ ଫୋର୍ସ, ୨ ଜଣ ଡିଏସପି ନିୟୋଜିତ ଅଛନ୍ତି ବୋଲି ଏସ୍ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

# ଟ୍ୟାକ୍ସ କଲେକ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ୫୬.୨୬ ଲକ୍ଷ ସମ୍ପତ୍ତି ଠାବ

ଖୋର୍ଦ୍ଧା ଅଫିସ,୨୧।୧୨:

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଖୋର୍ଦ୍ଧା ପୌର ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ଟ୍ୟାକ୍ସ କଲେକ୍ଟର ସଦାଶିବ ସ୍ୱାଇଁଙ୍କ ଘରେ ସୋମବାର ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଭିଜିଲାନ୍ସ ମିଳିତ ଭାବେ ଚଢ଼ାଉ କରିଥିଲେ। ଭିଜିଲାନ୍ସ ସଦାଶିବଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୫୬,୨୬,୮୫୭ ଟଙ୍କା ଠାବ କରିଛି। ଏଥିରେ ଗୁରୁଜଙ୍ଗ ସ୍ଥିତ ୨ମହଲା ବିଶିଷ୍ଟ କୋଠା ଯାହାର ମୂଲ୍ୟ ୩୩,୪୬,୦୦୦ଟଙ୍କା, ଟାଙ୍ଗିଆପଡାରେ ଆଜବେଷ୍ଟସ ଘର ୧୧,୪୭,୦୦୦, ଗୁରୁଜଙ୍ଗ ସ୍ଥିତ ନିଜସ୍ୱ ବାସଭବନ ୨୭,୦୦୦, ଖୋର୍ଦ୍ଧା ବ୍ଲକ ଗୁରୁଜଙ୍ଗ ଓ ଟାଙ୍ଗିଆପଡା ଏବଂ ସୁବର୍ଣ୍ଣପୁର ଜିଲା ବିରମହାରାଜପୁର ଠାରେ ଥିବା ୪ଟି ପ୍ଲଟ ୧,୪୦,୪୫୦, ୨ଟି ବାଇକ୍ ୧,୨୫, ୦୦୦, ବିଭିନ୍ନ ବ୍ୟାଙ୍କରେ ଜମାରାଶି ୩୦,୦୦୦, ସୁନା ଅଳଙ୍କାର ବାବଦକୁ ୧,୮୨,୬୬୦ ଏବଂ ୫,୪୯,୧୦୦ ଟଙ୍କା ରହିଛି। ସୂଚନା ମୁତାବକ, ସଦାଶିବଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ସୋମବାର ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଖୋର୍ଦ୍ଧା ଓ ଭୁବନେଶ୍ୱର ଭିଜିଲାନ୍ସ ଭୋର ୪ଟାରୁ ତାଙ୍କ ଘରେ ଚଢ଼ାଉ କରିଥିଲେ। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍ପି ସୁଶାନ୍ତ ପାଣିଗ୍ରାହୀ ଏବଂ ଭୁବନେଶ୍ୱର ଡିଏସ୍ପି ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ୨ଟି ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଅଟକ ରଖିଥିବା ଜଣାପଡିଛି। ଯାଞ୍ଚ ପ୍ରକ୍ରିୟା ଜାରି ରହିଛି ବୋଲି ଡିଏସପି ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ପରୀକୁ ନ୍ୟାୟ ଦାବିରେ ଭୁବନେଶ୍ୱରରୁ ନୟାଗଡ ଅଭିମୁଖେ ଯାଉଥିବା ଭାଜପାର ପଦଯାତ୍ରା ସୋମବାର ଖୋର୍ଦ୍ଧାରେ ପହଞ୍ଚିଛି ।

# ଖୋର୍ଦ୍ଧାରେ ପହଞ୍ଚିଲା ପରୀ ପଦଯାତ୍ରା

ଖୋର୍ଦ୍ଧା ଅଫିସ,୨୧।୧୨

ନୟାଗଡ଼ ଜିଲାର ପରୀକୁ ନ୍ୟାୟ ଏବଂ ରାଜ୍ୟର ୫ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଉଦ୍ଧାର ଦାବିରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ବାହାରିଥିବା ଭାଜପାର ପଦଯାତ୍ରା ସୋମବାର ଖୋର୍ଦ୍ଧାରେ ପହଞ୍ଚିଛି। ପୂର୍ବାହ୍ନରେ ଏହି ପଦଯାତ୍ରୀ ଦଳ ଯାଁଳାରୁ ବାହାରି ଖୋର୍ଦ୍ଧା ଅଭିମୁଖେ ଯାତ୍ରା କରିଥିଲା। ଏହି ଅବସରରେ ମୁକୁନ୍ଦପ୍ରସାଦ ମେଲଣ ପଡ଼ିଆରେ ଅନୁଷ୍ଠିତ ଏକ ସଭାରେ ଭାଜପା ନେତା ପ୍ରଦୀପ୍ତ ନାୟକ କହିଥିଲେ, ପରୀ ହତ୍ୟାକାରୀ ଅଭିଯୁକ୍ତଙ୍କୁ ଗିରଫ ପରିବର୍ତ୍ତେ ସରକାର ସୁରକ୍ଷା ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ସିବିଆଇ ତଦନ୍ତ ସହ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର କରି ନିଜ ନିର୍ମଳ ଭାବମୂର୍ତ୍ତିର ପରିଚୟ ଦିଅନ୍ତୁ ବୋଲି ସେ କହିଛନ୍ତି। ଏହି ସଭାରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଶତାଧିକ କର୍ମୀ ଯୋଗ ଦେଇଥିଲେ। ଏହା ପରେ ପଦଯାତ୍ରା ମୁକୁନ୍ଦପ୍ରସାଦଠାରୁ ବାହାରି ମାରାୱାଡି ପଟି, ଟ୍ରାଫିକ ଛକ, ସମବାୟ ଛକ, ନୂଆ ବସଷ୍ଟାଣ୍ଡ ଛକ, ଟିଏଲସି ଦେଇ ସାରୁଅ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବେଗୁନିଆ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା ସାମିଲ ହୋଇଥିଲେ। ବୋଲଗଡ଼ରେ ପଦଯାତ୍ରୀ ଦଳ ରାତ୍ରି ବିଶ୍ରାମ କରିଛନ୍ତି। ମଙ୍ଗଳବାର ନୟାଗଡ଼ ଅଭିମୁଖେ ଯାତ୍ରା କରିବେ। ଏହି ପଦଯାତ୍ରାରେ ଭାଜପା ମୁଖପାତ୍ର ସୁଦୀପ୍ତ ରାୟ, ଯତିନ ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେୟତରାୟ, କୃଷକମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ବିଭୂ ତରାଇ, ଓମପ୍ରକାଶ ମିଶ୍ର, ଆଶ୍ରିତ ପଟ୍ଟନାୟକ, କାଳନ୍ଦୀ ବେହେରା, ଠାକୁର ପ୍ରସାଦଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## କବି ଦୁର୍ଗାଚରଣ ପରିଡ଼ାଙ୍କ ପରଲୋକ

ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)

ବରିଷ୍ଠ କବି ଦୁର୍ଗାଚରଣ ପରିଡ଼ାଙ୍କ ପୁରୁଣା ଭୁବନେଶ୍ୱରସ୍ଥିତ ବାସଭବନରେ ୯୧ବର୍ଷ ବୟସରେ ସୋମବାର ପରଲୋକ ହୋଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ତାଙ୍କୁ ସନ୍ଧ୍ୟାରେ କ୍ୟାପିଟାଲ ହସ୍ପିଟାଲ ନିଆଯାଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଝିଅ ପୁଷ୍ପମିତ୍ରା ପରିଡ଼ା ସୂଚନା ଦେଇଛନ୍ତି। ଦୁର୍ଗାଚରଣ କଟକ ନିଆଳିର ବାହାରଣାରେ ୧୯୨୯ ଜୁଲାଇ ୨୫ରେ ଜନ୍ମଗ୍ରହଣ କରିଥିଲେ। ରୋମାଣ୍ଟିକ କବିତା ଲେଖି ନିଜ ପରିଚୟ ସୃଷ୍ଟି କରିଥିଲେ। ଶାନ୍ତିନିକେତନରେ ପଢିବାବେଳେ ୧୯୫୨ରେ ଡକ୍ଟର କୃଷ୍ଣଚରଣ ବେହେରାଙ୍କ ସହ ମିଶି ସେ ପ୍ରଥମେ ଏକ ଓଡ଼ିଆ କବିତା ପତ୍ରିକା ପ୍ରକାଶ କରିଥିଲେ। ୧୯୬୧ରେ ତାଙ୍କର କବିତା ଗ୍ରନ୍ଥ 'ଇନ୍ଦ୍ରାୟୁଧ' ପ୍ରକାଶ ପାଇବା ପରେ ସେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ୨୦୧୫ରେ ଇନ୍ଦ୍ରାୟୁଧର ୨ୟ ସଂସ୍କରଣ ସହ ୨ୟ କବିତା ପୁସ୍ତକ 'ରାଗ ଯୋଗେଶ୍ୱରୀ' ପ୍ରକାଶ ପାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

# ଶିଶୁ ହତ୍ୟା, ଅପହରଣ ରୋକିବାରେ ସରକାର ବିଫଳ

## ଜିଲା କଂଗ୍ରେସର ଧାରଣା ଓ ପ୍ରତିବାଦ

ଖୋର୍ଦ୍ଧା ଅଫିସ,୨୧।୧୨

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳା, ଶିଶୁ ଓ ଯୁବତୀଙ୍କ ଉପରେ ଅତ୍ୟାଚାର, ନିର୍ଯାତନା ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ ଦିନକୁ ପ୍ରାୟ ୧୧ ଶିଶୁ ନିଖୋଜ ହେଉଥିବା ବେଳେ ବର୍ଷକୁ ପ୍ରାୟ ୪୩୧୫ ଶିଶୁ ଅପହରଣ ହେଉଛନ୍ତି। ମହିଳା ନିର୍ଯାତନା କ୍ଷେତ୍ରରେ ଓଡ଼ିଶାର ସ୍ଥାନ ୩ୟରେ ରହିଛି। ପରୀ, ସ୍ୱାତୀ, ପିହୁ ଆୟୁଷ ପରି ଶିଶୁଙ୍କୁ ଅପହରଣ, ବଳାତ୍କାର, ହତ୍ୟା ଭଳି ଘଟଣା ଲୋକଙ୍କ ମଧ୍ୟରେ ଭୟ ସଞ୍ଚାରିଛି। ଲୋକେ ପିଲାଙ୍କୁ ଏବେ ବାହାରକୁ ଛାଡ଼ିବାକୁ ଭୟ କଲେଣି। ସରକାର ଏହାକୁ ରୋକିବାରେ ବିଫଳ ହୋଇଛନ୍ତି ବୋଲି ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ଏହାର ପ୍ରତିବାଦରେ ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ବିଧାୟକ ରାଉତରାୟଙ୍କ ନେତୃତ୍ୱରେ ସୋମବାର ଧାରଣା ଓ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ବିଧାୟକ ରାଉତରାୟ ଆହୁରି କହିଥିଲେ ଯେ, ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡିଛି। ଖୋର୍ଦ୍ଧା ଜିଲାରେ ନିଶା କାରବାର ବୃଦ୍ଧି ପାଇଛି। ପାଇକ ବିଦ୍ରୋହର ଦ୍ୱିଶତକ ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିବା ସତ୍ତ୍ୱେ, କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ୨୦୧୬ସେପ୍ଟେମ୍ବର ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ନାବାଳକ, ନାବାଳିକା ନିଖୋଜ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍ପି ଅଜୟ ପ୍ରତାପ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶିର ପରିଡ଼ା, ଅମିତ ମହାନ୍ତି, ରଞ୍ଜିତ ମହାପାତ୍ର, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଳାଦିତ୍ୟ ପଟ୍ଟନାୟକ, ପଦ୍ମଚରଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି ।

# ୧୬.୩୨ଲକ୍ଷ ଠକେଇର ଶିକାର ହେଲେ ବ୍ୟବସାୟୀ

## ଅନ୍‌ଲାଇନ ବେପାର ମହଙ୍ଗା ପଡ଼ିଲା

ଖୋର୍ଦ୍ଧା ଅଫିସ,୨୧।୧୨

ସାଇବର ଠକେଇ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନଲାଇନ ବେପାର ଜଣେ ବ୍ୟବସାୟୀଙ୍କୁ ମହଙ୍ଗା ପଡିଛି। ବୋଲଗଡ ଥାନା ବାଙ୍କୋଇ ଗ୍ରାମର କାଠଗୋଲା ମାଲିକ ବ୍ରଜବନ୍ଧୁ ସାହୁ ୧୬,୩୨,୦୦୦ଟଙ୍କା ଠକେଇର ଶିକାର ହୋଇଛନ୍ତି। ବାରମ୍ବାର ସାଇବର ଥାନାକୁ ଯାଇ ନିରାଶ ହେବା ପରେ ଟଙ୍କା ଫେରିବା ଲାଗି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ବ୍ରଜବନ୍ଧୁଙ୍କ ବୋଲଗଡ଼ ଠାରେ ମା'ଯୋଗମାୟା ଟିମ୍ବର ଡିପୋ ନାମରେ ସରକାରୀ ସ୍ୱୀକୃତିପ୍ରାପ୍ତ ସାଇଜ କାଠଗୋଲା ରହିଛି। ୨୦୧୯ ଅଗଷ୍ଟ ୨ରେ ଏକ ଘରୋଇ ସଂସ୍ଥା କାଠ ଯୋଗାଉଥିବା ନେଇ ସୋସିଆଲ ମିଡିଆରେ ବିଜ୍ଞାପନ ଦେଖି ବ୍ରଜବନ୍ଧୁ ଯୋଗାଯୋଗ କରିଥିଲେ। ଟଙ୍କା ଡିପୋଜିଟ କରିବା ପରେ ଠିକଣାରେ କାଠ ପହଞ୍ଚିବ ବୋଲି ସଂସ୍ଥା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବ୍ରଜବନ୍ଧୁ ତାଙ୍କ ଆକାଉଣ୍ଟରେ ପର୍ଯ୍ୟାୟକ୍ରମେ ୧୬,୩୨୦୦୦ ଟଙ୍କା ପଇଠ କରିଥିଲେ। କିଛି ଦିନ ପରେ ତଥା ୩୦ତାରିଖରେ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ପାରାଦ୍ୱୀପ ପୋର୍ଟରେ ଏକ କଣ୍ଟେନର ଲାଗିବ, ତମେ ସେଠାରୁ କାଠ ନେଇଯିବ। ଏନେଇ ସଂସ୍ଥା ପକ୍ଷରୁ କାଗଜପତ୍ର ପଠାଇଥିଲେ। ବ୍ରଜବନ୍ଧୁ ଉକ୍ତ ତାରିଖରେ ପାରାଦ୍ୱୀପ ପୋର୍ଟରେ ପହଞ୍ଚି କମ୍ପାନୀର କାଗଜପତ୍ର ଦେଖାଇଥିଲେ। ତେବେ ପୋର୍ଟ କର୍ତ୍ତୃପକ୍ଷ ସେଭଳି କୌଣସି କମ୍ପାନୀ ପକ୍ଷରୁ ଆପଣଙ୍କ ନାମରେ ସାମଗ୍ରୀ ଆସିନାହିଁ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ।

# ମାଙ୍କଡ଼ା ପଥର ବୋଝେଇ ୫ ଟ୍ରକ୍ ଜବତ

କୃଷ୍ଣପ୍ରସାଦ,୨୧।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ଦିନକୁ ଦିନ ପଥର ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଟାଙ୍ଗୀ ଏବଂ ଚାନ୍ଦପୁର ଅଞ୍ଚଳରୁ ପ୍ରତିଦିନ ବେଆଇନ ଭାବେ ମାଙ୍କଡ଼ା ପଥର ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳକୁ ଚାଲାଣ ହେଉଛି। ସୋମବାର କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ ମାଲୁଦ ନିକଟରେ ଚଢ଼ାଉ କରି ୫ଟି ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଜବତ କରି ମାଲୁଦ ଫାଣ୍ଡି ଜିମା ଦେଇଛନ୍ତି। ଏହି ଖବର ପାଇବା ପରେ ପଥର ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି

# ୨୦ ବାଇକ୍ ଜବତ, ୨ ଗିରଫ

## ନକଲି ନମ୍ବର ପ୍ଲେଟରୁ ଧରାପଡିଲା

ଖୋର୍ଦ୍ଧା ଅଫିସ,୨୧।୧୨



ଏସ୍ପି ଅଜୟ ପ୍ରତାପ ସ୍ୱାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ବାଣପୁର ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗ ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗର ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବାଣପୁର ଥାନା ନାରୁଣୀ ଫାଣ୍ଡି ଅଧୀନ କୁଲେଇ ଗ୍ରାମର ସନ୍ତୋଷ କୁମାର ଜଗଦ୍ଦେବ ଓରଫ ମିଲୁ ଏବଂ ଟାଙ୍ଗୀ ଥାନା ଅନ୍ତର୍ଗତ ଦୀକ୍ଷିତ୍ପଡ଼ା ଗ୍ରାମର ମୁବାରକ ଖାନ ଓରଫ କାହ୍ନା। ଏମାନଙ୍କଠାରୁ ୨୦ଟି ବାଇକ୍ ଜବତ କରାଯାଇଛି ବୋଲି ସୋମବାର ନାରୁଣୀ ଫାଣ୍ଡି ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍ପି ଅଜୟ ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଏସ୍ଡିପିଓ ସୁରେଶ ସେଠୀ, ବାଣପୁର ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ ଓ ନାରୁଣୀ ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ ଉପସ୍ଥିତ ଥିଲେ। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ସୁନାଖଳା ଛକରେ ନାରୁଣି ଫାଣ୍ଡି ଏଏସ୍ଆଇ ହାଡ଼ିବନ୍ଧୁ ନାୟକ ଏକ ଟିମ୍ ସହ ବାଇକ୍ ଚେକିଂ କରୁଥିଲେ। ଉକ୍ତ ରାସ୍ତା ଦେଇ ସନ୍ତୋଷ ଏକ ବାଇକ (ନକଲି ନଂ.ଓଆର୦୨ଏଏଚ୩୦୬/ସେଥିରୁ ଗୋଟିଏ ନମ୍ବର ନ ଥିଲା)ରେ ଯାଉଥିବା ବେଳେ ପୋଲିସ ତାଙ୍କୁ ସନ୍ଦେହରେ ଧରିଥିଲା। କାଗଜପତ୍ର ଯାଞ୍ଚ ବେଳେ ସେ ଠିକ୍ କାଗଜପତ୍ର ଦେଖାଇ ପାରି ନ ଥିଲେ। ପଚରାଉଚୁରା ବେଳେ ଏହା ଚୋରା ବାଇକ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଅଭିଯୁକ୍ତ ସନ୍ତୋଷଙ୍କୁ ଧରି ତାଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୧୫ ବାଇକ୍ ଜବତ କରିଥିଲେ। ପରେ ପୋଲିସ ଦୀକ୍ଷିତପଡ଼ାର ମୁବାରକଙ୍କ ଘରେ ଚଢ଼ାଉ କରି ୫ଟି ବାଇକ୍ ଜବତ କରିଥିଲା। ବାଣପୁର ଥାନାରେ ମାମଲା (ନଂ.୩୧୫/୨୦) ରୁଜୁ ହୋଇଥିଲା। ପରେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ପରେ ଜେଲକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି।



ଜବତ ହୋଇଥିବା ବାଇକ୍ ।

# କାନ୍ଥରେ ସଂସ୍କୃତି, ଗାଁ ପରିବେଶର ଝଲକ

ଖୋର୍ଦ୍ଧା ଅଫିସ,୨୧।୧୨



ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ହୋଇଥିବା ଚିତ୍ରକଳାକୁ ଲୋକମାନେ ଦେଖୁଛନ୍ତି ।

ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଅତୀତର ସଂସ୍କୃତି ଭବିଷ୍ୟତକୁ ବାଟ କଢ଼ାଇଥାଏ। ଉତ୍କଳୀୟ ସଂସ୍କୃତି, ପରମ୍ପରା ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ଏହି ସଂସ୍କୃତି ସହ ଲୋକଙ୍କୁ ପରିଚିତ ତଥା ପ୍ରାଚୀନ ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସହରାଞ୍ଚଳର ବିଭିନ୍ନ କାନ୍ଥରେ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା, ଲୋକକଳା, ପାରମ୍ପରିକ ଚିତ୍ର ଅଙ୍କନ କରାଯାଉଛି। ଗ୍ରାମାଞ୍ଚଳରେ ମଧ ଅନୁରୂପ ଭାବେ ଏଭଳି ଚିତ୍ର କରାଯାଇଥିବା ଦେଖିବାକୁ ମିଳିଛି। ଗ୍ରାମୀଣ ସଂସ୍କୃତି ସହିତ ଲୋକଙ୍କୁ କରାଉଛି ପରିଚିତ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଶିମୋର ପଞ୍ଚାୟତରେ ଦେଖିବାକୁ ମିଳିଛି। ସରପଞ୍ଚ ସରୋଜିନୀ ଖୁଣ୍ଟିଆଙ୍କ ଏଭଳି ଅଭିନବ ପ୍ରୟାସ ଆରମ୍ଭ ହୋଇଛି।

ଶିମୋର ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥ ଦେଉଛି ସଚେତନତା ବାର୍ତ୍ତା। ଲୋକ ସଂସ୍କୃତି, ଲୋକ ପରମ୍ପରା, ପୌରାଣିକ କାହାଣୀ, କାଞ୍ଚି ଅଭିଯାନ, ପାଇକ ବିଦ୍ରୋହ ଆନ୍ଦୋଳନ, କରୋନା ସଚେତନତା ସହ ଜାତୀୟ ଐତିହ୍ୟ, ଭାଗବତ ଟୁଙ୍ଗି, ମନ୍ଦିର, ପାଠଶାଳା, ଗ୍ରାମୀଣ ପରିବେଶର ମନୋରମ ଦୃଶ୍ୟ ଆଦି ସ୍ଥାନ ପାଇଛି। ଅତୀତର ଇତିହାସକୁ ବଖାଣୁଛି ଏହି କାନ୍ଥ। ଏବେ ଶିମୋର ଆଦର୍ଶ ପଞ୍ଚାୟତ ପାଲଟିଛି। ଏହି ରାସ୍ତା ଦେଇ ଯାଉଥିବା ଲୋକେ ଅଟକି ରହିବା ସହ ଦେଖୁଛନ୍ତି। ଯୁବପିଢିଙ୍କୁ ଇତିହାସ ସମ୍ପର୍କରେ ସଚେତନ କରିବା ସହ ନିଜ ସଂସ୍କୃତି ପ୍ରତି ନିକଟତର କରାଇବାରେ ମାଧ୍ୟମ ପାଲଟିଛି। ଏଥିସହ ଯୁବପିଢିଙ୍କ ଲାଗି ସେଲ୍ଫି ପଏଣ୍ଟ ପାଲଟିଛି। ସରପଞ୍ଚଙ୍କ ଏଭଳି ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି। ଅନ୍ୟ ପଞ୍ଚାୟତ ଲାଗି ଶିମୋର ରୋଲ ମଡେଲ ପାଲଟିଛି। ଏ ସମ୍ପର୍କରେ ସରପଞ୍ଚ ଖୁଣ୍ଟିଆ କହିଛନ୍ତି, ଓଡ଼ିଶାର ସଂସ୍କୃତି ପରମ୍ପରା ବିକାଶ ଲାଗି ରାଜ୍ୟ ସରକାରଙ୍କ ଆହ୍ୱାନ ରହିଛି। ଏହାକୁ ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥକୁ ଚିତ୍ରିତ କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତ ଅଧୀନ ଥିବା ସମସ୍ତ ଗାଁ କାନ୍ଥରେ କିପରି ଚିତ୍ରିତ କରାଯାଇପାରିବ, ସେ ନେଇ ଉଦ୍ୟମ ରହିବ। ସିମୋରକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ତୋଳିବାକୁ ଚେଷ୍ଟା ଜାରି ରହିଛି।